# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୮/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, August 18/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






**କଙ୍ଗନାଙ୍କୁ ଡେଙ୍ଗୁ**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ଏହାସତ୍ତ୍ୱେ ନିଜର ଅପ୍‌କମିଂ ଫିଲ୍ମ 'ଏମର୍ଜେନ୍ସି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

୦୭

୧୪

**ଚନ୍ଦ୍ରକାନ୍ତ ପଣ୍ଡିତ କେକେଆର କୋଚ୍**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସିଜନ ପାଇଁ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି।





**ଭୁବନେଶ୍ୱର ଉପକଣ୍ଠ ଉବୁଟୁବୁ**

ସୁନ୍ଦରପଦା ହାଇଟେକ ଅଞ୍ଚଳରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଉଛି।

# ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ

## ଯୁକ୍ତ୨ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା

- କଳାରେ କଣ୍ଢାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ଶୀର୍ଷରେ
- ନାମଲେଖା ପାଇଁ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ
- ୧୯ରୁ ୨୫ ନାମଲେଖା, ବନ୍ୟା ପାଇଁ ବଢ଼ିପାରେ ଅବଧି

ଭୁବନେଶ୍ୱର,୧୭।୮(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ରେ ନାମଲେଖା ଲାଗି ବୁଧବାର ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇଛି। ମୋଟ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍‌ଶା ଏବଂ କଳାରେ ପୁରୀ ଜିଲା କୃଷ୍ଣପ୍ରସାଦ କଣ୍ଢାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ଶୀର୍ଷରେ ରହିଛି। ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୪.୩୩% କଟ୍‌ଅଫ୍ ମାର୍କ ସହ କଟକ ରେଭେନ୍‌ଶା ଜୁନିୟର କଲେଜ ପ୍ରଥମ ସ୍ଥାନରେ ଥିବାବେଳେ ୯୩.୨୦% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ୯୩% ସହ ଭୁବନେଶ୍ୱର ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ଯୁକ୍ତ୨ ବାଣିଜ୍ୟରେ ୮୪.୧୭% କଟ୍‌ଅଫ୍‌ମାର୍କସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ଥିବାବେଳେ ୮୦.୬୭% ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟ ଏବଂ ୭୯.୮୩% ମାର୍କ ସହ ବିଜେବି ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି କଳାରେ ୮୩.୫୦% କଟ୍‌ଅଫ୍ ମାର୍କ ସହ ପୁରୀର କଣ୍ଢାଖାଇ ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଛି। ୮୩.୩୩% ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟରେ ଥିବାବେଳେ ୮୩.୧୭% ସହ କଟକ ନରସିଂହପୁର ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ଥିବା ଜଣାପଡ଼ିଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଛାତ୍ରୀଛାତ୍ରମାନେ samsodisha.gov.inକୁ ଯାଇ ସେମାନଙ୍କ ନାମଲେଖା ଷ୍ଟାଟସ୍ ଜାଣିପାରିବେ ବୋଲି କୁହାଯାଇଛି।

ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ମାଧ୍ୟମିକ ଶିକ୍ଷା ପରିଷଦରୁ ୪,୫୬,୧୧୭ଜଣ, ସିବିଏସ୍‌ଇରୁ ୧୯,୭୫୩, ଆଇସିଏସ୍‌ଇରୁ ୩,୫୭୮ ଏବଂ ଅନ୍ୟାନ୍ୟ ବୋର୍ଡରୁ ୧,୨୪୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିବା ୪,୦୪,୪୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ବର୍ଗରେ ୩,୨୫,୪୩୩ଜଣ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଦେଖଣାହାରି ସାଜନାହିଁ

# ନିଦ ହଜାଇଛି ଘାଇ

- ୭ ଜିଲାରେ ସ୍ଥିତି ସଙ୍ଗିନ
- ଆଉ ୪ ଦିନ ବନ୍ୟା ସ୍ଥିତି ଗମ୍ଭୀର

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ରାଜ୍ୟରେ ବନ୍ୟା ସ୍ଥିତି ସଙ୍ଗିନ ହୋଇଛି। କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀ ଜିଲାରେ ପରିସ୍ଥିତି ଗମ୍ଭୀର ରହିଛି। ଆସନ୍ତା ୩ରୁ ୪ ଦିନ ବନ୍ୟା ପରିସ୍ଥିତି ଜଟିଳ ରହିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ମହାନଦୀର ନରାଜ, ଦେବୀ ନଦୀର ଆଳିପିଙ୍ଗଳ, ଇବ୍ ନଦୀର ସୁନ୍ଦରଗଡ଼, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ନଦୀରେ ବନ୍ୟା ଜଳ ହ୍ରାସ ପାଇବା ଆରମ୍ଭ କରିଛି। ତେବେ କୁଶଭଦ୍ରା, ବ୍ରାହ୍ମଣୀ, ବଂଶଧାରା ଓ ଋଷିକୁଲ୍ୟା ନଦୀର ବନ୍ୟା ଜଳ ବୃଦ୍ଧି ପାଉଛି। ମହାନଦୀର ଉପରମୁଣ୍ଡରେ ବର୍ଷା କମି ଯାଇଥିବାରୁ ହୀରାକୁଦ ଜଳ ଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟା ପାଣି ହ୍ରାସ ପାଇଛି। ମହାନଦୀରେ ପ୍ରବଳ ବନ୍ୟା ଯୋଗୁ ଯାଜପୁର, କଟକ, ପୁରୀ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଅନ୍ୟ କେତେକ ସ୍ଥାନରେ ଘଳିଆ ପଡୁଥିବା ସୂଚନା ମିଳିଛି, ଯାହାକି ଚିନ୍ତାର କାରଣ ସାଜିଛି। ମହାନଦୀ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ନିଦ ଏକ ପ୍ରକାର ହଜି ଯାଇଛି। ଅପରପକ୍ଷରେ ଗତ ଦୁଇ ଦିନରେ ରାଜ୍ୟରେ ମୋଟ ୪ଟି ଘାଇ ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ପୁରୀ ଓ ଖୋର୍ଦ୍ଧା ଜିଲାରେ ☞ପୃଷ୍ଠା-୪

## ଆଜି ରାତିରୁ ଲଘୁଚାପ ବର୍ଷା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଗାଁରେ ବନ୍ୟା ପାଣି ଲହଡ଼ି ମାରୁଛି। ବନ୍ୟା ପ୍ରପୀଡ଼ିତଙ୍କ ଦୁର୍ଦ୍ଦଶା ଯାଇ ନ ଥିବା ବେଳେ ଆସୁଛି ଆଉ ଏକ ଲଘୁଚାପ। ଦକ୍ଷିଣ ମ୍ୟାନ୍‌ମାର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭୂପୃଷ୍ଠରୁ ୫.୮ କି.ମି. ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୧୯ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୮ ତାରିଖ ରାତିରୁ ବର୍ଷା ଆରମ୍ଭ ହେବ। ୧୯ ଓ ୨୦ ତାରିଖ ଦୁଇ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୧୮ ତାରିଖ ରାତିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ,

**୧୯,୨୦ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

ମାଲକାନଗିରିରେ ବର୍ଷା ହୋଇପାରେ। ସେହିପରି ୧୯ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ଯାଜପୁର, ☞ପୃଷ୍ଠା-୪

# ଜଳବନ୍ଦୀଙ୍କୁ ସାପ ଭୟ

- ସୁରକ୍ଷିତ ରହିବାର ବାଟ ବତାଇଲେ ବିଶେଷଜ୍ଞ
- ସାପ କାମୁଡ଼ା ମୃତକଙ୍କୁ ସହାୟତା ମିଳୁ

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଏବେ ଓଡ଼ିଶାର ଉତ୍ତର ଓ ଉପକୂଳ ଜିଲାଗୁଡିକରେ ବନ୍ୟା ବିତ୍ପାତ ଦେଖାଦେଇଛି। ବହୁ ଗାଁ ପାଣି ଘେରରେ ଥିବାବେଳେ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ବିପନ୍ନ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ସମସ୍ୟା ସୃଷ୍ଟି ହୋଇଥିବାବେଳେ ସାପ କାମୁଡ଼ିବା ଆଶଙ୍କା ରହିଛି। ଅନ୍ଧାର ହେବା ମାତ୍ରେ ସାପ ଭୟ ଘାରୁଛି। ପାଣି ଭିତରେ, ଘରେ, ବାହାରେ ସବୁଠି ସାପ ପ୍ରତି ଲୋକେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସାପ କାମୁଡ଼ା ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇ ଚିକିତ୍ସା ଓ ସହାୟତା ଯୋଗାଇ ଦେବା ଜରୁରୀ ହୋଇପଡିଛି।



ସାଧାରଣତଃ ବନ୍ୟା ସମୟରେ ପାଣି ସାଙ୍ଗକୁ କାଳ ସାଜିଥାନ୍ତି ସାପ। ସାପମାନେ ସମୂହ ବିସ୍ଥାପିତ ହୋଇଥାନ୍ତି। ବନ୍ୟା ଜଳରେ ଭାସି ଭାସି ଏକ ଅଜଣା ସ୍ଥାନକୁ ଚାଲି ଯାଇଥାନ୍ତି। ତେଣୁ ଖାଦ୍ୟ ସଂଗ୍ରହ ପାଇଁ ସାପମାନଙ୍କୁ ଏଣେତେଣେ ବୁଲିବାକୁ ହୋଇଥାଏ। ଫଳରେ ସାପଙ୍କ ସହିତ ଅଧିକାଂଶ ସମୟରେ ମଣିଷଙ୍କ ମୁହାଁମୁହିଁ ବା ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଉପୁଜିଥାଏ। ଅନେକ ସମୟରେ ପାଣି ଘେରରୁ ଯେଉଁ ଢିପ ସ୍ଥାନକୁ ବା ନଦୀ ବନ୍ଧକୁ ମଣିଷମାନେ ଆଶ୍ରୟ ସ୍ଥଳ ଭାବରେ ବ୍ୟବହାର କରିଥାନ୍ତି, ସେହି ସ୍ଥାନକୁ ସାପମାନେ ସମାନ କାରଣ ପାଇଁ ଯାଇଥାନ୍ତି। ☞ପୃଷ୍ଠା-୪



Hardeep Singh Puri @H... · 9h
India has always welcomed those who have sought refuge in the country. In a landmark decision all #Rohingya #Refugees will be shifted to EWS flats in Bakkarwala area of Delhi. They will be provided basic amenities, UNHCR IDs & round-the-clock @DelhiPolice protection.

@PMOIndia

Amit Shah and 9 others

କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଟୁଇଟ୍।

# ରୋହିଙ୍ଗ୍ୟାଙ୍କୁ ଫ୍ଲାଟ୍, ସୁରକ୍ଷା ଦେବୁ

## କେନ୍ଦ୍ରମନ୍ତ୍ରୀ ପୁରୀଙ୍କ ଟୁଇଟ୍‌କୁ ନେଇ ବିବାଦ

- ଖଣ୍ଡନ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
- କଶ୍ମୀରୀ ପଣ୍ଡିତ ମାଗିଲେ ପୋଲିସ ସୁରକ୍ଷା

ନୂଆଦିଲ୍ଲୀ/ଜମ୍ମୁ,୧୭।୮

ମ୍ୟାନ୍‌ମାରରୁ ଆସି ଭାରତରେ ବସବାସ କରୁଥିବା ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନମାନେ ଦିଲ୍ଲୀରେ ଗୋଟିଏ ଲେଖାଏ ଫ୍ଲାଟ୍ ପାଇବେ। ସେମାନଙ୍କୁ ଦିଲ୍ଲୀ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଦିଆଯିବ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଟୁଇଟ୍ କରିଛନ୍ତି। ଶ୍ରୀନଗରରେ କଶ୍ମୀରୀ ପଣ୍ଡିତମାନେ ଆତଙ୍କବାଦୀଙ୍କ ଦ୍ୱାରା ଟାର୍ଗେଟ ହତ୍ୟାର ଶିକାର ହେଉଥିବାବେଳେ ରୋହିଙ୍ଗ୍ୟାମାନଙ୍କୁ ଜାତୀୟ ରାଜଧାନୀରେ ଫ୍ଲାଟ୍ ସହ ପୋଲିସ ସୁରକ୍ଷା ପ୍ରଦାନ ନେଇ କେନ୍ଦ୍ରର ଜଣେ ବରିଷ୍ଠ ମନ୍ତ୍ରୀ ଟୁଇଟ୍ କରିବା ଅନେକଙ୍କୁ ବିସ୍ମିତ କରିଛି। ଜମ୍ମୁରେ କଶ୍ମୀରୀ ପଣ୍ଡିତମାନେ ଏହାର ପ୍ରତିବାଦ କରି ପୋଲିସ ସୁରକ୍ଷା ମାଗିଛନ୍ତି। ପୁରୀଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବେଆଇନ ପ୍ରବାସୀ ରୋହିଙ୍ଗ୍ୟାଙ୍କ ପାଇଁ ଏପରି କୌଣସି ସୁବିଧା କରାଯାଇ ନ ଥିବା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

କେନ୍ଦ୍ର ଗୃହ ନିର୍ମାଣ, ସହରାଞ୍ଚଳ ବ୍ୟାପାର ଏବଂ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର ସକାଳେ ନିଜ ଟୁଇଟର ହ୍ୟାଣ୍ଡଲରେ ଏକାଧିକ ଟୁଇଟ୍ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ଯେଉଁମାନେ ଭାରତକୁ ଶରଣ ମାଗିଛନ୍ତି ସେମାନଙ୍କୁ ଦେଶରେ ସ୍ୱାଗତ କରାଯାଇଛି। ଏକ ଐତିହାସିକ ନିଷ୍ପତ୍ତିକ୍ରମେ ସମସ୍ତ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଦିଲ୍ଲୀର ଟିକ୍ରି ସୀମାନ୍ତ ବକ୍କରଓ୍ୱାଲାରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ଫ୍ଲାଟକୁ ସ୍ଥାନାନ୍ତର କରାଯିବ। ସେମାନଙ୍କୁ ମୌଳିକ ସୁବିଧାଗୁଡ଼ିକ ଯୋଗାଇ ଦିଆଯିବ। ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର ଏବଂ ୨୪ ଘଣ୍ଟିଆ ପୋଲିସ ସୁରକ୍ଷା ଦିଆଯିବ। କିନ୍ତୁ କେନ୍ଦ୍ରର ନାଗରିକତ୍ୱ ☞ପୃଷ୍ଠା-୪




## ୨୪ରେ ଫେରିବେ ଗୋଟାବାୟା

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଅଗଷ୍ଟ ୨୪ରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ତାଙ୍କ ଅନୁଗତ ତଥା ପୂର୍ବତନ ରାଷ୍ଟ୍ରଦୂତ ଉଦୟଙ୍ଗା ବୀରତୁଙ୍ଗା ସୂଚନା ଦେଇଛନ୍ତି। ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପରାଷ୍ଟ୍ରରେ ଗତ ଜୁଲାଇ ୯ରେ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବଡ଼ ଜନଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଗୋଟାବାୟା ମାଳଦ୍ୱୀପକୁ ପଳାୟନ କରିଥିଲେ। ସେଠାରୁ ସିଙ୍ଗାପୁର ଯାଇ ରହିବା ପରେ ଏବେ ଥାଇଲାଣ୍ଡରେ ଅବସ୍ଥାନ କରୁଛନ୍ତି।

### ସଂକ୍ଷେପରେ

## ମାଗଣା ସୁବିଧାକୁ ଅନେଇ ବସିନାହାନ୍ତି ଭୋଟର

**ନୂଆଦିଲ୍ଲୀ,୧୭।୮:** ଦେଶରେ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେବାକୁ ବାରଣ କରାଯାଇପାରିବ ନାହିଁ ବୋଲି ବୁଧବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ପିଟିଶନର ଶୁଣାଣି କରି କହିଛନ୍ତି, ନିର୍ବାଚନୀ ପ୍ରତିଶ୍ରୁତି ଦେବାର ଉଦ୍ଦେଶ୍ୟ ହେଉଛି ସାମ୍ବିଧାନିକ ଆଦେଶର ଅନୁପାଳନ। ତେଣୁ ସ୍ୱଳ୍ପକାଳୀନ ମାଗଣା ସୁବିଧାକୁ ଜନମଙ୍ଗଳକାରୀ ପଦକ୍ଷେପ ସହ ତୁଳନା କରିବା ଅନୁଚିତ। ଭୋଟରମାନେ ମାଗଣା ସୁବିଧାକୁ ଅନେଇ ବସି ନାହାନ୍ତି। ସୁଯୋଗ ପାଇଲେ ସେମାନେ ସମ୍ମାନର ସହ ରୋଜଗାର କରିବାକୁ ପ୍ରସ୍ତୁତ ହେବେ ବୋଲି ଖଣ୍ଡପୀଠ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଦୃଷ୍ଟାନ୍ତ ଦେଇଥିଲେ।

## ଏନ୍ଆର୍ଆଇଙ୍କୁ ମତଦାନ ଅଧିକାର: କେନ୍ଦ୍ରକୁ ରିପୋର୍ଟ ତଲବ

**ନୂଆଦିଲ୍ଲୀ,୧୭।୮:** ବିଦେଶରେ ରହୁଥିବା ଭାରତୀୟ (ଏନ୍ଆର୍ଆଇ)ମାନଙ୍କୁ ଦେଶରେ ମତଦାନ ଅଧିକାର ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ସିଜେଆଇ ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ବୁଧବାର ଏହାର ଶୁଣାଣି କରି କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ଜବାବ ମାଗିଛନ୍ତି। କେରଳ ପ୍ରବାସୀ ଆସୋସିଏଶନ ପକ୍ଷରୁ ଦାଏର ଏହି ପିଆଇଏଲ୍‌କୁ ଏ ସମ୍ପର୍କିତ ଅନ୍ୟ ଏକ ମାମଲା ସହ ଏକତ୍ର ଶୁଣାଣି କରିବା ପାଇଁ ଟ୍ୟାଗ୍ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ନୋଟିସ୍ ଜାରି କରିଛନ୍ତି।

## ଆଦାନିଙ୍କୁ ଜେଡ୍ ସୁରକ୍ଷା

**ନୂଆଦିଲ୍ଲୀ,୧୭।୮:** ଆଦାନି ଗ୍ରୁପ୍ ଅଧକ୍ଷ ଗୌତମ ଆଦାନିଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜେଡ୍ ସୁରକ୍ଷା ପ୍ରଦାନ କରାଯାଇଛି। ଏ ନେଇ ସିଆର୍‌ପିଏଫ୍ କମାଣ୍ଡରଙ୍କୁ ନିଯୁକ୍ତ କରାଯାଇଛି। ଆଦାନିଙ୍କୁ ଜେଡ ସିକ୍ୟୁରିଟିର କଡ଼ା ସୁରକ୍ଷା ସୁବିଧା ଯୋଗାଇ ଦେବା ପାଇଁ ମାସିକ ୧୫ରୁ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆଦାନିଙ୍କୁ ହତ୍ୟା ଧମକ ମିଳିବା ନେଇ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ପକ୍ଷରୁ ସୂଚନା ପାଇବା ପରେ କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆଦାନିଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆଯାଇଛି। ୨୦୧୩ରୁ ରିଲାଏନ୍ସ ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ କେନ୍ଦ୍ର ସରକାର ଜେଡ୍ ପ୍ଲସ୍ ସିକ୍ୟୁରିଟି ସୁବିଧା ଯୋଗାଇଥିବାବେଳେ ସ୍ତ୍ରୀ ନୀତା ଅମ୍ବାନୀଙ୍କୁ ମଧ୍ୟ ସରକାରଙ୍କ ତରଫରୁ ସୁରକ୍ଷା ସୁବିଧା ଯୋଗାଇ ଦିଆଯାଇଛି।

## ଝାଡ଼ଖଣ୍ଡର ୩ ବିଧାୟକଙ୍କୁ ଜାମିନ

### କାର୍‌ରୁ ଟଙ୍କା ଜବତ ମାମଲା

**କୋଲକାତା, ୧୭।୮:** କାର୍‌ରୁ ୪୯ ଲକ୍ଷ ଟଙ୍କା ମିଳିବା ପରେ ପଶ୍ଚିମବଙ୍ଗ ପୋଲିସ ଦ୍ୱାରା ଗିରଫ ହୋଇଥିବା ଝାଡ଼ଖଣ୍ଡର ୩ କଂଗ୍ରେସ ବିଧାୟକଙ୍କୁ କାଲ୍‌କାଟା ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ସେମାନେ ହେଲେ ଇର୍‌ଫାନ ଅନ୍‌ସାରୀ, ନମନ ବିକ୍ସଲ କୋଙ୍ଗାରି ଏବଂ ରାଜେଶ କଚପ୍। ଗତ ସପ୍ତାହରେ ହାଓଡ଼ାରୁ ପୋଲିସ ୩ ବିଧାୟକ ଥିବା ଏକ ଏସ୍‌ୟୁଭିରୁ ଉକ୍ତ ଟଙ୍କା ଜବତ କରିଥିଲା। ପରେ ସେମାନଙ୍କୁ କଂଗ୍ରେସରୁ ନିଲମ୍ବିତ କରାଯାଇଥିଲା।



## ଟ୍ରମ୍ପଙ୍କ ଚ୍ୟାଲେଞ୍ଜର ହେବେ ଲିଜ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌କୁ ଦୂରେଇ ରଖିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇବେ ବୋଲି ରିପବ୍ଲିକାନ୍ ରିପ୍ରେଜେଣ୍ଟେଟିଭ୍ ଲିଜ୍ ଚେନି ପଣ କରିଛନ୍ତି। ଟ୍ରମ୍ପଙ୍କ ସମର୍ଥିତ ପ୍ରାଇମେରି ଚ୍ୟାଲେଞ୍ଜର ହ୍ୟାରିଏଟ୍ ହେଗ୍‌ମ୍ୟାନଙ୍କଠାରୁ ହାରିଯିବା ପରେ ଚେନି କହିଛନ୍ତି, ସେ ରାଷ୍ଟ୍ରପତି ନିର୍ବାଚନରେ ଲଢ଼ିବା ଉପରେ କିଛି ମାସ ମଧ୍ୟରେ ନିଷ୍ପତ୍ତି ନେବେ। ଗତବର୍ଷ କ୍ୟାପିଟୋଲ ବିଲ୍ଡିଂରେ ଟ୍ରମ୍ପ ନିଜ ସମର୍ଥକମାନଙ୍କୁ ମତାଇ ଦଙ୍ଗା ଭିଆଇଥିବା ଅଭିଯୋଗର ଶୁଣାଣି ଚାଲିଛି। ରିପବ୍ଲିକାନ୍‌ମାନେ ଏହାକୁ ନେଇ ଡେମୋକ୍ରାଟ୍ ଟ୍ରମ୍ପଙ୍କୁ ଆସନ୍ତା ନିର୍ବାଚନରେ ରାଷ୍ଟ୍ରପତି ଦୌଡ଼ରୁ ବାହାର କରିବାକୁ ଉଦ୍ୟମ ଚଳାଇଥିବାବେଳେ ଚେନିଙ୍କ ଘୋଷଣା ବିଶେଷ ତାତ୍ପର୍ଯ୍ୟ ବହନ କରେ।

## ଇଡି ଚାର୍ଜଶିଟ୍‌ରେ ଜ୍ୟାକ୍‌ଲିନ୍

ଏକ ମନିଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଦ୍ୱିତୀୟ ଚାର୍ଜଶିଟ୍ ଦାଖଲ କରିଛି। ଦିଲ୍ଲୀ ପିଏମ୍‌ଏଲ୍‌ଏ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଇଡି ୩୭ ବର୍ଷୀୟା ଜ୍ୟାକ୍‌ଲିନ୍‌ଙ୍କୁ ଅଭିଯୁକ୍ତ ଦର୍ଶାଇଛି। ଆସନ୍ତା ୩୧ ତାରିଖରେ କୋର୍ଟ ଏହାକୁ ସଂଜ୍ଞାନକୁ ନେବେ। ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍‌ଙ୍କୁ ୨୦୦ କୋଟି ମନିଲଣ୍ଡରିଂ ମାମଲାରେ ଏକାଧିକ ଥର ଜେରା କରାଯାଇଛି। ମୁଖ୍ୟ ଅଭିଯୁକ୍ତ ମଧ୍ୟସ୍ଥି ସୁକେଶ ଚନ୍ଦ୍ରଶେଖର ଏହି ଅଭିନେତ୍ରୀଙ୍କୁ ୫.୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଉପହାର ଦେଇଥିଲେ ବୋଲି ଇଡି ଏହାର ପୂର୍ବ ଚାର୍ଜଶିଟ୍‌ରେ ଦର୍ଶାଇଥିଲା। ଏଥିସହ ଗତ ଏପ୍ରିଲରେ ଇଡି ଜ୍ୟାକ୍‌ଲିନ୍‌ଙ୍କ ୭.୨୭ କୋଟି ଟଙ୍କା ଜବତ କରିଥିଲା। ଚନ୍ଦ୍ରଶେଖର ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଟାର୍ଗେଟ କରି ସେମାନଙ୍କୁ ଠକୁଥିଲେ। ତାଙ୍କ ସହ ଜ୍ୟାକ୍‌ଲିନ୍ ଲିଙ୍କ୍‌ରେ ଥିଲେ ବୋଲି ଇଡି କହିଛି। ଜ୍ୟାକ୍‌ଲିନ୍ ଏହାକୁ ନେଇ ଟୁଇଟରରେ ଏକ ପୋଷ୍ଟ କରିଛନ୍ତି। ସେ ଏହି କଠିନ ସମୟରେ ନିଜକୁ ମଜଭୁତ ରଖିବେ ବୋଲି କହିଛନ୍ତି।



### ରୁଷିଆ ତେଲକୁ ନେଇ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀଙ୍କ ପ୍ରତିକ୍ରିୟା

# ୟୁକ୍ରେନୀୟଙ୍କ ରକ୍ତ କିଣୁଛି ଭାରତ

**ନୂଆଦିଲ୍ଲୀ/କିଭ୍, ୧୭।୮**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ଥିବାବେଳେ ମସ୍କୋରୁ ଭାରତ ଅଶୋଧିତ ତୈଳ କିଣିବା ନିଷ୍ପତ୍ତି ଯଥାର୍ଥ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଉଚ୍ଚ ଦରରେ ଏନର୍ଜୀ କ୍ରୟ କରିବା ପାଇଁ ଅଧିକାଂଶ ଭାରତୀୟ ସକ୍ଷମ ନୁହନ୍ତି। ତେଣୁ ଦେଶବାସୀଙ୍କୁ ସର୍ବୋତ୍ତମ ଡିଲ୍ ଦେବା ନୈତିକ କର୍ତ୍ତବ୍ୟ ବୋଲି ବୁଧବାର ଥାଇଲାଣ୍ଡର ବ୍ୟାଙ୍କକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜୟଶଙ୍କର ପ୍ରକାଶ କରିଛନ୍ତି। ଏହାକୁ ନେଇ ୟୁକ୍ରେନ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଆସିଛି। ରୁଷିଆରୁ ତେଲ ଆକାରରେ ଭାରତ ୟୁକ୍ରେନୀୟଙ୍କ ରକ୍ତ କିଣୁଛି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି।

ଥାଇଲାଣ୍ଡରେ ଭାରତୀୟ ସମୁଦାୟଙ୍କୁ ଉଦ୍‌ବୋଧନ ଦେଇ ଜୟଶଙ୍କର କହିଥିଲେ, ଆମେ ଆମର ହିତକୁ ନେଇ ବେଶ୍ ସଚ୍ଚୋଟ ରହିଛୁ। ଭାରତର ମୁଣ୍ଡପିଛା ଆୟ ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା। ପ୍ରତି ଭାରତୀୟ ଉଚ୍ଚ ମୂଲ୍ୟରେ ତୈଳ, ଗ୍ୟାସ୍ ଆଦି କିଣିବା ପାଇଁ ସକ୍ଷମ ନୁହନ୍ତି। ତେଣୁ ସେମାନଙ୍କ ସୁବିଧା ପାଇଁ କମ୍ ମୂଲ୍ୟରେ ତୈଳ ଆଦି ଯୋଗାଇଦେବା ନୈତିକ କର୍ତ୍ତବ୍ୟ। ସମ୍ପ୍ରତି ତୈଳ ଏବଂ ଗ୍ୟାସ୍ ଦର ଆକାଶଛୁଆଁ ହୋଇଛି। ଭାରତର ଅନେକ ତୈଳ ଯୋଗାଣକାରୀ ପାର୍ଟନର ତଥା ଦେଶଗୁଡ଼ିକ ଏବେ ୟୁରୋପମୁହାଁ। ରୁଷିଆରୁ ତୈଳ କ୍ରୟ କମ୍ କରିବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନଜର ପକାଇଛନ୍ତି, ଯେଉଁମାନେ ଭାରତକୁ ତେଲ ଯୋଗାଇପାରିବେ। ତେଣୁ ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଠି ପ୍ରତ୍ୟେକ ଦେଶ ସେମାନଙ୍କ ପାଇଁ ଉପଯୁକ୍ତ ଡିଲ୍ ସୁନିଶ୍ଚିତ କରିବା ପାଇଁ ଲାଗିଛନ୍ତି। ଭାରତ ମଧ୍ୟ ଅନୁରୂପ କାମ କରୁଛି ବୋଲି ଜୟଶଙ୍କର କହିଛନ୍ତି। ଏହା ଉପରେ ୟୁକ୍ରେନ୍ ପ୍ରତିପକ୍ଷ କୁଲେବା କହିଛନ୍ତି, ଭାରତଠାରୁ ଆମେ ଅଧିକ ସମର୍ଥନ ଓ ସହଯୋଗ ଆଶା କରୁ। ୟୁକ୍ରେନ୍ ଭାରତର ଏକ ଭରସାଯୋଗ୍ୟ ସହଯୋଗୀ। କିନ୍ତୁ ନୂଆଦିଲ୍ଲୀ ରୁଷିଆରୁ ତୈଳ କ୍ରୟ କରି ରୁଷିଆର ଯୁଦ୍ଧ ଇଞ୍ଜିନ୍‌କୁ ଇନ୍ଧନ ଯୋଗାଉଛି ବୋଲି କୁଲେବା କହିଛନ୍ତି।



ଏସ୍. ଜୟଶଙ୍କର



ଡିମିଟ୍ରୋ କୁଲେବା

### ତେଲ କ୍ରୟ ଯଥାର୍ଥ: ଜୟଶଙ୍କର

## ଅନୁବ୍ରତଙ୍କ ୧୭ କୋଟିର ଆକାଉଣ୍ଟ ଅଚଳ

**କୋଲକାତା,୧୭।୮**

କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ବୁଧବାର ଗାଈ ଚୋରା ଚାଲାଣ ମାମଲାରେ ଗିରଫ ତୃଣମୂଳ ନେତା ଅନୁବ୍ରତ ମଣ୍ଡଳଙ୍କ ୧୬.୯୭ କୋଟି ଟଙ୍କାର ଫିକ୍ସ ଡିପୋଜିଟ୍ ଅଚଳ କରି ଦେଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅନୁବ୍ରତ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ଏକାଧିକ ଫିକ୍ସ ଡିପୋଜିଟ୍ ରଖାଯାଇଥିବା ସିବିଆଇ କହିଛି। ସହଯୋଗୀମାନଙ୍କ ସହାୟତାରେ ବ୍ୟାଙ୍କରେ ସେ ଟଙ୍କା ଜମା ରଖୁଥିଲେ। ଇଣ୍ଡୋ-ବାଂଲାଦେଶ ସୀମାରେ ଚାଲିଥିବା ଗାଈ ଚୋରା ଚାଲାଣ ମାମଲାରେ ଅନୁବ୍ରତ ଓ ତାଙ୍କ ପରିବାର ଲୋକଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ସିବିଆଇ ବୁଧବାର ଅନୁବ୍ରତଙ୍କ ବୋଲପୁରସ୍ଥିତ ନିଚୁପଡ଼ି ବାସଭବନରେ ଝିଅ ଶୁକନ୍ୟାଙ୍କୁ ପଚରା ଉଚରା ପାଇଁ ପହଞ୍ଚିଥିଲା। ସିବିଆଇ କାର୍ଯ୍ୟାଳୟରେ ହାଜର ନ ହେବା କାରଣରୁ ଗତ ଗୁରୁବାର ଅନୁବ୍ରତଙ୍କୁ ଗିରଫ କରାଯାଇଛି। ଗାଈ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଅନୁବ୍ରତଙ୍କ ସମେତ ଆଉକେତେଜଣ ଟିଏମ୍‌ସି ନେତା ସୁରକ୍ଷା ଯୋଗାଉଥିବା ସିବିଆଇ ପକ୍ଷରୁ ଅଭିଯୋଗ ହୋଇଛି।

## କୋର୍ଟ ବାହାରେ ହତ୍ୟା ଅଭିଯୁକ୍ତଙ୍କୁ ଗୁଳି

**ମିରଟ, ୧୭।୮**

ଏକ ହତ୍ୟା ମାମଲାରେ ଉତ୍ତରପ୍ରଦେଶର ଫରିଦାବାଦ ଜେଲରେ ବନ୍ଦୀ ଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ହତ୍ୟା କରାଯାଇଛି। ହରିୟାଣା ପୋଲିସ ତାଙ୍କୁ ଏକ ଭ୍ୟାନ୍‌ରେ ହାପୁର ଜିଲା କୋର୍ଟରେ ହାଜର ପାଇଁ ନେଇଥିବାବେଳେ ୩ ବାଇକ ଆରୋହୀ ଗୁଳି କରି ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଲାଖନ୍ ସିଂଙ୍କ ଉପରେ ଅନ୍ୟୂନ ୨୦ ରାଉଣ୍ଡ ଗୁଳି ବାଜିବା ପରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଆକ୍ରମଣରେ ହରିୟାଣା ପୋଲିସର ଜଣେ କନଷ୍ଟେବଲ ମଧ୍ୟ ଆହତ ହୋଇଛନ୍ତି। ୟୁପିର ହାପୁର ସ୍ଥିତ ଧଉଲାନା ଗ୍ରାମରେ ୨୦୧୯ରେ ଘଟିଥିବା ଏକ ହତ୍ୟାକାଣ୍ଡର ଅଭିଯୁକ୍ତ ଲାଖନ୍‌ଙ୍କ ଘର ଫରିଦାବାଦ ଅନ୍ତର୍ଗତ ଅନାଗ୍‌ପୁର। ଶିଶୁଙ୍କ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ଏକ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୧୭ରୁ ତାଙ୍କୁ ଫରିଦାବାଦ ଜେଲରେ ରଖାଯାଇଛି। ଲାଖନ୍‌ଙ୍କ ହତ୍ୟାକୁ ଫରିଦାବାଦରେ ୨୦୧୨ରେ ଆରମ୍ଭ ହୋଇଥିବା ଗ୍ୟାଙ୍ଗ୍‌ୱାରର ପରିଣାମ ବୋଲି କୁହାଯାଉଛି।



ଇଟାଲୀର ଉତ୍ତର ଭାଗକୁ ମରୁଡ଼ି ମାଡି ଆସିଛି। ଗର୍ଡା ହ୍ରଦର ପାଣି ଶୁଖିଯିବା ପରେ ପଥର ଦୃଶ୍ୟମାନ ହୋଇଛି। ୭୦ ବର୍ଷରେ ଏଭଳି ଅବସ୍ଥା ଦେଖିବାକୁ ମିଳି ନ ଥିଲା।

## ଘରୁ ମିଳିଲା ୬ ମୃତଦେହ

**ଜମ୍ମୁ, ୧୭।୮**

ଜମ୍ମୁର ସିଧ୍ରା ଅଞ୍ଚଳରୁ ବୁଧବାର ଗୋଟିଏ ପରିବାରର ୬ ଜଣଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି। ବିଷକ୍ରିୟା ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ମୃତକମାନେ ହେଲେ ନୂର୍ ଉଲ୍ ହବିବ୍, ସାଜାଦ୍ ଅହମଦ୍ ମାଗ୍ରେ, ସକିନା ବେଗମ୍, ଝିଅ ନସିମା ଅଖତର, ରୁବିନା ବାନୋ ଏବଂ ତାଙ୍କ ଭାଇ ଜାଫର ସଲିମ୍। ରୁବିନା ଏବଂ ନସିମାଙ୍କ ମୃତଦେହ ଗୋଟିଏ ଘରୁ ମିଳିଥିବାବେଳେ ଆଉ ଏକ କୋଠରିରୁ ଅନ୍ୟ ୪ ଜଣ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ ହୋଇଛି। ହବିବ୍ ଫୋନ ନ ଉଠାଇବାରୁ ବାରଜୁଲ୍ଲାରେ ରହୁଥିବା ତାଙ୍କ ଭଉଣୀ ଶେହଜାଦା ପୋଲିସକୁ ଜଣାଇଥିଲେ। ପୋଲିସ ସେଠାରେ ପହଞ୍ଚି କବାଟ ଭାଙ୍ଗିବା ପରେ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ସେଗୁଡ଼ିକୁ ହସ୍ପିଟାଲ ପଠାଯାଇଛି।

## ବିମାନରେ ମାସ୍କ ବାଧ୍ୟତାମୂଳକ

### ଡିଜିସିଏ ଗାଇଡ୍‌ଲାଇନ

**ନୂଆଦିଲ୍ଲୀ,୧୭।୮**

ଦେଶରେ ବୃଦ୍ଧି ପାଉଥିବା କରୋନା ମହାମାରୀକୁ ଦୃଷ୍ଟିରେ ରଖି ବିମାନ ଯାତ୍ରୀଙ୍କ ପାଇଁ କରୋନା କଟକଣା ଲାଗୁ କରାଯାଇଛି। ବେସାମରିକ ବିମାନ ଚଳାଚଳ (ଡିଜିସିଏ)ମହାନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଗାଇଡ୍ ଲାଇନ୍‌ରେ ବିମାନ ଯାତ୍ରୀଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଜାରି ଗାଇଡ୍ ଲାଇନ୍‌କୁ ଯାତ୍ରୀମାନେ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ବିମାନ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିମାନ ବନ୍ଦର ଏବଂ ଫ୍ଲାଇଟ୍‌ରେ ବସିବାବେଳେ ଯାତ୍ରୀମାନେ ମାସ୍କ ପିନ୍ଧିବା ବାଞ୍ଛନୀୟ କରାଯାଇଥିବାବେଳେ ବିଭିନ୍ନ ବିମାନ ବନ୍ଦରମାନଙ୍କରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସାନିଟାଇଜର୍‌ର ବ୍ୟବସ୍ଥା କରିବା ପାଇଁ ଡିଜିସିଏ କହିଛି।

## ଏନ୍‌ଏସ୍‌ଏଙ୍କ ସୁରକ୍ଷାରେ ତ୍ରୁଟି: ୩ କମାଣ୍ଡୋ ବହିଷ୍କୃତ

**ନୂଆଦିଲ୍ଲୀ,୧୭।୮**

ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ସୁରକ୍ଷାରେ ତ୍ରୁଟି ପାଇଁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ର ୩ କମାଣ୍ଡୋଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏଥିସହ ସିଆଇଏସ୍‌ଏଫ୍ ସିକ୍ୟୁରିଟି ୟୁନିଟ୍‌ର ୨ ବରିଷ୍ଠ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଡୋଭାଲଙ୍କୁ କେନ୍ଦ୍ରୀୟ ଭିଆଇପି ସିକ୍ୟୁରିଟି ତାଲିକାରେ ଥିବା 'ଜେଡ୍ ପ୍ଲସ୍' ବର୍ଗର ସୁରକ୍ଷା ମିଳିଛି, ଯାହାକି ସିଆଇଏସ୍‌ଏଫ୍‌ର ଏସ୍‌ଏସ୍‌ଜି ୟୁନିଟ୍ ପ୍ରଦାନ କରିଥାଏ। ଗତ ଫେବୃୟାରୀ ୧୬ ପୂର୍ବାହ୍ନ ୭ଟା ୩୦ରେ ବେଙ୍ଗାଲୁରୁର ଜଣେ ବ୍ୟକ୍ତି ଡୋଭାଲଙ୍କ କେନ୍ଦ୍ରୀୟ ଦିଲ୍ଲୀ ବାସଭବନରେ ତାଙ୍କ କାର୍ ଚଳାଇବାକୁ ଉଦ୍ୟମ କରିଥିଲେ। ତଦନ୍ତ ପରେ ଉପରୋକ୍ତ ସୁରକ୍ଷା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଟୁଇଟ୍ ପାଇଁ ସାଉଦି ମହିଳାଙ୍କୁ ୩୪ ବର୍ଷ ଜେଲ

**ରିୟାଧ, ୧୭।୮**

କେତେକ ଟୁଇଟର ଆକାଉଣ୍ଟକୁ ଫଲୋ କରିବା, ସେଗୁଡ଼ିକର ଟୁଇଟ୍‌କୁ ରିଟୁଇଟ୍ କରିବା ଅଭିଯୋଗରେ ସାଉଦି ଆରବର ଜଣେ ମହିଳାଙ୍କୁ ୩୪ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୩୪ ବର୍ଷୀୟା ସଲ୍‌ମା ଅଲ୍-ଶେହାବ୍ ବ୍ରିଟେନର ଲିଡ୍‌ସ ୟୁନିଭର୍ସିଟିରେ ଜଣେ ପିଏଚ୍.ଡି ଛାତ୍ରୀ। ସେ ଗତ ବର୍ଷ ଛୁଟି କାଟିବାକୁ ଘରକୁ ଆସିଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ପ୍ରଥମେ ସାଉଦିର ଏକ ସ୍ୱତନ୍ତ୍ର ଆତଙ୍କବାଦ ନିରୋଧୀ କୋର୍ଟ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। କିନ୍ତୁ ରାୟର ପୁନର୍ବିଚାର କରି ସୋମବାର କୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୩୪ ବର୍ଷ ପାଇଁ କୌଣସି ସ୍ଥାନକୁ ଯାତ୍ରା ଉପରେ ମଧ୍ୟ କଟକଣା ଲାଗିଛି।

ଶୁଣାଣିବେଳେ କୋର୍ଟ କହିଥିଲେ, ସଲ୍‌ମା ଇଣ୍ଟରନେଟ ବ୍ୟବହାର କରି ଦେଶରେ ଅଶାନ୍ତି ସହ ଜାତୀୟ ନିରାପତ୍ତାକୁ ନେଇ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଏପରି କରି ଦେଶ ବିରୋଧୀ ତତ୍ତ୍ୱଙ୍କୁ ସେ ସହଯୋଗ କରୁଛନ୍ତି। ବିଭିନ୍ନ ମାନବାଧିକାର ସଙ୍ଗଠନ ଏହି ରାୟକୁ ନିନ୍ଦା କରିଛନ୍ତି। ତୁରନ୍ତ ସଲ୍‌ମାଙ୍କୁ ମୁକ୍ତ କରିବାକୁ ୟୁରୋପିଆନ୍ ସାଉଦି ଅର୍ଗାନାଇଜେଶନ ଫର୍ ହ୍ୟୁମାନ୍ ରାଇଟ୍ସ ଏବଂ ଏଏଲ୍‌କ୍ୟୁଏସ୍‌ଟି ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଦାବି ହୋଇଛି। ସଲ୍‌ମା ଜଣେ ଶିଆ ମୁସଲମାନ ହୋଇଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଛି ବୋଲି ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା ଉପରେ ଆମେରିକୀୟ କମିଶନଙ୍କ ପକ୍ଷରୁ କୁହାଯାଇଛି। ମହିଳାଙ୍କ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଥିବା ଅଭିଭାବକ ବ୍ୟବସ୍ଥା ଉଠାଯିବା ସହ ଗିରଫ ମାନବାଧିକାର କର୍ମୀଙ୍କୁ ମୁକ୍ତ କରିବା ପାଇଁ ସଲ୍‌ମା ଅନେକ ଅଭିଯାନରେ ସାମିଲ ହୋଇ ଦାବି କରିଆସୁଛନ୍ତି।



ସଲ୍‌ମା ଅଲ୍-ଶେହାବ୍

## ଯୌନ ଉତ୍ପୀଡ଼ନ ମାମଲାରେ ବୃଦ୍ଧଙ୍କୁ ଜାମିନ

### ମହିଳା ଯୌନ ଉଦ୍ଦୀପକ ପୋଷାକ ପିନ୍ଧିଥିଲେ ମାମଲା ହେବନାହିଁ: କୋଝିକୋଡ଼ କୋର୍ଟ

**ଥିରୁଭାନନ୍ତପୁରମ୍, ୧୭।୮**

ମହିଳା ଯୌନ ଉଦ୍ଦୀପକ ପୋଷାକ ପିନ୍ଧିଥିଲେ ସେ ଆଣୁଥିବା ଉତ୍ପୀଡ଼ନ ଅଭିଯୋଗରେ ମାମଲା ହେବ ନାହିଁ ବୋଲି କେରଳର କୋଝିକୋଡ଼ ଜିଲା ସେସନ୍ସ ଜଜ୍ ଏସ୍. କ୍ରିଷ୍ଣକୁମାର ଟିପ୍ପଣୀ ଦେଇଛନ୍ତି। ଏଥିସହ ଯୌନ ଉତ୍ପୀଡ଼ନ ମାମଲା ଥିବା ଜଣେ ଅଭିଯୁକ୍ତଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଚନ୍ଦ୍ରନ ନାମକ ଜଣେ ୭୪ ବର୍ଷୀୟ ଲେଖକ ଏକ ଯୌନ ଉତ୍ପୀଡ଼ନ ମାମଲାରେ ଜାମିନ ଆବେଦନ କରିଥିଲେ। ଗତ ୧୨ ତାରିଖରେ କୋଝିକୋଡ଼ ସେସନ୍ସ ଜଜ୍ ଏହାର ଶୁଣାଣି କରିଥିଲେ। ଅଭିଯୋଗକାରୀ ମହିଳାଙ୍କ କେତେକ ଫଟୋ ଚନ୍ଦ୍ରନ କୋର୍ଟରେ ଦାଖଲ କରିଥିଲେ। ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୮ରେ ଚନ୍ଦ୍ରନ ଓ ଅନ୍ୟମାନେ କୋଝିକୋଡ଼ର କୋୟିଲାଣ୍ଡିରେ ଏକ କ୍ୟାମ୍ପ୍ ଆୟୋଜନ କରିଥିଲେ। ସେଠାକୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଅଭିଯୋଗକାରୀ ମହିଳା ଥିଲେ। ଚନ୍ଦ୍ରନ କ୍ୟାମ୍ପ୍‌ରେ ମହିଳାଙ୍କ ହାତ ଧରିବା ସହ ଜବରଦସ୍ତି ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଯୌନ ଉତ୍ପୀଡ଼ନ କରିଥିଲେ। ଶୁଣାଣିବେଳେ କୋର୍ଟ କହିଥିଲେ, ଅଭିଯୁକ୍ତ ଦାଖଲ କରିଥିବା ଫଟୋରୁ ଜଣାପଡୁଛି ଯେ, ମହିଳା ଜଣକ ଅନ୍ୟର ଯୌନ ଉତ୍ତେଜନା ବଢ଼ାଇବା ଭଳି ପୋଷାକ ପିନ୍ଧିଥିଲେ। ଅଭିଯୁକ୍ତ ମହିଳାଙ୍କୁ ଶାରୀରିକ ଭାବେ ସ୍ପର୍ଶ କରିଥାଇପାରନ୍ତି। କିନ୍ତୁ ବୟସାଧିକ କାରଣ ଏବଂ ସେ ଜଣେ ଭିନ୍ନକ୍ଷମ ହୋଇଥିବାରୁ ମହିଳାଙ୍କୁ ଜବରଦସ୍ତି ଅନ୍ୟତ୍ର ଟେକି ନେବା ଅସମ୍ଭବ ମନେହେଉଛି। ଏହା ବ୍ୟତୀତ ଘଟଣା ଫେବୃୟାରୀ ମାସର ହୋଇଥିବାବେଳେ ଶିକ୍ଷିତା ମହିଳା ଜଣକ ଜୁଲାଇ ୨୯ରେ ଅଭିଯୋଗ ଆଣିଥିଲେ। ଏହା ପଛର କାରଣ ମଧ୍ୟ ସେ ବର୍ଣ୍ଣନା କରିପାରିନାହାନ୍ତି। ତେଣୁ ଏହି ଆଧାରରେ ଅଭିଯୁକ୍ତଙ୍କୁ ଜାମିନ ଦେବା ଯଥାର୍ଥ ବୋଲି କୋର୍ଟ କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୭୩,୭୭,୦୦୩ | ୬୪,୬୦,୫୫୦ | ୫୭,୧୪,୮୦,୨୬୩ |
| ଭାରତ | ୪,୪୨,୮୬,୨୫୬ | ୫,୨୭,୧୩୪ | ୪,୩୬,୫୪,୦୬୪ |
| ଓଡ଼ିଶା | ୧୩,୨୩,୫୮୭ | ୯୧୫୯(+୫୩) | ୧୩,୧୧,୯୪୭ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ମୁଣ୍ଡଳୀରେ ରେକର୍ଡ ଭାଙ୍ଗିଲା ବନ୍ୟାଜଳ ଧାରା**

# ୫ ଜିଲା ପାଇଁ ବିପଦ ଆଶଙ୍କା

କଟକ ଅଫିସ, ୧୭।୮

ରାଜ୍ୟରେ ମହାନଦୀ ଅବବାହିକାରେ ଥିବା ୧୦ ଜିଲାରେ ବନ୍ୟାସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ବିଶେଷକରି କଟକ ଜିଲାର ୭ଟି ବ୍ଲକରେ ବନ୍ୟାସ୍ଥିତି ଉଦ୍‌ବେଗଜନକ ରହିଛି। ବନ୍ୟା ମୁକାବିଲା କରିବାରେ ଉଭୟ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦିନରାତି ଏକ କରି ବନ୍ୟା ବିପନ୍ନଙ୍କୁ ଉଦ୍ଧାର ଜାରି ରଖିଛନ୍ତି। ଅନ୍ୟପକ୍ଷରେ ମୁଣ୍ଡଳୀ ବ୍ୟାରେଜର ରେକର୍ଡ ଅନୁସାରେ ମହାନଦୀର ପ୍ରବାହିତ ବନ୍ୟାଜଳ ୫ଟି ଜିଲା (କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା)କୁ ଆଗକୁ ଅଧିକ ବିପଦ ଆଶଙ୍କା ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ହେଉ କିମ୍ବା ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟରେ ଅଧିକ ଚେକ୍‌ଡ୍ୟାମ ନିର୍ମାଣ କିମ୍ବା ରାଜ୍ୟରେ ମହାନଦୀ ଜଳ ପରିଚାଳନାରେ ତ୍ରୁଟି ଏଭଳି ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ସମୟକ୍ରମେ ବନ୍ୟା ମୁକାବିଲା ପାଇଁ ବୈଷୟିକ ଜ୍ଞାନ ବୃଦ୍ଧି ପାଇଥିଲେ ହେଁ ପ୍ରାକୃତିକ ବିପର୍ଯ୍ୟୟବେଳେ ସମସ୍ତ ଜ୍ଞାନକୌଶଳ ଫେଲ୍ ମାରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ମିଳିଥିବା ସୂଚନା ଅନୁସାରେ, ଚଳିତ ବର୍ଷ ମୁଣ୍ଡଳୀଠାରେ ସର୍ବାଧିକ ୧୨ ଲକ୍ଷ ୧ ହଜାର ୪୨୬ କ୍ୟୁସେକ୍ ବନ୍ୟାଜଳ ମଙ୍ଗଳବାର ପ୍ରବାହିତ ହୋଇଥିବା ରେକର୍ଡ କରାଯାଇଛି। ଏହାଦ୍ୱାରା ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାରୁ ପ୍ରାୟ ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତବର୍ଷର ବନ୍ୟାଜଳ ପ୍ରବାହ ଗତ ୧୦ ବର୍ଷର ରେକର୍ଡ ଭାଙ୍ଗିଥିବାବେଳେ ପୂର୍ବବର୍ଷର ରେକର୍ଡ ଅନୁଯାୟୀ ମହାନଦୀରେ ବନ୍ୟାଜଳ ପ୍ରବାହ ଏବେ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏହାର ପ୍ରତିକାର ଦିଗରେ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ। ମହାନଦୀରେ ବନ୍ୟାଜଳ ପ୍ରବାହ ଧାରା ଏପରି ଜାରି ରହିଲେ ଆଗାମୀ



ଦିନରେ କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାକୁ ବଡ଼ ବିପଦ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି କରିଛି। ୨୦୧୫ ସେପ୍ଟେମ୍ବର ୨୩ରେ ମୁଣ୍ଡଳୀଠାରେ ସର୍ବାଧିକ ୪ ଲକ୍ଷ ୯୧ ହଜାର ୮୮୭ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିବାବେଳେ ୨୦୧୬ ଅଗଷ୍ଟ ୯ରେ ସର୍ବାଧିକ ୫ଲକ୍ଷ ୪୮ ହଜାର ୪୧୫ କ୍ୟୁସେକ୍ ଜଳ ପ୍ରବାହିତ ହୋଇଥିଲା। ସେହିପରି ୨୦୧୭ ଜୁଲାଇ ୨୨ରେ ସର୍ବାଧିକ ୨ ଲକ୍ଷ ୯୬ ହଜାର ୧୩୭ କ୍ୟୁସେକ୍ ଜଳ, ୨୦୧୮ ଜୁଲାଇ ୨୩ରେ ସର୍ବାଧିକ ୭ଲକ୍ଷ ୩୦ ହଜାର ୮୭୭ କ୍ୟୁସେକ୍, ୨୦୧୯ ଅଗଷ୍ଟ ୧୫ରେ ସର୍ବାଧିକ ୯ଲକ୍ଷ ୨୫ ହଜାର ୯୪୨ କ୍ୟୁସେକ୍ , ୨୦୨୦ ଅଗଷ୍ଟ ୩୧ରେ ସର୍ବାଧିକ ୧୦ ଲକ୍ଷ ୨୬ ହଜାର ୨୧୮ କ୍ୟୁସେକ ଏବଂ ୨୦୨୧ ସେପ୍ଟେମ୍ବର ୧୬ରେ ୫ଲକ୍ଷ ୮୨ ହଜାର ୮୬୫ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହୋଇଥିବା ରେକର୍ଡ କରାଯାଇଛି। ଧୀରେ ଧୀରେ ମୁଣ୍ଡଳୀରେ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଏହାର ଅବବାହିକାରେ ଥିବା ଅଞ୍ଚଳଗୁଡ଼ିକପାଇଁ ବିପଦ ସୃଷ୍ଟି କରୁଛି। ଏନେଇ ମୁଣ୍ଡଳୀ ବ୍ୟାରେଜ ମୁଖ୍ୟଯନ୍ତ୍ରୀ ହେମନ୍ତ ଶତପଥୀଙ୍କ କହିବା ହେଲା, ହୀରାକୁଦ ଡ୍ୟାମ୍‌ର ବୈଷୟିକ ପରିଚାଳନା ଟିମ୍ ମହାନଦୀର ବନ୍ୟାଜଳ ପ୍ରବାହକୁ ନିୟନ୍ତ୍ରଣ କରୁଛି। ନଦୀରେ କେଉଁ ସମୟରେ କେତେ ଜଳ ପ୍ରବାହ ହେବ ତାହା ସେଠାରେ ନିଷ୍ପତ୍ତି ନିଆଯାଉଛି। ଅନ୍ୟପକ୍ଷରେ ମହାନଦୀର ତଳମୁଣ୍ଡରେ ଅଧିକ ରିଂ ବନ୍ଧ ଏବଂ ବନ୍ଧବାଡ଼ ନିର୍ମାଣ କରିବା ଜରୁରି ହୋଇପଡ଼ିଛି। ୧୯୮୨ରେ ମହାନଦୀରେ ଆବଶ୍ୟକ ବନ୍ଧବାଡ଼ ନ ଥିବାରୁ ୧୫.୯୮ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବା ସହ ବ୍ୟାପକ କ୍ଷୟକ୍ଷତି କରାଇଥିଲା।

# ଦଶମନ୍ତପୁରରେ ପୁଣି ଝାଡ଼ାବାନ୍ତି

## ୨ମୃତ, ୭ ଆକ୍ରାନ୍ତ

ଦଶମନ୍ତପୁର, ୧୭।୮ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକକୁ ଛାଡୁନି ଝାଡାବାନ୍ତି। ଗତ କିଛିଦିନ ତଳେ ଝାଡ଼ା ବାନ୍ତି ଦେଖାଦେଇ ଦୂର ହୋଇଥିବା ବେଳେ ଏବେ ପୁଣି ଏ. ମାଲକାନଗିରି ପଞ୍ଚାୟତର କେ. ଚଣ୍ଡାଲଗୁଡା ଗ୍ରାମରେ ଝାଡାବାନ୍ତି ଦେଖାଦେଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଛି। ୭ଜଣ ଆକ୍ରାନ୍ତ ହୋଇଛନ୍ତି। ଜଣେ ଚିକିତ୍ସିତ ହେଉଥିବା ବେଳେ ସ୍ଥିତି ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସମ୍ପୃକ୍ତ ଗ୍ରାମରେ ପହଞ୍ଚିଛନ୍ତି। ୨ ମୃତକ ହେଲେ ଗ୍ରାମର ଗୁରୁନାଥ ଗୋଲରୀଙ୍କ ସ୍ତ୍ରୀ ମଇନା ଏବଂ ନୀଳକଣ୍ଠ ଖିଲ।

ଖବରରୁ ଜଣାପଡିଛି, କେ. ଚଣ୍ଡାଲଗୁଡା ଗ୍ରାମର ମଇନା ତାଙ୍କ ଝିଅ ଘରକୁ ଯାଇଥିବା ବେଳେ ସେଠାରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଇନାଙ୍କ ମୃତ୍ୟୁ ହୋଇଥିଲା। ଝାଡାବାନ୍ତିରେ ଆକ୍ରାନ୍ତ ପରେ ନୀଳକଣ୍ଠଙ୍କ ଗ୍ରାମରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଆକ୍ରାନ୍ତ ୭ ଜଣଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଏହି ଝାଡ଼ାବାନ୍ତି ବ୍ୟାପିବା ଖବର ପାଇବା ପରେ ଦଶମନ୍ତପୁର ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀରାମ ପରିଡ଼ା ଏକ ୫ ଜଣିଆ ଟିମ ସହ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ଘରପାର୍ଶ୍ୱରେ ପଡି ରହୁଥିବା ଗୋବର ସଫା କରିବା, ଫୁଟା ପାଣି ପିଇବା, ନଦୀ ଜଳ ବ୍ୟବହାର ନ କରିବା ଏବଂ ପରିବେଶକୁ ସଫା ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗ୍ରାମରେ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ବ୍ଲିଚିଂ ପାଉଡର ଛିଞ୍ଚନ କରାଯାଇଛି। ସୂଚନାଯୋଗ୍ୟ ଏହି ଝାଡାବାନ୍ତିରେ ପୂର୍ବରୁ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୭୦ ଜଣ ଆକ୍ରାନ୍ତ ହୋଇଥିଲେ।

## ବନ୍ୟାଜଳରେ ଭାସି ବୃଦ୍ଧ ନିଖୋଜ

ବାଙ୍କୀ,୧୭।୮(ସ୍ୱ.ପ୍ର.): କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ଭାଗୀପୁର ପଞ୍ଚାୟତ ଗୟଲବାଙ୍କ ଗାଁର ଜଣେ ବୃଦ୍ଧ ଗାଧୋଇବା ପାଇଁ ମହାନଦୀକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ବୁଧବାର ସକାଳେ ଭାସି ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ଅମର ଦାଶ (୭୦)। ସକାଳେ ସବୁଦିନ ପରି ଅମର ମହାନଦୀର ଦେବୀଦ୍ୱାର ତୁଠକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗୋଡ ତୁଠରେ ଖସି ଯାଇଥିଲା। ଫଳରେ ମହାନଦୀର ପ୍ରଖର ବନ୍ୟା ସ୍ରୋତରେ ସେ ଭାସି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟମାନେ ଏହା ଦେଖୁଥିବା ବେଳେ ବନ୍ୟା ପାଣିରେ ପଶି ତାଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ବୋଟ ମାଧ୍ୟମରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ।

## ବାଣ ଫୁଟି ବାଳକଙ୍କ ଜୀବନ ଗଲା

ଭୋଗରାଇ, ୧୭।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ କାଁଥିଭଉଁରୀ ଗ୍ରାମରେ ବୁଧବାର ଏକ ବାଣ ଫୁଟି ୧୧ବର୍ଷର ଜଣେ ବାଳକଙ୍କ ଜୀବନ ଯାଇଛି। ମୃତ ବାଳକ ହେଲେ ଦେବେନ୍ଦ୍ର ପାତ୍ରଙ୍କ ପୁଅ ନିମାଇଁ। ସେ ସ୍ଥାନୀୟ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ମଙ୍ଗଳବାର ରାତିରେ ଉକ୍ତ ଗ୍ରାମରେ ପଡ଼ୋଶୀଙ୍କ ଘରେ ବିବାହ ଶୋଭାଯାତ୍ରା ବେଳେ ବାଣ ଫୁଟାଯାଇଥିଲା। ବୁଧବାର ସକାଳେ ଏକ ଅଫୁଟା ବାଣ ପଡ଼ିଥିବା ଦେଖି ବାଳକଜଣକ ଗୋଟାଇ ଫୁଟାଉଥିଲେ। ହେଲେ ତାହା ହଠାତ୍ ଫାଟିଯିବାରୁ ବାଳକଙ୍କ ଶରୀର ଅଧିକାଂଶ ଅଂଶ ପୋଡ଼ିଯିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ବାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।



ବର୍ଷା ଓ ବନ୍ୟା ଯୋଗୁ ପରିବା ଦର ବଢୁଥିବାବେଳେ ବୁଧବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରର ରସୁଲଗଡ଼ ମାର୍କେଟରେ ଗ୍ରାହକଙ୍କ ଭିଡ଼।

# ଆଲମଣ୍ଡା ଲାମ୍ପ୍ସ ଏମ୍‌ଡିଙ୍କୁ ଗିରଫ କଲା ଭିଜିଲାନ୍ସ

## ଚାଷୀଙ୍କଠାରୁ ୩୫ ହଜାର ଲାଞ୍ଚ ନେଉଥିଲେ

କୋରାପୁଟ /ନାରାୟଣପାଟଣା/ ଜୟପୁର,୧୭।୮(ସ୍ୱ.ପ୍ର. /ଡି.ଏନ.ଏ.)

ଭିଜିଲାନ୍ସ ଜାଲରେ ପଡିଛନ୍ତି କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ଆଲମଣ୍ଡା ଲାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଆର୍.ରାମକୃଷ୍ଣ। ସେ ଜଣେ ଚାଷୀଙ୍କଠାରୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ବିଭାଗ ତାଙ୍କୁ କାବୁକରି ଗିରଫ କରିଛି। ତାଙ୍କ ନିକଟରୁ କେମିକାଲ ବୋଳା ୩୫ ହଜାର ଟଙ୍କା ଜବତ ହୋଇଛି। ଖବରରୁ ଜଣାପଡିଛି, ରାମକୃଷ୍ଣ ନିଲାବାଡି ଗ୍ରାମର ଚାଷୀଙ୍କଠାରୁ ଗତ ମଣ୍ଡିରେ ଧାନ ବିକ୍ରି ବାବଦକୁ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନଚେତ୍ ଆଗାମୀ ମଣ୍ଡିରେ ନାମ ପଞ୍ଜୀକରଣ ନ କରିବା ପାଇଁ ଧମକ ଦେଇ ଆସୁଥିଲେ। ତେବେ ଚାଷୀ ଜଣକ ଏହାକୁ ବିରୋଧ କରିବା ସହ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ମାତ୍ର ଟଙ୍କା ନ ଦେଲେ ଆଗାମୀ ଧାନମଣ୍ଡି ପାଇଁ ସେ



ଆର୍.ରାମକୃଷ୍ଣ

ନାମ ପଞ୍ଜୀକରଣ କରି ପାରିବେ ନାହିଁ ବୋଲି ରାମକୃଷ୍ଣ ରୋକ୍‌ଠୋକ୍ ମନା କରିଦେଇଥିଲେ। ଶେଷରେ ବାଧ ହୋଇ ଚାଷୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ବିଭାଗର ପୂର୍ବ ଯୋଜନା ମୁତାବକ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଆଲମଣ୍ଡା ଲାମ୍ପ୍ସ କାର୍ଯ୍ୟାଳୟକୁ ଯାଇ ଆଗାମୀ ମଣ୍ଡି ପାଇଁ ନାମ ପଞ୍ଜୀକରଣ ବାବଦକୁ ରାମକୃଷ୍ଣଙ୍କୁ ୩୫ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ରାମକୃଷ୍ଣଙ୍କୁ ଧରିଥିଲେ। ଏଥିସହିତ ଭିଜିଲାନ୍ସର ଏକ ଟିମ୍ ଏମ୍‌ଡିଙ୍କ ଆଲମଣ୍ଡାସ୍ଥିତ ତାଙ୍କ ଘରେ ଚଢ଼ାଉ କରିଛି।

# ୫ଦିନ ଧରି ଫସିଥିବା ବାପପୁଅ ଉଦ୍ଧାର

## ମହାନଦୀରେ ବନ୍ୟା ଆସିବା ପୂର୍ବରୁ ଅମଙ୍ଗେଇ କୁଦକୁ ଛେଳି ଚରାଇବାକୁ ଯାଇଥିଲେ

ଆଠଗଡ,୧୭।୮(ସ୍ୱ.ପ୍ର.)

କଟକ ଜିଲା ଆଠଗଡ ବ୍ଲକ କନ୍ଦରପୁର-ମହାନଦୀ ମଝିରେ ଅମଙ୍ଗେଇ କୁଦ ରହିଛି। ସେଠାରେ ୫ ଦିନ ହେଲା ଫସିଥିବା ବାପ ଓ ପୁଅଙ୍କୁ ବୁଧବାର ଓଡ୍ରାଫ୍ ଟିମ୍ ବୋଟରେ ଯାଇ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ, କନ୍ଦରପୁର ଗ୍ରାମର ଧୈର୍ଯ୍ୟଧର ଦଳେଇ ଓ ତାଙ୍କ ପୁଅ ଟିକି ସେଠାରେ ଦୀର୍ଘଦିନ ହେଲା ଗୁହାଳ କରି ୫୦ରୁ ଉର୍ଦ୍ଧ୍ୱ ଛେଳି ପାଳୁଛନ୍ତି। ଗତ ୧୨ ତାରିଖରେ ଗୋଟିଏ ହୁଲି ଡଙ୍ଗାରେ ବାପପୁଅ ଅଳ୍ପ କିଛି ଖାଦ୍ୟ ଓ ପୋଷାକ ନେଇ ଅମଙ୍ଗେଇ କୁଦକୁ ଯାଇଥିଲେ। ଏହି ସମୟ ମଧ୍ୟରେ ମହାନଦୀରେ ବନ୍ୟା ପାଣି ଆସି ଯିବାରୁ ହୁଲି ଡଙ୍ଗାରେ ଫେରିବାକୁ ସେମାନେ ସାହସ ଜୁଟାଇ ପାରି ନ ଥିଲେ। ସେଠାରେ ବାପପୁଅ ଘରକୁ



ଉଦ୍ଧାର ବାପା ଧୈର୍ଯ୍ୟଧର ଦଳେଇ, ପୁଅ ଟିକି

ଫେରି ନ ପାରି ୫ ଦିନ ଧରି ଫସି ରହିଥିଲେ। ଇତି ମଧ୍ୟରେ ପାଖରୁ ଖାଦ୍ୟ ସରିଯିବା ସହ ମୋବାଇଲରୁ ଚାର୍ଜ ସରି ଯାଇଥିଲା। ଫଳରେ ନଦୀ ଏ ପାଖକୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା। ଏ ସମ୍ପର୍କରେ ପରିବାର ଲୋକ ଚିନ୍ତାରେ ପଡିବା ସହ ସେମାନଙ୍କୁ ଉଦ୍ଧାର କରିବାକୁ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ମଙ୍ଗଳବାର ରାତିରେ ଜଣାଇଥିଲେ। ବାପପୁଅଙ୍କୁ ଉଦ୍ଧାର କରିବାକୁ ମନ୍ତ୍ରୀ ସ୍ୱାଇଁ, ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ବୁଧବାର ଓଡ୍ରାଫ ଟିମ୍‌ର ସହାୟତା ନିଆଯାଇଥିଲା। ଓଡ୍ରାଫ ଟିମ୍ ପହଞ୍ଚି ଭରା ମହାନଦୀରେ ବୋଟ ସାହାଯ୍ୟରେ ଅମଙ୍ଗେଇ କୁଦକୁ ଯାଇଥିଲେ। ସେଠାରୁ ବାପପୁଅଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେମାନଙ୍କ ସହ କୁଦରେ ଫସି ରହିଥିବା ଗୋଟିଏ କୁକୁରକୁ ମଧ ଉଦ୍ଧାର କରାଯାଇଥିଲା। କୂଳରେ ସେମାନେ ପହଞ୍ଚିବା ପରେ ଉପସ୍ଥିତ ମନ୍ତ୍ରୀ ସ୍ୱାଇଁ ବାପପୁଅଙ୍କୁ ଓଆରଏସ୍ ପିଇବାକୁ ଦେଇଥିଲେ। ସେଠାରେ ଆରକ୍ଷୀ ଉପାଧ୍ୟକ୍ଷ ବିଜୟ କୁମାର ବିଶି ପୋଲିସ ଟିମ୍ ସହ ଉପସ୍ଥିତ ଥିଲେ। ଡାକ୍ତର ସୁବାସ ପାତ୍ର, ଫାର୍ମାସିଷ୍ଟ ଜୟଦେବ ପାତ୍ର ଏବଂ ତାଙ୍କ ଟିମ୍ ବାପପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନେ ସୁସ୍ଥ ଥିବା ଡାକ୍ତର ପାତ୍ର ସୂଚନା ଦେଇଛନ୍ତି। ଓଡ୍ରାଫ ଟିମ୍‌ର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।






# ମୁହାଣରୁ ମିଳୁଛି ଔଷଧୀୟ ନୀଳହରିତ ଶୈବାଳ

## ରୋଗ ପ୍ରତିରୋଧକ ଔଷଧ ବିକାଶ ପାଇଁ ଚାଲିଛି ଗବେଷଣା

ପୁରୀ ଅଫିସ,୧୭।୮

କୋଭିଡ୍ ସଂକ୍ରମଣ ସମୟରେ ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ଅବକ୍ଷୟ ପ୍ରମୁଖ ସ୍ୱାସ୍ଥ୍ୟଗତ ସମସ୍ୟା ହୋଇଛି। ସମ୍ପ୍ରତି ସଂକ୍ରମଣ ପୂର୍ବ ଭଳି ଶୀର୍ଷରେ ନ ଥିଲେ ମଧ କରୋନାର ନୂଆ ଭାରିଆଣ୍ଟ ପୁଣି ଥରେ ରୋଗ ପ୍ରତିରୋଧ କ୍ଷମତାକୁ ପ୍ରଭାବିତ କରିବା ନେଇ ଆଶଙ୍କା ଉପୁଜିଛି। ଏଭଳି ସ୍ଥିତିରେ ପୁରୀ ଜିଲାର ଚିଲିକା ଓ ବାଲିହରଚଣ୍ଡୀ ସମୁଦ୍ର ମୁହାଣରେ ମିଳୁଥିବା ନୀଳହରିତ ଶୈବାଳ ଉପରେ ଗବେଷଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାକାର ନୀଳହରିତ ଶୈବାଳକୁ ଷ୍ଟ୍ରେନ୍ ବର୍ଦ୍ଧିତ ରୋଗ ପ୍ରତିରୋଧକ ଶକ୍ତିର ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ ବୋଲି ପ୍ରାଥମିକ ଗବେଷଣାରୁ ଜଣାପଡ଼ିଛି।

ଏହାକୁ ଦୃଷ୍ଟିରେ ରଖି ପ୍ରଫେସର ରବୀନ୍ଦ୍ରନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗବେଷକ ଡ. ଚିତ୍ତରଞ୍ଜନ ସାହୁ ଚିଲିକା, ବାଲିହରଚଣ୍ଡୀ ସମୁଦ୍ର ମୁହାଣ ଏବଂ ଭାବକୁଣ୍ଡଳେଶ୍ୱର ନିକଟସ୍ଥ ସ୍ଥାନରେ ଏହି ସ୍ୱତନ୍ତ୍ର ଶ୍ରେଣୀର ଔଷଧୀୟ ନୀଳହରିତ ଶୈବାଳ ସନ୍ଧାନରେ ଲାଗିଛନ୍ତି। ଓଡ଼ିଶା ଏକ ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ। ଏହାର ଉପକୂଳବର୍ତ୍ତୀ ଅଞ୍ଚଳ ଔଷଧୀୟ ନୀଳହରିତ ଶୈବାଳର ଗନ୍ତାଘର। ସମ୍ପ୍ରତି ପୁରୀରୁ ମିଳିଥିବା ଶୈବାଳ କ୍ରୋକୋକସ୍ ମିନ୍ୟୁଟ୍‌ସ ପ୍ରଜାତିର। ସଂକ୍ରମଣର ବାହକ ଜୀବାଣୁଙ୍କୁ ନିୟନ୍ତ୍ରଣ କରିବାରେ ଏହି ପ୍ରଜାତି ଶୈବାଳଗୁଡ଼ିକର ଯଥେଷ୍ଟ କାର୍ଯ୍ୟକ୍ଷମତା ରହିଛି। ଡ. ସାହୁ କହିଛନ୍ତି, ମନେକରନ୍ତୁ ଜଣେ ବ୍ୟକ୍ତି ମାତ୍ରାଧିକ ଜୀବାଣୁ ସଂକ୍ରମଣର ଶିକାର ହୋଇଛନ୍ତି। ତାଙ୍କଠାରେ ବ୍ୟବହାର କରାଯାଇଥିବା ଆଣ୍ଟିବାୟୋଟିକ୍ ପ୍ରଭାବଶୂନ୍ୟ ହୋଇସାରିଛି। ଏଭଳି ସ୍ଥିତିରେ ସଂକ୍ରମିତ ରକ୍ତ କିମ୍ବା ପରିସ୍ରାକୁ ନମୁନା ଭାବେ ସଂଗ୍ରହ କରାଯାଇ ଜୀବାଣୁକୁ ଚିହ୍ନଟ କରାଯିବ। ଏହାପରେ ଭିନ୍ନ ଭିନ୍ନ ନୀଳହରିତ ଶୈବାଳକୁ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯିବ। ନୀଳହରିତ ଶୈବାଳଗୁଡ଼ିକ ଭିନ୍ନ ଭିନ୍ନ ପ୍ରକାର ଲକ୍ଷଣ ଦେଖାଇବ। ଯେଉଁ କିଛି ନୀଳହରିତ ଶୈବାଳ ଜୀବାଣୁକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବେ, ସେଗୁଡ଼ିକର



ବାଲିହରଚଣ୍ଡୀ ମୁହାଣ ସ୍ଥଳ।

ଅନୁସନ୍ଧାନ ପରବର୍ତ୍ତୀ ପର୍ଯ୍ୟାୟରେ ଜାରି ରହିବ। ସେହିଭଳି ସଂକ୍ରମଣର ନୂଆ ନୂଆ ଷ୍ଟ୍ରେନ ମାନବ ସମାଜ ନିକଟରେ ପହଞ୍ଚୁଛି। ଏଭଳି କ୍ଷେତ୍ରରେ ନୀଳହରିତ ଶୈବାଳକୁ ବ୍ୟବହାର କରି ବର୍ଦ୍ଧିତ ରୋଗ ପ୍ରତିରୋଧକ ଶକ୍ତି ଥିବା ଔଷଧ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆମେ କାର୍ଯ୍ୟ କରୁଛୁ। ଅନୁସନ୍ଧାନ ଠିକ ଦିଶାରେ ରହିଛି ଓ ଆମେ ପ୍ରଥମ ପର୍ଯ୍ୟାୟରେ ଏହି ଔଷଧୀୟ ନୀଳହରିତ ଶୈବାଳର କାର୍ଯ୍ୟଦକ୍ଷତାକୁ ନେଇ ସନ୍ତୁଷ୍ଟ। ଏହି ଗବେଷଣା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଓ ପ୍ରକାଶିତ ହୋଇ ସାରିଛି ବୋଲି ଡ. ସାହୁ କହିଛନ୍ତି।

ଏ ସମ୍ପର୍କରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, କରୋନା ସମୟରେ ହଜାର ହଜାର ଲୋକ ସଂକ୍ରମଣର ଶିକାର ହୋଇଥିଲେ। ରୋଗ ପ୍ରତିରୋଧକ ଶକ୍ତି କ୍ରମାଗତ ଭାବେ କମିବା କାରଣରୁ ରୋଗୀ ମୃତ୍ୟୁମୁଖରେ ପଡୁଥିଲେ। ତେଣୁ ଜୀବାଣୁ ବିରୋଧରେ ଉତ୍ତମ ନିୟନ୍ତ୍ରଣ ରଖିପାରୁଥିବା ଔଷଧର ବିକାଶ ହେବା ଦରକାର। ଧୀରେ ଧୀରେ ଆମେ ନୂଆ ନୂଆ ପ୍ରକାର ଜୀବାଣୁ ସଂସ୍ପର୍ଶରେ ଆସୁଛନ୍ତି। ଏଭଳି ସ୍ଥିତିରେ ଔଷଧୀୟ ବିଜ୍ଞାନର ଅନୁସନ୍ଧାନ ଅପରିହାର୍ଯ୍ୟ। ସେହିପରି ପରିବେଶବିତ୍ ଅଜୁ ମିଶ୍ର କହିଛନ୍ତି, ପୁରୀ ଉପକୂଳୀୟ ଜଳବାୟୁରେ ଏଭଳି ଏକକୋଷୀ ଜୀବଙ୍କ ଅନୁସନ୍ଧାନ କରାଯିବା ପାଇଁ ସରକାରୀ ସହଯୋଗିତାର ଆବଶ୍ୟକତା ରହିଛି। ବିଶେଷ ଭାବେ ରାଜ୍ୟରେ ଏଭଳି ଅନୁସନ୍ଧାନକୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ଏଣୁ ଔଷଧୀୟ ବିଜ୍ଞାନ ଉପରେ ଗବେଷଣା କରୁଥିବା ଛାତ୍ରୀଛାତ୍ରମାନେ ଅଧିକାଂଶ ସମୟରେ ହତୋତ୍ସାହିତ ହେଉଛନ୍ତି। ଅନୁସନ୍ଧାନ ପାଇଁ ସବୁ ପ୍ରକାର ସହଯୋଗ ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଜିଲା ପ୍ରଶାସନ ଯୋଗାଇଦେବା ଦରକାର।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଅଗଷ୍ଟ, ୨୦୨୨

**ଆଜିର ମନ୍ତବ୍ୟ**
"ବିଶ୍ୱରେ ବ୍ୟବହୃତ ମୋଟ ଭାକ୍ସିନର ପ୍ରାୟ ୬୦% ଭାରତରେ ଉତ୍ପାଦିତ। ବୈଶ୍ୱିକ ଟିକାକରଣ କ୍ଷେତ୍ରରେ ଭାରତର ଅବଦାନ ଉଲ୍ଲେଖନୀୟ। **-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ବୈଷ୍ଣବୀ
ପରିବାରବର୍ଗ


ସୋନାଲିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ଯା, ଗୟା ଯା**
**କର୍ମ ଘେନି ବୁଲୁ ଥା।**
କର୍ମ ହିଁ ସବୁ। କର୍ମ ବିନା ଜୀବନ ତୁଚ୍ଛ ଓ ଅସାର। ବିନା କର୍ମରେ ଭଗବାନ ଆରାଧନାର କୌଣସି ମୂଲ୍ୟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗାଈ ନ ବୋବାଏ ଖାଉନ୍ଦ ଚିହ୍ନି**
**ଖାଉନ୍ଦ ଧାଇଁଛି ଛନ୍ଦଣି ଘେନି।**
ଯେଉଁଠି ଆନ୍ତରିକତା ନ ଥାଏ ସେଠି ସମ୍ପର୍କ ଯୋଡିବାରେ କିଛି ମୂଲ୍ୟ ମିଳି ନ ଥାଏ। ବଳେ ପଶିବା କଥା। ଗାଈ ନିଜ ମାଲିକକୁ ଚିହ୍ନି ପାରୁ ନ ଥିବା ସ୍ଥଳେ ଦୁହିଁବାକୁ ତା' ପଛେ ପଛେ ଧାଇଁବାର ମାନେ କିଛି ରହି ନ ଥାଏ। ଯେଉଁଠି ଆତ୍ମୀୟତା ନାହିଁ, ନିଜର ବୋଲି ଭାବ ନାହିଁ କି ପାଖରେ ପୁରଉନାହିଁ ସେଠି ନିଜର ପରିଚୟ ସୃଷ୍ଟି କରିବା ମୂର୍ଖାମୀର ପରିଚୟ ହୋଇଥାଏ। ବିନା ଅଭ୍ୟର୍ଥନାରେ ବା ଆଦରରେ ଅନ୍ୟର ପ୍ରାର୍ଥୀ ନ ହେବା ଉଚିତ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଦିଲ୍ଲୀ ପୋଲିସରେ ହାଜର ହେବେ ବର୍ଷା

**କଟକ ଅଫିସ, ୧୭।୮**

କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ କର୍ମଚାରୀ ସୁଜିତ ଦଳେଇଙ୍କ ପ୍ରତି ଜାତିଆଣ ଆକ୍ଷେପ ମାମଲାରେ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଦିଲ୍ଲୀ ପୋଲିସ ନିକଟରେ ହାଜର ହେବେ। ଆସନ୍ତା ୧୫ ଦିନ ମଧ୍ୟରେ ବର୍ଷା ହାଜର ହୋଇ ନିଜର ଉତ୍ତର ରଖିବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷାଙ୍କ ଅନ୍ତରୀଣ ସୁରକ୍ଷା ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏମ୍‌ପି ଅନୁଭବଙ୍କ କର୍ମଚାରୀ ସୁଜିତଙ୍କ ପ୍ରତି ବର୍ଷା ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ


ବର୍ଷା ପ୍ରିୟଦର୍ଶିନୀ

ଦିଲ୍ଲୀ ପୋଲିସ ଗତ ଜୁଲାଇ ୨୨ରେ ଏସ୍‌ସି-ଏସ୍‌ଟି ଆକ୍ଟରେ ମାମଲା ରୁଜୁ କରିଥିଲା। ଦିଲ୍ଲୀ ପୋଲିସ ଓଡ଼ିଶା ଆସି ପୁରୀଘାଟ ଥାନା ପୋଲିସ ଜରିଆରେ ବର୍ଷାଙ୍କ ନିକଟରେ ପହଞ୍ଚିବାର ପ୍ରୟାସ କରିଥିଲେ ବି ସଫଳ ହୋଇ ନ ଥିଲା। ଫଳରେ ଦିଲ୍ଲୀ ପୋଲିସ ବର୍ଷାଙ୍କ ଉଦ୍ଦେଶ୍ୟରେ ପୁରୀଘାଟ ଥାନାରେ ନୋଟିସ ଦେଇ ଫେରି ଯାଇଥିଲା। ପୁରୀଘାଟ ଥାନା ପକ୍ଷରୁ ଦିଲ୍ଲୀରେ ହାଜର ହେବାକୁ ବର୍ଷାଙ୍କୁ ନୋଟିସ ଜାରି କରାଯାଇଥିଲା। ଦିଲ୍ଲୀ ପୋଲିସ ଫେରିଯିବା ପରେ ବର୍ଷା ନିଜ ବଡ଼ ଭଉଣୀଙ୍କ ସହ ପୁରୀଘାଟ ଥାନାକୁ ଆସି ଉକ୍ତ ନୋଟିସକୁ ଗ୍ରହଣ କରିଥିଲେ। ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ଭୟରେ ହାଇକୋର୍ଟରୁ ଜାମିନ ପାଇବା ନିମନ୍ତେ ବର୍ଷା ନିଜ ମା'ଙ୍କ ବୟସାଧିକ୍ୟକୁ କାରଣ ଦର୍ଶାଇ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବର୍ଷା, ବନ୍ୟାରେ ୪.୯୧ ଲକ୍ଷ ଲୋକ ପ୍ରଭାବିତ

**ଭୁବନେଶ୍ୱର,୧୭।୮(ବ୍ୟୁରୋ)**

ଚଳିତ ବନ୍ୟା ଓ ଲଘୁଚାପଜନିତ ବର୍ଷାରେ ରାଜ୍ୟର ୧୮ଟି ଜିଲାର ୧୦୭ ବ୍ଲକର ୨୧୧୦ ଗ୍ରାମ ପ୍ରଭାବିତ ହୋଇଛି। ୧୮ଟି ପୌରାଞ୍ଚଳର ୭୮ଟି ୱାର୍ଡରେ ବନ୍ୟାପାଣି ପଶିଥିବା ବେଳେ ୪ ଲକ୍ଷ ୯୧ ହଜାର ୧୪୭ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟାପାଣି ଘେରରେ ୪୨୫ ଗ୍ରାମର ୫୮୫୪୬ ଜଣ ରହିଥିବା ବେଳେ ୨୪୫୮ ଘର ନଷ୍ଟ ଓ ୩୪୭୬୧.୬୪ ହେକ୍ଟର ଜମି ବନ୍ୟାପାଣିରେ ବୁଡି ରହିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନ୍ୟା ଯୋଗୁ ୧୨ଟି ଜିଲାର ୬୪ଟି ବ୍ଲକର ୧୭୫୭ ଗ୍ରାମର ୧୦ଟି ପୌରାଞ୍ଚଳର ୬୦ଟି ୱାର୍ଡ ପ୍ରଭାବିତ ହୋଇଛି। ଏଥିରେ ୪ ଲକ୍ଷ ୬୭ ହଜାର ୩୨୧ ଜଣ ପ୍ରଭାବିତ ହୋଇଥିବା ବେଳେ ୪୨୫ ଗ୍ରାମର ୨ ଲକ୍ଷ ୨୬ ହଜାର ୪୪୭ ଜଣ ଜଳବନ୍ଦୀରେ ରହିଛନ୍ତି। ୫୩୮୬୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୪୪୪ ଘର ଭାଙ୍ଗିଛି ଓ ୩୪୭୦୧.୬୪ ଏକର ଜମି ଜଳମଗ୍ନ ରହିଛି। ସେହିପରି ବର୍ଷା ଯୋଗୁ ବଲାଙ୍ଗୀର, ଝାରସୁଗୁଡା, କନ୍ଧମାଳ, କେନ୍ଦୁଝର, କୋରାପୁଟ ଓ ନବରଙ୍ଗପୁର ଜିଲାର ୪୩ଟି ବ୍ଲକର ୧୯୨ ଗ୍ରାମ, ୮ଟି ପୌରାଞ୍ଚଳର ୧୮ଟି ୱାର୍ଡରେ ଥିବା ୨୩୮୨୬ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।

## ରୋହିଙ୍ଗ୍ୟାଙ୍କୁ ଫ୍ଲାଟ୍, ...

ପ୍ରଥମ ପୃଷ୍ଠାରୁ...

ସଂଶୋଧନ ଆଇନ (ସିଏଏ)କୁ ଭାରତର ଶରଣାର୍ଥୀ ନୀତି ସହ ଯୋଡ଼ି ଗୁଜବ ବିସ୍ତାରକୁ ପେସା କରିଥିବା ଲୋକେ ନିରାଶ ହେବେ। ଭାରତ ଜାତିସଂଘର ଶରଣାର୍ଥୀ ସନ୍ଧି ୧୯୫୧କୁ ସମ୍ମାନ ଦିଏ ଓ ଅନୁସରଣ କରିଥାଏ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆଶ୍ରୟ ଦେଇଥାଏ ବୋଲି ଅନ୍ୟ ଏକ ଟୁଇଟ୍‌ରେ ପୁରୀ ଉଲ୍ଲେଖ କରିଥିଲେ। ଭାରତରେ ରୋହିଙ୍ଗ୍ୟା ପ୍ରସଙ୍ଗ ଧ୍ରୁବୀକରଣର ଏକ ଅସ୍ତ୍ର ପାଲଟିଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ଉଭୟ ଭାଜପା ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ସୋସିଆଲ ମିଡିଆରେ ମଧ୍ୟ ୟୁଜର୍ସ କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ ନାନା ସମାଲୋଚନା କରିଛନ୍ତି। ଟୁଇଟ୍ ବିବାଦୀୟ ହେବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୁହାଯାଇଛି, ରୋହିଙ୍ଗ୍ୟାଙ୍କ ଉପରେ କୌଣସି ଘୋଷଣା କରାଯାଇ ନାହିଁ। କୌଣସି ଅବୈଧ ଶରଣାର୍ଥୀଙ୍କୁ ଫ୍ଲାଟ୍ ପ୍ରଦାନ ନେଇ ନିର୍ଦ୍ଦେଶ ଦିଆଯାଇ ନାହିଁ। ଆଇନାନୁସାରେ ଅବୈଧ ଶରଣାର୍ଥୀଙ୍କୁ ପ୍ରତ୍ୟର୍ପଣ ପର୍ଯ୍ୟନ୍ତ ଡେଷ୍ଟିନେଶନ୍ ସେଣ୍ଟରରେ ରଖାଯିବ। ଦିଲ୍ଲୀ ସରକାର ସେମାନଙ୍କ ବର୍ତ୍ତମାନର ଅବସ୍ଥିତିକୁ ହିଁ ଡେଷ୍ଟିନେଶନ ସେଣ୍ଟର ଘୋଷଣା କରନ୍ତୁ। ରୋହିଙ୍ଗ୍ୟାମାନେ ଏବେ ଯେଉଁଠି ଅଛନ୍ତି, ସେଠାରୁ ଯେପରି ଅନ୍ୟତ୍ର ସ୍ଥାନାନ୍ତର ନ ହେବେ ତାହା ଦିଲ୍ଲୀ ସରକାର ସୁନିଶ୍ଚିତ କରିବେ। ପ୍ରକାଶ ଯେ, ଦିଲ୍ଲୀର ଅରବିନ୍ଦ କେଜ୍‌ରିୱାଲ ସରକାର ରୋହିଙ୍ଗ୍ୟାମାନଙ୍କୁ ଅନ୍ୟତ୍ର ଶିଫ୍ଟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରୋହିଙ୍ଗ୍ୟାଙ୍କୁ ପ୍ରତ୍ୟର୍ପଣ ପାଇଁ ମ୍ୟାନ୍‌ମାର ସହ ଆଲୋଚନା କରୁଛି। ସେମାନଙ୍କ ପ୍ରତ୍ୟର୍ପଣ ଶେଷ ହେବା ପର୍ଯ୍ୟନ୍ତ ରୋହିଙ୍ଗ୍ୟାଙ୍କୁ ଯଥାସ୍ଥାନରେ ରହିବାକୁ ଦିଆଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିବୃତିରେ ଉଲ୍ଲେଖ କରାଯାଇଛି। ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ରୋହିଙ୍ଗ୍ୟାମାନଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବାକୁ ଉଦ୍ୟମ କରିଥିଲେ। ଏପରି କି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ରୋହିଙ୍ଗ୍ୟାମାନଙ୍କୁ ବେଆଇନ ଅନୁପ୍ରବେଶକାରୀ କହି ଦେଶରୁ ଘଉଡ଼ାଇବା ପାଇଁ ଅଣ୍ଟା ଭିଡ଼ିଥିଲେ। ବାଂଲାଦେଶ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ରୋହିଙ୍ଗ୍ୟାଙ୍କୁ ଆଶ୍ରୟ ଦେଇଥିବାବେଳେ ଭାରତରେ ୧୭,୦୦୦ ରୋହିଙ୍ଗ୍ୟା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦୦ କେବଳ ଦିଲ୍ଲୀରେ ରହୁଛନ୍ତି। ଚଳିତ ବର୍ଷ ପ୍ରାୟ ୨,୦୦୦ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶକୁ ଫେରାଇ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ପୁରୀଙ୍କ ମନ୍ତବ୍ୟ ପରେ ଅବଶିଷ୍ଟ ରୋହିଙ୍ଗ୍ୟାଙ୍କୁ ତୁରନ୍ତ ପ୍ରତ୍ୟର୍ପଣ ପାଇଁ ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଦାବି କରିଛି। ଅନ୍ୟପକ୍ଷେ ବାରମ୍ବାର ଟାର୍ଗେଟ କିଲିଂର ଶିକାର ହେଉଥିବା କଶ୍ମୀରୀ ପଣ୍ଡିତମାନେ ପୋଲିସ ସୁରକ୍ଷା ଦାବିରେ ଜମ୍ମୁର ବିକ୍ରମ ଛକରେ ବିକ୍ଷୋଭ କରିଛନ୍ତି। ଯଦି ରୋହିଙ୍ଗ୍ୟାମାନଙ୍କୁ ପୋଲିସ ସୁରକ୍ଷା ମିଳିବ ତେବେ ଆମକୁ କାହିଁକି ଦିଆଯିବ ନାହିଁ ବୋଲି ଜଣେ ପଣ୍ଡିତ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ ଟ୍ରାଫିକ୍ ଜାମ୍ ହୋଇ ନାହିଁ ନ ଥିବା ଅସୁବିଧା ଦେଖାଦେଇଥିଲା।

## ବିଜ୍ଞାନ, ବାଣିଜ୍ୟରେ ...

ପ୍ରଥମ ପୃଷ୍ଠାରୁ...

ଥିବାବେଳେ ଏସ୍‌ସି ୩୮,୮୪୭ ଓ ଏସ୍‌ଟିରେ ୩୮,୬୨୩ଜଣ ରହିଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ଅନ୍ୟ ୪ ବର୍ଗରୁ ରହିଛନ୍ତି। ୨,୦୩,୮୪୫ଜଣ ଛାତ୍ରୀ ଓ ୨,୦୦,୫୨୩ଜଣ ଛାତ୍ର ଏବଂ ୩୨ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ତେବେ କଳାରେ ୨,୭୭,୨୧୮ଜଣ ଆବେଦନ କରିଥିବାବେଳେ ୨,୪୯,୭୧୩ ଜଣ ଇଣ୍ଟିମେଶନ ପାଇଛନ୍ତି। ବିଜ୍ଞାନରେ ୧,୬୧,୫୮୦ଜଣ ଆବେଦନ କରିଥିବାବେଳେ ୧,୧୭,୬୫୩ ଜଣ ଇଣ୍ଟିମେସନ ପାଇଛନ୍ତି। ବାଣିଜ୍ୟରେ ୪୫,୩୩୨ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ୨୫,୦୦୫ଜଣ ଇଣ୍ଟିମେଶନ ପାଇଛନ୍ତି। ସେହିଭଳି ସଂସ୍କୃତରେ ୧୩,୨୬୮ ଓ ଧନ୍ଦାମୂଳକରେ ୧୦,୨୩୨ ଜଣଙ୍କୁ ଇଣ୍ଟିମେଶନ ମିଳିଛି। ଆସନ୍ତା ୧୯ ତାରିଖରୁ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୫ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନାମଲେଖାଇ ପାରିବେ। ତେବେ ବନ୍ୟା ସ୍ଥିତିକୁ ଦେଖି ନାମଲେଖା ଅବଧି ବଢ଼ିପାରେ। ଏଥିପାଇଁ ସରକାରଙ୍କ ଅନୁମତି ଲୋଡ଼ାଯାଇଥିବା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୨ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ସେପ୍ଟେମ୍ବର ୫ ରୁ ୭ ତାରିଖ ମଧ୍ୟରେ ନାମଲେଖା ହେବ। ୧୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ।

## ନିଦ ହଜାଇଛି ...

୨ଟି ଘାଇ ହୋଇଥିବାବେଳେ ବୁଧବାର ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ କୁଜଙ୍ଗ ବ୍ଲକରେ ଆଉ ୨ଟି ଘାଇ ସୃଷ୍ଟି ହୋଇଛି। ସେଥିମଧ୍ୟରେ ମହାନଦୀର ରାହାମା ନିକଟ ତେରମାଣପୁର ଘେରିବନ୍ଧରେ ଏବଂ ପାଇକା ନଦୀର କାଠକୋଟ ଗାଁ ନିକଟରେ ଘାଇ ସୃଷ୍ଟି ହୋଇଥିବାବେଳେ ପାଇକା ନଦୀର କାଠକୋଟ ଗାଁ ନିକଟରେ ମଧ୍ୟ ପ୍ରାୟ ୩୦ ଫୁଟର ଘାଇ ହୋଇଛି। ଏଥିଯୋଗୁ ୧୨ଟି ପଞ୍ଚାୟତରେ ବନ୍ୟାପାଣି ପ୍ରବେଶ କରିଛି। ତିର୍ତ୍ତୋଲ ବ୍ଲକର ୯ ଓ କୁଜଙ୍ଗ ବ୍ଲକର ୩ ପଞ୍ଚାୟତ ଜଳମଗ୍ନ ହୋଇଥିବା ସୂଚନା ମିଳିଛି।

### କୁଶଭଦ୍ରାରେ ଘାଇ

ବନ୍ୟା ଯୋଗୁ ପୁରୀ ଜିଲାର ନିମାପଡ଼ା, ଗୋପ, ଡେଲାଙ୍ଗ, ପିପିଲି ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଗୋପ ବେଦପୁର ପଞ୍ଚାୟତ ଖଣ୍ଡିଆକୁଦଠାରେ କୁଶଭଦ୍ରା ନଦୀରେ ୨୫ ଫୁଟର ଘାଇ ହୋଇଛି। ଫଳରେ ସ୍ଥାନୀୟ ଗଣେଶ୍ୱରପୁର, ନାଗପୁର, ବେଦପୁର, ଅଣ୍ଟରା, ରାହାଁଗୋରଡ଼ା, ଡଭାର ନୂଆଖୋଲମରା ପଞ୍ଚାୟତର ଶତାଧିକ ଗାଁ ପ୍ରଭାବିତହୋଇଛି। ଜିଲାପାଳଙ୍କ ସମେତ ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ନିମାପଡ଼ା-ଭୁବନେଶ୍ୱର ରାସ୍ତାରେ ୨ ଫୁଟର ପାଣି

ଧନୁଆ ନଦୀ ବନ୍ୟା ଜଳ ନିମାପଡ଼ା-ଭୁବନେଶ୍ୱର ମୁଖ୍ୟ ରାସ୍ତାର ଗରପଦାଠାରେ ଦୁଇ ଫୁଟ ଉଚ୍ଚରେ ଚାଲୁଛି। ନିମାପଡ଼ା-ବଳଙ୍ଗା ରାସ୍ତାର ଧନୁଆ ଛକ ମୁଖ୍ୟରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଉଭୟ ପଟୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

### ରାଜୁଆ ନଦୀରେ ଘାଇ

ପିପିଲି ଅନ୍ତର୍ଗତ ରାଜୁଆ ନଦୀର ଗଡ଼ସାନପୁଟୁର ପଞ୍ଚାୟତର ଲୋକାପାଳ, ହଳଦିଆପଡ଼ା ଓ ତିରୁମଳ ନଦୀବନ୍ଧରେ ଘାଇ ସୃଷ୍ଟି ହୋଇଛି। ସେହିପରି ଡେଲାଙ୍ଗ ଏବଂ କଣାସ ବ୍ଲକର ଅନେକ ଗାଁ ଜଳବନ୍ଦୀ ହୋଇ ରହିଛି। କଣାସ ବ୍ଲକର ମକରା ଏବଂ ରାଜୁଆ ନଦୀର ଦୁଇଟି ସ୍ଥାନରେ ଘାଇ ହେବା ଫଳରେ ଲୋକମାନେ ଜଳବନ୍ଦୀ ହୋଇ ରହିଛନ୍ତି। ସେପଟେ ପିପିଲିରେ ମାଧିପୁର ଏବଂ କଣ୍ଟି ଯୋର ବନ୍ୟାଜଳ ଯୋଗୁ ଭାରତୀପୁର ପଞ୍ଚାୟତର ଜମିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ବେଳେ ରାସ୍ତା ଉପରେ ୩ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି।

### ୨୪ ଘଣ୍ଟାରେ ମହାନଦୀର ଜଳସ୍ତର ଖସିବ

ବୁଧବାର ବନ୍ୟା ସ୍ଥିତି ସମୀକ୍ଷା କରିବା ପରେ ଏସ୍‌ଆର୍‌ସି ପ୍ରଦୀପ ଜେନା କହିଛନ୍ତି, ୪ଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ଯେଉଁ ସ୍ଥାନରେ ଘାଇ କଥା କୁହାଯାଉଛି, ତାହା ଘାଇ ନୁହେଁ, ବ୍ୟାକ୍ ୱାଟର। ବୁଧବାର ସ୍ଥିତିକୁ ଦୃଷ୍ଟିରେ ରଖି କଟକରେ ୫୫୦ ସ୍କୁଲ ପିଲାଙ୍କ ସମେତ ୭୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ଆଠଗଡ଼ରେ ଛେଳି ଚରାଇବାକୁ ଯାଇ ନଦୀ ମଝିରେ ଫସିଯାଇଥିବା ବାପ-ପୁଅଙ୍କୁ ଉଦ୍ଧାର କରାଯାଇଛି। ୨୦୧୧ ପରେ ଛଡ଼ାଯାଇଥିବା ବନ୍ୟା ପାଣିଠାରୁ ଚଳିତ ବର୍ଷ ଅଧିକ ପାଣି ନଦୀଗୁଡିକରେ ଛଡ଼ାଯାଇଛି। ୨୦୧୧ ପରେ ମହାନଦୀରେ ସର୍ବାଧିକ ୯ ଲକ୍ଷ କ୍ୟୁସେକ୍ ପାଣି ଛଡ଼ା ଯାଇଥିବାବେଳେ ଚଳିତବର୍ଷ ୧୨ ଲକ୍ଷ କ୍ୟୁସେକ୍ ପାଣି ଛଡ଼ାଯାଇଛି। ପାଣି ଅଧିକ ଛଡ଼ା ଯାଉଥିବାରୁ ଘଳିଆ ଉପରେ ସତର୍କ ନଜର ରଖି ଆବଶ୍ୟକ ମରାମତି କରିବାକୁ ଜଳସମ୍ପଦ ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ। ମୁଣ୍ଡଳିରେ ବୁଧବାର ସକାଳ ପର୍ଯ୍ୟନ୍ତ ୧୨ ଲକ୍ଷ କ୍ୟୁସେକରୁ ଅଧିକ ପାଣି ଛଡ଼ା ଯାଇଥିଲା। ଗୁରୁବାର ସକାଳ ସୁଦ୍ଧା ଏହି ପାଣି ଖଲାସ ହୋଇଯିବା ସମ୍ଭାବନା ରହିଛି। ଏହି ପାଣି ଯିବା ପାଇଁ ୯ ଘଣ୍ଟା ସ୍ଥାନରେ ୧୨ ଘଣ୍ଟା ସମୟ ନେଉଛି। ପୂର୍ବାହ୍ନ ୧୦ଟା ପରେ ମୁଣ୍ଡଳିଠାରେ ବନ୍ୟା ପାଣି ସ୍ତର ୧୭ ହଜାର କ୍ୟୁସେକ୍ କମିଛି। ଏହା ୨୫ ହଜାର କ୍ୟୁସେକ୍‌କୁ ଖସିଯିବ। ଏବେ ହୀରାକୁଦରୁ ୬ ଲକ୍ଷ ୭୯ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ତେଲ ନଦୀର ପାଣି ୨ ଲକ୍ଷ କ୍ୟୁସେକ୍ ତଳକୁ ଖସି ଆସିବ ବୋଲି ଆଶା ଥିଲା। ହେଲେ ଏହା ହେଲା ନାହିଁ। ଏହା ବର୍ତ୍ତମାନ ୧.୮୫ କ୍ୟୁସେକକୁ ଖସି ଆସିଛି। ତେବେ ଖଇରାମାଳ ଦେଇ ବନ୍ୟାର ମୁଖ୍ୟ ସ୍ରୋତ ପାଣି ବହି ଯାଇଛି। ଆଗକୁ ମହାନଦୀର ପାଣି କମିବ। ୨୪ ଘଣ୍ଟା ପରେ କଟକ ମୁଣ୍ଡଳିଠାରେ ମଧ୍ୟ ପାଣି ଖସିବ ବୋଲି ଏସ୍‌ଆରସି କହିଛନ୍ତି।

### ହୀରାକୁଦ ଡ୍ୟାମ୍: ଜଳସ୍ତର ୬୨୫.୯୫ ଫୁଟ୍

ସମ୍ବଲପୁର,୧୭।୮(ବ୍ୟୁରୋ)- ହୀରାକୁଦ ଜଳଭଣ୍ଡାର ଜଳସ୍ତର ବୁଧବାର ରାତ୍ର ୯ଟା ସୁଦ୍ଧା ୬୨୫.୯୫ ଫୁଟ୍ ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ଲକ୍ଷ ୩୬ ହଜାର ୭୬୧ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୪୦ ସ୍ଲୁଇସ୍ ଗେଟ୍, ପାୱାର ଚାନେଲ, ଚାଷ, ଶିଳ୍ପ ଆଦି କ୍ଷେତ୍ରକୁ ୬ଲକ୍ଷ ୭୬ହଜାର ୫୨୮ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ତଳମୁଣ୍ଡ ବେଲଗାଁରେ ୩୯ ହଜାର ୪ଶହ କ୍ୟୁସେକ, ପର୍ଥଲାରେ ୧ଲକ୍ଷ ୩୦ହଜାର ୩୯୭, ଖଇରମାଳରେ ୯ଲକ୍ଷ ୩୦ ହଜାର, ବରମୁଳାରେ ୯ଲକ୍ଷ ୨୭ହଜାର, ମୁଣ୍ଡୁଳୀରେ ୧୦ଲକ୍ଷ ୪୧ହଜାର ୯୧୧ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ପୁରୀ ଜିଲାରେ ୨ଦିନ ସ୍କୁଲ ଛୁଟି

ପୁରୀ ଅଫିସ,୧୭।୮: ବନ୍ୟାସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲାରେ ୨ଦିନ ପାଇଁ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ୧୭ ଓ ୧୮ ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ବିଜ୍ଞପ୍ତି ସମ୍ପର୍କରେ ସୂଚନା ପାଇବାରେ ବିଳମ୍ବ ଯୋଗୁ ବୁଧବାର କେତେକ ବିଦ୍ୟାଳୟ ଖୋଲା ରହିଥିଲା। ଜିଲା ଶିକ୍ଷାଧିକାରୀ ଛୁଟି ସମ୍ପର୍କରେ ଜଣାଇବା ପରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଜିଲା ପ୍ରଶାସନର ଏଭଳି ବ୍ୟବସ୍ଥାକୁ ଅଭିଭାବକ ଓ ଶିକ୍ଷାବିତ୍ ନାପସନ୍ଦ କରିଛନ୍ତି। ଆଗୁଆ କାହିଁକି ଛୁଟି ସମ୍ପର୍କରେ ସୂଚନା ଦିଆଗଲା ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ସମ୍ପର୍କରେ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ବିଡିଓ, ତହସିଲଦାର, ଜିଲା ପରିଷଦ ସଭାପତି ଏବଂ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

## ଜଳବନ୍ଦୀଙ୍କୁ ସାପ ...

ଗାଁ, ଗହୀର ବା ସହର ତଳି ଅଞ୍ଚଳରେ ପାଣି ପଶିବା ଦ୍ୱାରା ସାପମାନେ ଜୀବନ ବଞ୍ଚାଇବା ପାଇଁ ଜନବସତି ଆଡ଼କୁ ଉଠି ଆସନ୍ତି। ଫଳରେ ସେଠାରେ ସାପମାନଙ୍କର ପ୍ରାଦୁର୍ଭାବ ମଧ୍ୟ ବଢ଼ି ଯାଇଥାଏ। ଏପଟେ ରାସ୍ତାରେ ବନ୍ୟା ପାଣି ଚାଲିବା, ଘାଇ ବା ଅନ୍ୟ କୌଣସି କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। କାହାକୁ ସାପ କାମୁଡ଼ିଲେ, ତୁରନ୍ତ ହସ୍ପିଟାଲ ନେବା ସମ୍ଭବ ହୋଇ ନ ଥାଏ। ଫଳରେ ରୋଗୀର ମୃତ୍ୟୁ ହେବା ଆଶଙ୍କା ଅଧିକ ରୁହେ। ଅନ୍ୟ ଏକ ଗୁରୁତର ସମସ୍ୟା ହେଲା, ସାପ କାମୁଡାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ କ୍ଷତିପୂରଣ ଦିଆଯାଇଥାଏ। ମାତ୍ର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ତରଫରୁ ୨୦୧୫ ଜୁନ ୧ରେ ଜାରି ନିର୍ଦ୍ଦେଶନାମା ଅନୁସାରେ, ମାତ୍ର ବନ୍ୟାପ୍ଲାବିତ ଅଞ୍ଚଳ ବା ବନ୍ୟାବେଳେ ସାପ କାମୁଡାରେ ମୃତ୍ୟୁ ଘଟିଲେ ଏହି ସହାୟତା ମିଳି ନ ଥାଏ। ସେହିପରି ଅନୁକମ୍ପାମୂଳକ କ୍ଷତିପୂରଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟ ବାଧ୍ୟତାମୂଳକ। କିନ୍ତୁ ବନ୍ୟାପ୍ଲାବିତ ଅଞ୍ଚଳରେ ସାପ କାମୁଡାରେ ମୃତ୍ୟୁ ହେଲେ ପରିବାର ଲୋକେ ଡାକ୍ତରଖାନା ନେଇ ବ୍ୟବଚ୍ଛେଦ କରାଇବା ସମ୍ଭବପର ହୋଇ ନ ଥାଏ। ଏନେଇ ସ୍ନେକ ହେଲ୍ପ ଲାଇନ୍ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ସରକାର ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବା ପାଇଁ ଆଉଟିକେ ଅନୁକମ୍ପା ଦେଖାଇବା ଉଚିତ। କାରଣ ବନ୍ୟା ପାଇଁ ବା ସାପ କାମୁଡା ପାଇଁ ମୃତ ବ୍ୟକ୍ତିଜଣକ ଦାୟୀ ନୁହନ୍ତି। ତାହା ପ୍ରାକୃତିକ ଥିଲା। ତେଣୁ ସରକାର ରିଲିଫ କୋଡ୍‌ରେ ଆବଶ୍ୟକ ସଂଶୋଧନ କରି ବନ୍ୟା ସମୟରେ ଘଟୁଥିବା ସର୍ପାଘାତ ମୃତ୍ୟୁ କ୍ଷେତ୍ରରେ ସମାନ ଅନୁକମ୍ପା ରାଶି ଦେବା ପାଇଁ କେନ୍ଦ୍ରକୁ ଲେଖିବା ଉଚିତ। ସତର୍କତା ଉପରେ ଗୁରୁତ୍ୱ ଦେଇ ଶୁଭେନ୍ଦୁ କୁହନ୍ତି, ବନ୍ୟାପ୍ଲାବିତ ଜଳବନ୍ଦୀ ଅଞ୍ଚଳରେ ଘରକୁ ସାପ ନ ପଶିବା ପାଇଁ ଉପାୟ କିଛି ନାହିଁ। ଫିନାଇଲ, ବ୍ଲିଚିଂ ପାଉଡର ବା ଏସିଡ୍ ଆଦି କେମିକାଲ ପାଣିରେ କିଛି କାମ କରେନାହିଁ। ତେବେ ଘରକୁ ସୁରକ୍ଷା ଦେବା ପାଇଁ ନିହାତି ଆବଶ୍ୟକ ହେଲେ, ମାଛ ଜାଲ ବ୍ୟବହାର କରାଯାଇପାରିବ। ଜାଲ ଘେରେଇଦେଲେ ସାପମାନେ ଯିବାବେଳେ ଜାଲରେ ଛନ୍ଦି ହୋଇ ଆଉ ଘରକୁ ଯାଇ ପାରିବେ ନାହିଁ। ସେହିପରି ବାଡି ବଗିଚା ସଫା ରଖନ୍ତୁ। ସାପ ଯଦି ବା ପାଣିରୁ ଉଠି ଆସିବେ, ଲୁଚିବା ପାଇଁ ଜାଗା ନ ପାଇଲେ ପୁଣି ଫେରିଯିବେ। ସହରାଞ୍ଚଳରେ ମଧ୍ୟ ଜାଲ ବ୍ୟବହାର କଲେ ସୁଫଳ ମିଳିବ। ଜାଲରେ ଯଦି ସାପଟିଏ ଫସିଯାଏ, ତେବେ ପ୍ରଶିକ୍ଷିତ ସାପ ଉଦ୍ଧାରକାରୀଙ୍କ ସାହାଯ୍ୟ ନିଅନ୍ତୁ। ଏ ନେଇ ଭୁବନେଶ୍ୱର ଏମ୍ସ ଫୋରେନସିକ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରାଧ୍ୟାପକ ଡା. ସୁଦୀପ୍ତ ରଞ୍ଜନ ସିଂହ କହିଛନ୍ତି, ବନ୍ୟା ସମୟରେ ଯଥାସମ୍ଭବ ସାପଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ପାଣିରେ ନିହାତି ଯିବାକୁ ହେଲେ, ବାଡ଼ି ଧରି ଯାଆନ୍ତୁ। ଦଳ କିମ୍ବା ଆବର୍ଜନାକୁ ହାତରେ ନ କାଢ଼ି ବାଡ଼ିରେ କାଢନ୍ତୁ। ବିଷଧର ସାପ କାମୁଡି ଦେଲେ, ଘାଇ ବା ପାଣି ଭିତରେ ପହଁରି ଅତିକ୍ରମ କରନ୍ତୁ ନାହିଁ। ପହଁରିଲେ ଦେହରେ ରକ୍ତ ସଞ୍ଚାଳନ ବଢ଼ିଥାଏ, ବିଷ ମଧ୍ୟ ଶୀଘ୍ର ସଞ୍ଚରିଯାଏ। ଆକ୍ରାନ୍ତ ଲୋକଙ୍କୁ ଭେଳା ବା ଡଙ୍ଗା ଜରିଆରେ ପାଣି ପାର କରାନ୍ତୁ। ନିକଟରେ ଥିବା ଓଡ୍ରାଫ ବା ଅଗ୍ନିଶମ ବାହିନୀ ଯବାନଙ୍କ ସହାୟତା ନେଇପାରିବେ ବୋଲି ଡା. ସିଂହ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିଲେ ମଧ୍ୟ କିଛି କରିପାରିବେ ନାହିଁ। ଦ୍ୱିଜା ନକ୍ଷତ୍ର ପ୍ରତୀକ୍ଷିତ ସ୍ଥାନରୁ ଶୁଭ ଖବର ପାଇ ଉଲ୍ଲସିତ ହେବେ।

**ବୃଷ** - ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ଏହି ସମୟରେ ସରକାରୀ ସ୍ତରରେ ହାରିଗୁହାରି କେହି ବୁଝିବେ ନାହିଁ। କାମର ବାହାନା ଦେଖାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରୋହିଣୀ ନକ୍ଷତ୍ର ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ** - ଆଜି ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାମାନ୍ୟ ବିଳମ୍ବରେ ଅଭିଳଷିତ ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ। ଆରଦ୍ରା ନକ୍ଷତ୍ର ମାଲିମକଦ୍ଦମା କ୍ଷେତ୍ରରେ ବାଇଦା ପଡ଼ିପାରେ।

**କର୍କଟ** - ଅଧିକାଂଶ ସମୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତ ରହିବେ। ପୁନର୍ବସୁ ନକ୍ଷତ୍ରର କୋର୍ଟକଚେରି ମାମଲାର ଆଶୁ ଶୁଣାଣି ହୋଇଯିବ।

**ସିଂହ** - ଗୃହରେ ଉନ୍ନତ ଚିନ୍ତା ମାନସିକ ସ୍ଥିରତା ପ୍ରଦାନରେ ସହାୟକ ହେବ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ।

**କନ୍ୟା** - ଅନ୍ୟମାନଙ୍କ ଦୃଷ୍ଟିକୋଣର ଭିନ୍ନତା ଓ ଅସଙ୍ଗତ ବିଚାରଧାରା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। କଠିନ ପରିଶ୍ରମ ଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁମିଳନ ଆମୋଦପ୍ରମୋଦର ସୁଅ ଛୁଟିବ।

**ତୁଳା** - କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହେବେ। ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଚାକିରି କ୍ଷେତ୍ରରେ ପଦୋନ୍ନତି ଘଟିବାର ସମ୍ଭାବନା ରହିଛି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** - ମନ ବୁଝିଲାଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସେବାର ସୁଯୋଗ ଲାଭ କରିବେ ଓ କେତେକାଂଶରେ ଆତ୍ମତୃପ୍ତି ଲାଭ କରିବେ। ଅନ୍ୟମାନଙ୍କ ସାହାଯ୍ୟ ଲାଭ କରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନୁରାଧା ନକ୍ଷତ୍ର ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସାମ୍ନା କରିବାକୁ ପଡ଼ିବ।

**ଧନୁ** - କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ସତ୍‌ସଙ୍ଗ ପ୍ରତି ମନ ବଳିବ ଓ ସାଧନା କ୍ଷେତ୍ରରେ ଅଗ୍ରଗତି କରିବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମୂଳା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** - ଦିନର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ଯାହାକି କାମ ପାଇଁ ମନୋବଳ ସୃଷ୍ଟି ହେବ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଧନିଷ୍ଠା ନକ୍ଷତ୍ରର ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ** - ପରୋପକାର ମନୋବୃତ୍ତି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଜନିତ ଅନ୍ୟମନସ୍କହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ପରିବାରର ଆର୍ଥିକ ଦୁରବସ୍ଥା ଯୋଗୁ ବିଚଳିତ ବୋଧ କରିପାରନ୍ତି। ବ୍ୟବସାୟିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**ମୀନ** - ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ମଧ୍ୟ ଭଲ ରହିବ ନାହିଁ। ଅସଫଳ କାମଗୁଡ଼ିକର ସମୀକ୍ଷା କରିବେ ଓ ଅସଂଗତି ଦୂର କରିବାର ପ୍ରଯତ୍ନ କରିବେ। ବିଭିନ୍ନ ବିଷୟକୁ ସ୍ମରଣ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ କରିପାରନ୍ତି। ରେବତୀ ନକ୍ଷତ୍ର ସାହିତ୍ୟ କ୍ଷେତ୍ରରେ ଆଦୃତ ହେବେ।

## ଆଜି ରାତିରୁ ...

ବଲାଙ୍ଗୀର, ସୋନପୁର ଓ ବୌଦ୍ଧ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୨୦ ତାରିଖରେ ନୂଆପଡ଼ା, ବଲାଙ୍ଗୀର,ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ସୋନପୁର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ୪୫ରୁ ୫୫ କି.ମି. ଓ ବେଳେବେଳେ ୬୫ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୯ ଓ ୨୦ ତାରିଖରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।


# classifieds Everyday
0674-2580101, 2549302




**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




Newly open full body massage 1099 free massage one. Mo: 9583808247. D-1164

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

Fullbody relax massage refresh your body with trend therapist. 7008773793. D-73635

**AFFIDAVIT**

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, କଣାସଙ୍କ ପାଖରେ ଶପଥ କରୁଅଛି କି ମୁଁ ମିନତୀ ଦେବୀ, ସ୍ୱା.- କେଦାର ବଳିଆରସିଂହ, ଗ୍ରା.- ବୀରତୋଇ, ପୋ.- ଗଡ଼ଖାରଦ, ଥା.- ଗଡ଼ିଶାଗୋଦା, ଜି.- ପୁରୀ ମୋ ଆଗ ନାମକୁ ବଦଳେଇ ମିନି ବଳିଆରସିଂହ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୧୨୭୮

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଳାପଥର ଉତ୍ତୋଳନକାରୀଙ୍କୁ ସୁରକ୍ଷା

## ସାଟେଲାଇଟ୍ ମାପଚୁପରୁ ବାଦ୍ ପଡ଼ିଛି ରାହାଡ଼ପୁର, ବରଡ଼ା, ଲୁଣିବର

ଯାଜପୁର ଅଫିସ,୧୭।୮

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଅନୁମତି ପରିମାଣଠାରୁ ଅଧିକ ଉତ୍ତୋଳନରେ ସମ୍ପୃକ୍ତ କଳାପଥର ଖାଦାନ ପଟ୍ଟାଦାରଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ୨୦୧୫-୧୬ରୁ ଗତ ମାର୍ଚ୍ଚ ସୁଦ୍ଧା ଜରିମାନା ଆଦାୟ, ଗାଡ଼ି ଜବତ ଆଦି କାର୍ଯ୍ୟାନୁଷ୍ଠାନ ଶୂନ ରହିଥିଲା। ୨୯।୩।୨୦୨୨ରେ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଥିଲା। ତେବେ ଶୁକ୍ରବାର ୪ ଜଣ କଳାପଥର ଖାଦାନ ପଟ୍ଟାଦାରଙ୍କୁ ୧୦୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ ହେବା ପରେ ଏଭଳି କାରବାରରେ ସମ୍ପୃକ୍ତ ଅନ୍ୟ ପଟ୍ଟାଦାରଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସାଟେଲାଇଟ୍ ମାଧ୍ୟମରେ ମାପଚୁପ କରାଯାଇ ଅନୁମତିଠାରୁ ଅଧିକ ଉତ୍ତୋଳନ କରିଥିବା ପଟ୍ଟାଦାରଙ୍କଠାରୁ ଜରିମାନା ଆଦାୟ କରାଗଲେ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ପାଇପାରିବେ ବୋଲି ମତପ୍ରକାଶ ପାଇଛି।

ଧର୍ମଶାଳା ତହସିଲ ଅଞ୍ଚଳର ସମସ୍ତ ଲିଜ୍‌ପ୍ରାପ୍ତ ଓ ବେଆଇନ କଳାପଥର ଖାଦାନଗୁଡ଼ିକରେ ନିୟମିତ ଭାବେ ଆପତ୍ତିଜନକ କାର୍ଯ୍ୟକଳାପ ଚାଲି ଆସୁଛି। ଏହା ପୋଲିସ ଓ ପ୍ରଶାସନ ଅଧିକାରୀମାନଙ୍କ ଜ୍ଞାତସାରରେ ଥାଇ ବି ସେମାନେ ଚାପ ଓ ଲୋଭରେ ପଡ଼ି ତାହାକୁ ଅଣଦେଖା କରି ଆସିଛନ୍ତି। ଏନେଇ କେବେ ବି ତର୍ଜମା ହେଉ ନାହିଁ। ବେଆଇନ ଖାଦାନ ତ ଦୂରର କଥା ଲିଜ୍‌ପ୍ରାପ୍ତ ଖାଦାନରେ ମଞ୍ଜୁରଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ



ହେଉଛି। ଏନେଇ ହାଇକୋର୍ଟ, ସୁପ୍ରିମକୋର୍ଟ, ଲୋକାୟୁକ୍ତ ଓ ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ରେ ଏକାଧିକ ମାମଲା ବିଚାରାଧୀନ ରହିଛି। ବିଛାଖଣ୍ଡି, ଡଙ୍କାରୀ ଓ ଆରୁହା ପାହାଡ଼ ଉପରେ କେବଳ ଏହି ମାମଲାଗୁଡ଼ିକ ସୀମିତ ରହିଛି। ଏହାବାଦ୍ କୋର୍ଟରେ ପ୍ରଶାସନିକସ୍ତରରେ ଦୃଢ଼ ଜବାବ ରଖିବାରେ ଅବହେଳା ଯୋଗୁ ଜରିମାନା ଆଦାୟ ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ରାହାଡ଼ପୁର, ବରଡ଼ା ଓ ଲୁଣିବର ପାହାଡ଼ରେ ଥିବା ଖାଦାନଗୁଡ଼ିକରୁ ବେଆଇନ ଏବଂ ମଞ୍ଜୁରଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ଅଭିଯୋଗକୁ ପ୍ରଶାସନିକସ୍ତରରେ ଅଣଦେଖା କରାଯାଉଛି।

ମିଳିଥିବା ସୂଚନା ଅନୁସାରେ ରାହାଡ଼ପୁର ପାହାଡ଼ର ୨୦ ଏକର ବିଶିଷ୍ଟ ଖାଦାନରୁ ଉତ୍ତୋଳନ ପାଇଁ ୨୦୧୭-୧୮ରୁ ୫ ବର୍ଷିଆ ଲିଜ୍ ଦିଆଯାଇଛି। ଏହି ସମୟରେ ୨,୫୦,୦୦୦ ଘନମିଟର କଳାପଥର ଉତ୍ତୋଳନ ପାଇଁ ଅନୁମତି ମିଳିଛି। ଅର୍ଥାତ ବର୍ଷକୁ ୫୦,୦୦୦ ଘନମିଟର। କିନ୍ତୁ ଏଠାରେ ମାସକୁ ପ୍ରାୟ ୨ ଲକ୍ଷ ଘନମିଟର କଳାପଥର ଉତ୍ତୋଳନ ହେଉଥିବା ଅଭିଯୋଗ ଉଠିଛି। ଏହି ଖାଦାନରୁ ଉତ୍ତୋଳିତ କଳାପଥର ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବିନିଯୋଗ ହେଉଛି। ୭୦ କି.ମି. ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ କେତେ ପରିମାଣ କଳାପଥର ବିନିଯୋଗ ହୋଇଥିଲା ତାହା ସ୍ପଷ୍ଟ ଅନୁମେୟ। ସେହିପରି ବରଡା କଳାପଥର ଖାଦାନରୁ ବାର୍ଷିକ ୩୦ ହଜାର ଘନମିଟର କଳାପଥର ଉତ୍ତୋଳନ କରିବାକୁ ଚୁକ୍ତି ହୋଇଥିବାବେଳେ ମାସକୁ ପ୍ରାୟ ୧ ଲକ୍ଷ ଘନମିଟର ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି। ଏଥିରେ ଡଙ୍କାରୀ ପାଦଦେଶରେ ଥିବା ପ୍ରାୟ ୩୦ଟି ମେଗା ଓ ଛୋଟବଡ କ୍ରଶରଗୁଡ଼ିକୁ ପଥର ଯୋଗାଣ ହେଉଛି। ଲୁଣିବର କଳାପଥର ଖାଦାନରୁ ବାର୍ଷିକ ୫୦ ହଜାର ଘନମିଟର ଅନୁମତି ଥିବାବେଳେ ଏଠାରୁ ମାସକୁ ୫୦ ହଜାର ଘନମିଟର ଉତ୍ତୋଳନ ହୋଇଥିବା କୁହାଯାଉଛି। ଲୁଣିବର ପାହାଡର ଅନ୍ୟ ଏକ ଖାଦାନରୁ ବାର୍ଷିକ ୫୦ ହଜାର ଅନୁମତି ଥିବାବେଳେ ମାସକୁ ପ୍ରାୟ ୩୦ ହଜାର ଘନମିଟର କଳାପଥର ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ଏଭଳି ଅନେକ ଲିଜପ୍ରାପ୍ତ ଖାଦାନଗୁଡ଼ିକରୁ ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ହେଉଥିଲେ ମଧ୍ୟ ସେଗୁଡ଼ିକ ପ୍ରତି ପ୍ରଶାସନର ଅଯାଚିତ ଅନୁକମ୍ପା ରହିଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ମହାନଦୀ, ଲୁଣା, ପାଇକା ବିପଦ ସଙ୍କେତ ଉପରେ

- ବଟିରାରେ ନଦୀ ବନ୍ଧରେ ଅତଡ଼ା ଖସୁଛି
- ବରିଷ୍ଠ ଅଧିକାରୀଙ୍କ ୨୪ ଘଣ୍ଟିଆ ପାଟ୍ରୋଲିଂ

ମହାକାଳପଡ଼ା,୧୭।୮(ଡି.ଏନ.ଏ.)



ଲୁଣାନଦୀ ବନ୍ୟା ଜଳରୁ ଜଣେ ବୃଦ୍ଧା କାଠ ସଂଗ୍ରହ କରୁଛନ୍ତି।

କେନ୍ଦ୍ରାପଡା ଜିଲା ଦେଇ ପ୍ରବାହିତ ମହାନଦୀ, ପାଇକା ଓ ଲୁଣା ନଦୀରେ ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ହୀରାକୁଦ ଜଳଭଣ୍ଡାରରୁ ୪୦ ସ୍ଲୁଇସ ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବାରୁ ମହାନଦୀ ବହୁ ପରିବାରେ ଜଳବନ୍ଦୀ ଅବସରରେ ଦିନ କାଟୁଛନ୍ତି। ପାଇକା ନଦୀପାର୍ଶ୍ୱ ବଟିରା ଗାଁ ନିକଟ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ମୁଖ୍ୟବନ୍ଧ ମାଟି ଅତଡା ଖସି ଘାଇ ହେବା ଆଶଙ୍କା ଦେଖା ଦେଇଛି। ଏହି ସାମ୍ଭାବ୍ୟ ଘାଇକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି। ବୁଧବର ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ତଥା କେନ୍ଦ୍ରାପଡା ଜିଲା ଦାୟିତ୍ୱରେ ଥିବା ବନ୍ୟା ନିୟନ୍ତ୍ରଣ ନୋଡାଲ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ରଥ ଙ୍କୁ ପଚାରିବାରୁ ବଟିରା ନିକଟ ପାଇକା ନଦୀ ବନ୍ଧ ସୁରକ୍ଷିତ ଥିବା କହିଛନ୍ତି। ପାଇକା ନଦୀ ବନ୍ଧର ତିଖିରୀ ପଞ୍ଚାୟତ ଧନିଆ ପଡ଼ା (ନୂଆଗାଁ) ଠାରେ ଘାଳିଆ ପଡ଼ିଛି। ବନ୍ଧର ସୁରକ୍ଷା ପାଇଁ ବଲ୍ଲା, ପଲିଥିନ ଓ ବାଲି ବସ୍ତା ବିଛା ଯାଇ ମରାମତି ଚାଲିଛି। ସେହିପରି ତେର ଗାଁ ଫେରି ଘାଟ ସଂଲଗ୍ନ ଲୁଣା ନଦୀ ବନ୍ଧ ଉପରେ କଡ଼ା ନଜର ରଖିଛନ୍ତି ବିଭାଗୀୟ ଅଧିକାରୀ। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାପାଳ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମୁଦ୍ର ଖାଲି ଥିବାରୁ ମୁହାଣ ମୁହଁ ଦେଇ ପ୍ରଚୁର ବନ୍ୟା ଜଳ ସମୁଦ୍ରକୁ ନିଷ୍କାସିତ ହେଉଥିବା ବହାକୁଦ ନିକଟ ମହାନଦୀରେ ଦେଖିବାକୁ ମିଳିଛି।

ଅଭିଯୁକ୍ତ ମାଡ଼ରେ ପୋଲିସ ଘାଇଲା ମାମଲା

# ରଞ୍ଜିତଙ୍କୁ ଦେଢ଼ବର୍ଷ ଜେଲ ଦଣ୍ଡ

ଜଗତ୍‌ସିଂହପୁର ଅଫିସ, ୧୭।୮

ତିର୍ତ୍ତୋଲ ଥାନା ରାହାମା ତେରମାଣପୁର (ବାଲିସାହି) ଗ୍ରାମରେ ଚୋରି କରିଥିବା ଅଭିଯୁକ୍ତଙ୍କ ମାଡରେ ୧୭।୨୦୨୧ରେ ପୋଲିସ ଘାଇଲା ହୋଇଥିଲା। ଜଣେ ପୋଲିସ ହାବିଲଦାରଙ୍କ ଲାଠି ଛଡାଇ ଅଭିଯୁକ୍ତ ରମେଶ ବରାଳ ଓରଫ ରଞ୍ଜିତ(୩୫) ଗୋଡାଇ ନିର୍ଘାତ ପିଟୁଥିବା ଭଳି ଭିଡିଓ ଭାଇରାଲ ହୋଇଥିଲା। ଜଣେ ମହିଳା ଏସ୍ଆଇ ମଧ୍ୟ ଜୀବନ ବିକଳରେ ଧାଇଁ ଅନ୍ୟତ୍ର ପଳାଇ ଯାଇଥିଲେ। ଶତାଧିକ ଲୋକଙ୍କ ଉପସ୍ଥିତିରେ ଅଭିଯୁକ୍ତ ଖଣ୍ଡା ଓ ଲାଠି ଧରି ଯେଉଁଭଳି କାଣ୍ଡ ଭିଆଇ ଚାଲିଥିଲେ ତାହା ବିସ୍ମୟ ସୃଷ୍ଟି କରିଥିଲା। ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ଥିଲେ ସୁଦ୍ଧା ପୋଲିସ ନୀରବ ରହିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି ତେରମାଣପୁର ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର ଅଭିଯୁକ୍ତ ରଞ୍ଜିତଙ୍କୁ ଦେଢ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ସାଇଲୋ ପଞ୍ଚାୟତ କାର୍ଯ୍ୟାଳୟରୁ କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ ଚୋରି ଯିବା ସହ ତୋଟା ସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ରରୁ ମୋଟର ଓ ଗ୍ରାମ ଦେବତୀଙ୍କ ହୁଣ୍ଡି, ଘଣ୍ଟ ଓ ଘଣ୍ଟା ଆଦି ସେ ସମୟରେ ଚୋରି ଯିବାକୁ ନେଇ ପୋଲିସ ଉପରେ ଅଙ୍ଗୁଳି ଉଠିଥିଲା। ରଞ୍ଜିତ ଏଭଳି କରିଥିବା ସନ୍ଦେହ କରି ତେରମାଣପୁର ଗ୍ରାମବାସୀ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଏପିପି କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ କହିଛନ୍ତି, ମାଡ ଖାଇଥିବା ହାବିଲଦାର ସ୍ମୃତିରଞ୍ଜନ ମହାପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୬୦/୨୧ରେ ମାମଲା ରୁଜୁ ହୋଇଥିଲା। ଏଥିରେ ଉଲ୍ଲେଖ ଥିଲା ସନ୍ଧାନୀ କୁକୁର ସାହାଯ୍ୟରେ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ମହିଳା ଏସ୍ଆଇ ଧରିତ୍ରୀ ଜେନାଙ୍କ ନେତୃତ୍ୱରେ ଅପରେଶନ୍ ଆରମ୍ଭ ହୋଇଥିଲା। ସନ୍ଧାନୀ କୁକୁର ରଞ୍ଜିତଙ୍କ ଘର ଆଗରେ ଶୋଇ ରହିଥିଲା। ରଞ୍ଜିତ କବାଟ ଖୋଲି ହଠାତ୍ ହାବିଲଦାରଙ୍କୁ ଆକ୍ରମଣ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ୩ ଶେଷବର୍ଷ ପରୀକ୍ଷା ଫଳ ପ୍ରକାଶ

**କଳା ପାସ ହାର ୮୬%, ବିଜ୍ଞାନ ୯୧%, ବାଣିଜ୍ୟ ୮୨%**

ଭୁବନେଶ୍ୱର, ୧୭।୮(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଲେଜଗୁଡ଼ିକର ଯୁକ୍ତ୩ ଶେଷବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। କଳାରେ ସାମଗ୍ରିକ ପାସ୍‌ହାର ୮୬% ରହିଥିବାବେଳେ ବିଜ୍ଞାନ ୯୧% ଓ ବାଣିଜ୍ୟରେ ୮୨% ରହିଛି। ଶେଷ ବା ଷଷ୍ଠ ସେମିଷ୍ଟରରେ କଳାରେ ୯୫.୯୯%, ବିଜ୍ଞାନ ୯୮% ଏବଂ ବାଣିଜ୍ୟରେ ୯୪.୩୭% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ବିଜ୍ଞାନରେ ଷ୍ଟିୱାର୍ଟ ସାଇନ୍ସ କଲେଜର ଶୁଭଜ୍ୟୋତି (ରସାୟନ ବିଜ୍ଞାନ ସମ୍ମାନ) ଏବଂ ଶୁଭସ୍ମିତା ହାତୀ (ଭୂବିଜ୍ଞାନ)ରେ ୯.୭୩ ସିଜିପିଏ ସହ ଯୁଗ୍ମ ଟପ୍ପର ହୋଇଛନ୍ତି।

କଳାରେ ଭୂଗୋଳ ସମ୍ମାନରେ ପୁରୀ ଜିଲା କଣାସ ବ୍ଲକର ଦୟାବିହାର ଡିଗ୍ରୀ କଲେଜର ଛାତ୍ରୀ ପ୍ରଗତି ଶ୍ରୀଚନ୍ଦନ ୯.୫୪ ସିଜିପିଏ ସହ ଟପ୍ପର ହୋଇଥିବାବେଳେ ବାଣିଜ୍ୟରେ ଚୌଦ୍ୱାର ଡିଗ୍ରୀ କଲେଜର ପୂଜାରିଣୀ ବେଜ ୯.୩୯ ସିଜିପିଏ ରଖି ଟପ୍ପର ହୋଇଛନ୍ତି। କଳାରେ ମୋଟ ୨୬,୮୮୨ ପରୀକ୍ଷା ଦେଇଥିବାବେଳେ ୨୨,୩୪୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ମୋଟ ୧୪,୫୬୯ଜଣ ପରୀକ୍ଷା ଦେଇଥିବାବେଳେ ୧୨,୯୭୦ଜଣ ପାସ୍ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୪,୨୦୯ଜଣ ପରୀକ୍ଷା ଦେଇଥିବାବେଳେ ୩,୨୨୪ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।


## ODISHA PUBLIC SERVICE COMMISSION CUTTACK

### NOTICE

**No7560/P.S.C., Dt.17.8.22**
**PF-1E-11-2021/22 (DR-III)**

**No.D-137:** It is for information of all concerned that, 131 (One hundred Thirty-one) candidates bearing following PPSAN Nos. have been called for the physical verification of original certificates/ documents to determine their eligibility and suitability for recruitment to the post of Post Graduate Teacher in COMMERCE for 17 nos. of stand-alone Government Higher Secondary Schools, pursuant to Advt. No.24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| DATE | TIME | PPSAN Nos. of Candidates |
|---|---|---|
| 24.08.2022 | 10.30 A.M. | 00124655, 00114008, 00122369, 00088187, 00119809, 00119565, 00117856, 00115430, 00099825, 00117694, 00123740, 00099992, 00093223, 00114428 & 00120821 = **15 candidates** |
| | 2.30 - P.M. | 00116532, 00092347, 00122989, 00113584, 00077450, 00116800, 00099990, 00090735, 00114719, 00082475, 00125667 & 00119370 = **12 candidates** |
| 25.08.2022 | 10.30 A.M. | 00086897, 00118639, 00113827, 00120105, 00126781, 00088562, 00068595, 00078523, 00054785, 00077301, 00122076, 00114027, 00090520, 00076770, 00117410 = **15 candidates** |
| | 2.30 P.M. | 00118034, 00115472, 00121685, 00018884, 00120771, 00130670, 00019946, 00048637, 00114395, 00088107, 00095747 & 00118083 = **12 candidates** |
| 26.08.2022 | 10.30 A.M. | 00115557, 00028919, 00117979, 00114005, 00122456, 00113697, 00121837, 00125633, 00038162, 00097265, 00114910, 00086965, 00039098, 00027020 & 00020344 = **15 candidates** |
| | 2.30 P.M. | 00090380, 00113585, 00098808, 00119660, 00119789, 00036449, 00115611, 00132808, 00095040, 00081503, 00093635 & 00130923 = **12 candidates** |
| 29.08.2022 | 10.30 A.M. | 00039914, 00124962, 00095090, 00027996, 00086016, 00123700, 00099142, 00116527, 00114271, 00115633, 00037142, 00133472, 00120376, 00125390 & 00095207 = **15 candidates** |
| | 2.30 P.M. | 00096308, 00122721, 00132868, 00115962, 00065288, 00120637, 00022735, 00122473, 00064343, 00079965, 00132506 & 00120128 = **12 candidates** |
| 30.08.2022 | 10.30 A.M. | 00123849, 00034912, 00132699, 00114519, 00032406, 00100425, 00055078, 00132481, 00064824, 00113810, 00114080, 00129993, 00123219, 00125815 & 00130905 = **15 candidates** |
| | 2.30 P.M. | 00095479, 00133133, 00120769, 00060974, 00069212, 00126109, 00117062 & 00032830 = **08 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed., certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks if any, issued by the concerned Board/Council/ University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/ she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports, Odisha;
14. Any proof of Identity.

**NOTE** - It is also made clear that the candidature of these candidates for the recruitment is purely provisional.The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0137/2223 **Sd./- Secretary**



## ODISHA STAFF SELECTION COMMISSION
Unit-II, Bhubaneswar-751001

**No.: IIE/125/2021-5321/OSSC; Date: 17.08.2022**

### NOTICE

**No.T-131:** Pursuant to Commission's Advertisement No.4301/ OSSC; dated 23.12.2021. for Combined Graduate Level Recruitment Examination-2021 it is for information of all concerned that the Written Examination (Paper-I & Paper-II) shall be conducted across the state from 11.10.2022 to 17.10.2022 through Computer Based Recruitment Examination(CBRE) mode.
The detail programme will be published shortly. Candidates are advised to be in regular touch with the website www.ossc.gov.in to know further updates in this regard.

*By order of the Commission,*
OIPR-09005/11/0125/2223 **Sd./- Secretary**



## RADHANATH ELEMENTARY TEACHER EDUCATION INSTITUTION, CUTTACK

No. n-41: Candidates seeking admission into the Government Commercial Class attached to this Institution during the session 2021-2022 are required to apply in the prescribed form of application which can be obtained from our website **(scertodisha.nic.in/ eteirnstscuttack)** or from the Office of the Government Commercial Class during the office hours 8 A.M. to 12 Noon from 22.08.2022 on the working days only (except Sundays and Public Holidays).

| Subjects | Minimum Qualification Required | Last Date of receiving the Application |
|---|---|---|
| 1. Shorthand<br>2. Typewriting & Drafting<br>3. Book-keeping | Passed Matriculation or its equivalent | 08.09.2022 |

**Sd./- Principal**
**Radhanath E.T.E.I., Cuttack**
OIPR-11032/11/0002/2223



## ସର୍ବସାଧାରଣ ଅଧିସୂଚନା

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳ ଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ ସମ୍ପୃକ୍ତ ସେକ୍ସନ ନିମନ୍ତେ ଦର୍ଶାଯାଇଥିବା ତାରିଖରେ କିମ୍ବା ତା' ପରେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ ଏସି ଓଭରହେଡ୍ ଟ୍ରାକ୍ସନ୍ ଓୟାର୍ ଏବଂ ସ୍ୱିଚିଂ ଷ୍ଟେସନ (ରାଣିତାଲ/ଏସ୍‌ପି) ସମେତ ଏହାର ଫିଡର୍ ଲାଇନ୍‌ରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ । ସେହି ତାରିଖ ଦିନ ଏବଂ ତା' ପରଠାରୁ ଓଭରହେଡ୍ ଟ୍ରାକ୍ସନ୍ ଲାଇନକୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯାଇପାରିବେ ନାହିଁ କିମ୍ବା କାର୍ଯ୍ୟ କରିପାରିବେ ନାହିଁ ।

**ସେକ୍ସନ/ସ୍ଥାପନାର ନାମ: (୧)** ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଣିତାଲ ୟାର୍ଡ ସମେତ ରାଣିତାଲରୁ ରାଣିତାଲ ଜଂ. ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ । **ଅବସ୍ଥିତି:** କିମି ୨୮୩/୯ଏ (କିମି ସିଏଚ୍ ନଂ. ୨୮୩/୩୪୧.୫୦)ରୁ ୨୮୮/୨୧ବି (କିମି ସିଏଚ୍ ନଂ. ୨୮୮/୬୬୮.୦୦)। **(୨) ରାଣିତାଲ/ଏସ୍‌ପି : ଅବସ୍ଥିତି:** କିମି ୨୮୬/୩୧ଏ (କିମି ସିଏଚ୍ ନଂ.୨୮୬/୯୦୪.୦୦) – ୩୩ଏ (କିମି ସିଏଚ୍ ନଂ. ୨୮୬/୯୬୭.୦୦) । **(୩)** ଫିଡର୍ ଲାଇନ୍ । **ଅବସ୍ଥିତି:** କିମି ୨୮୬/୨୯ଏ (କିମି ସିଏଚ୍ ନଂ.୨୮୬/୮୪୧.୦୦) – ୩୩ଏ (କିମି ସିଏଚ୍ ନଂ. ୨୮୬/୯୬୭.୦୦) । **ବିଦ୍ୟୁତ୍ ସରବରାହ ଆରମ୍ଭର ତାରିଖ:** ପ୍ରତ୍ୟେକ ପାଇଁ ୩୦।୦୯।୨୦୨୨

### ୨୫ କେଭି ଏସି ଟ୍ରାକ୍ସନ୍‌ର ପ୍ରଚଳନ "ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ"

ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରାଣିତାଲ ୟାର୍ଡ ସମେତ ରାଣିତାଲ (ଅନ୍ତର୍ଭୁକ୍ତ)ରୁ ରାଣିତାଲ ଜଙ୍କସନ କ୍ୟାବିନ୍ (ବହିର୍ଭୂତ) ପର୍ଯ୍ୟନ୍ତ ନବନିର୍ମିତ ୩ୟ ଲାଇନ୍ ସେକ୍ସନରେ ୨୫ କେଭି ଏସି ବିଦ୍ୟୁତ୍ ଟ୍ରାକ୍ସନ୍‌ର ପ୍ରଚଳନ ସଂକ୍ରାନ୍ତରେ ଏତଦ୍ୱାରା ସର୍ବସାଧାରଣଙ୍କ ସୂଚନା ପାଇଁ ଅଧିସୂଚିତ କରାଯାଉଛି ଯେ, ସମସ୍ତ ଲେଭଲ କ୍ରସିଂରେ ରାସ୍ତା ସ୍ତରରୁ ୪.୬୮ ମିଟର **ସ୍ପଷ୍ଟ ଅଧିକତମ ଉଚ୍ଚତାର ହାଇଟ୍ ଗେଜ୍** ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଜୀବନ୍ତ ଟ୍ରାକ୍ସନ୍ ତାର **(କଣ୍ଟାକ୍ଟ ଓୟାର୍), ଯାହାର ଉଚ୍ଚତା ଲେଭଲ୍ କ୍ରସିଂଗୁଡ଼ିକରେ ରେଳ ସ୍ତରରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିବ,** ସଂସ୍ପର୍ଶରେ କିମ୍ବା ତାହାର ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ । ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ବୋଝେଇ କରିବା ସମୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ୍ୟ ହାଇଟ୍ ଗେଜ୍‌ଗୁଡ଼ିକୁ ଯେପରି ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହା ଦୃଷ୍ଟିରେ ରଖାଯିବା ଆବଶ୍ୟକ । ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:

(i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ତତ୍-ପରବର୍ତ୍ତୀ ରାସ୍ତା ଏବଂ ରେଳପଥର ଅବରୋଧ । (ii) ପରିବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ସମ୍ପୃକ୍ତ ଯାନ ପ୍ରତି ବିପଦ । (iii) କଣ୍ଡକ୍ଟର ସଂସ୍ପର୍ଶରେ କିମ୍ବା ଏହାର ବିପଜ୍ଜନକ ପରିସର ମଧ୍ୟକୁ ଆସିଲେ ନିଆଁ ଓ ଜୀବନ ପ୍ରତି ବିପଦ ।

**(PR-480) ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ଖଡ଼ଗପୁର**

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



## ADMISSION NOTICE-2022-23
## GANGADHAR MEHER UNIVERSITY, AMRUTA VIHAR, SAMBALPUR - 768004

**Invites applications for admission into the following Self Financing Programs**

| COURSE | DURATION | ANNUAL FEE | ELIGIBILITY |
|---|---|---|---|
| MBA* (Subject to availability of seats after OJEE Admission) | 2 Years | Rs.45, 000/- | OJEE/CAT/MAT/XAT/ATMA,Candidates having score card with minimum 50% marks in aggregate at the degree level. |
| MBA-FM* (Financial management) (Subject to availability of seats after CPET Admission) | 2 Years | Rs.30, 000/- | For the vacant seats (if any) after completion of CPET Admission procedure, the cases of interested candidates having score cards of OJEE/CAT/MAT/XAT/ ATMA/CPET (Guidelines of CPET will be followed) and applied directly to the university may be considered. |
| BBA | 3 Years | Rs.25, 000/- | For eligibility criteria and other details please visit www.gmuniversity.ac.in |
| B. Sc.IST (Information Science & Telecommunication) | 3 Years | Rs.30, 000/- | |
| Int. B.Ed. (Arts & Science) | 4 Years | BA B.ED. Rs.35, 000/- & B. Sc. B.Ed. Rs.40, 000/- | |

- For above mentioned programs, candidates can download the application form from the University Website. Visit www.gmuniversity.ac.in. Other modes of applications will not be considered.
- The filled in application form along with the required documents and Bank Draft (application fee) must reach the university receiving counter on or **before 30.08.2022, by Speed post or by hand to "THE REGISTRAR, GANGADHAR MEHER UNIVERSITY, AMRUTA VIHAR, SAMBALPUR, 768004"**
- Candidates must mention the name of the course he/she has applied on the top of the envelope.
- The application fee (For UG Rs.350/- & MBA, MBA-FM: Rs.500/-) is to be paid only through Bank draft drawn in favor of **"Comptroller of Finance, Gangadhar Meher University, Sambalpur", Payable at Sambalpur.**
- * Subject to availability of seats after OJEE admission & CPET Admission.

**For admission related queries contact- 9861283124, 8984161471,7538931926 & 9853132904** Sd./- Registrar

ଗଣତନ୍ତ୍ରର ସୁଫଳ ହେଲା– ଜଣେ ଯଥେଚ୍ଛାଚାରୀ ଅଥବା କେତେଜଣ ସ୍ୱାର୍ଥପରଙ୍କ ଖିଆଲ କବଳରୁ ବ୍ୟକ୍ତିର ଜୀବନ, ସ୍ୱାଧୀନତା ଓ ଧନସମ୍ପତ୍ତି ରକ୍ଷାପାଏ। ଗଣତନ୍ତ୍ରର କୁଫଳ ହେଲା– ମାନବଜାତି ମଧ୍ୟରେ ବ୍ୟକ୍ତିତ୍ୱର ମହତ୍ତ୍ୱ ହ୍ରାସ ପାଏ। **–ଶ୍ରୀଅରବିନ୍ଦ**

# ଦେଖଣାହାରି ସାଜନାହିଁ



ପିଟର ସିଙ୍ଗର

ମାର୍ଚ୍ଚ ୧୯୬୪ରେ ନ୍ୟୁୟର୍କ ଟାଇମ୍ସ ପ୍ରକାଶ କରିଥିଲା ଯେ, କିଟି ଜେନୋଭେସେ ନାମ୍ନୀ ଜଣେ ମହିଳାଙ୍କ ଉପରେ ଅତି ନୃଶଂସ ଓ ଘାତକ ଆକ୍ରମଣର ୩୮ ଜଣ ପ୍ରତ୍ୟକ୍ଷଦର୍ଶୀ ଥିଲେ। କିନ୍ତୁ ତାଙ୍କୁ ସାହାଯ୍ୟ କରିବା ଲାଗି କେହି କିଛି କଲେ ନାହିଁ କି ପୋଲିସ ଡାକିଲେ ଗଲେ ନାହିଁ। ପରେ ଏହି ଘଟଣାର ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିଲେ ବି ଦେଖଣାହାରିଙ୍କ ପ୍ରତିକ୍ରିୟା ବା ପ୍ରଭାବର ବାସ୍ତବତା ଜଣାପଡ଼ିଲା। ଅନେକ ମନସ୍ତାତ୍ତ୍ୱିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅନ୍ୟଙ୍କୁ ସହାୟତା କରିପାରିବା ଭଳି କ୍ଷମତା ଥିବା ଲୋକମାନେ ଯଦି ତାହା ନ କରନ୍ତି,ତେବେ ଅନ୍ୟ ଜଣେ ଏହଭଳି ସାହାଯ୍ୟ କରିବା ଲାଗି ଆଗେଇ ଆସିବାର ସମ୍ଭାବନା କମ୍। ଗତ ମାସରେ ଇଟାଲୀର ସିବିଟାନୋଭା ମାର୍କି ସହରର ଏକ ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦ୍ୱିପ୍ରହରରେ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ନାଇଜେରିଆର ଆଲିକା ଓଗୋରଚୁକ୍ୱୁଙ୍କୁ ଆକ୍ରମଣ କରାଯାଇଥିଲା। ଜଣେ ବ୍ୟକ୍ତିଙ୍କ ମୁଥମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସକୁ କଲ୍ କରାଯାଇଥିଲା ଏବଂ ଏହି ଘଟଣାର ଦୃଶ୍ୟକୁ ଜଣେ ଭିଡିଓ କରିଥିଲେ ବି କେହି ଏଥିରେ ହସ୍ତକ୍ଷେପ କଲେ ନାହିଁ। ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଇଟାଲୀର ଖବରକାଗଜ ଲା ଷ୍ଟାମ୍ପାର ସମ୍ପାଦକୀୟରେ ଏହି ଘଟଣା ସମ୍ପର୍କରେ ପ୍ରକାଶ ପାଇଥିଲା । ଆମେ ସଭ୍ୟତାର ସାୟଂବେଳା ବା ନୈତିକ ଅଧୋଗତିର ଦ୍ୱାରଦେଶରେ ରହିଥିବା ଏହା ସଙ୍କେତ ଦେଇଛି। ଯଦି ତୁମେ ସେଠାରେ ଥାଆନ୍ତ, ତେବେ ଓଗୋରଚୁକ୍ୱୁଙ୍କୁ ସାହାଯ୍ୟ କରିଥାଆନ୍ତ କି? ତେବେ ସାହାଯ୍ୟ କରିବ କି ନାହିଁ ସେ ସମ୍ପର୍କରେ ଉତ୍ତର ଦେବା ଆଗରୁ ବିଚାର କରିବ ଯେ,ଏଥିରେ ହସ୍ତକ୍ଷେପ କଲେ ନିଜ ଉପରେ ବିପଦ ରହିଛି କି ନାହିଁ। ସେଠାରେ ଉପସ୍ଥିତ ରହି ତୁମକୁ ଯାହା ଭଲ ଲାଗିଲା ତାହା କଲ। ଏବେ ଦେଖଣାହାରିଙ୍କ ପ୍ରଭାବ ଭିନ୍ନ ରୂପେ ଭିନ୍ନ କ୍ଷେତ୍ରରେ ପ୍ରକାଶ ପାଉଛି। ଉକ୍ତ ଘଟଣାରେ କୌଣସି ବିପଦ ନ ଥାଇ ଅନ୍ୟର ଜୀବନ ବଞ୍ଚାଇବା ଲାଗି ସହଯୋଗ କରାଯାଇପାରିଥାନ୍ତା। କିନ୍ତୁ ତାହା ହେଲା ନାହିଁ। ଦେଖଣାହାରି ସାଜିଲେ କ'ଣ ପ୍ରଭାବ ପଡ଼େ ତାହା ନାଇଜେରୀୟଙ୍କ କ୍ଷେତ୍ରରେ ସ୍ପଷ୍ଟ ହୋଇଛି।

ନିକଟରେ ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ଜାରି କରାଯାଇଥିବା ରିପୋର୍ଟ ସତର୍କ କରିଦେଇଛି ଯେ, ଏବେଠାରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଭିକ୍ଷ ବା ଅନାହାର ୪୬ ଦେଶର ୪୯ ମିଲୟନ ଲୋକଙ୍କୁ ପ୍ରଭାବିତ କରିବ। ଯେଉଁ ଦେଶଗୁଡ଼ିକ ଉପରେ ଅଧିକ ବିପଦ ରହିଛି .ସେଗୁଡ଼ିକ ହେଲା ଆଫଗାନିସ୍ତାନ, ଇଥିଓପିଆ, ନାଇଜେରିଆ, ସୋମାଲିଆ, ଦକ୍ଷିଣ ସୁଦାନ ଓ ୟେମେନ। ଏହିସବୁ ଦେଶର ବିଭିନ୍ନ ଅଞ୍ଚଳରେ ନାଗରିକମାନଙ୍କ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଅନାହାର ପାଇଁ ଏକ ମୁଖ୍ୟ ତଥା ବିପଜ୍ଜନକ ପ୍ରସଙ୍ଗ ହୋଇଥିଲେ ମଧ୍ୟ ଉକ୍ତ ରିପୋର୍ଟ ଝଡ଼, ମରୁଡ଼ି ଓ ବନ୍ୟା ଭଳି ଜଳବାୟୁଜନିତ ଚରମ ପ୍ରଭାବକୁ ଦର୍ଶାଇଛି ଏବଂ ୟୁକ୍ରେନ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ଖାଦ୍ୟ ଓ ଶକ୍ତି ଦର ମଧ୍ୟ ବୃଦ୍ଧି ପାଉଥିବା କହିଛି। ତଥାପି ଏବେ ବିଶ୍ୱରେ ଏକ ଅବ୍ୟବସ୍ଥିତ ଧାରା ପରିଦୃଶ୍ୟ ହୋଇଛି। ଧନୀଦେଶର ସରକାରଗୁଡ଼ିକ କମ୍ ବିଦେଶୀ ସହାୟତା ଦେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ୟୁନାଇଟେଡ କିଙ୍ଗଡମ(ୟୁକେ) ବା ଇଂଲଣ୍ଡ। ଏହା ଏଭଳି ଏକ ଦେଶ ଯାହା ଦ୍ୱିପାକ୍ଷିକ ଚୁକ୍ତିରେ ଧୀରେ ଧୀରେ ଜାତିସଂଘର ବିଦେଶୀ ସହାୟତା ଲକ୍ଷ୍ୟ ଯାହା ମୋଟ ଜାତୀୟ ଆୟର ୦.୭% ରେ ପହଞ୍ଚିବା ଲାଗି ପୂରାଦମରେ କାମ କରିଥିଲା । ୨୦୧୩ରେ ଏହି ଲକ୍ଷ୍ୟରେ ପହଞ୍ଚିଲା ଓ ୨୦୨୦ ପର୍ଯ୍ୟନ୍ତ ତାହାକୁ ପୂରଣ କରିଚାଲିଲା। କିନ୍ତୁ ୨୦୨୧ରେ ୟୁକେର ବିଦେଶୀ ସହାୟତା ବଜେଟ ମୋଟ ଜାତୀୟ ଆୟର ୦.୫%କୁ ହ୍ରାସ ପାଇଲା। ୨୦୨୨ରେ ମଧ୍ୟ ସେମିତି ରହିବାର ଅଧିକ ସମ୍ଭାବନା ରହିଛି।



ୟୁକେ ଡିପାର୍ଟମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟର ପୂର୍ବତନ ସଚିବ ମାର୍କ ଲୌକକ୍ ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ତାଙ୍କ ଦେଶ ତା ସହାୟତା କାର୍ଯ୍ୟକ୍ରମରେ ଚରମ ଦାରିଦ୍ର୍ୟକୁ ସମ୍ପୂର୍ଣ୍ଣ ପ୍ରାଥମିକତା ଦେବାରେ ବିଶ୍ୱରେ ଅଗ୍ରଣୀ ହୋଇ ଆସୁଥିବାବେଳେ ଏବେ ଅତି ଗରିବ ଓ ଦୁର୍ବଳ ଦେଶଗୁଡ଼ିକୁ ସାହାଯ୍ୟ କରିବାକୁ ଗୁରୁତ୍ୱ ଦେଉନାହିଁ। ଏଭଳି ସ୍ଥିତିରେ ସହାୟତା ପାଉଥିବା ୟେମେନ୍, ଦକ୍ଷିଣ ସୁଦାନ ଏବଂ ସୋମାଲିଆ ବାଦ୍ ପଡ଼ିଛନ୍ତି। ମାନବୀୟ ବିପର୍ଯ୍ୟୟର କାରଣଗୁଡ଼ିକ ଯୋଗୁ ଏଠାରେ ବହୁଜୀବନ ଯାଉଛି ଓ ଏହିସଂଖ୍ୟା ବଢିଚାଲିଛି। ଏହାବାଦ୍ ଲୌକକ୍ କହିଛନ୍ତି ଯେ, ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ସହାୟତା ଯାଉଛି, ଯେଉଁଠି ଲୋକଙ୍କ ଜୀବନ ଉପରେ ଏହାର ପ୍ରଭାବ ଏତେ ବଡ଼ ନୁହେଁ ଯେତିକି ବିଶ୍ୱ ବ୍ୟାଙ୍କର ଅତି ଗରିବ ଶ୍ରେଣୀଭୁକ୍ତ ଦେଶ ତଥା ଦୈନିକ ୧.୯୦ ଡଲାରରେ ବଞ୍ଚୁଥିବା ଲୋକମାନଙ୍କ ଜୀବନ ଉପରେ ପଡୁଛି।

ଦେଖଣାହାରି ନ ସାଜି ପ୍ରୟାସ କଲେ ବିଶ୍ୱରେ ଆଗକୁ ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁକୁ ରକ୍ଷା କରାଯାଇପାରିବ। ଏଭଳି ବିପର୍ଯ୍ୟୟକୁ ତୁମେ ଦୂରେଇ ଦେଇ ପାରିବ। ଏହା କରିବାକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉପାୟ ଆପଣାଇଲେ ଆଉ ଦେଖଣାହାରି ହେବ ନାହିଁ। ପ୍ରଥମରେ, ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋ–ଅପରେଶନ ଆଣ୍ଡ ଡେଭଲପ୍‌ମେଣ୍ଟ(ଓଇସିଡି)ର ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ, ୨୦୨୧ରେ କେବଳ ଲୁସେମବର୍ଗ, ନରୱେ, ସୁଇଡେନ, ଜର୍ମାନୀ ଏବଂ ଡେନମାର୍କ ବିଦେଶୀ ସହାୟତା ପାଇଁ ମୋଟ ଜାତୀୟ ଆୟର ୦.୭% ଲକ୍ଷ୍ୟ ହାସଲ କରିଛନ୍ତି କିମ୍ବା ତାହାକୁ ଟପି ଯାଇଛନ୍ତି। ଦାନ ଦେଉଥିବା ଦେଶଗୁଡ଼ିକର ତାଲିକାରେ ଆମେରିକା ଏଯାବତ ସବା ତଳେ ରହିଛି। ଏହା ତାହାର ମୋଟ ଜାତୀୟ ଆୟର ୦.୧୮% ସହାୟତା ଦେଉଛି। ହେଲେ ଅଷ୍ଟ୍ରେଲିଆ ଦେଉଛି ୦.୨୨%, ଯାହା ଆମେରିକାଠାରୁ ବହୁତ ଭଲ। ୦.୭% ଲକ୍ଷ୍ୟ ପୂରଣ କରୁ ନ ଥିବା ଏକ ଧନୀ ଦେଶରେ ତୁମେ ଯଦି ରହିବ, ତେବେ ସେଠାକାର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଯୋଗାଯୋଗ କର ଏବଂ ସେମାନଙ୍କୁ କୁହ ଯେ, ସମସ୍ତେ ମୌଳିକ ଆବଶ୍ୟକତା ପୂରଣ କରିପାରୁଥିବା ଏକ ବିଶ୍ୱ ଗଠନ କରିବାକୁ ଅଂଶଧନ ଦେବାରେ ବିଫଳତା ଯୋଗୁ ତୁମେମାନେ ଅପମାନିତ ହେଉଛ। ସେମାନଙ୍କୁ ଏହା ମଧ୍ୟ କୁହ, ଅଧିକ ଓ ଉତ୍ତମ ବିଦେଶୀ ସହାୟତା ପାଇଁ ଏକ ଅଭିଯାନ ଆରମ୍ଭ କରିବାକୁ ଅନ୍ୟମାନଙ୍କ ସହ ଯୋଗ ଦିଅନ୍ତୁ।

ଦ୍ୱିତୀୟରେ ତୁମେ ଏହା କରିବା ପରେ ଚୁପ୍ ହୋଇ ଏଠିସେଠି ବସି ଯାଅନାହିଁ କି ତୁମ ସରକାର ଯେ ଠିକ୍ କରିବ ସେଥିଲାଗି ଅପେକ୍ଷା କରନାହିଁ। ତୁମେ ନିଜେ ଏହା କର। ଯଦି ତୁମେ ଅଧିକ ଧନୀ କାଫେକୁ ଯାଉଛ ଓ କଫି ଲାଗି ଅର୍ଡର ଦେଇ ଅଧିକ ଖର୍ଚ୍ଚ କରିପାରୁଛ, ତେବେ ଏହି ପୃଥିବୀରେ ୧୦ ଜଣରେ ପାଖାପାଖି ଜଣେ ପୂରା ଦିନ ଯେତିକି ଖର୍ଚ୍ଚରେ ବଞ୍ଚିବାକୁ ପଡୁଛି ତାଠାରୁ ତୁମେ ଅଧିକ ବ୍ୟୟ କରୁଛ ବୋଲି ଜାଣ। ତୁମେ ଯାହା ଦେବାକୁ କିମ୍ବା ସାହାଯ୍ୟ କରିବାକୁ ସକ୍ଷମ ତାହାର ମୂଲ୍ୟ କିଭଳି ପାଇବ ତାହା ଯଦି ଜାଣିନାହଁ, ତେବେ ଅନଲାଇନରୁ ଜାଣିପାରିବ। www.thelifeyoucansave.org or www.givewell.orgକୁ ଯାଇ ଦାନ କରୁଥିବା ତାଲିକାଭୁକ୍ତ ସଂସ୍ଥା ବା ସଂଗଠନଗୁଡ଼ିକ ମଧ୍ୟରୁ ଗୋଟିକୁ ଚୟନ କର। ଏହି ସବୁ ସଂସ୍ଥା ଖୁବ୍ ପ୍ରଭାବୀ ଓ ସ୍ୱତନ୍ତ୍ର ଭାବେ ଏସବୁର ମୂଲ୍ୟାୟନ ବି କରାଯାଇଛି। ଦେଖିବ, ତୁମେ ଆଉ ଦେଖଣାହାରି ହୋଇ ରହିବ ନାହିଁ କି ଓଗୋରଚୁକ୍ୱୁ ଅକାରଣରେ ମରିବେ ନାହିଁ।

**ପ୍ରଫେସର, ବାୟୋଏଥିକ୍ସ,**
**ପ୍ରିନଷ୍ଟନ ୟୁନିଭର୍ସିଟି**

## ଏଇ ଭାରତରେ

ମାଓବାଦୀଙ୍କ ସହିତ ଲଢ଼ିବାକୁ ଏବେ କିନ୍ନରମାନେ ପ୍ରସ୍ତୁତ। ଛତିଶଗଡ଼ର ମାଓବାଦୀ ପ୍ରଭାବିତ ବସ୍ତର ଜିଲାରେ ପୋଲିସର ନୂତନ ସ୍ୱତନ୍ତ୍ର ୟୁନିଟ୍ ବସ୍ତର ଫାଇଟର୍ସରେ ୯ ଜଣ କିନ୍ନରଙ୍କୁ ପ୍ରଥମ ଥର ପାଇଁ ପୋଲିସ ବିଭାଗ ପକ୍ଷରୁ ନିଯୁକ୍ତ କରାଯାଇଛି। ନିଯୁକ୍ତ କିନ୍ନରମାନେ ଆଦିବାସୀ ପ୍ରାଧାନ୍ୟ ଅଞ୍ଚଳରେ ପୋଲିସ ବ୍ୟବସ୍ଥାରେ ଏକ ନୂତନ ଦିଗ ଯୋଡ଼ିବେ। ୯ ଜଣ କିନ୍ନରଙ୍କ ମଧ୍ୟରୁ ୮ ଜଣ କାଙ୍କେରର ଏବଂ ଜଣେ ବସ୍ତର ଜିଲାର। ଏହି କିନ୍ନରମାନେ ହେଉଛନ୍ତି ଦିବ୍ୟା ନିଶାଦ, ଦାମିନୀ, ସନ୍ଧ୍ୟା, ସାନୁ, ରାନୀ, ହିମାଂଶୀ, ରିୟା, ସୀମା ଏବଂ ବରଖା। ପୋଲିସ ନିଯୁକ୍ତି ନେଇ କିନ୍ନରମାନେ ଏକ ବାର୍ତ୍ତା ଦେଇଛନ୍ତି ଯେ, ଯଦି ସେମାନେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତି, ତେବେ ପୁରୁଷ ଓ ମହିଳାଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଚାଲିପାରିବେ ଏବଂ ସେମାନେ ମଧ୍ୟ ଏକ ସମ୍ମାନଜନକ ଜୀବନ ପାଇବାକୁ ଯୋଗ୍ୟ। ପୋଲିସ ଆଇଜି ସୁନ୍ଦରରାଜ ପି. କହିଛନ୍ତି ଶାରୀରିକ ଦକ୍ଷତା, ଲିଖିତ ପରୀକ୍ଷା ଏବଂ ସାକ୍ଷାତ୍‌କାର ପରେ ଏହି ଚୟନ ତାଲିକା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୧୦୦ ପଦବୀ ମଧ୍ୟରୁ ୯ଟି କିନ୍ନରଙ୍କ ପାଇଁ ସଂରକ୍ଷିତ ଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଅଗଷ୍ଟ ୧୯୯୭

- ପେରୁରେ ମାଓବାଦୀ ଗେରିଲାମାନେ ୨୯ ଜଣ ତୈଳ କର୍ମଚାରୀଙ୍କୁ ଅପହରଣ କରିନେଇଛନ୍ତି।
- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସିଂହଳୀ ସୈନ୍ୟ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୭ ଗେରିଲାଙ୍କ ସମେତ ୧୧ ନିହତ।
- ଏକାଧିକ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ପଶୁପାଳନ ବିଭାଗର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ଏସ୍.ବି. ସିହ୍ନା ଏବଂ କାଶୀନାଥ ସିଂଙ୍କ ସମେତ ୯ ଜଣଙ୍କ ବିରୁଦ୍ଧରେ ସିବିଆଇ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି।
- ରାଜ୍ୟରେ ବିଦ୍ୟୁତ୍ ବଣ୍ଟନକୁ ଘରୋଇକରଣ କରିବା ଲାଗି ଗ୍ରୀଡ୍‌କୋର ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | | | 8 | | 7 | |
| | 3 | | | | | | | |
| | 8 | | | | 2 | | | 4 |
| | | 8 | | | 6 | | | 3 |
| | | | | 3 | 9 | 7 | | |
| 1 | | | 2 | | 4 | 5 | | 8 |
| | | | | | | | 2 | |
| | | 5 | | | | 1 | | |
| | 9 | | | 1 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 8 | 5 | 2 | 7 | 6 | 3 |
| 3 | 7 | 5 | 9 | 4 | 6 | 1 | 8 | 2 |
| 8 | 2 | 6 | 7 | 1 | 3 | 4 | 9 | 5 |
| 7 | 4 | 9 | 5 | 2 | 8 | 3 | 1 | 6 |
| 6 | 5 | 3 | 1 | 9 | 7 | 2 | 4 | 8 |
| 2 | 8 | 1 | 3 | 6 | 4 | 5 | 7 | 9 |
| 1 | 9 | 8 | 2 | 7 | 5 | 6 | 3 | 4 |
| 5 | 6 | 7 | 4 | 3 | 9 | 8 | 2 | 1 |
| 4 | 3 | 2 | 6 | 8 | 1 | 9 | 5 | 7 |

ଗତକାଲିର ଉତ୍ତର

# ଦୁର୍ନୀତି ଓ ଦୁର୍ଗତି



ଉପେନ୍ଦ୍ର ବିଶ୍ୱାଳ

''ଗୋଟେ ଦେଶକୁ ଧ୍ୱଂସ କରିବା ପାଇଁ ସର୍ବଦା ପରମାଣୁ ବୋମା ଜରୁରୀ ନୁହଁ। କାରଣ ଦେଶର ଭ୍ରଷ୍ଟ ରାଜନେତାମାନଙ୍କ ଦ୍ୱାରା ସେ କାମ ହୋଇଥାଏ।'' ସତେଯେମିତି ଭାରତକୁ ଲକ୍ଷ୍ୟ ରଖି ଏକଥା ସେଦିନ କହିଥିଲେ ପ୍ରେରଣାଦାୟୀ ଲେଖକ ଇଶ୍ରାଏଲମର ଆଇଭର (ଘାନା)। ଆଜିପ୍ରତିଟିକ୍ଷେତ୍ରରେ ଦୃଶ୍ୟମାନ ହୁଏ ଦୁର୍ନୀତିଜନିତ ଦେଶ ଦୁର୍ଗତିର ଦୟନୀୟ ଦୃଶ୍ୟ। ଖବରକାଗଜ ଖୋଲିଲା କ୍ଷଣି ଦେଖିବାକୁ ମିଳେ କିଏ ରାଜ୍ୟ ଭିଜିଲାନ୍ସ ଦ୍ୱାରା ବନ୍ଧା ହେଲାଣି ତ ଆଉ କିଏ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା। ଏମାନଙ୍କ କଳା କାରନାମାସବୁ ଦେଖିଲେ ମନେହୁଏ, ସତେଯେମିତି ଏହି ସରକାରୀ କର୍ମଚାରୀ ତଥା ନେତା–ମନ୍ତ୍ରୀମାନେ ପଣ କରିଛନ୍ତି ଏ ଦେଶଟାକୁ ଧ୍ୱଂସ କରିଦେବା ପାଇଁ। ନହେଲେ ଏମାନେ କ'ଣ ଏମିତି ପାପକାମ କରୁଥା'ନ୍ତେ ନା ଦାଣ୍ଡିଯାତ୍ରା ଭଳି ଜେଲଯାତ୍ରାକୁ ଗୌରବଯାତ୍ରା ବୋଲି ବିଚାରୁଥା'ନ୍ତେ? ସତରେ କି ନିର୍ଲଜ ଏମାନେ? କେଉଁଠି ଜଣେ ମାଆ(ଆର୍‌ଆଇ) ସାମାନ୍ୟଟିକେ ଦୟାଧର୍ମ ନ ଦେଖେଇ, ଆଉ ଜଣେ ଦୁଃଖିନୀ ମାଆଠାରୁ ମୃତ୍ୟୁ ପ୍ରମାଣପତ୍ର ବାବଦକୁ ଲାଞ୍ଚ ନେଇ ଜେଲ ଗଲାଣି ତ ଆଉ କେଉଁଠି ଜଣେ ମହିଳା ଭିଜିଲାନ୍ସ ଇନ୍ସପେକ୍ଟର ଲକ୍ଷାଧିକ ଟଙ୍କା ଲାଞ୍ଚ ନେଉଥିଲା ବେଳେ ବନ୍ଧାହୋଇ ଜେଲ ଗଲାଣି। ଭାରତର ନେତା–ମନ୍ତ୍ରୀମାନେ ଦୁର୍ନୀତିରେ ବିଶ୍ୱକୀର୍ତ୍ତି ସ୍ଥାପନ କରିବାରେ ମଗ୍ନ, ଯାହାକି ଜଳଜଳ କରି ଦେଖାଯାଏ ନିମ୍ନୋକ୍ତ କେତୋଟି ନମୁନାରୁ।

ଚିଦାମ୍ବରମ୍‌ଙ୍କ କଥା ଆଗ ଧରାଯାଉ। ତାଙ୍କ ପରିବାର ଗୋଟେଇଥିବା ସମ୍ପତ୍ତିକୁ ଦେଖିଲେ ଆଖି ବିସ୍ଫାରିତ ହୋଇଯାଏ। କେବଳ ଗଣମାଧ୍ୟମରେ ଚର୍ଚ୍ଚା ଧରିଥିବା ସମ୍ପତ୍ତି ମଧ୍ୟରେ ଅଛି ଚେନ୍ନାଇରେ ୧୨ଟି ଅଟ୍ଟାଳିକା ସମେତ ୪୦ଟି 'ମଲ୍' ଓ ୧୬ଟି ସିନେମାହଲ। ତାମିଲନାଡୁରେ କେବଳ ୩୦୦ ଏକରର ଜମି, ଇଂଲଣ୍ଡରେ ୮୦ ଏକରର ଜାଗା, ଥାଇଲାଣ୍ଡର ୧୬ଟି ବିଭିନ୍ନ ସ୍ଥାନରେ ମୂଲ୍ୟବାନ୍ ଜମି, ଶ୍ରୀଲଙ୍କାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ୩ଟି ଦାମିକା ରିସର୍ଟ। ତାଲିକା ଏତିକିରେ ଅଟକି ଯାଇନି। ସିଙ୍ଗାପୁର, ମାଲେସିଆରେ ଥିବା ଅଜସ୍ର ସମ୍ପତ୍ତି, ଫ୍ରାନ୍ସ ଓ ଦୁବାଇର ବିଭିନ୍ନ ସଂସ୍ଥାରେ ବିନିଯୋଗ କରିଥିବା କୋଟି କୋଟି ଟଙ୍କାର ସମ୍ପତ୍ତି, ଗ୍ରୀସ୍, ଫିଲିପାଇନ୍ସ, ଆମେରିକା ସମେତ ଆଉ କେତେକ ଦେଶରେ ପୁଞ୍ଜି ବିନିଯୋଗ ସମେତ ବ୍ରିଟେନ୍ ଓ ମାଲେସିଆରେ ତାଙ୍କର ଚାଲିଛି ବ୍ୟବସାୟ ସାମ୍ରାଜ୍ୟ। ସେଇଥିପାଇଁ ତ ଗିରଫଦାରିକୁ ଏଡ଼ାଇବାକୁ ଯାଇ ୨୦୧୯ ରେ ୩୦ରୁ ଅଧିକଥର ଆଗୁଆ ଜାମିନ ଆବେଦନ କରି ଚାଲିଥିଲେ ଏହି ଓକିଲ ଜଣଙ୍କ। ମାତ୍ର ଜାମିନ ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବାରୁ ବାପ–ପୁଅଙ୍କୁ ବାଧ୍ୟହୋଇ ଜେଲ ଯିବାକୁ ପଡ଼ିଥିଲା। ଏବେ ଏବେ ଖୁବ୍ ଚର୍ଚ୍ଚାରେ ଥିବା ୧ ହଜାର କୋଟି ଟଙ୍କାର ହେରାଲ୍ଡ ଦୁର୍ନୀତି ମାମଲା। ହଜାରେ କୋଟି ଟଙ୍କାର ଜମି ଦୁର୍ନୀତିରେ ଗିରଫ ହୋଇଥିବା ଶିବସେନା ସାଂସଦ ସଞ୍ଜୟ ରାଉତ, ପ୍ରାୟ ଶହେ କୋଟିରୁ ଉର୍ଦ୍ଧ୍ୱଟଙ୍କା ବେଆଇନ ଭାବେ ଗୋଟେଇଥିବା ଟିଏମ୍‌ସିର ବିତାଡ଼ିତ ମନ୍ତ୍ରୀ ପାର୍ଥ–ଅର୍ପିତା ଯୋଡ଼ିଙ୍କ ସମ୍ବନ୍ଧେ ଅଧିକ ଆଲୋଚନା ନ କରି ଟିକିଏ ଫେରିଚାହିଁବା ମହାଦୁର୍ନୀତିର ଏକ କଳାଦଶନ୍ଧିକୁ, ଯେଉଁ ସମୟରେ ଲୁଟ୍ ହୋଇଛି ଦେଶର ଅଜସ୍ର ସମ୍ପତ୍ତି। ବହୁଚର୍ଚ୍ଚିତ ସ୍କାମ୍‌ଗୁଡ଼ିକ ହେଲା ପ୍ରାୟ ୧ ଲକ୍ଷ



୮୬ ହଜାର କୋଟି ଟଙ୍କାର କୋଲ୍‌ଗେଟ ସ୍କାମ, ୧ ଲକ୍ଷ ୭୬ ହଜାର କୋଟି ଟଙ୍କାର ଟେଲିକମ୍ ସ୍କାମ, ୩ ହଜାର ୬୦୦ କୋଟି ଟଙ୍କାର ହେଲିକପ୍ଟର କିଣା ଦୁର୍ନୀତି, ୩୦ ହଜାର କୋଟି ଟଙ୍କାର କମନ୍ ୱେଲ୍‌ଥ ଗେମ୍ ଦୁର୍ନୀତି, ୧ଲକ୍ଷ ୬୦ ହଜାର କୋଟି ଟଙ୍କାର ତେଲ୍‌ଗି ସ୍କାମ,୧୪ ହଜାର ୧୬୨ କୋଟି ଟଙ୍କାର ସତ୍ୟମ୍ ସ୍କାମ, ୫ ହଜାର କୋଟି ଟଙ୍କାର ସେନା ରାଶନ ଚୋରି ଭ୍ରଷ୍ଟାଚାର ଆଦି ଅନେକ ଅନେକ।

ବିଡ଼ମ୍ବନାର ବିଷୟ ହେଉଛି ଯେ, ଦୁର୍ନୀତିକୁ ପ୍ରଚ୍ଛନ୍ନଭାବେ ପ୍ରୋତ୍ସାହିତ କରାଯାଉଥିଲା ଉପା ଶାସନ ସମୟରେ। କୋଟି କୋଟି ଟଙ୍କା ଲୁଟିନେଇ ବିଦେଶରେ ଆଜି ଲୁଚିଥିବା କୁଖ୍ୟାତ ମଦ ବ୍ୟବସାୟୀ, ପଳାତକ ବିଜୟ ମାଲ୍ୟାଙ୍କୁ ମନୋନୀତ କରି ପଠାଯାଇଥିଲା ରାଜ୍ୟ ସଭାକୁ। କୋଟି କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ଅଭିଯୁକ୍ତ ଚନ୍ଦା କୋଚ୍ଛରଙ୍କୁ ପଦ୍ମଭୂଷଣ ଏବଂ କୋଟି କୋଟି ଟଙ୍କାର ବ୍ୟାଙ୍କ ଋଣ ଖିଲାପକାରୀ ଶିଳ୍ପପତି ରାଘବେନ୍ଦ୍ର ରାଓ ଓ ଦୀପକ ପୁରୀଙ୍କୁ ପଦ୍ମଶ୍ରୀ ସମ୍ମାନ ପାଇଁ ଚୟନ କରିବା ଆଦି ଭ୍ରଷ୍ଟାଚାରୀ ଗୁଣକୁ ପ୍ରଦର୍ଶିତ କରୁନାହିଁ କି? ଦେଶର ପ୍ରତି କ୍ଷେତ୍ରରେ ଦୁର୍ନୀତିର ମଇଳା ଏମିତି ଛାଇଯାଇଛି ଯେ, ଝାଡ଼ୁଧରି ତାକୁ ସଫା କରିବାକୁ ଯେତେ ଚେଷ୍ଟା କଲେ ବି 'ସ୍ୱଚ୍ଛ ଭାରତ'ଟିଏ ପାଇବା ଖୁବ୍ କଷ୍ଟକର ମନେହୁଏ। ଦେଶର ରାଜକୋଷକୁ ଅକ୍ଟୋବର ୨୦୨୧ ସୁଦ୍ଧା ମାତ୍ର ୭ ବର୍ଷ ଭିତରେ ୫ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଜବତ ହୋଇ ଆସିଥିବାର ଜଣାଯାଏ। ଏହାସତ୍ତ୍ୱେ ଦୁର୍ନୀତି ବିରୋଧରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ବି ପଛେଇ ନ ଥିଲେ। ଏ ସଂକ୍ରାନ୍ତରେ ଜୁଲାଇ ୨୭ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଟିପ୍ପଣୀ ବେଶ୍ ପ୍ରଣିଧାନଯୋଗ୍ୟ– ''ଆତଙ୍କବାଦ ପରି ଦୁର୍ନୀତି ଖୁବ୍ ଭୟଙ୍କର। ଦେଶର ମଙ୍ଗଳ ପାଇଁ ଦୁର୍ନୀତି ପ୍ରତି ସାମାନ୍ୟତମ ସହାନୁଭୂତି ବି ଆଦୌ ଗ୍ରହଣୀୟ ନୁହେଁ।'' କିଛି ବର୍ଷତଳେ ଦୁର୍ନୀତିର ବ୍ୟାପକତାକୁ ଦେଖି କଂଗ୍ରେସ ନେତୃତ୍ୱାଧୀନ ତତ୍କାଳୀନ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରି ସେଇ ନ୍ୟାୟାଳୟ ବି କହିଥିଲେ– ଦୁର୍ନୀତିକୁ ନୀତିରେ ପରିଣତ କରିଦେଲେ କେମିତି ହୁଅନ୍ତା?

ଦୁର୍ନୀତି ହେଉଛି ଏକପ୍ରକାର କର୍କଟ ରୋଗ ଜୀବାଣୁପରି, ଯାହାକି ଧୀରେ ଧୀରେ କାୟା ବିସ୍ତାର କରି ଦେଶ ଦୁନିଆକୁ ଖାଇଖାଇ ଯାଏ। ଦରଦାମ୍ ବୃଦ୍ଧି, ବେକାରି ବୃଦ୍ଧି ଆଦି ଦେଶର ସମସ୍ତ ଅର୍ଥନୈତିକ ଅବ୍ୟବସ୍ଥାର ମୂଳ ହେଉଛି ଦୁର୍ନୀତି। ଯେଉଁଠି ଦୁର୍ନୀତି, ସେଇଠି ଦୁଃଖ–ଦୁର୍ଦ୍ଦିନ–ଦୁର୍ଗତି। ବିଲେଇ ହାତେ ମାଛଗୋଦାମର ସୁରକ୍ଷା ଯାହା, ଭ୍ରଷ୍ଟାଚାରୀଙ୍କ ହାତେ କ୍ଷମତା ହେଉଛି ତାହା। ଜଣେ ଦୁର୍ନୀତିଖୋର ନେତା ନିର୍ବାଚିତ ହୋଇ ଆସୁଛି ମାନେ ବୁଝିବାକୁ ହେବ ଯେ, ସେଠାରେ ତତୋଽଧିକ ଦୁର୍ନୀତିଖୋର ଲୋକେ ଅଛନ୍ତି, ଯେଉଁମାନେ ତାଙ୍କୁ ନିର୍ବାଚିତ କରୁଛନ୍ତି। ଦୁର୍ନୀତି ବୃଦ୍ଧିର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଜନସାଧାରଣଙ୍କ ଉଦାସୀନତା। ଦେଶ ଦୁର୍ଗତିର ପ୍ରମୁଖ କାରଣ, ଦୁର୍ନୀତିକୁ ପ୍ରତିଟି କ୍ଷେତ୍ରରେ ବିରୋଧ କରିବା ନିହାତି ଆବଶ୍ୟକ, ଯାହାକି ଦେଶ ପ୍ରୀତିର ନିଦର୍ଶନ। ଆଉ ଗୋଟେ କଥା, ଭ୍ରଷ୍ଟାଚାର ପ୍ରାଧାନ୍ୟ ପାଇଲେ ସଚ୍ଚୋଟ ବ୍ୟକ୍ତିଙ୍କ ଜୀବନ ବି ବିପନ୍ନ ହୁଏ। ସେଇଥିପାଇଁ କୁହାଯାଇଛି, ଯଦି କୌଣସି ଦେଶରେ ଦୁର୍ନୀତି ଅତି ବ୍ୟାପକ ମାତ୍ରାରେ କାୟାବିସ୍ତାର କରି ସାରିଲାଣି, ତୁରନ୍ତ ସେ ଦେଶର ସଚ୍ଚୋଟ ବ୍ୟକ୍ତି/ ନେତୃତ୍ୱକୁ ସୁରକ୍ଷିତ କରି ରଖିବା ହେଉଛି ଦେଶବାସୀଙ୍କ ଗୁରୁଦାୟିତ୍ୱ। ଅନ୍ୟଥା ସଚ୍ଚୋଟ ବ୍ୟକ୍ତିଙ୍କ ଜୀବନ ଯିବା ସହିତ ଦେଶ ବି ଅଚିରେ ବୁଡ଼ିଯିବ।

**ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

# ଶ୍ରୀକୃଷ୍ଣାବତାର



ଇଂ. ରୌଶନ୍ ଖାନ

ପ୍ରଭୁଙ୍କ ଲୀଳା ଅପାର। ମର୍ତ୍ତ୍ୟରେ ତାଙ୍କ ମାନବରୂପୀ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜନ୍ମ ରହସ୍ୟରେ ଅତି ଚମତ୍କାର ଭାବରେ ପ୍ରଦର୍ଶିତ ହୋଇଛି। ଯେଉଁ ଅଦୃଶ୍ୟ ଶକ୍ତି ନିସ୍ତବ୍ଧ ରାତିରେ କାରାଗାରର ଶୃଙ୍ଖଳରୁ ମୁକ୍ତକରି କୃଷ୍ଣଙ୍କୁ ଗୋପପୁରରେ ନେଇ ବଢ଼ାଇଥିଲା, ତାଙ୍କରି ଲୀଳା ଯୋଗୁ କଂସ ଦରବାରରେ ଦର୍ଶନ ମାତ୍ରକେ ମଞ୍ଚରୁ ପଡ଼ି ମାମୁ ମଲା। ନନ୍ଦରାଣୀ ଯଶୋଦାଙ୍କ ବାତ୍ସଲ୍ୟ ମମତା ତାଙ୍କୁ 'ନନ୍ଦ ସୁତ କଳା କହ୍ନାଇ'ର ପରିଚୟ ଦେଲା। ମହାପ୍ରତାପୀ କଂସ ଯେ କି ନିଜ ପିତାଙ୍କୁ ରାଜ ସିଂହାସନରୁ ବିତାଡ଼ିତ କରି ବନ୍ଦୀ କରି ରଖିଥିଲା, ତା'ର ଦୌରାତ୍ମ୍ୟରୁ ପ୍ରଜାମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଯୁବାବସ୍ଥାରେ ତାକୁ ବଧ କରି 'ବିନାଶାୟ ଚ ଦୁଷ୍କୃତାମ୍'ର ନିଦର୍ଶନ ଦେଖାଇଲେ।

ଜନ୍ମାଷ୍ଟମୀ ଦିନ ଶ୍ରୀକୃଷ୍ଣଙ୍କ ଜନ୍ମର ସ୍ମୃତିରକ୍ଷା ଉତ୍ସବ ପାଳନ ସ୍ୱରୂପ ପୂଜା ଅର୍ଚ୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। କିନ୍ତୁ ଏହି ବାହ୍ୟ ଉପଚାର ସହିତ ମନରେ ପ୍ରକୃତ କୃଷ୍ଣପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧ୍ୟାତ୍ମିକ ଜୀବନ ଚରିତକୁ ବୁଝିବାକୁ ହେଲେ ପୌରାଣିକ କଥାବସ୍ତୁରେ ପ୍ରୟୋଗ ହୋଇଥିବା ସାଙ୍କେତିକ ଭାଷାକୁ ମଧ୍ୟ ବୁଝିବା ଆବଶ୍ୟକ।

କୁହାଯାଇଛି, ଶ୍ରୀକୃଷ୍ଣ ବଂଶୀ ବଜାଉଥିଲେ, ଯାହା ତାଙ୍କ ପ୍ରକାଶ୍ୟ ଲୀଳା ମଧ୍ୟରୁ ଗୋଟିଏ। ଏହାର ତାତ୍ପର୍ଯ୍ୟ ହେଉଛି, ତାଙ୍କ ଶ୍ରୀମୁଖ ଅଧରରୁ ଉଚ୍ଚାରିତ ବାକ୍ୟ ବଂଶୀ ସ୍ୱନ ପରି ଏତେ ମଧୁର ଥିଲା ଯେ ସେ ଯୁଆଡ଼େ ଯାଉଥିଲେ ଦିବ୍ୟବାଣୀ ଦ୍ୱାରା ସବୁରି ମନକୁ ମୋହି ନେଉଥିଲେ, ଯାହା ବଂଶୀକୁ ଫୁଙ୍କିଲା ପରି ହୃଦୟ ମଧ୍ୟରୁ ଝଙ୍କୃତ ହୁଏ। ଶ୍ରୀକୃଷ୍ଣ ଜନ୍ମର ଉଦ୍ଦେଶ୍ୟ ମଧ୍ୟ ତାଙ୍କ ନାମରେ ଲୁଚି ରହିଛି, ଯେପରି 'ଚିର୍କର୍ଷୟା'। ଅର୍ଥାତ ସେ ଭକ୍ତମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିଲେ ତାଙ୍କ ଅମୃତ ବାଣୀରେ ଓ ନିଜର ଶ୍ୟାମଳ ସୁଦର୍ଶନ ରୂପ ଲାବଣ୍ୟରେ। ଏହା ହିଁ ମୁରଲୀଧର ଶ୍ରୀକୃଷ୍ଣଙ୍କ ଗୁଣାତ୍ମକ ମହିମା। ପୁଣି ତାଙ୍କୁ ଲବଣି ଚୋର କୁହାଯାଏ। ବାଲ୍ୟକାଳରେ ସେ କାଳେ ଘରେ ପଶି ଦହିହାଣ୍ଡି ଭାଙ୍ଗି ଦେଉଥିଲେ ଓ ଲବଣି ଚୋରି କରି ଖାଇ ଦେଉଥିଲେ। କିନ୍ତୁ ଏହି ଉପମାରେ ଲବଣି ପରି ଦୁନିଆର ସବୁଠାରୁ କୋମଳ ବସ୍ତୁ କୁହାଯାଉଥିବା ମନ ଓ ହୃଦୟକୁ ଚୋରିକରି କୌଶଳକଳାରେ ବିଭୂଷିତ ଶ୍ରୀକୃଷ୍ଣ ନିଜର ମିଷ୍ଟ ଅମାୟିକ ସ୍ୱଭାବ ଦ୍ୱାରା ସବୁରି ପ୍ରିୟଭାଜନ ହୋଇଥିଲେ। ତେଣୁ ତାଙ୍କୁ ଯଥାର୍ଥରେ 'ଚିତ୍ତଚୋର' ମଧ୍ୟ କୁହାଯାଏ।

ଯିଏ ଧ୍ୟାନ କରେ ନିଜ ଆରାଧ୍ୟ ଦେବତାଙ୍କୁ, ସେ ହେଉଛନ୍ତି ରାଧା। ଏହି ଶବ୍ଦ 'ଆରାଧନା'ରୁ ଆନୀତ, ଯାହା କୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତି। କୃଷ୍ଣ ନାମ ଜପ କରିବାରେ ତାଙ୍କର ପ୍ରଭାବିତ ବ୍ୟକ୍ତିତ୍ୱ ଏପରି ଉଦ୍‌ଭାସିତ ହେଉଥିଲା ଯେ ଯୁଗେ ଯୁଗେ କୃଷ୍ଣଙ୍କ ବିନା ରାଧା ଅଧୀର ଓ ବ୍ୟାକୁଳ। ଶ୍ରୀଚୈତନ୍ୟ କୃଷ୍ଣଙ୍କ ନିକଟରେ ରାଧା ଭାବରେ ନିଜକୁ ସମର୍ପଣ କରି କୃଷ୍ଣ ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଭକ୍ତମାନଙ୍କୁ ଉପଦେଶ ଦେଇଥିଲେ। କାରଣ ଭକ୍ତିପୂର୍ଣ୍ଣ ନିବେଦନ ରୂପକ ରାଧାଙ୍କ ଦ୍ୱାରା ଈଶ୍ୱର ପ୍ରାପ୍ତି ସମ୍ଭବ ବୋଲି ସେ କହୁଥିଲେ। 'ରାଧା' ଶବ୍ଦର ବ୍ୟାଖ୍ୟା କରି ପଣ୍ଡିତମାନେ କହିଛନ୍ତି, 'ରାସେ ସମ୍ଭୁୟ ଗୋଲୋକେ ଧା ଦଧାବ ହରେଃ ପୁରଃ।' ଅର୍ଥାତ୍ 'ରା ଉଚ୍ଚାରଣ କରି ଭକ୍ତମାନେ ଗୋଲକ ଭୁବନକୁ ଦର୍ଶନ କରନ୍ତି ଏବଂ ଧା ଉଚ୍ଚାରଣ ମାତ୍ରେ ଗୋଲୋକ ଅଭିମୁଖେ ଗମନ କରନ୍ତି।' ତେଣୁ ଶ୍ରୀକୃଷ୍ଣଙ୍କ ସର୍ବୋତ୍କୃଷ୍ଟ ଚରିତ୍ର ହେଉଛି ରାଧା।

ଶ୍ରୀକୃଷ୍ଣ ଜନ୍ମର ଉତ୍ସବ କେବଳ ହିନ୍ଦୁଙ୍କ ପାଇଁ ଆଶୀର୍ବାଦ ନୁହେଁ, ବରଂ ମୁସଲମାନ ସମ୍ପ୍ରଦାୟ ଲାଗି ମଧ୍ୟ କରୁଣାର ଉତ୍ସ। ପଞ୍ଚମ ଶତାବ୍ଦୀ ହିଜ୍ରିରେ ଜନ୍ମଗ୍ରହଣ କରିଥିବା ଦାଇଲାମୀ ନାମକ ଜଣେ ହଦିସ୍ ଲେଖକ ହଜରତ ମୁହମ୍ମଦଙ୍କ ମହାନ୍ ଉକ୍ତିକୁ ପ୍ରସିଦ୍ଧ ଭାଷ୍ୟକାର ଇବ୍ନ ଆରବୀଙ୍କଠାରୁ ଉଦ୍ଧାର କରି ନିଜ ପୁସ୍ତକ 'ଫିର୍‌ଦସୁଲ୍ ଅକ୍‌ବର'ରେ ଏହିପରି ଉଲ୍ଲେଖ କରିଛନ୍ତି,'କା'ନା ଫିଲ୍ ହିନ୍ଦେ ନବୀୟନ୍ ଅସ୍‌ୱଦହୁଲ୍ ଲୌନା ଇସ୍‌ମହୁ କାହିନ୍'। ଅର୍ଥାତ୍ ହିନ୍ଦୁସ୍ତାନରେ ଜଣେ ମହାନ୍ ଅବତାର ଆବିର୍ଭୂତ ହୋଇଥିଲେ, ଯାହାଙ୍କ ଦେହର ବର୍ଣ୍ଣ ଶ୍ୟାମଳ ଏବଂ ତାହାଙ୍କ ନାମ 'କାହିନ୍' ଅର୍ଥାତ 'କହ୍ନେୟା' ବା 'କୃଷ୍ଣ' ଥିଲା। ବିଗତ ୮୦୦ ବର୍ଷ ପୂର୍ବେ ଶ୍ରୀକୃଷ୍ଣଙ୍କ ପାଇଁ ମୁସଲମାନଙ୍କ ମଧ୍ୟରେ ଯେଉଁ ଭାବଧାରା ଉଜ୍ଜୀବିତ ହୋଇଥିଲା, ତାହା ଦାଇଲାମୀଙ୍କୁ ଏହି ପ୍ରସିଦ୍ଧ ହଦିସରେ ଲିପିବଦ୍ଧ କରିବା ପାଇଁ ଗଭୀର ଭାବରେ ଅନୁପ୍ରାଣିତ କରିଥିଲା।

ଦ୍ୱାରିକାଧିପତି ଶ୍ରୀକୃଷ୍ଣ ଗୀତାର ଅଷ୍ଟାଦଶ ଅଧ୍ୟାୟରେ କହିଛନ୍ତି: 'ଈଶ୍ୱର ସର୍ବ ଭୂତାନାମ୍ ହୃଦ୍ଦେଶେଽର୍ଜ୍ଜୁନ ତିଷ୍ଠତି'। ପୁଣି 'ମାମେକଂ ଶରଣଂ ବ୍ରଜ' ଅର୍ଥାତ ଈଶ୍ୱର ସର୍ବବ୍ୟାପକ, ସେ ତୁମ ହୃଦୟରେ ବିରାଜିତ। ତାଙ୍କୁ ପାଇବାକୁ ହେଲେ ମୋହରି ଶରଣ ପଶ। 'ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।' ତା'ହେଲେ ଯାଇ ମୁଁ ତୋତେ ସମସ୍ତ ପାପରୁ ଉଦ୍ଧାର କରି ମୋକ୍ଷ ପ୍ରଦାନ କରିବି। (ଅଧ୍ୟାୟ ୧୮, ଶ୍ଳୋକ ୬୧–୬୬)

**ସହକାରୀ ନିର୍ବାହୀ ଯନ୍ତ୍ରୀ, କେରଙ୍ଗ (ଖୋର୍ଦ୍ଧା)**
**ମୋ: ୯୪୩୭୬୮୪୮୫୯**

## ପାଠକ ଶ୍ରେଷ୍ଠ ବିଚାରକ

### ଜନ ବିସ୍ଫୋରଣ ଏକ ଆହ୍ୱାନ

ମହାଶୟ,

କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱରେ ଜନସଂଖ୍ୟା ଦ୍ରୁତ ହାରରେ ବଢ଼ିବାରେ ଲାଗିଛି। ଏହାକୁ ଅର୍ଥନୀତିରେ ଜନ ବିସ୍ଫୋରଣର ଆଖ୍ୟା ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ରୁ ୨୦୧୧ ମଧ୍ୟରେ ଜଣକ ପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି। ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରି ସମସ୍ୟା ସୃଷ୍ଟି ହୋଇଛି। ଏସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ। ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ମଧ୍ୟରେ। 'ଅର୍ଥନୈତିକ ଯୋଜନା ଦୀର୍ଘ ଛଅ ଦଶନ୍ଧିରୁ ଅଧିକ ବର୍ଷ ହେଲା ଚାଲୁ ରହିଥିଲେ ମଧ୍ୟ ଦେଶର ଜନସଂଖ୍ୟାର ବାର୍ଷିକ ଅଭିବୃଦ୍ଧି ହାର ୧.୬୪ ପ୍ରତିଶତ (୨୦୧୧) ବୋଲି ଆକଳନ କରାଯାଇଛି। ଯାହାକି ଚାଇନା ତଥା ଅନ୍ୟାନ୍ୟ ଉନ୍ନତ ଦେଶଗୁଡ଼ିକଠାରୁ ଯଥେଷ୍ଟ ଅଧିକ। ମୋଟ ଜନସଂଖ୍ୟାର ବିରାଟ ଆକାର ଓ ଦ୍ରୁତ ଜନସଂଖ୍ୟା ବୃଦ୍ଧିର ହାରକୁ ଲକ୍ଷ୍ୟ ରଖି ଅର୍ଥଶାସ୍ତ୍ରୀମାନେ ଭାରତରେ ଜନ ବିସ୍ଫୋରଣ ଘଟିଛି ବୋଲି ସତର୍କବାଣୀ ଶୁଣାଇ ଆସିଛନ୍ତି। ଜନ ବିସ୍ଫୋରଣର କେବଳ ଭାରତ ସମେତ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ।

**–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଳ
ସବୁ କବିତାର ଛନ୍ଦ ତହିଁରେ ଠୁଳ!
ପାଦରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲୋ!
–(ରୂପର ମୋହ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ‘ଦେଶର ଜିଡିପି ୩ ଲକ୍ଷ କୋଟି ଡଲାର’

ନୂଆଦିଲ୍ଲୀ,୧୭।୮: ୧୯୯୦ରେ ଦେଶର ଜିଡିପି ୩୦୦ କୋଟି ଡଲାରରୁ ଅଧିକ ରହିଥିଲା। ହେଲେ ଆଜି ତାହା ପ୍ରାୟ ୩ ଲକ୍ଷ କୋଟି ଡଲାରରେ ରହିଛି। ସମ୍ପ୍ରତି ବିଶ୍ୱ ବିକାଶରେ ଭାରତର ଯୋଗଦାନ ୧୪% ରହିଛି। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ଭାରତ ଦୁନିଆର ସବୁଠୁ ଦ୍ରୁତ ଗତିରେ ବଢୁଥିବା ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଚେୟାରମ୍ୟାନ ଦୀପକ ପାରେଖ ମତବ୍ୟକ୍ତ କରିଛନ୍ତି। ସେହିଭଳି ଗତ ୧୫ ବର୍ଷରେ ୩୦ କୋଟି ଭାରତୀୟ ଦାରିଦ୍ର୍ୟ ସୀମାରେଖାରୁ ବାହାରିଛନ୍ତି। ଭାରତ ସବୁଠୁ ଦ୍ରୁତଗତିରେ ବଢୁଥିବା ଅର୍ଥବ୍ୟବସ୍ଥା ଏବଂ ଆଗକୁ ଏହା ଜାରି ରହିବ ବୋଲି ସେ ଆକଳନ କରିଛନ୍ତି। ସେହିପରି ଖାଦ୍ୟ ଏବଂ ଶକ୍ତି ସୁରକ୍ଷା, ଆର୍ଥିକ ଏବଂ ପୁଞ୍ଜି ଉପରେ ଅଧିକ କାମ କରିବାକୁ ପଡିବ ବୋଲି ସରକାର ମଧ୍ୟ ଜୋର ଦେଉଥିବା ପାରେଖ କହିଛନ୍ତି।

### ୮୩୧୨ କୋଟି ଟଙ୍କା ପୈଠକଲା ଏୟାରଟେଲ୍

ନୂଆଦିଲ୍ଲୀ,୧୭।୮: ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଏୟାରଟେଲ୍ ୫ଜି ସ୍ପେକ୍ଟ୍ରମ ଦେୟ ବାବଦରେ ବୁଧବାର ଭାରତ ସରକାରଙ୍କ ଟେଲିକମ୍ ବିଭାଗକୁ ୮୩୧୨.୪ କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ମିଳିଛି। ନିକଟରେ ହୋଇଥିବା ୫ଜି ନିଲାମରେ ହାସଲ କରିଥିବା ସ୍ପେକ୍ଟ୍ରମ ଦେୟ ବାବଦକୁ ଉପରୋକ୍ତ ଅର୍ଥରାଶି ପୈଠ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏୟାରଟେଲ ୨୦୨୨ସ୍ପେକ୍ଟ୍ରମର ୪ବର୍ଷର ଅଗ୍ରିମ ଦେୟ ପ୍ରଦାନ କରିଛି। ଏହି ଅଗ୍ରିମ ଦେୟ ସହ ଆସନ୍ତା ୪ବର୍ଷ ପାଇଁ ସ୍ପେକ୍ଟ୍ରମ ଦେୟ ଏବଂ ଏଜିଆର୍ ସମ୍ବନ୍ଧିତ ପେମେଣ୍ଟଗୁଡ଼ିକ ଉପରେ ରୋକ ରହିବ। ଫଳରେ ଏହା ଭବିଷ୍ୟତ ନଗଦ ପ୍ରବାହକୁ ମୁକ୍ତ କରିବ ଏବଂ ଏୟାରଟେଲକୁ କେବଳ ୫ଜି ଆଣିବା ଉପରେ ଧ୍ୟାନକେନ୍ଦ୍ରିତ କରିବା ଦିଗରେ ସମ୍ବଳ ଉତ୍ସର୍ଗ କରିବାକୁ ଅନୁମତି ଦେବ। ଗତ ଏକ ବର୍ଷ ମଧ୍ୟରେ ଏୟାରଟେଲ ମଧ୍ୟ ଧାର୍ଯ୍ୟ ସମୟସୀମାଠାରୁ ବହୁ ପୂର୍ବରୁ ଏହାର ବିଳମ୍ବିତ ସ୍ପେକ୍ଟ୍ରମ ଦାୟିତ୍ୱର ୨୪,୩୩୩.୭କୋଟି ଟଙ୍କା ପରିଶୋଧ କରିଛି।

# ପରିବର୍ତ୍ତନ ହୋଇପାରେ ଜିଏସ୍‌ଟି ହାର

ନୂଆଦିଲ୍ଲୀ,୧୭।୮




ଦେଶର ଅର୍ଥନୀତିକୁ ସବଳ କରିବା ସହ ଟିକସ ଆଦାୟ କ୍ଷେତ୍ରରେ ରହିଥିବା କିଛି କାର୍ଯ୍ୟକୁ ଶେଷ କରିବା ପାଇଁ ନିକଟରେ ଶେଷ ହୋଇଥିବା କେନ୍ଦ୍ର କ୍ୟାବିନେଟ ବୈଠକରେ ଏଭଳି କିଛି ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶେଷ ହୋଇଥିବା ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକରେ ମଧ୍ୟ ଜିଏସ୍‌ଟି ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହାରରେ ଆଉ ଥରେ ପରିବର୍ତ୍ତନ କରିବା ସହ ଓଲଟା ଟିକସ ଢାଞ୍ଚାରେ ଆଉ କିଛିଟା କାମ ବାକି ରହିଛି ଯାହାକୁ ଶେଷ କରିବା ବିଷୟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବସବରାଜ ବୋମାଇଙ୍କ ନେତୃତ୍ୱାଧୀନ ମନ୍ତ୍ରୀ ଗୋଷ୍ଠୀ ଏ ନେଇ ବିଚାର କରୁଛି। ଆସନ୍ତା ସେପ୍ଟେମ୍ବରରେ ତାମିଲନାଡୁର ମଦୁରାଇଠାରେ ଜିଏସ୍‌ଟି ପରିଷଦର ଆଗାମୀ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଉକ୍ତ ବୈଠକ ପୂର୍ବରୁ ଟିକସ ହାରରେ ପରିବର୍ତ୍ତନ ପାଇଁ ମନ୍ତ୍ରୀ ଗୋଷ୍ଠୀ ସୁପାରିସ କରିବ ବୋଲି ସୂଚନା ମିଳିଛି। ଫଳରେ ଓଲଟା ଟିକସ ଢାଞ୍ଚାକୁ ନେଇ ଗତ ଦୁଇ ଥରରେ ବହୁତ ଭଲ କାମ ହୋଇଛି। ଆଉ ଯାହା କିଛି ବାକି ରହିଛି ତାହା ଏଥର ଶେଷ କରାଯିବ। ବିଶେଷ କରି ବୟନ, ଅଟୋମୋବାଇଲ୍, ୟୁରିଆ ଓ ଅନ୍ୟାନ୍ୟ ସାରର କଞ୍ଚାମାଲ, କେତେକ ଇଲେକ୍ଟ୍ରୋନିକ୍ ଉପାଦାନ ଓ ଇଲେକ୍ଟ୍ରିକ୍ ଗାଡ଼ିକୁ ନେଇ ରହିଥିବା ଟିକସ ଢାଞ୍ଚାରେ ପରିବର୍ତ୍ତନ କରାଯିବ। ବର୍ତ୍ତମାନ ଏହି କ୍ଷେତ୍ରର କମ୍ପାନୀଗୁଡ଼ିକ ପୁଞ୍ଜି ସାମଗ୍ରୀ ମଗାଇବା ବେଳେ ଯେଉଁ ଇନ୍‌ପୁଟ୍ ଟ୍ୟାକ୍ସ ଦେଉଛନ୍ତି ତାହାକୁ ବ୍ୟବହାର କରିପାରୁ ନ ଥିବା ବେଳେ ସେସବୁ ମଧ୍ୟ ଫେରି ପାଉନାହାନ୍ତି। ଫଳରେ ସେମାନଙ୍କ କାର୍ଯ୍ୟକାରୀ ପୁଞ୍ଜି ଖର୍ଚ୍ଚ ଅଧିକ ରହୁଛି।

ଗତ ବର୍ଷ ସେପ୍ଟେମ୍ବରରେ ଜୋତା, ଚପଲ ଓ ବୟନ କ୍ଷେତ୍ରର ଓଲଟା ଟିକସ ଢାଞ୍ଚାକୁ ବଦଳାଇବା ଲାଗି ଜିଏସ୍‌ଟି ପରିଷଦ ନିଷ୍ପତ୍ତି ନେଇଥିଲା। ଏକ ହଜାର ଟଙ୍କା ପର୍ଯ୍ୟନ୍ତର ଜୋତା, ଚପଲ ଉପରେ ୧୨% ହାରରେ ଜିଏସ୍‌ଟି ଲଗାଇବାକୁ ନିଷ୍ପତ୍ତି ହୋଇଥିଲା, ଯାହା ଚଳିତ ବର୍ଷ ଜାନୁୟାରୀରୁ ଲାଗୁ ହୋଇଛି। ପୂର୍ବରୁ ଏଥିରେ ୫% ଜିଏସ୍‌ଟି ଲଗାଯାଇଥିଲା। ବୟନ ସାମଗ୍ରୀ ପାଇଁ ମଧ୍ୟ ସେହି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ରାଜସ୍ଥାନ,ତେଲଙ୍ଗାନା, ପଶ୍ଚିମବଙ୍ଗ ଓ ଦିଲ୍ଲୀ ଭଳି ବହୁ ରାଜ୍ୟ ସେହି ପ୍ରସ୍ତାବକୁ ବିରୋଧ କରିବା ପରେ ତାହା ପ୍ରତ୍ୟାହାର ହୋଇଥିଲା। ଚଳିତ ବର୍ଷ ଜୁନ୍‌ରେ ଆଉ କିଛି ସାମଗ୍ରୀ ଯଥା ଖାଇବା ତେଲ, ସୋଲାର ୱାଟର ହିଟର,ଏଲ୍‌ଇଡି ଲ୍ୟାମ୍ପ୍, ଛାପା କାଳି ଓ ଛୁରି ଭଳି ସାମଗ୍ରୀ ଉପରେ ଓଲଟା ଟିକସ ଢାଞ୍ଚାରେ ପରିବର୍ତ୍ତନ କରାଯାଇଥିଲା। ଏଥି ସହିତ ପୂର୍ବରୁ ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଓ ପୂର୍ବରୁ ଲେବୁଲ୍ ହୋଇଥିବା ରିଟେଲ୍ ପ୍ୟାକ୍ ଉପରେ ୫% ଜିଏସ୍‌ଟି ଲାଗୁ କରାଯାଇଥିଲା।

## ୟୁବିଆଇ ପକ୍ଷରୁ ଦେଶ ବିଭାଜନ ସ୍ମରଣ ଦିବସ



ଭୁବନେଶ୍ୱର,୧୭।୮

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ମହୋତ୍ସବ ଅବସରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏକ ୫ ଦିନିଆ ଦେଶ ବିଭାଜନ ସ୍ମରଣ ଦିବସ ସାରା ଦେଶରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର କେତେକ ଶାଖାରେ ଦେଶ ବିଭାଜନ ସ୍ମରଣ ଦିବସ ପାଳିତ ହୋଇଯାଇଛି। ବିଶେଷକରି ଅର୍ଥ ବିଭାଗ ଦ୍ୱାରା ଚୟନ ହୋଇଥିବା ସ୍ଥାନୀୟ ଚନ୍ଦ୍ରଶେଖରପୁର-୨ ଡମଣା ସ୍କୋୟାରସ୍ଥିତ ଶାଖା ପରିସରରେ ମଧ୍ୟ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୋଭନ୍ ସେନ୍‌ଗୁପ୍ତା, ଭୁବନେଶ୍ୱର କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ ‘ଆଭାର’

ମୁମ୍ବାଇ,୧୭।୮

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସ ଚଳିତ ବର୍ଷ ତା’ର ୧୫ତମ ଆନିଭର୍ସାରି ମହୋତ୍ସବ ପାଳନ କରୁଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆନିଭର୍ସାରିରେ କିଛି ନୂତନ ଡିଜାଇନ୍ ସହ ଆକର୍ଷଣୀୟ ସୁବିଧା ପ୍ରଦାନ କରୁଛି। ଏହି ଅବସରରେ ନୂତନ ସଂଗ୍ରହ ସହ ଆଧୁନିକ ଜିଓ ମେଟ୍ରିକ୍ ଓ ଏକଲେକଟିକ୍ ଅନୁପ୍ରେରିତ ଅପ୍‌ଟିକାଲ ଇଲ୍ୟୁଜନ ଭଳି ବ୍ୟବସ୍ଥା, ଯାହାକି ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ ଆପଣଙ୍କୁ ପ୍ରେରଣା ଯୋଗାଇଥାଏ। ସେହିପରି ରିସ୍ତୋଁ କି ଡୋର୍, ନୟେ କଲ୍ କି ଔର ଅଭିଯାନ ସହ ଆକର୍ଷଣୀୟ ଡିଜାଇନ୍ ଦ୍ୱାରା ଏକ ସୁନ୍ଦର ନୂତନ ଭବିଷ୍ୟତ ନିମନ୍ତେ ଅନୁପ୍ରେରିତ କରିଥାଏ। ଏହି କଲେକ୍ସନ ଉଭୟ ସୁନା ଓ ଡାଏମଣ୍ଡ ବିକଳ୍ପରେ ୩୦୦+



ରିଲାଏନ୍ସ ଜୁଏଲ୍ ଶୋ’ରୁମ୍ ଓ ସାରା ଭାରତରେ ଥିବା ୧୫୦+ ସହରରେ ଶପ୍-ଇନ୍-ଶପ୍‌ରେ ମଧ୍ୟ ଉପଲବ୍ଧ ରହିଛି। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ପ୍ରତି ବର୍ଷ ଆମର ଆନିଭର୍ସାରିରେ ଆଭାର କଲେକ୍ସନର ଶୁଭାରମ୍ଭ କରାଯାଇଥାଏ। ଲକ୍ଷ୍ୟ ହେଉଛି ଆମର ଗ୍ରାହକମାନଙ୍କ

**‘ରିସ୍ତୋଁ କି ଡୋର୍,ନୟେ କଲ୍ କି ଔର’ କ୍ୟାମ୍ପେନ ସହ ୧୫ ତମ ଆନିଭର୍ସାରି ମହୋତ୍ସବ**

ପାଇଁ କୃତଜ୍ଞତା ସ୍ୱରୂପ ବ୍ରାଣ୍ଡର ଲୟାଲିଟି ଓ ଭଲ ପାଇବାର ଏକ ନିଦର୍ଶନ ସ୍ୱରୂପ ସବୁଠାରୁ ଆକର୍ଷଣୀୟ ଡିଜାଇନ୍ ପ୍ରସ୍ତୁତ କରିବା। ଏହା ମଧ୍ୟ ସେମାନଙ୍କୁ ସେମାନଙ୍କର କୃତଜ୍ଞତାକୁ ନିଜର ପ୍ରିୟଜନଙ୍କ ନିକଟରେ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରିଥାଏ। ସେହିଭଳି ରିଲାଏନ୍ସ ଜୁଏଲ୍ସ ତା’ର ଗ୍ରାହକମାନଙ୍କ ଜୀବନରେ ଅନେକ ଖୁସିର ସମୟକୁ ପାଳନ କରିବା ସହ ପର୍ବପର୍ବାଣି ଅବସରରେ ନୂତନ କଲେକ୍ସନ ଓ ଅଫର ନେଇ ଆସିଥାଏ। ଏପରିକି ରିଲାଏନ୍ସ ଜୁଏଲ୍ସର ସମଗ୍ର କଲେକ୍ସନରେ ୨୫% ରିହାତି ଗ୍ରାହକଙ୍କୁ ଦିଆଯାଉଛି।

## କୃଷି ଋଣ ଉପରେ ୧.୫% ସୁଧ ଛାଡ଼

ନୂଆଦିଲ୍ଲୀ(ପିଆଇବି),୧୭।୮

କୃଷକଙ୍କ ଅସନ୍ତୋଷକୁ ଆଖି ଆଗରେ ରଖି ସରକାର ବୁଧବାର ସେମାନଙ୍କ ପାଇଁ ଏକ ବଡ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଉକ୍ତ ବୈଠକରେ କମ୍ ଅବଧିର ଋଣ ପରିଶୋଧ ପାଇଁ କୃଷକଙ୍କ ପାଇଁ ଇଣ୍ଟରେଷ୍ଟ ସବଭେସନ ସ୍କିମ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଉକ୍ତ ଯୋଜନାକୁ ଜାରି ରଖିବା ପାଇଁ ସରକାର ଘୋଷଣା କରିଛନ୍ତି। ଉକ୍ତ ଯୋଜନା ଅନୁସାରେ ଯେଉଁ କୃଷକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପ ଅବଧିର ଋଣ ନେଇଛନ୍ତି, ସେମାନଙ୍କ ସୁଧରେ ୧.୫ % ଛାଡ କରାଯିବ। ଫଳରେ ସରକାର କୃଷକଙ୍କୁ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଇଣ୍ଟରେଷ୍ଟ ସବଭେସନ ସ୍କିମ୍ ଜାରି ରଖିଛନ୍ତି।

## ବେଦାନ୍ତ ଆଲୁମିନିୟମର ‘ପଞ୍ଚପ୍ରାଣ’ ପ୍ରତିଶ୍ରୁତି

ଭୁବନେଶ୍ୱର,୧୭।୮

୭୬ତମ ସ୍ୱାଧୀନତା ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ନୂତନ ସଙ୍କଳ୍ପ ‘ପଞ୍ଚପ୍ରାଣ’ର ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ତା’ର ଓଡ଼ିଶା ଓ ଛତିଶଗଡ଼ କର୍ମ ପରିସରରେ ନିୟୋଜିତ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଗୋଷ୍ଠୀ ସଦସ୍ୟ ଓ ସେମାନଙ୍କ ପରିବାରଙ୍କ ମଧ୍ୟରେ ‘ପଞ୍ଚପ୍ରାଣ’ର ଆଭିମୁଖ୍ୟ ସହ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିଛି। ଏପରିକି ଆରମ୍ଭରୁ ବେଦାନ୍ତ ଆଲୁମିନିୟମ ଜାତୀୟ ଅଭିବୃଦ୍ଧି ଓ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇ ଭାରତକୁ ବିଶ୍ୱ ମାନଚିତ୍ରରେ ଆଲୁମିନିୟମର ଏକ ଦ୍ରୁତ ଉଦୀୟମାନ ଶକ୍ତି ସଂସ୍ଥା ଭାବେ ମାନ୍ୟତା ପାଇପାରିଛି। ଭାରତରେ ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ ବେଦାନ୍ତ ଆଲୁମିନିୟମ ଅଟୋମୋବାଇଲ, ନିର୍ମାଣ, ବୈଦ୍ୟୁତିକ, ଉପଭୋକ୍ତା ସାମଗ୍ରୀ, ବୈଦ୍ୟୁତିକ ଯାନ ଏବଂ ସୌର-ଅକ୍ଷୟ ଶକ୍ତି ସହ ହାଇଟେକ ଉଦ୍ୟୋଗ ଯଥା ଏରୋସ୍ପେସ୍ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ କରୁଛି। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ପଞ୍ଚପ୍ରାଣ ଆଭିମୁଖ୍ୟକୁ ପ୍ରତିପାଦିତ କରିବାକୁ କମ୍ପାନୀ ଆଶାବାଦୀ ରହିଛି। ବିଶେଷକରି ଜାତୀୟ ବିକାଶ, ସେବାୟତଙ୍କଠାରୁ ମୁକ୍ତି, ଐତିହ୍ୟ ଓ ଉତ୍ତରାଧିକାରରେ ଗୌରବ ବହନ, ଏକତା ମଧ୍ୟରେ ଶକ୍ତି ଏବଂ ନାଗରିକ ଭାବେ କର୍ତ୍ତବ୍ୟ ଆଦି ସାମିଲ ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ଆମ ଦେଶ, ଗୋଷ୍ଠୀ ଓ ଗ୍ରାହକମାନଙ୍କ ପାଇଁ ଏକ ନିରନ୍ତର ଲକ୍ଷ୍ୟ ପଥରେ ରହିଛୁ।

## ଫୁର୍‌ସତ୍

**୧୮ ସହରରେ ବଢୁଛି ବାୟୁ ପ୍ରଦୂଷଣ**

# ଟପ୍ ୧୦ରେ ଦିଲ୍ଲୀ, କୋଲକାତା

**ୱାଶିଂଟନ୍:** ଭାରତର ୨୦ ସହର ମଧ୍ୟରୁ ୧୮ ସହରରେ ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ପ୍ରଭାବିତ ସହରାଞ୍ଚଳ ବାୟୁରେ ଫାଇନ୍ ପାର୍ଟିକଲ ପଲ୍ୟୁଟାଣ୍ଟ (ପିଏମ୍୨.୫)ର ପରିମାଣ ବୃଦ୍ଧି ପାଇଥିବା ରିପୋର୍ଟ ଦର୍ଶାଯାଇଛି। ଆମେରିକାର ରିସର୍ଚ୍ଚ ଅର୍ଗାନାଇଜେଶନ୍ ହେଲ୍‌ଥ ଇଫେକ୍ଟସ୍ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ୭୦୦ ସହରର ବାୟୁ ପ୍ରଦୂଷଣ ବାବଦରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜଧାନୀ ଦିଲ୍ଲୀର ବାୟୁରେ ମାତ୍ରାଧିକ ପିଏମ୍ ୨.୫ ପାର୍ଟିକଲ୍ ଥିବା ଏଥିରେ କୁହାଯାଇଛି। ୨୦୧୦ରୁ ୨୦୧୯ ପର୍ଯ୍ୟନ୍ତ ସହରର ବାୟୁ ପ୍ରଦୂଷଣ ତଥ୍ୟକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ବାୟୁରେ ପିଏମ୍ ୨.୫ ପାର୍ଟିକଲ୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍‌ର ପରିମାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ୨୦୧୯ରେ ବିଶ୍ୱବ୍ୟାପୀ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁ ପଛର କାରଣ ପିଏମ୍



୨.୫ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ୭,୨୩୯ ସହରକୁ ନେଇ ଏହି ଅଧ୍ୟୟନ କରାଯାଇଥିବାବେଳେ ଏସିଆ, ଆଫ୍ରିକା, ପୂର୍ବ ଏବଂ ମଧ୍ୟ ୟୁରୋପରେ ବାୟୁ ପ୍ରଦୂଷଣର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ବିଶ୍ୱର ପ୍ରଦୂଷିତ ସହର ତାଲିକାରେ ଶୀର୍ଷ ୧୦ ସହର ମଧ୍ୟରେ ଦିଲ୍ଲୀ ଓ କୋଲକାତା ରହିଛି। ୨୦୧୯ ସୁଦ୍ଧା ଏହି ଦୁଇ ସହରର ବାୟୁରେ ପିଏମ୍ ୨.୫ର ମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ସେହିପରି ପ୍ରକାଶିତ ରିପୋର୍ଟରେ ଟପ୍ ୨୦ ତାଲିକାରେ ଭାରତ, ନାଇଜେରିଆ, ପେରୁ, ବାଂଲାଦେଶ ସହରଗୁଡ଼ିକର ନାମ ଅନ୍ତର୍ଭୁକ୍ତ। ଭାରତ ଏବଂ ଇଣ୍ଡୋନେସିଆରେ କ୍ରମାଗତ ଭାବେ ପିଏମ୍ ୨.୫ର ମାତ୍ରା ବଢୁଥିବା ରିପୋର୍ଟରେ ଦର୍ଶାଯାଇଛି। ସହର ବାୟୁରେ ହାନିକାରକ କଣିକାର ମାତ୍ରା ବୃଦ୍ଧି ପାଇଥିବାବେଳେ ଚାଇନାର ୨୦ ସହରରେ ପିଏମ୍ ୨.୫ର ମାତ୍ରା କ୍ରମାଗତ ଭାବେ କମିଥିବା ରିପୋର୍ଟରେ କୁହାଯାଇଛି। ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଜାରି ରିପୋର୍ଟ ମୁତାବକ ବିଶ୍ୱର ୧୧୭ ଦେଶର ବାୟୁରେ ପିଏମ୍ ୨.୫ ହାନିକାରକ କଣିକାର ମାତ୍ରା କମାଇବା ପାଇଁ ବିଭିନ୍ନ ଦିଗରେ କାମ କରୁଥିବାବେଳେ ୭୪ ଦେଶ ବାୟୁରେ ନାଇଟ୍ରୋଜେନ୍ ଅକ୍ସାଇଡ୍‌ର ପରିମାଣ କମାଇବା ଉଦ୍ଦେଶ୍ୟରେ ଚେଷ୍ଟା ଚଳାଇଛନ୍ତି। ବିଶ୍ୱରେ ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁର କାରଣ ବାୟୁ ପ୍ରଦୂଷଣ। ୨୦୧୯ ସୁଦ୍ଧା ୬.୭ ମିଲିୟନ୍ ଲୋକଙ୍କ ମୃତ୍ୟୁ ଏହି କାରଣରୁ ହୋଇଛି। ବାୟୁ ପ୍ରଦୂଷଣର ପ୍ରଭାବ ଯୁବପିଢ଼ି, ବୟସ୍କଙ୍କଠାରେ ଅଧିକମାତ୍ରାରେ ପଡୁଥିବାବେଳେ ଏ ନେଇ ଶ୍ୱାସକ୍ରିୟା ଜନିତ ସମସ୍ୟା ଓ ହୃଦ୍‌ରୋଗ ବୃଦ୍ଧି ପାଇଛି।

## କଙ୍ଗନାଙ୍କୁ ଡେଙ୍ଗୁ

**ମୁମ୍ବାଇ:** ବଲିଉଡ୍‌ର କୁଇନ୍ ବୋଲାଉଥିବା କଙ୍ଗନା ରାଣାଓ୍ୱତଙ୍କୁ ଡେଙ୍ଗୁ। ମୁମ୍ବାଇରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାବେଳେ ଏଥିରୁ ବର୍ତ୍ତିନାହାନ୍ତି ନାୟିକା କଙ୍ଗନା। ଦେହ ଭଲ ନ ଥିଲେ ସୁଦ୍ଧା ତାଙ୍କୁ କାମରୁ ମିଳିନି ଛୁଟି। ନିଜର ଅପ୍‌କମିଂ ଫିଲ୍ମ ‘ଏମର୍ଜେନ୍ସି’ର ଶୁଟିଂରେ ସେ ଏବେ ବ୍ୟସ୍ତ ଅଛନ୍ତି। ଦେହ ଖରାପରେ ମଧ୍ୟ ଶୁଟିଂରୁ କଙ୍ଗନାଙ୍କୁ ଛୁଟି ମିଳିନାହିଁ। ଏମର୍ଜେନ୍ସିର ଅଭିନୟ କରିବା ସହ କଙ୍ଗନା ନିଜେ ଫିଲ୍ମର ପ୍ରଯୋଜିକା ସାଜିଛନ୍ତି। ଚଳଚ୍ଚିତ୍ରର ମୁଖ୍ୟ ଭୂମିକା ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ କଙ୍ଗନାଙ୍କୁ ଦେଖିବାକୁ ମିଳିବ। ନିକଟରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ ‘ଧକଡ୍’ ରିଲିଜ୍ ହୋଇଥିବାବେଳେ ଏହା ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏହାପରେ ଏବେ କଙ୍ଗନା ନିଜ ଆଗାମୀ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି। ଏମର୍ଜେନ୍ସିର ଫାଷ୍ଟଲୁକ୍ ଜୁଲାଇ ୧୪ରେ କଙ୍ଗନା ସୋସିଆଲ ମିଡିଆରେ ଶେୟାର କରିଥିଲେ। ଫିଲ୍ମର ଶୁଟିଂ ଜୋରସୋର ଭାବେ ଆଗେଇ ଥିବାବେଳେ ଆସନ୍ତା ବର୍ଷ ଏହା ମୁକ୍ତିଲାଭ କରିବ ।



କଙ୍ଗନା ରାଣାଓ୍ୱତ

## ଏମର୍ଜେନ୍ସି ନମ୍ବର ଡାଏଲ କଲା ମାଙ୍କଡ଼

**ସାକ୍ରାମେଣ୍ଟୋ:** ମାଙ୍କଡ଼ମାନଙ୍କ ପ୍ରଜାତି ଭିତରୁ କାପୁଚିନ୍ ମାଙ୍କଡ଼ ପ୍ରଜାତିଙ୍କ ମସ୍ତିଷ୍କ ଉନ୍ନତମାନର ହୋଇଥାଏ। ସେମାନଙ୍କ କାମ ମଣିଷଙ୍କ କାମ ଭଳି ହୋଇଥିବାବେଳେ ଅନେକ ସମୟରେ ଏଥିଲାଗି ଲୋକଙ୍କୁ ବହୁ ହଇରାଣ ହେବାକୁ ପଡ଼ିଥାଏ। କାଲିଫର୍ନିଆର ଏକ ପଶୁ ଉଦ୍ୟାନରେ ଏକ କାପୁଚିନ୍ ମାଙ୍କଡ଼ ଜୁ’ କାର୍ଯ୍ୟାଳୟରେ ଥିବା ଫୋନ୍‌ରୁ ଏମର୍ଜେନ୍ସି ନମ୍ବର ଡାଏଲ କରିଛି। ୯୧୧କୁ ମାଙ୍କଡ଼ଟି କଲ୍ କରିବା ପରେ ତୁରନ୍ତ ଫୋନ୍‌ଟି କଟିଯାଇଥିଲା। କୌଣସି ଜରୁରୀ ଆବଶ୍ୟକତା ଥିବା ମନେ କରି ବିଭାଗ ପକ୍ଷରୁ ଜୁ’ ନମ୍ବରରେ କଲ୍ କରିଥିଲେ ହେଁ କେହି ଉତ୍ତର ଦେଇ ନ ଥିଲେ। ତେବେ ଲୋକେଶନ୍ ଟ୍ରାକ୍ କରି ଏମର୍ଜେନ୍ସି ସର୍ଭିସ୍ ଟିମ୍ ପ୍ରାଣୀ ଉଦ୍ୟାନରେ ପହଞ୍ଚିଥିଲେ। ରାତିରେ ଉଦ୍ୟାନ ବନ୍ଦ ଥିବାବେଳେ ଟିମ୍ ସେଠାରୁ ଚାଲିଆସିଥିଲେ। ସାନ୍ ଲୁଇସ୍ ଓବିସ୍ପୋ କଣ୍ଟ୍ରି ଶେରିଫ କାର୍ଯ୍ୟାଳୟ ପକ୍ଷରୁ ଫେସ୍‌ବୁକ୍ ଯୋଗେ ଏହି ସୂଚନା ଦିଆଯାଇଛି। ଆଶ୍ଚର୍ଯ୍ୟର କଥା ଫୋନ୍‌ଟି ଲକ୍ ଥାଇ ସୁଦ୍ଧା ମାଙ୍କଡ଼ ତାକୁ ଖୋଲି ନମ୍ବର ଡାଏଲ୍ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପଟେ ଏମର୍ଜେନ୍ସି ନମ୍ବର ମାଙ୍କଡ଼ ଜାଣିଲା କିପରି ତାହା ଏବେ ବଡ଼ ପ୍ରଶ୍ନବାଚୀ ପାଲଟିଛି। ୪୦ ଏକର ପରିମିତ ଜାଗାରେ ତିଆରି ହୋଇଥିବା ଏହି ପଶୁ ଉଦ୍ୟାନରେ ମାତ୍ରାଧିକ ଭାବେ କାପୁଚିନ୍ ମାଙ୍କଡ଼ ବାସ କରୁଛନ୍ତି। ବିଭିନ୍ନ ସମୟରେ ଏହି ମାଙ୍କଡ଼ ଉଦ୍ୟାନ କାର୍ଯ୍ୟାଳୟ ମଧ୍ୟକୁ ପ୍ରବେଶ କରିବା ସହ ଜିନିଷପତ୍ର ନେଇଯାଉଥିବା କର୍ତ୍ତୃପକ୍ଷ କହିଛନ୍ତି।



## ବିଦେଶରେ ଭଗବତ ଗୀତା ପ୍ରୀତି

**ୱାଶିଂଟନ୍:** ଟେକ୍ସାସ୍‌ରେ ୧୫୦୦ କଲେଜ ଛାତ୍ରୀଛାତ୍ର ଭଗବତ ଗୀତା ଶ୍ଳୋକ ଉଚ୍ଚାରଣ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ବିଦେଶରେ ହିନ୍ଦୁ ସମ୍ପ୍ରଦାୟର ଆଦର ଏଥିରୁ ବାରି ହୋଇ ପଡୁଛି। ଏ ନେଇ ଛାତ୍ରୀଛାତ୍ରମାନେ ୧୨ ମାସ ଧରି ଅଭ୍ୟାସ କରୁଥିବା କୁହାଯାଉଛି। ତେବେ ୭୦୦ ଟ୍ରେଣ୍ଡ୍ ଫ୍ଲୁଏଣ୍ଟ ରିଡର (ଗୀତାକୁ ମୁଖସ୍ଥ କରିଥିବା ବ୍ୟକ୍ତି)ଙ୍କ ସହ ଛାତ୍ରୀଛାତ୍ରମାନେ ଶ୍ଳୋକ ପାଠ କରିଥିଲେ। ଅଗଷ୍ଟ ୧୩ରେ ‘ଗୀତା ସହସ୍ରଗାଲା ଦିବସ’ ଉପଲକ୍ଷେ ଡଲାସରେ ଅଭଦୂତ ଦତ୍ତ ପୀଠମ୍ ପକ୍ଷରୁ ଆୟୋଜିତ ‘ଗୀତା ସହସ୍ରଗାଲା’ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ରମାନେ ଗୀତା ପାଠ କରିଥିଲେ। ଏହାପୂର୍ବରୁ ୯ ବର୍ଷର ବାଳକ ଗୀତା ଶ୍ଳୋକ ପାଠ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ପାଖାପଖି ୭୦୦ ଶ୍ଳୋକ ନାବାଳକ ଜଣକ କଣ୍ଠସ୍ଥ କରିଥିବାବେଳେ ଅବିରତ ୬୪ ମିନିଟ ପର୍ଯ୍ୟନ୍ତ ସେ ଶ୍ଳୋକ ପାଠ କରିଥିଲେ। କରୋନା ଲକ୍‌ଡାଉନ୍‌ବେଳେ ସେ ଗୀତା ପାଠ କରିବା ଆରମ୍ଭ କରିଥିଲେ।

## ଦେଖାଯିବେ ବିଲୁପ୍ତ ଟାସ୍‌ମାନିଆନ୍ ବାଘ

**ୱାଶିଂଟନ:** ବିଲୁପ୍ତ ହୋଇଯାଇଥିବା ଟାସ୍‌ମାନିଆନ୍ ବାଘ ପୁଣିଥରେ ଦେଖିବାକୁ ମିଳିବେ। ଏ ନେଇ ବୈଜ୍ଞାନିକମାନଙ୍କ ପାଖରେ ଲକ୍ଷାଧିକ ପ୍ରୋଜେକ୍ଟ ଜମା ହୋଇଥିବାବେଳେ ପ୍ରଜାତିକୁ ପୂନର୍ଜୀବିତ କରିବା ପାଇଁ ଗବେଷଣା ଆରମ୍ଭ ହୋଇଯାଇଛି। ତେବେ ଏହାକୁ ସଫଳ କରିବା ପାଇଁ ଆମେରିକା ବୈଜ୍ଞାନିକ ଆଶା ପ୍ରକଟ କରିଛନ୍ତି। ତେବେ ଜେନେଟିକ୍ ଇଞ୍ଜିନିୟରିଂ ଜରିଆରେ ଏହା ସଫଳ ହୋଇପାରିବ। ଟାସମାନିଆ ବାଘ ଜରିଆରେ ଅଷ୍ଟ୍ରେଲିଆର ବିଗିଡ଼ିଯାଇଥିବା ଜୈବ ବିବିଧତା ନିୟନ୍ତ୍ରଣକୁ ଆସିପାରିବ। ପ୍ରକାଶିତ ଖବର ମୁତାବକ ୧୯୩୬ରେ ଶେଷ ଟାସମାନିଆ ବାଘର ମୃତ୍ୟୁ ହୋଇଥିଲା। ତେବେ ଏହି ବିରଳ ପ୍ରଜାତିର ବାଘ ବଂଶ ଲୋପ କରିବାରେ ସ୍ଥାନୀୟ ପ୍ରଶାସନର ମୁଖ୍ୟ ଭୂମିକା ଥିବା କୁହାଯାଉଛି। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ କାରଣରୁ ଏ ପ୍ରଶାସନ ପକ୍ଷରୁ ଏ ପ୍ରକାର ନିଷ୍ପତ୍ତି ନିଆଯାଇଥିଲା। ଲାବ୍‌ରେ ଥାଇଲାସିନ୍ ଇଣ୍ଟିଗ୍ରେଟେଡ୍ ଜେନେଟିକ୍ ରିଷ୍ଟୋରେଶନ୍ ପ୍ରକ୍ରିୟା ଆରମ୍ଭ ହୋଇଥିବା ମେଲବର୍ନ ୟୁନିଭର୍ସିଟି ପକ୍ଷରୁ କୁହାଯାଇଛି।

# ବନ୍ୟା ପରେ ଚିନ୍ତା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୭।୮

ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ବୁଢ଼ା, ଖରସ୍ରୋତା, ବିରୂପା, କାଣୀ ଆଦି ନଦୀର ବନ୍ୟାଜଳ ତଟାଞ୍ଚଳବାସୀଙ୍କ ପାଇଁ କାଳ ହୋଇଛି। ଜିଲାରେ ଗତ ୧୭ ବର୍ଷରେ ନିୟମିତ ବ୍ୟବଧାନରେ ୬ଟି ବଡ଼ ବନ୍ୟା ଆସିଛି। ସେହି ବନ୍ୟା ଲୋକଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ତଥାପି ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦୃଢ଼ ପଦକ୍ଷେପ ନେବାରେ ସରକାର ବିଫଳ ହେଉଛନ୍ତି। ବନ୍ୟା ପରେ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ କେବଳ ଚିନ୍ତା ବଢ଼ିଛି। ହେଲେ ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ଯାଜପୁର ଜିଲାରେ ବନ୍ୟା ବିପ୍ଳାତ ନୂଆ କଥା ନୁହେଁ। ବର୍ଷାଋତୁ ଆସିଲେ ଯାଜପୁର ଜିଲା ନଦୀକୂଳବାସୀ ଭୟରେ କାଳାତିପାତ କରିଥାନ୍ତି। ଏହିକ୍ରମରେ ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ଆଦି ସରକାରୀ ପ୍ରତିଶ୍ରୁତିରେ ଅଟକିଛି। ଏହାବାଦ୍ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି। ଏହାର ସମାଧାନ ପାଇଁ କେନ୍ଦୁଝର ଓ ଯାଜପୁର ଜିଲାର ଲୋକମାନେ ସଙ୍ଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି କରି ଆସୁଛନ୍ତି। ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ଏବଂ ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କିମି ବନ୍ଧ ଓ ଅପରପାର୍ଶ୍ୱରେ ୧୮୦ କିମି ବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହି ନଦୀବନ୍ଧରେ ଯେଭଳି ଘାଇ ନ ହେବ ସେଥିପ୍ରତି ସ୍ଥାୟୀ ପ୍ରତିକାର ହୋଇ ପାରିଲାନାହିଁ। ୨୦୨୦ ଅଗଷ୍ଟ ବନ୍ୟାରେ ଜିଲାରେ ୩୦ ଛୋଟବଡ ଘାଇ ସୃଷ୍ଟି ହୋଇଥିଲା। ଏଥିରେ ପ୍ରାୟ ୧୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲାବେଳେ ୧୨ ଜଣଙ୍କ ଜୀବନ ଯାଇଥିଲା। ୨୦୦୫ରେ ମଧ୍ୟ ଅଭୂତପୂର୍ବ ବନ୍ୟା ଦେଖା ଦେଇଥିଲା। ଯେଉଁଥିରେ ଯାଜପୁର ଓ ଭଦ୍ରକ ଜିଲାର ୨୨୦ ଗ୍ରାମର ୧ ଲକ୍ଷ ୪୦ ହଜାର ଲୋକ ପ୍ରଭାବିତ ହୋଇଥିଲେ। ୨୦୧୧ ପ୍ରଳୟଙ୍କରୀ ବନ୍ୟାରେ ଯାଜପୁର ଜିଲାର ୧୪୨ ଗ୍ରାମ ପଞ୍ଚାୟତର ୪୯୯ ଗ୍ରାମର ୪ ଲକ୍ଷ ୯୧ ହଜାର ୧୧୪ ଲୋକ ଏବଂ ୨ଲକ୍ଷ ୬୧ ହଜାର ୫୪୦ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଥିଲେ। ୨୦୧୫ ଜୁଲାଇ ବନ୍ୟାରେ ୫୭ ପଞ୍ଚାୟତର ୨୧୯ ଗ୍ରାମର ୧,୦୭,୩୧୭ ଲୋକ ପ୍ରଭାବିତ ହୋଇଥିଲେ। ୨୦୧୭ ବନ୍ୟାରେ ଜିଲାର ୯ଟି ବ୍ଲକର ୫୭ଟି ପଞ୍ଚାୟତ ୧୩୨ଟି ଗ୍ରାମର ୧,୨୪,୦୭୬ ଲୋକ ପ୍ରଭାବିତ ହୋଇଥିଲେ। ପାଣିରେ ବୁଡି ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ବନ୍ୟା ପରେ ୨୦୨୦ ଅଗଷ୍ଟ ବନ୍ୟା ଅଧିକ ପୀଡ଼ାଦାୟକ ହୋଇଛି ବୋଲି ବନ୍ୟା ବିପନ୍ନମାନେ କହିଥିଲେ। ବୈତରଣୀରେ ଚଳିତ ବନ୍ୟାରେ ଏଯାଏ ୧୧ ପଞ୍ଚାୟତର ୧୨ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ତଥାପି ଚେତା ପଶିଲା ନାହିଁ, ବରଂ ବନ୍ୟା ପରେ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ବନ୍ୟା ଦୁର୍ଗତଙ୍କ ପାଖକୁ ଯାଇ ଦୁଃଖସୁଖ ହେବାର ସୌଭାଗ୍ୟ ପାଇଛନ୍ତି। ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା, ରାସ୍ତାଘାଟର ନିର୍ମାଣ ଆଦି କିପରି ହେବ ସେ ନେଇ ଯୋଜନା ହେଉଛି। ଏଥିରେ ରାଜକୋଷର ବିପୁଳ ପରିମାଣର ଅର୍ଥ ବ୍ୟୟ ହୋଇଥାଏ। ସେଥିରୁ ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ମଧ୍ୟ ଅଭିଯୋଗ ହୋଇ ଆସୁଛି। ନଦୀ ଉପତ୍ୟକା ଅଞ୍ଚଳକୁ ଅତିକମରେ ୨୨ଟି ନାଳ ଦ୍ୱାରା ସଂଯୋଗୀକରଣ କରାଗଲେ ବନ୍ୟାର ପ୍ରକୋପକୁ ଜିଲାରେ ହ୍ରାସ କରାଯାଇପାରନ୍ତା ବୋଲି ପୂର୍ବରୁ ଦାବିପତ୍ର ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବନ୍ୟା ସମୟର ପାଣି ସମୁଦ୍ରକୁ ବୋହି ଯାଉଥିବାରୁ ଖରସ୍ରାତା, ବୁଢା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଏ ଚେକ୍‌ଡ୍ୟାମ୍ କରାଯିବାକୁ ବହୁ ଦିନରୁ ଦାବି ହୋଇ ଆସୁଛି। ବୈତରଣୀ ଉପରମୁଣ୍ଡରେ ଆନନ୍ଦପୁର ବ୍ୟାରେଜ ନିର୍ମାଣ ଅଧାରେ ଅଟକିଛି। ବନ୍ୟା ପ୍ରକୋପରୁ ଜିଲାଟିକୁ ରକ୍ଷା କରିବା ପାଇଁ ପୋତି ହୋଇ ପଡିଥିବା ବ୍ରାହ୍ମଣୀ ନଦୀର ଶଯ୍ୟାକୁ ଖୋଳି ସୁନାବ୍ୟା କରାଯାଇ ପାରିଲା ନାହିଁ। ବ୍ରିଟିଶ ଅମଳରୁ ବ୍ରାହ୍ମଣୀ ନଦୀ ଉପରେ ଜେନାପୁରଠାରେ ନିର୍ମିତ ଆନିକଟ ସମ୍ପୂର୍ଣ୍ଣ ପୋତି ହୋଇ ପଡିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ତେବେ ବ୍ରାହ୍ମଣୀ ନଦୀର ବିକାଶ ପାଇଁ ଜଳସମ୍ପଦ ବିଭାଗ କମିଶନର ଦେଇଥିବା ପ୍ରତିଶ୍ରୁତି ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା, ବ୍ରାହ୍ମଣୀ ଓ କେଲୁଅ ନଦୀର ଜେନାପୁରଠାରୁ କାଇପଡା ମଧ୍ୟରେ ୪ଟି ବ୍ୟାରେଜ ନିର୍ମାଣ ପ୍ରସ୍ତାବ ଆଦି ଅସମାହିତ ରହିଛି। ବ୍ରାହ୍ମଣୀ ବଞ୍ଚାଅ ଆନ୍ଦୋଳନ ଜରିଆରେ ଯାଜପୁର, ରସୁଲପୁର, ଧର୍ମଶାଳା, ବରୀ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଆଳି, ରାଜକନିକା ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନେତା ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ସାମିଲ ହୋଇ ବ୍ରାହ୍ମଣୀକୁ ଚିରସ୍ରୋତା କରିବା ନେଇ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଛନ୍ତି।

ବ୍ରହ୍ମଚାରୀପାଟଣା ଗ୍ରାମର ବିଜୟାନନ୍ଦ ମହାନ୍ତି, ଡୋଭାବିଲ ଗ୍ରାମର ମୃତ୍ୟୁଞ୍ଜୟ ଜେନା ପଞ୍ଚପଡ଼ା ଗ୍ରାମର ୱାର୍ଡ ମେମ୍ବର ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ କୁହନ୍ତି ଜଳସେଚନ ବିଭାଗର ୭୫ ବର୍ଷର ଅବହେଳା କାରଣରୁ ଘାଇ ସୃଷ୍ଟି ହେଉଛି। ବୈତରଣୀରୁ ବାହାରିଥିବା କାଣୀ ନଦୀ ମୁହାଁଣରେ ଜଳନିୟନ୍ତ୍ରଣ ପାଇଁ ସ୍ଲୁଇସ ଗେଟ ମାଧ୍ୟମରେ ଜଳ ପରିଚାଳନା କରିବାକୁ ୨୦୦୨ରୁ ଦାବି କରାଯାଉଛି। କିନ୍ତୁ ଏଥିପ୍ରତି ପ୍ରଶାସନିକ ଅବହେଳା କାରଣରୁ ବନ୍ୟାର ସ୍ଥାୟୀ ପ୍ରତିକାର ହୋଇ ପାରୁନାହିଁ। ଏ ଦିଗରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।


ବନ୍ୟା ପାଣି ଘରଭିତରେ ପଶି ରହିଛି।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା


ବନ୍ୟା ଛାଡ଼ିବା ପରେ ରାସ୍ତାକଡ଼ରେ ଗୋରୁ ବନ୍ଧାହୋଇଛନ୍ତି।

ଯାଜପୁର ଅଫିସ,୧୭।୮

## ୧୧ ପଞ୍ଚାୟତର ୧୩୬୬୫ ଲୋକ ପ୍ରଭାବିତ

ବୈତରଣୀ ନଦୀର ଶାଖା କାଣୀ ନଦୀର ବ୍ରହ୍ମଚାରୀପାଟଣା ଗ୍ରାମଠାରେ ସୋମବାର ୧୦୦ ଫୁଟ୍‌ର ଘାଇ ସୃଷ୍ଟି ହେବା ଫଳରେ ଅଦ୍ୟାବଧି ଦଶରଥପୁର ବ୍ଲକ ଅଧୀନ ୧୧ ପଞ୍ଚାୟତର ୩୩ ଗ୍ରାମର ୧୩,୬୬୫ ଲୋକ ପ୍ରଭାବିତ ହୋଇଛନ୍ତି। ତେବେ ବୁଧବାର ବନ୍ୟାଜଳ ସାମାନ୍ୟ ହ୍ରାସ ପାଇଥିଲାବେଳେ ଜଳସେଚନ ବିଭାଗ ତରଫରୁ ଘାଇ ମରାମତି ପାଇଁ ବାଲିବସ୍ତା ଓ ବହ୍ଲ ଆଦି ଜମା କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ବନ୍ୟାଜଳ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବିଭିନ୍ନ ଗ୍ରାମର ମୁଖ୍ୟ ରାସ୍ତାଗୁଡିକ ବୁଡି ରହିଥିବା ଯୋଗୁ ଏବେ ମଧ୍ୟ ବହୁ ଗ୍ରାମକୁ ଯୋଗାଯୋଗ ସମ୍ଭବପର ହୋଇପାରୁ ନାହିଁ। ଗୃହପାଳିତ ପଶୁମାନଙ୍କୁ ନଦୀ ବନ୍ଧ ଓ ମୁଖ୍ୟ ରାସ୍ତାର ଶୁଖିଲା ସ୍ଥାନ ମାନଙ୍କରେ ବନ୍ଧା ଯାଇଥିବାର ଦେଖାଯାଇଛି। କାଣୀ ନଦୀର ବନ୍ୟା ଜଳ ସିଧାସଳଖ କସପା ପଞ୍ଚାୟତର ବ୍ରହ୍ମଚାରୀ ପାଟଣା ସମେତ ସମସ୍ତ ପଞ୍ଚାୟତକୁ ପ୍ରଭାବିତ କରିଛି। କାଣୀ ନଦୀର ବନ୍ୟାଜଳ କସପା, ମଲ୍ଲିକାପୁର, ଶୁଣ୍ଡୁଆ, ଦୁଦୁରାଅଣ୍ଟା, ଦତ୍ତପୁର, କମାରଡିହି, କୟାଁ ଓ ନିଜାମପୁର ଆଦି ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ଅପରପକ୍ଷରେ ବୈତରଣୀ ନଦୀର ବନ୍ୟାଜଳ କଟିକଟା ଓ ଜୟନ୍ତରା ପଞ୍ଚାୟତର କେତେକ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଧନେଶ୍ୱର ସାମଲ, ଦଶରଥପୁର ବିଡିଓ ଶ୍ୱେତା ସ୍ନିଗ୍ଧା ପ୍ରମୁଖ ଘାଇ ହୋଇଥିବା ସ୍ଥାନ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଶାସନ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସୁଦ୍ଧା ୪୧୪.୧୭ ହେକ୍ଟର ଚାଷ ଜମି କ୍ଷତି ହୋଇଛି। ଅପରପକ୍ଷରେ ପ୍ରଶାସନ ତରଫରୁ ଦତ୍ତପୁର ବ୍ୟତିତ ଅନ୍ୟ ୧୦ ଗୋଟି ପଞ୍ଚାୟତକୁ ୭୦ କୁଇଣ୍ଟାଲ ଚୂଡା, ୧୨.୫ କୁଇଣ୍ଟାଲ ଗୁଡ ଓ ୨୧୧ କୁଇଣ୍ଟାଲ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ପ୍ରଦାନ

ରସୁଲପୁର,୧୭।୮(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଏକତଲା ଗ୍ରାମର ଦିବ୍ୟାଙ୍ଗ ଅଶୋକ କୁମାର ମହାନ୍ତିଙ୍କୁ ବ୍ଲକ ସାମାଜିକ ନିରାପତ୍ତା ବିଭାଗ ପକ୍ଷରୁ ଏକ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି। ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନିକାନ୍ତ ସାହୁ, ବ୍ଲକ ସାମାଜିକ ନିରାପତ୍ତା ଅଧିକାରୀ ମୀନତି ରାଉତ ପ୍ରମୁଖ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାଇକେଲ ପ୍ରଦାନ କରିବା ସହ ତାଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଦିବ୍ୟାଙ୍ଗ ବ୍ୟକ୍ତି ଜଣକ ବାଓ ଫ୍ଲକ ଜରିଆରେ ମାଛ ଚାଷ କରିବା ସହ ଦୋକାନ କରି ଜୀବିକା ନିର୍ବାହ କରୁଥିବା ସମ୍ପର୍କରେ ଜାଣି ବ୍ଲକ ପ୍ରଶାସନିକ ଅଧିକାରୀ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଗନ୍ଧଣ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ସମିତିସଭ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଘଟଣାରେ ଅଶୋକ ଦୁଇଟି ଗୋଡ ହରାଇ ଥିଲେ। ସେବେଠାରୁ ସେ ନିଜ ଉଦ୍ୟମରେ ଅର୍ଥ ଉପାର୍ଜନକରି ପରିବାର ପ୍ରତିପୋଷଣ କରୁଥିବା ଜଣାଯାଇଛି। ଉକ୍ତ ସାଇକେଲ ସହାୟତାରେ ସେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବା ସହ ତାଙ୍କର ବ୍ୟବସାୟିକ କାର୍ଯ୍ୟ କରିବା ସମ୍ଭବ ହୋଇପାରିବ ବୋଲି ଦିବ୍ୟାଙ୍ଗ ଯୁବକ ମହାନ୍ତି ପ୍ରକାଶ କରିଛନ୍ତି।

# ବୀର ଯବାନଙ୍କୁ ସମ୍ବର୍ଦ୍ଧନା



ବୀର ଯବାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଛତିଆ,୧୭।୮(ଡି.ଏନ.ଏ.)

ସ୍ୱାଧୀନତା ଦିବସ ଅବସରରେ ନ୍ୟୁ ଲାଇଫ ସୋସିଆଲ ୱାର୍କ ପକ୍ଷରୁ ଛତିଆ ପାନ୍ଥନିବାସଠାରେ ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ବୀର ଯବାନମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରକ୍ଷା କବଚ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହିତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୁନିକୁନି ପିଲାଙ୍କୁ କଳା ପ୍ରତିଭା ସମ୍ମାନ ଓ ସାମାଜିକ କର୍ମୀଙ୍କୁ କର୍ମବୀର ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଯବାନ ବ୍ରଜକିଶୋର ସିଂହ, ରବୀନ୍ଦ୍ରନାଥ ନାୟକ, ବିଜୟ କୁମାର ନାଥ, ମାନସ ରଞ୍ଜନ ସିଂହ, ଅଶ୍ୱିନୀ କୁମାର ଦାସ ଓ ଅମୂଲ୍ୟ କୁମାର ପାଲ ଯୋଗ ଦେଇଥିଲେ।

ନୃତ୍ୟ ପ୍ରତିଯୋଗିତାରେ ଛତିଆ ଆଗାମୀ କଳା ନିକେତନ, ଟାଙ୍ଗୀ ଓ ବଡ଼ଚଣାରୁ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରି ସମସ୍ତଙ୍କ ହୃଦୟ ଜିତିଥିଲେ। ଏଥିରେ ପ୍ରଥମ ସ୍ଥାନ ସୌମ୍ୟରଞ୍ଜନ ମଲ୍ଲିକ, ଦ୍ୱିତୀୟ ସ୍ଥାନ ସାଇଦୀପ ରଣା, ତୃତୀୟ ସ୍ଥାନ ସୁପ୍ରଭା ସାମନ୍ତ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ନ୍ୟୁ ଲାଇଫ୍‌ର କର୍ମକର୍ତ୍ତା ଅମିୟ ରଞ୍ଜନ ନାଥ, ଜଗନ୍ନାଥ ରାଉତ, ଜଗନ୍ନାଥ ଗାହାଣ, ମନୋରଞ୍ଜନ ତରାଇ, ଅରୁଣ କୁମାର ନାୟକ, ଚିନ୍ମୟୀ ସାହୁ, ମିନତି ବେହେରା, ସୁଶାନ୍ତ ସ୍ୱାଇଁ, ବିରଞ୍ଚି ସାହୁ, ମନୋଜ ସ୍ୱାଇଁ, ବିକାଶ ପାଲ, ଅବିନାଶ ପଣ୍ଡା, ଦଇତାରି ସାହୁ, ବିଚିତ୍ର ନାୟକ, ତପନ ଲେଙ୍କା, ସଞ୍ଜୀବ ରାଉତ, ଜ୍ଞାନ ବାରିକ, ସୁମନ୍ତ ସେଠୀ ଓ ରିଲୁ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଖଣିରେ ମାଟି ଅତଡ଼ା ଧସିଲା

କାଳିଆପାଣି,୧୭।୮(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ଫେକର ବେଦାନ୍ତ କମ୍ପାନୀର ଓସ୍ତପାଳ ଖଣିରେ ପାହାଡ଼ର ପାଣି ପଶିଛି। ଫଳରେ ଖଣିରୁ ବଡ଼ବଡ଼ ମାଟି ଅତଡା ଧସିପଡ଼ିଛି। ଏହାଦ୍ୱାରା କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି। ୧୫ ତାରିଖରେ ବର୍ଷା ପାଣି ପାହାଡ଼ରୁ ଖଣି ଭିତରକୁ ପାଚେରି ଭାଙ୍ଗି ପଶିଯାଇଥିଲା। ତେବେ ସେଦିନ ଛୁଟିଥିବାରୁ ଖଣିକୁ କେହି କାର୍ଯ୍ୟ କରିବାକୁ ଆସି ନ ଥିଲେ। ସନ୍ଧ୍ୟାରେ ଘଟଣା ଘଟିଥିବାରୁ କୌଣସି ଜୀବଜନ୍ତୁଙ୍କର ମଧ୍ୟ କ୍ଷତି ହୋଇନାହିଁ। ଖବର ପାଇ ଡିଏମଏସଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ସକାଳୁ ଖଣିର ସୁରକ୍ଷା କର୍ମଚାରୀ ଜଗି ରହିବା ସହ ସଂପୃକ୍ତ ସ୍ଥାନରେ ତାର ବାଡ଼ ଘେରାଉ କରିଥିବା ଖଣି ମୁଖ୍ୟ ମୁଥମାରୀ ଏମ୍ ପ୍ରକାଶ କରିଛନ୍ତି।

# ଘଳିଆ ସ୍ଥିତି ପରଖିଲା ବ୍ଲକ୍ ପ୍ରଶାସନ

'ଧରିତ୍ରୀ' ପ୍ରଭାବ

ରସୁଲପୁର,୧୭।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଦୁର୍ଗାପୁର ଗାଁ ନିକଟସ୍ଥ ବ୍ରାହ୍ମଣୀ ନଦୀ ବାମପାର୍ଶ୍ୱ ବନ୍ଧରେ ଘଳିଆ ପଡ଼ିଛି। ଉକ୍ତ ଘଳିଆ ମରାମତି କରାଯାଇ ନ ଥିବାରୁ ଏହି ଗାଁର ୪୦୦ଲୋକଙ୍କ ମନରେ ବନ୍ୟା ଆଶଙ୍କା ଦେଖାଦେଉଛି। ଏ ସମ୍ପର୍କରେ 'ଧରିତ୍ରୀ'ରେ ବୁଧବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଉଠିଛି। ବିଡିଓ ଅବନିକାନ୍ତ ସାହୁ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ କ୍ଷେତ୍ର ପରିଦର୍ଶନ କରି ବନ୍ଧରେ ଦେଖାଦେଇଥିବା ଘଳିଆ ସ୍ଥିତି ପରଖିଛନ୍ତି। ଘଳିଆର ଅସ୍ଥାୟୀ ମରାମତି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବନ୍ୟା ଦାଉରୁ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ବିଡିଓ ସାହୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ସମୟରେ ଏହି ସ୍ଥାନରେ ସ୍ଥାୟୀ ମରାମତି କରାଯିବାକୁ ଗୁରୁତ୍ୱ ଦିଆଯିବା ସହ ବନ୍ଧ ପାର୍ଶ୍ୱରେ ସୁରକ୍ଷା କାନ୍ଥ ଦିଆଯାଇ ଦୁର୍ବଳ ନଦୀବନ୍ଧକୁ ସୁଦୃଢ଼ୀକରଣ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।


ଘଳିଆସ୍ଥଳକୁ ବିଡିଓ ଏବଂ ଅନ୍ୟ ଅଧିକାରୀ ଯାଞ୍ଚ କରୁଛନ୍ତି।

୨୦୨୦ ଅଗଷ୍ଟ ୨୯ରେ ଏହି ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ଘଳିଆ ସ୍ଥାନରେ ଘାଇ ସୃଷ୍ଟି ହେବା ଭଳି ସ୍ଥିତି ଉପୁଜିଥିଲା। ପ୍ରଶାସନ ପକ୍ଷରୁ ଉକ୍ତ ଦୁର୍ବଳ ସ୍ଥାନରେ ବାଲିବସ୍ତା ପକାଯାଇ ସମ୍ଭାବ୍ୟ ଘାଇକୁ ରୋକା ଯାଇପାରିଥିଲା। ବନ୍ୟା ଛାଡି ଯିବାକୁ ୨ବର୍ଷ ବିତିଲାଣି। ହେଲେ ଘଳିଆ ସ୍ଥାନକୁ ସୁଦୃଢ଼ୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ନଦୀରେ ବନ୍ୟାଜଳ ପ୍ରଭାବିତ ହେବାକ୍ଷଣି ବିପଦପୂର୍ଣ୍ଣ ବନ୍ଧ ପାର୍ଶ୍ୱରେ ବସବାସ କରୁଥିବା ବାସିନ୍ଦାଙ୍କ ମନରେ ଭୟ ସଞ୍ଚାରିତ ହେଉଛି। ଏ ନେଇ ସ୍ଥାନୀୟ ବାସିନ୍ଦା ବାରବାଟୀ ସରପଞ୍ଚ ଆୟୁଷ୍ମତୀ ଦାସଙ୍କୁ ଜଣାଇବା ପରେ ସେ ବିଡିଓଙ୍କୁ ଭେଟି ଘଳିଆ ସ୍ଥଳକୁ ତୁରନ୍ତ ମରାମତି କରିବାକୁ ଦାବି କରିଥିଲେ। ବିଡିଓଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ସରପଞ୍ଚ ଦାସ ଓ ସମିତିସଭ୍ୟା ସୌଦାମିନୀ ସ୍ୱାଇଁ ଉପସ୍ଥିତ ଥିଲେ।

# ଅମୃତ ସରୋବର କାର୍ଯ୍ୟ ସମୀକ୍ଷାକଲେ ବିଡିଓ



ଅମୃତ ସରୋବର କାର୍ଯ୍ୟ ସମୀକ୍ଷା କରାଯାଉଛି।

ରସୁଲପୁର,୧୭।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ପହଙ୍ଗା ପଞ୍ଚାୟତରେ ଅମୃତ ସରୋବର ନାମରେ ଏକ ପୁଷ୍କରିଣୀ ଖନନ କରାଯାଉଛି। ଉକ୍ତ ପୁଷ୍କରିଣୀକୁ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ବିଡିଓ ଅବନିକାନ୍ତ ସାହୁ ପରିଦର୍ଶନ କରିଛନ୍ତି। ତାଙ୍କ ସହ ବ୍ଲକର ବୈଷୟିକ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ସାହୁ ସ୍ଥାନୀୟ ସରପଞ୍ଚ ଲୋପାମୁଦ୍ର ଘଡ଼ାଇ, ଯୁବନେତା ବିଜୟ କୁମାର ଘଡ଼ାଇଙ୍କ ସହ ପୁଷ୍କରିଣୀର ଖନନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ପୁଷ୍କରିଣୀର ରୂପରେଖକୁ ନେଇ କ'ଣ ଲକ୍ଷ୍ୟ ରଖାଯାଇଛି ସେ ଦିଗରେ ବୈଷୟିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଦିଗକୁ ତଦାରଖ କରିବା ସହ ଉପସ୍ଥିତ ଅଧିକାରୀଙ୍କୁ କେତେକ ଉପାଦେୟ ପରାମର୍ଶ ଦେଇଥିଲେ। ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଉପରେ ଗୁରୁତ୍ୱ ଦେବାକୁ ଜନପ୍ରତିଧିଙ୍କ ସହଯୋଗ କାମନା କରିଥିଲେ।

ଏହି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଉକ୍ତ ଅର୍ଥରେ ପୁଷ୍କରିଣୀ ଖନନ କାର୍ଯ୍ୟ ସହ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ କରାଯିବ। ଆବଶ୍ୟକୀୟ ଅର୍ଥକୁ ପଞ୍ଚାୟତର ୫ମ ରାଜ୍ୟ ଓ ପଞ୍ଚଦଶ କେନ୍ଦ୍ରୀୟ ଅନୁଦାନରୁ ବ୍ୟୟବରାଦ କରାଯିବା ନେଇ ମତ ପ୍ରକାଶ ପାଇଥିଲା। ଏ ଦିଗରେ ଆଲୋଚନା ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, କନିଷ୍ଠ ଯନ୍ତ୍ରୀ ଅନିତା ବେହୁରା, ପୁଷ୍ପାଞ୍ଜଳି ସାହୁ, ଏମ୍‌ବିକେ ସଂଘମିତ୍ରା ନାୟକ, ଯୁବନେତା ପ୍ରକାଶ କୁମାର ନାୟକ, ମନୋଜ ରାଉତ, ବରିଷ୍ଠ ନାଗରିକ ହରେକୃଷ୍ଣ ଘଡ଼େଇ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପ୍ରତିହାରୀ, ହରେନ୍ଦ୍ର ମଲିକ, ଧର୍ମେନ୍ଦ୍ର ସ୍ୱାଇଁ, ଗୋଲଖ ରାଉତ, ପ୍ରଦୀପ ଘଡ଼େଇ ଓ ପୀତାମ୍ବର ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଯାଞ୍ଚ ଆରମ୍ଭ

ରସୁଲପୁର,୧୭।୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଞ୍ଚଳ ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ରାସ୍ତା ପାର୍ଶ୍ୱସ୍ଥ ଘରୋଇ ଜମିଗୁଡ଼ିକ ରାଜପଥ ଜବରଦଖଲକୁ ଚାଲିଯାଇଛି। ତେଣୁ ଉକ୍ତ ଜମି ମାଲିକଙ୍କୁ ଆର୍ଥିକ କ୍ଷତିପୂରଣ ମିଳିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜପଥ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ଅମିନଙ୍କ ସମେତ ୪ଜଣ ଅଧିକାରୀ ରସୁଲପୁର ପଞ୍ଚାୟତ କାର୍ଯ୍ୟାଳୟରେ କାଗଜପତ୍ର ଯାଞ୍ଚ କରୁଛନ୍ତି। କାଗଜପତ୍ର ଯାଞ୍ଚ କରାଯାଇ ବିଭାଗକୁ ହସ୍ତାନ୍ତର ପରେ ଜମି ମାଲିକଙ୍କ ଜମାଖାତାକୁ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ଏହି ବ୍ଲକ ଅଞ୍ଚଳରେ ରାଜପଥ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ଏକ ପ୍ରକାର ଶେଷ ଅବସ୍ଥାରେ ରହିଛି। କେତେକ ସ୍ଥାନରେ ଘରୋଇ ଜମିକୁ ନେଇ ରାଜପଥ ସମ୍ପ୍ରସାରଣ ଅଧାପନ୍ତରିଆ ରହିଥିବା ଦେଖାଯାଉଛି। ଅନ୍ୟକେତେକ ସ୍ଥାନରେ ଘରୋଇ ଜମି ଜବରଦଖଲ କରାଯାଇ ରାସ୍ତା ନିର୍ମାଣ କରାଯାଇଛି। ହେଲେ ଜମି ହରାମାନଙ୍କୁ କ୍ଷତିପୂରଣ ପ୍ରଦାନରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ହେଉଥିଲା। ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇ ଥିବାରୁ ଜମି ମାଲିକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପ୍ରଥମ ପର୍ଯ୍ୟାୟରେ ରାଜପଥ ପାର୍ଶ୍ୱରେ ଥିବା ପ୍ରଥମାଖଣ୍ଡି ପଞ୍ଚାୟତର ପ୍ରଥମାଖଣ୍ଡ ଓ ଦାମୋଦରପୁର, ଭୋଟକା ପଞ୍ଚାୟତର ବିଲିପଡ଼ା ରାଜସ୍ୱ ଗ୍ରାମର ୫୬ଜଣ ଜମିହରାଙ୍କୁ ନୋଟିସ ଜାରି କରାଯାଇଥିଲା। ଚଳିତମାସ ୬ ତାରିଖରେ ଜାରି ହୋଇଥିବା ନୋଟିସ ଅନୁଯାୟୀ ଜମି ମାଲିକମାନେ ପ୍ରସ୍ତାବିତ ସ୍ଥାନରେ ପହଞ୍ଚି ଜନଶୁଣାଣି କରିଥିଲେ। ଜମି ମାଲିକଙ୍କଠାରୁ ପ୍ରମାଣପତ୍ର ଭାବରେ ରାଜପଥ ଦଖଲକୁ ଯାଇଥିବା ଜମିର ପଟ୍ଟା ଓ ପାଉତି, ଆଧାର କାର୍ଡ, ପାନକାର୍ଡ, ବ୍ୟାଙ୍କ ଜମାଖାତା ଆଦି ସଂଗ୍ରହ କରାଯାଇଛି। ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପକ୍ଷରୁ ରାଜପଥ ପାର୍ଶ୍ୱସ୍ଥ ଜମିର ବେଞ୍ଚମାର୍କ ଭାଲୁଏସନକୁ ଯାଞ୍ଚ କରାଯାଇ ୨ଗୁଣା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଯାଞ୍ଚ ଅଧିକାରୀ ଗୋକୁଳା ନନ୍ଦ ମହାରଣା, ଜଗବନ୍ଧୁ ଦେବତା, ମଦନ ମୋହନ ସାହୁ, ଭଜମୋହନ ପତି ପ୍ରମୁଖ ସୂଚନା ଦେଇଛନ୍ତି। ୨ଗୁଣା କ୍ଷତିପୂରଣକୁ ନେଇ କେତେଜଣ ଜମି ମାଲିକ ଆପତ୍ତି ଉଠାଇ ୪ଗୁଣା ଅର୍ଥ ପ୍ରଦାନ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ୪ ଗୁଣା କ୍ଷତିପୂରଣ ଦାବି କରୁଥିବା ଚାଷୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବାକୁ କୁହାଯାଇଛି।


ଜମିହରାଙ୍କ କାଗଜପତ୍ର ଯାଞ୍ଚ କରାଯାଉଛି।

# କେନ୍ଦ୍ରାପଡ଼ାରେ ବନ୍ୟା ସ୍ଥିତି ଗମ୍ଭୀର

କେନ୍ଦ୍ରାପଡ଼ା ଅଫିସ, ୧୭।୮

- ୩୪ ପଞ୍ଚାୟତର ୮୬ ଗ୍ରାମରେ ପଶିଛି ପାଣି
- ଉଦ୍ଧାର, ସ୍ଥାନାନ୍ତର ସହ ହେଉଛି ଘଳିଆ ମରାମତି
- ୧୦୫ ଗାଁରେ ବନ୍ୟା ସମ୍ଭାବନା



କେନ୍ଦ୍ରାପଡ଼ା ଜିଲାରେ ବନ୍ୟା ଜଳସ୍ତର ବଢୁଥିବାରୁ ସ୍ଥିତି ଗମ୍ଭୀର ରହିଛି। ବିଭିନ୍ନ ସ୍ଥାନରେ ନଦୀ ଜଳସ୍ତର ବିପଦ ସଙ୍କେତଠାରୁ ଯଥେଷ୍ଟ ଉପରେ ରହିଛି। ଯଦିଓ ହାଇ ଫ୍ଲଡ ଲେବୁଲକୁ ଏହି ଜଳସ୍ତର ଛୁଇଁନାହିଁ, ତେବେ ପାଣି ପରିମାଣ ବଢୁଥିବାରୁ ସ୍ଥିତି ଗମ୍ଭୀର ହୋଇଛି। ଲୁଣା, କରାଣ୍ଡିଆ ଦ୍ୱୀପାଞ୍ଚଳର ସମସ୍ତ ୧୩ ଗ୍ରାମ ଅଦ୍ୟାବଧି ପାଣି ଘେରରେ ରହିଛନ୍ତି। ସେହିପରି ଲୁଣା, କରାଣ୍ଡିଆ, ପାଇକା, ଚିତ୍ରୋତ୍ପଳାର ବିଭିନ୍ନ ନଦୀ ବନ୍ଧରେ ଏବେ ସୁଦ୍ଧା ୧୭ଟି ସ୍ଥାନରେ ଘଳିଆ ପଡିଛି। ଜଳସେଚନ ବିଭାଗ, ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ଏହାର ମରାମତି କରାଯାଉଛି। ଅଦ୍ୟାବଧି ଜିଲାର ୩୪ ପଞ୍ଚାୟତର ୮୬ ଗ୍ରାମରେ ବନ୍ୟାଜଳ ପ୍ରବାହିତ ହେଉଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଜିଲାର ୧୦୫ ଗ୍ରାମରେ ବନ୍ୟା ଆଶଙ୍କା କରାଯାଉଛି। ଲଗାଣ ବର୍ଷା ସହ ମହାନଦୀର ବନ୍ୟା ଜଳ ସୋମବାର ଏହି ଜିଲାର ୬ ନଦୀରେ ପ୍ରବାହିତ ହୋଇଥିଲା। ମଙ୍ଗଳବାର ଏହାର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ବୁଧବାର ସକାଳ ସୁଦ୍ଧା ବିଭିନ୍ନ ସ୍ଥାନରେ ବିପଦସଙ୍କେତ ଉପରେ ଜଳ ପ୍ରବାହିତ ହୋଇଛି। ଲୁଣା ନଦୀର ଦାନପୁର ଠାରେ ୩୨.୫୫ ଫୁଟ ବିପଦ ସଙ୍କେତ ଥିବାବେଳେ ଅପରାହ୍ନ ୨ଟା ସୁଦ୍ଧା ୩୭.୮୦ ଫୁଟରେ ପହଞ୍ଚିଛି। ଏଠାରେ ୨୦୧୧ ମସିହାରେ ସର୍ବୋଚ୍ଚ ୩୮.୮୦ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହୋଇଥିଲା। ସେହିପରି ଏହି ନଦୀର ମାର୍ଶାଘାଇରେ ୨୨ ଫୁଟ ବିପଦ ସଙ୍କେତ ଥିବା ବେଳେ ୨୫.୪୦ ଫୁଟ, ଡେରାବିଶ ବ୍ଲକର ବସୁପୁରରେ ୨୬.୮୫ ଫୁଟ ଥିବାବେଳେ ୩୪.୮୦ ଫୁଟ, ପୂବାଂଶରେ ୩୫ ଫୁଟ ବିପଦ ସଙ୍କେତ ଥିବା ବେଳେ ୪୦.୨୦ ଫୁଟରେ ଜଳ ପ୍ରବାହିତ ହେଉଛି। ଚିତ୍ରୋତ୍ପଳା ନଦୀ ପାଟକୁରାଠାରେ ଜଳସ୍ତର ବିପଦ ସଙ୍କେତଠାରୁ ପ୍ରାୟ ୮ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୨୧.୫୦ ଫୁଟ ଥିବା ବେଳେ ଅପରାହ୍ନ ୨ଟା ସୁଦ୍ଧା ୨୮.୦୫ ଫୁଟ ହୋଇଥିଲା। ଏହି ସ୍ଥାନରେ ସର୍ବାଧିକ ୨୮.୫୦ ଫୁଟ ଜଳସ୍ତର ରହିଥିବା ରେକର୍ଡ ଅଛି।

ଅପରପକ୍ଷରେ ବ୍ରାହ୍ମଣୀ ନଦୀର ଜଳସ୍ତର ଅଦ୍ୟାବଧି ବିପଦ ସଙ୍କେତ ଟପିନାହିଁ। ତେବେ କେନ୍ଦ୍ରାପଡ଼ାର ଇନ୍ଦୁପୁରଠାରେ ବିପଦ ସଙ୍କେତ ୮.୨୩ ମିଟର ଥିବା ବେଳେ ଏଠାରେ ୭.୮ ମିଟର ରହିଛି। ସେହିପରି ଅଳଭାଠାରେ ୪.୮୮ ମିଟର ଥିବା ବେଳେ ଏବେ ୪.୮ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ବୁଧବାର ସକାଳ ୮ଟା ସୁଦ୍ଧା ମାର୍ଶାଘାଇ, ଗରଦପୁର, ଡେରାବିଶ, ରାଜକନିକା, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବିଭିନ୍ନ ନଦୀର ବନ୍ୟା ଜଳ ପ୍ରବାହିତ ହେଉଛି। ମୋଟ ୮୬ ପଞ୍ଚାୟତର ୮୯,୯୮୩ ଅଧିବାସୀ ଏଥିରେ ପ୍ରଭାବିତ ହୋଇଛନ୍ତି। ୮୨ଟି ଗ୍ରାମକୁ ବନ୍ୟା ଜଳ ଛୁଇଁଛି। ୫୩୬୯ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୨୯ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରଦାନ ସହ ଅନ୍ୟ ଗ୍ରାମରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବିତରଣ କରାଯାଇଛି। ସେହିପରି ମୋଟ ୧୩,୭୫୯ଟି ଗୃହପାଳିତ ପଶୁ ବନ୍ୟା ଜଳ ଘେରରେ ଅଛନ୍ତି। ୨୧ଟି କଚ୍ଚା ଘର ଭାଙ୍ଗିଛି। ବନ୍ୟାସ୍ଥିତିର ନିରୀକ୍ଷଣ କରୁଥିବା ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବନ୍ୟା ସ୍ଥିତି ଗମ୍ଭୀର ଅଛି। ଏହାକୁ ପ୍ରଶାସନିକ ସ୍ତରରେ ମୁକାବିଲା କରାଯାଉଛି। ଏହି ବନ୍ୟାରେ ଜଣେ ହେଲେ ମୃତ୍ୟୁ ମୁଖରେ ନ ପଡିବା ପାଇଁ ସ୍ଥାନାନ୍ତରକୁ ଗୁରୁତ୍ୱ ଦିଆଯାଇଛି। ମଙ୍ଗଳବାରଠାରୁ ସ୍ଥାନାନ୍ତର କାର୍ଯ୍ୟ ଚାଲିଛି। ଏଥିପାଇଁ ବୋଟ, ଡଙ୍ଗା ଆଦି ଉପଯୋଗ କରାଯାଉଥିବା ବେଳେ ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବାହିନୀ, ପୋଲିସ ଓ ସମସ୍ତ ପ୍ରଶାସନିକ ଅଧିକାରୀ ନିୟୋଜିତ ହୋଇଛନ୍ତି। ମୋଟ ୧୦୫ଟିରେ ବନ୍ୟା ଜଳ ପ୍ରବେଶ କରିବ ବୋଲି ଆକଳନ କରାଯାଇଛି। ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘଳିଆ ପଡିଥିବା ସ୍ଥାନରେ ମରାମତି କରାଯାଉଛି। ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଆଦି ପାଇଁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଆସନ୍ତା ୬ ଘଣ୍ଟା ମଧ୍ୟରେ ବନ୍ୟା ଜଳସ୍ତର ହ୍ରାସ ପାଇବା ସମ୍ଭାବନା ଥିବାରୁ ଜିଲାବାସୀ ବନ୍ୟା କ୍ଷତି ଭୟରୁ ଦୂରେଇ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ ଛାତ୍ର ପ୍ରତିଭା ସମ୍ମାନ



ରାଜନଗର,୧୭।୮(ଡି.ଏନ୍.ଏ.): ରାଜନଗର ବ୍ଲକ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜନଗର ବ୍ଲକରେ ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ବିଜୁ ପଟ୍ଟନାୟକ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ତନ୍ତିପୋଖରୀସ୍ଥିତ ବ୍ଲକ ବିଜେଡି କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରିଥିଲେ। ଯୁକ୍ତ ୨ ବିଜ୍ଞାନରେ ଆକାଶ ସାମଲ, ବାଣିଜ୍ୟରେ ଶୁଭସ୍ମିତା ଓଝା, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉମାଶଙ୍କର ଗୁଡିଆ, ସୋନାଲି ମହାରଣା ଓ ସ୍ୱର୍ଣ୍ଣପ୍ରଭା ପ୍ରଧାନଙ୍କୁ ମନ୍ତ୍ରୀ ସମ୍ମାନୀତ କରିଥିଲେ। ମନ୍ତ୍ରୀଙ୍କ ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଗଛ ପଡ଼ି ମହିଳା ଆହତ

ବାଲିଆ,୧୭।୮(ସ୍ୱ.ପ୍ର.): କଟକରୁ ନୂଆଗାଁ ରାଜପଥର ସମ୍ପ୍ରସାରଣ କାମ ଆରମ୍ଭ ହୋଇଛି। ଏହିକ୍ରମରେ ବିରିଡିଠାରେ ରାଜପଥ ପାର୍ଶ୍ୱରେ ଥିବା ବନ ବିଭାଗ ଗଛ କାଟିବା କାମ ଆରମ୍ଭ କରିଛି। ହେଲେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କ ସୁରକ୍ଷା ପ୍ରତି ଗଛ କଟାଳି ହେୟଜ୍ଞାନ କରୁଥିବାରୁ ବୁଧବାର ଏକ ଦରର୍ଘଟଣାରେ ଜଣେ ମହିଳା ଆହତ ହୋଇଛନ୍ତି। ରାଜପଥରେ ସ୍କୁଟି ନେଇ ଯାଉଥିବା ଦମ୍ପତିଙ୍କ ଉପରେ କଟା ଯାଉଥିବା ଗଛ ପଡି ଯାଇଥିଲା। ଫଳରେ ସ୍କୁଟି ପଛରେ ବସିଥିବା ମହିଳା ଜଣକ ତଳେ ପଡି ଯିବା ସହ ଅଚେତ ହୋଇ ପଡିଥିଲେ। ସେଠାରୁ ତାଙ୍କୁ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବିରଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ମହିଳା ଜଣକ ହେଲେ ଜଗତ୍‌ସିଂହପୁର ଚର୍ଚ୍ଚିକା ବଜାରର ସନ୍ଧ୍ୟାରାଣୀ ପ୍ରଧାନ। ସେ ତାଙ୍କ ସ୍ୱାମୀ ଅଭୟଙ୍କ ସହ ସ୍କୁଟି ଯୋଗେ ବିରିଡି ରାଣିପଡା ଝିଅ ଘରକୁ ଯାଉଥିଲେ। ବନ ବିଭାଗ ପକ୍ଷରୁ ସତର୍କତାର ସହ ଗଛ କାଟିବାକୁ ଦାବି ହେଉଛି। ଘଟଣାକୁ ନେଇ ବିରିଡି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଗଛ କଟାଳି ଓ ବନ ବିଭାଗ କର୍ମଚାରୀଙ୍କୁ ପଚରା ଉଚରା କରୁଥିବା ଜଣାପଡିଛି।

## ନିର୍ମାଣାଧୀନ ସେତୁର ସଂଯୋଗୀକରଣ ରାସ୍ତା ଭାସିଗଲା

ଡେରାବିଶ,୧୭।୮(ସ୍ୱ.ପ୍ର.)



ମାର୍ଶାଘାଇ ବ୍ଲକରେ ନିର୍ମାଣାଧୀନ ସେତୁର ସଂଯୋଗୀକରଣ ରାସ୍ତା ଧୋଇ ହୋଇଯାଇଛି।

ମହାନଦୀର ବନ୍ୟା ଯୋଗୁ ଶାଖାନଦୀ ଲୁଣା ଓ କରାଣ୍ଡିଆରେ ବନ୍ୟାଜଳ ବୃଦ୍ଧି ପାଇବା ସହ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହେବା ଆରମ୍ଭ ହୋଇଯାଇଛି । କରାଣ୍ଡିଆ ନଦୀର ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ହୁରାସାହି ଓ ମାର୍ଶାଘାଇ ବ୍ଲକ ଜଳପୋକ ଗ୍ରାମଠାରେ ନିର୍ମାଣଧୀନ ସେତୁକୁ ସଂଯୋଗୀକରଣ ରାସ୍ତା ବୁଧବାର ଭାସିଯାଇଛି । ଦ୍ୱୀପଞ୍ଚଳର ଜଳପୋକ ଗ୍ରାମକୁ ସଂଯୋଗ କରୁଥିବା ଏହି ସଂଯୋଗୀକରଣ ରାସ୍ତାର ପାଖାପାଖି ୩୦ ମିଟର ଧୋଇଯିବା ଫଳରେ ଡେରାବିଶ ବ୍ଲକ ସମେତ ମାର୍ଶାଘାଇ ଓ ଗରଦପୁର ବ୍ଲକ୍ ଅଞ୍ଚଳକୁ ଯାତାୟତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ।

କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ (୧) ବିଭାଗ ପକ୍ଷରୁ କରାଣ୍ଡିଆ ନଦୀରେ ନିର୍ମାଣ ହେଉଥିବା ସେତୁ ପାଇଁ ସଂଯୋଗୀକରଣ ରାସ୍ତା ନିର୍ମାଣ ହେବା ପରେ ନଦୀର ଉଭୟ ପଟର ଲୋକେ ଯାତାୟତ କରୁଥିଲେ । ତେବେ ଏହି ଖବର ପାଇବା ପରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ଅସ୍ଥାୟୀ ଭାବେ ବ୍ୟାରିକେଡ୍ ନିର୍ମାଣ କରାଯାଇ ଲୋକଙ୍କୁ ଯାତାୟତର ସୁବିଧା ପାଇଁ ଲୁଣା -କରାଣ୍ଡିଆ ବନ୍ୟା ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜଳସମ୍ପଦ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପରାମର୍ଶ ଦେଇଛନ୍ତି। ସେ ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରିଥିବା କହିଛନ୍ତି ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ସେଣ୍ଟ୍ରାଲ ଡିଜିଟାଲ ଲାଇବ୍ରେରି ଉଦ୍‌ଘାଟିତ

ରାଜନଗର,୧୭।୮(ଡି.ଏନ୍.ଏ.)

**ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମହାବିଦ୍ୟାଳୟକୁ ଆସିଥିବାରୁ ମୁଁ ଖୁସି। ମହାବିଦ୍ୟାଳୟର ବ୍ୟବସ୍ଥା, ଭିତ୍ତିଭୂମି ଦେଖି ଏହା ଜିଲାରେ ଏକ ନମ୍ବର କଲେଜ ଭାବେ ମାନ୍ୟତା ପାଇଛି। କେନ୍ଦ୍ରାପଡା ଜିଲାର ବିକାଶ କରିବାକୁ ହେଲେ ଶିକ୍ଷାର ବିକାଶ ଦରକାର ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ। ବୁଧବାର ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ନୂତନ ଶ୍ରେଣୀଗୃହର ଶିଳାନ୍ୟାସ ଏବଂ ରୁଷା ଅର୍ଥରେ ନିର୍ମିତ ସେଣ୍ଟ୍ରାଲ ଡିଜିଟାଲ ଲାଇବ୍ରେରି, କମ୍ପ୍ୟୁଟର ଲାବୋରେଟୋରୀ, ଷ୍ଟାଫ୍ ରିଡିଙ୍ଗ ରୁମ, ଷ୍ଟୁଡେଣ୍ଟ ରିଡିଂ ରୁମ ଉଦ୍‌ଘାଟନ କରିବା ଅବସରରେ ସେ ଏପରି କହିଛନ୍ତି।

ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟରେ ଭୋକେଶନାଲ ସ୍କିଲ ଓ ଡେଭଲପମେଣ୍ଟ କୋର୍ସର ଷ୍ଟଡି ସେଣ୍ଟର ଓଡିଶା ଷ୍ଟେଟ ଓପନ ୟୁନିଭରସିଟି ପକ୍ଷରୁ ଖୋଲିବାକୁ ଘୋଷଣା କରିଥିଲେ। ଏଥିସହ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ ସହିତ ସାଇନ୍ସ ଲାବୋରେଟୋରୀର ଆଧୁନିକୀକରଣ ଓ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ଯୋଗାଇ ଦେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠା ପରଠୁ ପ୍ରଥମଥର ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ମହାବିଦ୍ୟାଳୟକୁ ଆସିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଯୋଗଦେଇ ମହାବିଦ୍ୟାଳୟର ବିକାଶ ଦେଖି ଆନନ୍ଦ ପ୍ରକାଶ କରିଥିଲେ। ମୋ କଲେଜକୁ ୫୦ହଜାର ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଏହା ବାଦେ ମହାବିଦ୍ୟାଳୟ ସମ୍ମୁଖରେ ଥିବା ଶ୍ରୀ ଦଧିବାମନଜୀଉଙ୍କ ଜମିକୁ ମହାବିଦ୍ୟାଳୟକୁ ହସ୍ତାନ୍ତର ପାଇଁ ପ୍ରତିଶ୍ରୁତି ଦେଇଥିଲେ।




ଉଦ୍‌ଘାଟନୀ ଉତ୍ସବ ଅବସରରେ ଆୟୋଜିତ ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଅନ୍ୟମାନେ।

## ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଦାବି



କଳା ବ୍ୟାଜ୍ ପରିଧାନ କରିଥିବା କର୍ମଚାରୀ।

ରାଜନଗର,୧୭।୮(ଡି.ଏନ୍.ଏ.)

ଚୁକ୍ତି ଭିତ୍ତିକ ନିଯୁକ୍ତି ଉଚ୍ଛେଦ ଏବଂ ଚୁକ୍ତିଭିତ୍ତିକ କର୍ମଚାରୀ ୬ ବର୍ଷ ଚାକିରୀ କରିବା ପରେ ରେଗୁଲାର ସମୟରେ ୬ ବର୍ଷର ଚାକିରୀ ଅବଧିକୁ ହିସାବକୁ ନ ନେବା ପ୍ରସଙ୍ଗକୁ ନେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୁଧବାର ଏହି ଦାବିରେ ରାଜନଗର ବ୍ଲକ, ତହସିଲ ଏବଂ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟର କର୍ମଚାରୀମାନେ କଳାବ୍ୟାଚ ପିନ୍ଧି ପ୍ରତିବାଦ କରିଛନ୍ତି। ଆସନ୍ତା ୨୬ ଯାଏ କର୍ମଚାରୀମାନେ କଳାବ୍ୟାଚ ପିନ୍ଧିବେ ବୋଲି ସୂଚନା ମିଳିଛି। ଏହାପରେ ବି ସରକାର ଦାବି ନ ଶୁଣିଲେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପରେଶ କୁମାର ମଲ୍ଲିକ, ଅବିନାଶ ରଥ, ଆଦିତ୍ୟ ନାରାୟଣ ଦାସ, ପ୍ରଜ୍ଞାନ ତ୍ରିପାଠୀ, କମଳାକାନ୍ତ ମଲ୍ଲିକ, ବିରାମ ସୋରେନ ପ୍ରମୁଖ କଳାବ୍ୟାଚ ପିନ୍ଧିଛନ୍ତି।

## କଏଦୀଙ୍କ ଅନଶନ, ଡିଆଇଜିଙ୍କ ଜେଲ ପରିଦର୍ଶନ

କେନ୍ଦ୍ରାପଡା ଅଫିସ, ୧୭।୮

କଏଦୀଙ୍କୁ ଭଲ ଖାଦ୍ୟ ଦିଆଯାଉନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି କେନ୍ଦ୍ରାପଡ଼ା ଉପ କାରାଗାରର ବିଚାରାଧୀନ କଏଦୀ ବୁଧବାର ଅନଶନ କରିଛନ୍ତି । ତେବେ ଜେଲ ବିଭାଗ ଡିଆଇଜି କୁଳମଣୀ ବେହେରା ଉପକାରାଗାରରେ ପହଞ୍ଚି କଏଦୀଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଜେଲ ବିଭାଗ ଡିଆଇଜି ପୂର୍ବାହ୍ନରେ ଏହି ଉପ କାରାଗାରକୁ ପରିଦର୍ଶନ ପାଇଁ ଆସିଥିଲେ। ଏ ସଂକ୍ରାନ୍ତରେ ଖବର ମିଳିବା ପରେ କଏଦୀମାନେ ଜେଲରେ ନିମ୍ନ ମାନର ଓ କମ ପରିମାଣର ଖାଦ୍ୟ ଦିଆଯାଉଥିବା ଦର୍ଶାଇ ଅନଶନ କରିବା ସହ ଡିଆଇଜି ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏସମ୍ପର୍କରେ ଜେଲର ଶଶିକାନ୍ତ ମହାଳିକଙ୍କ ସହିତ ଆଲୋଚନା ପରେ କଏଦୀଙ୍କୁ ଠିକ ପରିମାଣରେ ଖାଦ୍ୟ ଦେବା ପାଇଁ ଡିଆଜି ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏସମ୍ପର୍କରେ ଜେଲର ଶଶିକାନ୍ତଙ୍କ ମୋବାଇଲ ନଂ. ୯୦୪୦୭୮୯୦୯କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

## ବନ୍ୟାଜଳ ଘେରରେ ୪ ପରିବାର

ରାଜନଗର,୧୭।୮(ଡି.ଏନ୍.ଏ.)

ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ରାଜନଗର ବ୍ଲକର ୪ ପରିବାର ପାଣିଘେରରେ ରହିଛନ୍ତି। ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ସନ୍ଥପଡା ଗାଁର ନଟବର ବାରିକ, କାଳିନ୍ଦୀ ବାରିକ, ଶ୍ରୀନିବାସ ବାରିକ, ମାଘବାନନ୍ଦ ବାରିକ ପ୍ରମୁଖ ପରିବାର ପାଣି ଘେରରେ ରହିଛନ୍ତି। ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।



ବନ୍ୟା ଘେରରେ ଥିବା ଏକ ଘର ଭିତରୁ ଜଣେ ନିରାପଦ ସ୍ଥାନକୁ ଆସୁଛନ୍ତି।

## ଲୁଣାନଦୀ ବନ୍ଧରେ ଘଳିଆ

ଡେରାବିଶ,୧୭।୮(ସ୍ୱ.ପ୍ର.)

- ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ
- ପାଣିଘେରରେ ଡେରାବିଶର ଢ଼ିଅବସପୁର ଓ ପୁରୁଷୋତ୍ତମପୁର



ଘଳିଆ ସ୍ଥଳରେ ମରାମତି କାର୍ଯ୍ୟ ତଦାରଖ କରୁଛନ୍ତି ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି।

ମହାନଦୀ ସିଷ୍ଟମରେ ବନ୍ୟାଜଳ ମଙ୍ଗଳବାର ମଧ୍ୟରାତିରେ ବୃଦ୍ଧିପାଇବା ସହ ଏହି ବନ୍ୟାଜଳ ଶାଖାନଦୀ ଡେରାବିଶ ବ୍ଲକ ଅଧୀନ ଲୁଣା ଓ କରାଣ୍ଡିଆରେ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ବୁଧବାର ଅପରାହ୍ନରେ ବ୍ଲକ ଅଧୀନସ୍ଥ ଲୁଣାନଦୀ ବନ୍ଧରେ ଅର୍ତ୍ତାମୂଳଠାରେ ୩ଟି ଘଳିଆ ପଡ଼ିଥିଲା । ନଦୀପାଣି ଏହି ଘଳିଆ ବାଟ ଦେଇ କେନ୍ଦ୍ରାପଡ଼ା କେନାଲ୍‌ରେ ପ୍ରବେଶ କରୁଥିବାରୁ ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ହୋଇଯାଇଥିଲେ। ତେବେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ ଓ କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କ ସମେତ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ୧୪ ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଲ୍ଲିକଙ୍କ ସମେତ ଯଅଁରାବାରିମୂଳ, ମୁକୁନ୍ଦପୁର, ଦାନପୁର ଓ ଚାନ୍ଦୋଳ ପଞ୍ଚାୟତର ଶତାଧିକ ଲୋକ ଏକଜୁଟ ହୋଇ ବାଲିବସ୍ତା ପକାଇ ଘଳିଆ ବନ୍ଦ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏଠାରେ ଯଦି ଘାଇ ହୁଏ ତେବେ ବ୍ଲକ ଅଂଚଳ ସମେତ ଜିଲ୍ଲାର ବହୁ ଅଂଚଳ ବନ୍ୟାପ୍ଲାବିତ ହୋଇଯିବାର ଆଶଙ୍କା ରହିଛି। ସେହପରି ଏହି ବ୍ଲକ ଅଧୀନ ବସୁପୁର ପଂଚାୟତ ଢ଼ିଅବସୁପୁର ଓ ଇନ୍ଦାଳୋ ପଂଚାୟତର ପୁରୁଷୋତମପୁର ଗ୍ରାମରେ ଲୁଣା ଓ କରାଣ୍ଡିଆର ଜଳ ପ୍ରବେଶ କରିବା ଫଳରେ ଗାଁ ରାସ୍ତାରେ ୫ ଫୁଟରୁ ଉର୍ଦ୍ଧ୍ୱ ବନ୍ୟାଜଳ ଲହଡ଼ି ଖେଳୁଛି।

ଏହି ବନ୍ୟାଜଳ ଢ଼ିଅବସପୁର ଗ୍ରାମର କେତେକ ବ୍ୟକ୍ତିଙ୍କ ଘରେ ପ୍ରବେଶ କରିବା ଦ୍ୱାରା ପରିବାର ସହ ଲୋକମାନେ ନିଜ ଘରର ଛାତ ଓ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ସେହିପରି ପୁରୁଷୋତ୍ତମପୁର ଗ୍ରାମରେ ଲୋକେ ଜଳବନ୍ଦୀରେ ରହିଥିବାରୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ତହସିଲଦାର ଦାୟିତ୍ୱରେ ଥିବା ବିଡ଼ିଓ ନମିତା ବାରିକ ଏହି ସ୍ଥାନକୁ ଘନଘନ ଗସ୍ତ କରିବା ସହ ଘଟଣା ସ୍ଥଳରେ ଉପସ୍ଥିତ ରହି ବସୁପୁର ସରପଞ୍ଚ କମଳା ଦାସ ଓ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରାଙ୍କ ଉଦ୍ୟମରେ ଢ଼ିଅବସପୁର ଗ୍ରାମରେ ୩୦୦ ଲୋକଙ୍କ ପାଇଁ ହେଉଥିବା ରନ୍ଧା ଖାଦ୍ୟ ଯୋଗାଣକୁ ତଦାରଖ କରିଥିଲେ। ସେହିପରି ପୁରୁଷୋତ୍ତମପୁର ଗ୍ରାମକୁ ଯାଇ ବିଡ଼ିଓ ବାରିକ ବିପନ୍ନଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇଛନ୍ତି । ଏଥିସହ ବନ୍ୟାଜଳରେ ବନ୍ୟଜଳବନ୍ଦୀରେ ରହିଥିବା ଘରର ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବାରିକ ସୂଚନା ଦେଇଛନ୍ତି । ତେବେ ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ନଦୀବନ୍ଧରେ ବିଡ଼ିଓ ବାରିକ ବିପନ୍ନଙ୍କୁ ପଲିଥିନ୍ ମଧ୍ୟ ଯୋଗାଇ ଦେଇଛନ୍ତି। ତେବେ ଲୁଣାନଦୀର ଦାନପୁର ଠାରେ ବିପଦସଙ୍କେତ ୩୨.୫୫ ରହିଛି । ବୁଧବାର ସକାଳ ୬ଟା ସୁଦ୍ଧା ଏହି ବନ୍ୟାଜଳ ବୃଦ୍ଧି ପାଇ ୩୮.୬୦ ରହିଥିଲା । ମାତ୍ର ଅପରାହ୍ନରେ ଏହି ଜଳ ମାତ୍ର ୪ରୁ ୬ ଇଞ୍ଚ କମିଥିବା ନେଇ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ କୁମାର ସେଠୀ ସୂଚନା ଦେଇଛନ୍ତି । ତେବେ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବା ବିଭାଗୀୟ ସହକାରୀ ମୁଖ୍ୟଯନ୍ତ୍ରୀ ପ୍ରବୋଧ କୁମାର ରାଉତ ଓ ପୂର୍ଣ୍ଣଚନ୍ଦ୍ର ରଥଙ୍କ ସମେତ ଅଧୀକ୍ଷଣ ଯନ୍ତ୍ରୀ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାୟ, ଲୁଣା ଓ କରାଣ୍ଡିଆ ନଦୀବନ୍ଧରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବା ବେଳ ଦୁର୍ବଳ ଥିବା ନଦୀବନ୍ଧରେ ପର୍ଯ୍ୟାପ୍ତ ପରିମାଣରେ ବାଲିବସ୍ତା ମହଜୁଦ ରଖାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

**ରଘୁନାଥପୁର ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ**

ରଘୁନାଥପୁର,(ଡି.ଏନ.ଏ.): ରଘୁନାଥପୁର ବ୍ଲକରେ ବୁଧବାର ନୂତନ ବିଡିଓ ଭାବେ ଲମ୍ବୋଦର ଖୁଣ୍ଟିଆ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କେନ୍ଦୁଝର ସାହାରାପଡା ବ୍ଲକରେ କାର୍ଯ୍ୟରତ ଥିଲେ। ବ୍ଲକ ଦାୟିତ୍ୱରେ ଥିବା ଏବିଡିଓ ଅଶୋକ ମହାନ୍ତି ଖୁଣ୍ଟିଆଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ବ୍ଲକ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନୂତନ ବିଡିଓ ଖୁଣ୍ଟିଆଙ୍କୁ ସାକ୍ଷାତକରି ସ୍ୱାଗତ ଜଣାଇଥିଲେ। ସମସ୍ତଙ୍କ ସହଯୋଗରେ ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇ ନେବେ ବୋଲି ବିଡିଓ ଖୁଣ୍ଟିଆ କହିଛନ୍ତି।

## ସଂକ୍ଷେପରେ

### ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଇଫ୍‌କୋର ସହାୟତା

ପାରାଦୀପ ୧୭।୮(ସ୍ୱ.ପ୍ର.): କୁଜଙ୍ଗ ବ୍ଲକର ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ବୁଧବାର ଇଫ୍‌କୋ ସହାୟତା ପ୍ରଦାନ କରିଛି। ଏଥିପାଇଁ କମ୍ପାନୀ ୧୫ କୁଇଣ୍ଟାଲ ଚୁଡା, ୧୫ କୁଇଣ୍ଟାଲ ଗୁଡ, ୩୦ କାର୍ଟୁନ ବିସ୍କୁଟ, ୫୦୦ ପ୍ୟାକେଟ ମହମବତୀ ଓ ଦିଆସିଲି ବିଡିଓ ସୌମଶ୍ରୀ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କମ୍ପାନୀ ସହଯୋଗ କରିଥାଏ ବୋଲି ନିର୍ଦ୍ଦେଶକ କେ. ଜେ. ପଟେଲ ସୂଚନା ଦେଇଛନ୍ତି।

### ଦଳେଇ ଘାଇ ବନ୍ଧ ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

ବାଲିଆ,୧୭।୮ (ସ୍ୱ.ପ୍ର.): ଉପୁଜିଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଦଳେଇଘାଇ ବନ୍ଧ ପରିଦର୍ଶନ କରିବା ସହ ସ୍ଥିତି ପରଖି ଥିଲେ। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ନେତା ରାଜକିଶୋର ବେହେରାଙ୍କ ନେତୃତ୍ୱରେ ରାଜ୍ୟ ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର, ମହିଳା ମୋର୍ଚ୍ଚାର ଗୀତାଞ୍ଜଳି ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ମହାନ୍ତି, ମିଡିଆସେଲ ଅଧକ୍ଷ ଗଣେଶ ମହାନ୍ତି, ଓବିସି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଏସସି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ, ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ପରେ ଉତ୍ତରଶାସନ ପଞ୍ଚାୟତର ନଦୀ କୂଳରେ ବାସ କରୁଥିବା ସାମଲସାହିରେ ପହଞ୍ଚି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

### ଅସହାୟ କଲ୍ୟାଣ ସମିତି ବୈଠକ

ପାରାଦୀପ,୧୭।୮(ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଅସହାୟ ଲୋକଙ୍କ ପାଇଁ ସହଯୋଗ କରିବାକୁ ଏକ ସଙ୍ଗଠନ କରାଯାଇଛି। ଏହି ଅସହାୟ କଲ୍ୟାଣ ସମିତି ସଙ୍ଗଠନ ପକ୍ଷରୁ ବୈଠକ କ୍ଷଣକୁଦଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, କାଉନସିଲର କେ. ଜଗନ୍ନାଥ ରାଓ, କୁଳମଣି ନାୟକ ପ୍ରମୁଖ ଉପସ୍ଥିତ ରହି ସଙ୍ଗଠନର ମହତ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମାନସିକ ବିକାରଗ୍ରସ୍ତ, ଦୁର୍ଘଟଣାରେ ଆହତ ଅପରିଚିତ ଲୋକ, ଭିନ୍ନକ୍ଷମ ଆଦି ଲୋକଙ୍କୁ କିପରି ତତ୍କାଳ ସେବା ମିଳିବ ସେଥିପାଇଁ ସମିତି କାମ କରିବ ବୋଲି ସଭାପତି ପଞ୍ଚାନନ ବେହେରା କହିଛନ୍ତି। ଅନ୍ୟମାନଙ୍କ ମଧରେ ପ୍ରତିମା ବେହେରା, ଶର୍ମିଷ୍ଠା ଭୂୟାଁ, ରତ୍ନାକର ଜେନା, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଡି ନୋଡାଲ ସ୍କୁଲର ନୂତନ ଗୃହ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୭।୮(ସ୍ୱ.ପ୍ର.): ବିଡି ନୋଡାଲ ସ୍କୁଲ ବିକାଶ ପାଇଁ ଅନୁଦାନ ଯୋଗାଇ ଦିଆଯିବା ସହିତ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ୩ନଂ. ୱାର୍ଡ ତନ୍ତୁପୁର ଗ୍ରାମର ବିଡି ନୋଡାଲ ସ୍କୁଲର ନୂତନ ଗୃହ ଉଦଘାଟନ ଉତ୍ସବରେ ଯୋଗ ଦେଇ ପ୍ରକାଶ କରିଛନ୍ତି। ସିଆରସିସି ମଳୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍କୁଲର ବିକାଶ ପାଇଁ ନିଜସ୍ୱ ପାଣ୍ଠିରୁ ୧୦ଲକ୍ଷଟଙ୍କାର ଅନୁଦାନ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ, ୩ନଂ. ୱାର୍ଡ କାଉନସିଲର ପ୍ରତିନିଧି ତଥା ବ୍ଲକ ବିଜେଡି ସଭାପତି କିଶୋର ସାହୁ,ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା,୪ନଂ. ୱାର୍ଡ କାଉନସିଲର ପ୍ରତିନିଧି ହୃଷିକେଶ ମଲିକ, ସ୍କୁଲ ପରିଚାଳନା କମିଟି ସଭାପତି ସୁଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅଦ୍ୱୈତ ପ୍ରସାଦ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀ ନିକିତା ପ୍ରିୟଦର୍ଶିନୀ ସାହୁ ସ୍କୁଲ ସମସ୍ୟା ସମ୍ବଳିତ ଦାବିପତ୍ର ପାଠ କରିଥିଲେ। ଜିଲ୍ଲା ବିଜେଡି ଡିଜିଟାଲ ସମ୍ପାଦିକା ପୁଷ୍ପାଳି ପାତ୍ର ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର,ପୂର୍ବତନ କାଉନସିଲର ହରିଶ୍ଚନ୍ଦ୍ର ତରାଇ, ଶରତ ମାଝି,ଯୁବନେତା ରଞ୍ଜିତ ନାୟକ, ଶଙ୍କର ନାୟକ, ଶୁଭକାନ୍ତ ତରାଇ,ପ୍ରମୋଦ ପାତ୍ର, ଦାସ, ଯୁଗଳ ବେହେରା, ରମାକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ସ୍କୁଲ ଓ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଯୁଗଳ କିଶୋର ବେହୁରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମହାନଦୀର ଘେରି ବନ୍ଧ, ପାଇକା ନଦୀବନ୍ଧରେ ଘାଇ

## କୁଜଙ୍ଗ ବ୍ଲକ ୧୦ ପଞ୍ଚାୟତର ୩୪ ଗାଁ ଲୋକ ଜଳବନ୍ଦୀ

କୁଜଙ୍ଗ,୧୭।୮(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାରେ ବୁଧବାର କୁଜଙ୍ଗ ବ୍ଲକ ଅଞ୍ଚଳରେ ୨ଟି ଘାଇ ହୋଇଛି। ଗୋଟିଏ ସକାଳେ ମହାନଦୀର ଘେରିବନ୍ଧର ତେରମାଣପୁରଠାରେ ହୋଇଥିବା ବେଳେ ଅପରାହ୍ଣରେ ପାଇକା ନଦୀବନ୍ଧର କାଠକୋଟଠାରେ ୫୦ ଫୁଟର ଏକ ଘାଇ ହୋଇଛି। ଏଥିଯୋଗୁ ବ୍ଲକ ଅନ୍ତର୍ଗତ ହଂସୁରା, କାଠକୋଟ, ବଡବାଲିକଣି, ତାଳପଡା, ସାଇଲୋ, ମହ୍ଲାସାହି, ଜିଲାନାସୀ, କୁଜଙ୍ଗ, ଭୂତମୁଣ୍ଡାଇ ଓ ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ୩୪ଟି ଗାଁର ୧୫ ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ବନ୍ୟା ବିପନ୍ନ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଲଘୁଚାପଜନିତ ଝିପିଝିପି ବର୍ଷା ବଢାଇ ଦେଇଛି।

ମଙ୍ଗଳବାର ବଡ଼ବାଲିକଣି ଓ ଜିଲାନାସୀ ପଞ୍ଚାୟତରେ ରାସ୍ତା ଓ ଘେରିବନ୍ଧରେ ୩ଟି ଘାଇ ହୋଇଥିଲା। ବୁଧବାର ସୃଷ୍ଟି ହୋଇଥିବା ୨ଗୋଟି ଘାଇ ଅଞ୍ଚଳବାସୀଙ୍କ ଦୁଃଖକୁ ବଢାଇ ଦେଇଛି। ସାଇଲୋ ପଞ୍ଚାୟତର ହରିପୁରଠାରେ ଏନ୍‌ଡିଆର୍‌ଏଫ୍ ଟିମ୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସାଇଲୋ ପଞ୍ଚାୟତର ହରିପୁର, ଜିଲାନାସୀ ପଞ୍ଚାୟତର ଜୟଶଙ୍ଖପୁର ଓ ସାହାରାଡିଆ, ମହ୍ଲାସାହି ପଞ୍ଚାୟତର ମଧୁପୁର, କୁଜଙ୍ଗ ପଞ୍ଚାୟତର ଭଣ୍ଡୁଆକୁ ୩୮ କୁଇଣ୍ଟାଲ ଗୋଖାଦ୍ୟ, ୩୦ କୁଇଣ୍ଟାଲ ଚୁଡା, ୧୨ କୁଇଣ୍ଟାଲ ଗୁଡ଼ ଓ ୪୦ ପେଟି ବିସ୍କୁଟ ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷେ ମଙ୍ଗଳବାର ୭ଟା ଡଙ୍ଗା ବନ୍ୟା ପ୍ରଭାବିତ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ବୁଧବାର ଆଉ ୯ଟି ଡଙ୍ଗା ଯୋଗାଇ ଦିଆଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ଡଙ୍ଗା ପ୍ରଭାବିତ ଅଞ୍ଚଳକୁ ପର୍ଯ୍ୟାପ୍ତ ହେଉନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପାଇକା ନଦୀରେ ସୃଷ୍ଟ ୫୦ ଫୁଟର ଘାଇରେ ତୀବ୍ର ଜଳସ୍ରୋତ ଯୋଗୁ କାଠକୋଟ ଓ ବାଣସରା ଗାଁରେ ବ୍ୟାପକ ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଯାଇଛି। ଖବର ଲେଖା ହେବା ସୁଦ୍ଧା ପ୍ରଶାସନ ସେଠାରେ ପହଞ୍ଚି ନ ଥିବା ବିପନ୍ନ ଲୋକ ଅଭିଯୋଗ କରିଛନ୍ତି। ସେମାନେ ଭୟ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟାଳୟରେ ନ ରହି ବନ୍ୟାଞ୍ଚଳ ବୁଲୁଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରିଲିଫ ପାଇଁ ବିପନ୍ନମାନେ ପହଞ୍ଚି ଫେରୁଥିବା ଦେଖିବାକୁ ମିଳିଥିଲା। ତାଳଦଣ୍ଡା କେନାଲ ବନ୍ଧରେ କେତେକ ଦୁର୍ବଳ ସ୍ଥାନରେ ଘଳିଆ ପଡିବା ଯୋଗୁ ପ୍ରଶାସନ ପକ୍ଷରୁ ବାଲିବସ୍ତା ପକାଯାଉଛି। ବ୍ଲକ ଅଞ୍ଚଳରେ ୧,୪୭୬ ହେକ୍ଟର ଚାଷ ଜମିରେ ଧାନ ଓ ପନିପରିବା ନଷ୍ଟ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



କୁଜଙ୍ଗ ପାଇକା ନଦୀର କାଠକୋଟଠାରେ ବନ୍ଧରେ ଘାଇ।



ମହାନଦୀର ଘେରି ବନ୍ଧ ତେରମାଣପୁର ପାଖରେ ହୋଇଥିବା ଘାଇ।

### ପାଣି ଘେରରେ ଅଲିପଡ଼ାରେ ୪୦ ପରିବାର

ବାଲିଆ, ୧୭।୮(ସ୍ୱ.ପ୍ର)

ବିରିଡି ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହୋଇଥିବା ବିଲୁଆ ଖାଇ ଓ ଦେବୀ ନଦୀରେ ଭରା ପାଣି ଶ୍ରୋତ ଲାଗି ରହିଛି। ଏହି ବନ୍ୟା ପାଣି ଯୋଗୁ ଉକୁନ୍ଦରା ପଞ୍ଚାୟତର ବୁଡି ଅଞ୍ଚଳ କୁହାଯାଉଥିବା ଅଲିପଡ଼ାରେ ବସବାସ କରୁଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାରର ଘର ଭିତରେ ଓ ଗୁହାଳ ଘରେ ପାଣି ପଶି ଯାଇଛି। ଲୋକମାନେ ଏବେ ଉଚ୍ଚା ସ୍ଥାନକୁ ଗୋରୁ ଓ ପିଲା ଛୁଆଙ୍କୁ ଧରି ଚାଲି ଆସିବା ସହ ଖୋଲା ଆକାଶ ତଳେ ଜୀବନ ଅତିବାହିତ କରୁଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇନାହିଁ। ଫଳରେ ସେମାନେ ସେଠାରେ ଭୋକ ଉପାସରେ ପଡି ରହିଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ପାଣି ଘେରରେ ଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ପାଲ ଯୋଗାଇ ଦେବାକ ଦାବି ହେଉଛି।

# ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବୁଝିଲେ ବିଧାୟକ

ବିରିଡ଼ି/ବାଲିଆ, ୧୭।୮(ଡି.ଏନ୍.ଏ./ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଯୋଗୁ ବିରିଡ଼ି ବ୍ଲକର କାଠଯୋଡ଼ି, ବିଲୁଆଖାଇ ଓ ଦେବୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇଛି। ଫଳରେ ନଦୀକୂଳରେ ବସବାସ କରୁଥିବା ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଛି। ଏଣୁ ଲୋକେ ନଦୀବନ୍ଧ ଉପରେ ପିଲାଛୁଆ ଓ ଗୋରୁଙ୍କୁ ଧରି ଆଶ୍ରୟ ନେଇଛନ୍ତି। ବୁଧବାର ଝିପିଝିପି ବର୍ଷା ଯୋଗୁ ବନ୍ୟା ବିପନ୍ନଙ୍କ ସମସ୍ୟା ଅଧିକ ବଢ଼ିଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ୨୨ ମୌଜାର ଦେବୀ ନଦୀକୂଳରେ ଥିବା ଅଲିପଡା ଓ ଖରମଙ୍ଗା ଗ୍ରାମର ବନ୍ୟା ବିପନ୍ନଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ସେମାନଙ୍କୁ ସରପଞ୍ଚ ସରୋଜିନୀ ବାରିକ କେବଳ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଉଛନ୍ତି ବୋଲି ବିପନ୍ନମାନେ ବିଧାୟକଙ୍କୁ କହିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ଗୋ ଖାଦ୍ୟ ଓ ପଲିଥିନ ଦିଆଯାଇନାହିଁ ବୋଲି ବିପନ୍ନ ବିଷ୍ଣୁ ମଲ୍ଲିକ, ସୁନାକର ମଲ୍ଲିକ, କାବୁଲା ଭୋଇ, ସୋମନାଥ ପାତ୍ର ଓ ବିଶ୍ୱନାଥ ପାତ୍ର ବିଧାୟକଙ୍କୁ କହିଥିଲେ। ପରେ ବିଧାୟକ ଦାସ ଶଙ୍ଖାରିସାହି ସାନନଈ କୂଳ ଘେରି ଭିତରେ ଥିବା ଭୋଇସାହି ଲୋକଙ୍କ ସମସ୍ୟା ବୁଝିଥିଲେ। ସେଠାରୁ ଶଙ୍ଖାରିସାହି ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅଧିକାଂଶ ଦିନ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା କଥା ଶୁଣି ତାଙ୍କୁ ବିଧାୟକ ତାଗିଦା କରିଥିଲେ। ବର୍ଷାଦିନ ପୂର୍ବରୁ ନଦୀବନ୍ଧ ମରାମତି ଓ ବନ୍ଧ କଡରେ ଥିବା ଜଙ୍ଗଲ ସଫା ହୋଇ ନ ଥିବା ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ତୁରନ୍ତ କାର୍ଯ୍ୟଗୁଡିକୁ ସାରିବା ପାଇଁ ବିଧାୟକ ଦାସ କନିଷ୍ଠ ଯନ୍ତ୍ରୀ ସାଗରିକା ବେହେରାଙ୍କୁ କହିଥିଲେ। ପରେ ଚାଷିଖଣ୍ଡ ରଘୁଆ ଘାଇ ଓ ନୀଳମହଲ ସ୍ଲୁଇସ୍ ଗେଟ୍ ପରିଦର୍ଶନ କରିଥିଲେ। ନୀଳମହଲ ପାଣିରେ ବାରଡିଆ, ଗେଲପୁର, ଡିହସାଇବିରି, ନଇଁଲ, ରହମ୍ବା, ବଳପୁର ଗ୍ରାମର ଚାଷ ଜମିଗୁଡିକ ଜଳମଗ୍ନ ହୋଇଥିବା ଦେଖି ତିର୍ତ୍ତୋଲ ଅଞ୍ଚଳକୁ ଫେରି ଯାଇଥିଲେ। ତାଙ୍କ ସହ ବ୍ଲକ ଅଧକ୍ଷା ମମତା ପାତ୍ର, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ନିରଞ୍ଜନ ସେଠୀ, ଯୁଧିଷ୍ଠିର ବେହେରା, କଲ୍ୟାଣ ବାରିକ, ପୁରଣ ସମବାୟ ସମିତିର ସଭାପତି ନନ୍ଦ କିଶୋର ବସ୍ତିଆ, ସୁଶାନ୍ତ ବସ୍ତିଆ, ନେତ୍ରାନନ୍ଦ ପାତ୍ର, ରବୀନ୍ଦ୍ର ସାହୁ, ପ୍ରଦୀପ୍ତ ଭୂୟାଁ, ପବିତ୍ର ପଶାୟତ, କେଦାରନାଥ ସାହୁ, ସୁଦର୍ଶନ ବେହେରା ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଦଳେଇଘାଇଠାରେ ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି।



ବିଧାୟକ ବିଜୟ ଶଙ୍କର ଦାସ ବନ୍ୟା ବିପନ୍ନ ଲୋକଙ୍କୁ ଭେଟୁଛନ୍ତି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା, ଜଳ ନିଷ୍କାସନ ମୁଖ୍ୟ ସମସ୍ୟା

ରଘୁନାଥପୁର,୧୭।୮(ଡି.ଏନ.ଏ.)

ଗତବର୍ଷ ହୋଇଯାଇଥିବା ଅଦିନିଆ ବର୍ଷା ଓ ବାତ୍ୟା ଜୱାଦରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସହାୟତା ପ୍ରଦାନ, ଜଳ ନିଷ୍କାସନ ଏବଂ ଜଳସେଚନ ସମସ୍ୟା ନେଇ ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତବାସୀ ବୁଧବାର ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଚାଷୀମାନଙ୍କର ଉପଯୁକ୍ତ ସରଜମିନି ତଦନ୍ତ କରା ନ ଯିବା, କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ଓ ସହାୟତା ରାଶିର ପରିମାଣ ତାଲିକା ସର୍ବସାଧାରଣରେ ପ୍ରକାଶ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ କରାଯାଇଛି। ଏହାଛଡା ପଞ୍ଚାୟତର ପ୍ରତି ଗ୍ରାମରେ ଜଳ ନିଷ୍କାସନ ସମସ୍ୟା ଦୀର୍ଘବର୍ଷ ହେଲା ଲାଗି ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେଉଛି। ଖରାଦିନିଆ ଫସଲ ପାଇଁ ପ୍ରତି ଗ୍ରାମରେ ଉଠା ଜଳସେଚନର ବ୍ୟବସ୍ଥା କରିବା ପାଇଁ ପଞ୍ଚାୟତବାସୀ ଦାବି ରଖିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା, ରଶ୍ମିରଞ୍ଜନ ସ୍ୱାଇଁ ସତର୍କ କରାଇଛନ୍ତି। ପ୍ରତାପ କୁମାର ନାୟକ, ପ୍ରଶାନ୍ତ ଜେନା, ବିପିନ କୁମାର ପାଳ, ପ୍ରମୋଦ କୁମାର ପାଳ, ନାରାୟଣ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପାଳ, ବିଜୟ କୁମାର ରାଉତଙ୍କ ସହ ଅନ୍ୟମାନେ ତହସିଲଦାରଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ଏ ସମ୍ପର୍କରେ ଆସନ୍ତା ୭ଦିନ ଭିତରେ ଚାଷୀଙ୍କୁ ଡାକି ଆଲୋଚନା କରାଯିବ ବୋଲି ତହସିଲଦାର ରୂପାଲିକା ଦାଶ ପ୍ରକାଶ କରିଛନ୍ତି।



ତହସିଲଦାରଙ୍କ ସହ ପଞ୍ଚାୟତବାସୀ ଆଲୋଚନା କରୁଛନ୍ତି।

**ତହସିଲଦାରଙ୍କୁ ଭେଟି ଦାବିପତ୍ର ଦେଲେ ରାଢ଼ଙ୍ଗ ପଞ୍ଚାୟତବାସୀ**

# ସୋସାଇଟିରୁ ସାର ନେବାକୁ ଚାଷୀଙ୍କ ଭିଡ଼

## ଖୋଲା ବଜାରରେ ଚଢ଼ା ରେଟ

ରଘୁନାଥପୁର, ୧୭।୮(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଅଞ୍ଚଳର ଖୋଲା ବଜାରରେ ବିକ୍ରି ହେଉଥିବା ସାରର ଅହେତୁକ ମୂଲ୍ୟ ଯୋଗୁ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସରକାରୀ ସ୍ତରରେ ଯୋଗାଇ ଦିଆଯାଉଥିବା ସାର ଓ ଔଷଧ ନେବାକୁ ଛପଡା କୃଷି ସେବା ସମବାୟ ସମିତିରେ ବୁଧବାର ଚାଷୀଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଧାର୍ଯ୍ୟ ମୂଲ୍ୟ ରଖି ଚାଷୀଙ୍କୁ ଟୋକନ ଦେବା ପରେ ସେମାନେ ଗୋଦାମରୁ ସାର ନେଉଥିବା ସମିତି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି କହିଛନ୍ତି। ଏଥିରେ କର୍ମଚାରୀ ରାଜକିଶୋର ବାରିକ, ସନ୍ତୋଷ ପାତ୍ର ଓ ସୋନାଲି ମଲ୍ଲ ସହଯୋଗ କରୁଥିବା ସେ କହିଛନ୍ତି। ଲଘୁଚାପ ଜନିତ ବର୍ଷା ଓ ବନ୍ୟା ଆଶଙ୍କା ସତ୍ତ୍ୱେ ଚାଷୀମାନେ କିପରି ଜମିରେ ରୁଆପୋତା କାମ ସାରିବେ ସେଥିପାଇଁ ବ୍ୟଗ୍ର ଅଛନ୍ତି। ଦୀର୍ଘଦିନ ଧରି ସମିତି ଗୋଦାମରେ ସାର ମହଜୁଦ ନ ଥିବାରୁ ଦୈନିକ ଚାଷୀମାନେ ଆସି ଫେରୁଥିଲେ। ଷ୍ଟକ ଆସିବା ମାତ୍ରେ ତୁରନ୍ତ ସେମାନଙ୍କୁ ଡାକି ସାର ଓ ଔଷଧ ପ୍ରଦାନ କରାଯାଉଛି ବୋଲି ସମ୍ପାଦକ ମହାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଚାଷୀମାନେ ଉଚିତ ମୂଲ୍ୟରେ ସାର ଓ ଔଷଧ ପାଉଥିବା ଦୀପ୍ତିକାନ୍ତ ଜେନା, ଅମରେଶ ସେଠୀ, ରାଜକିଶୋର ବିଶ୍ୱାଳ, ତାପସ କୁମାର ସ୍ୱାଇଁ, ପ୍ରତାପ ରାଉତ ଓ ନୀହାର ରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

# ଅଲାଣ୍ଡୋର ଅନନ୍ତ ସାଗର ପୋଖରୀ ୨,୨୦,୩୦୦ରେ ନିଲାମ

ବାଲିଆ, ୧୭।୮(ସ୍ୱ.ପ୍ର.)

ବିରିଡି ବ୍ଲକ ଅଲାଣ୍ଡୋ ପଞ୍ଚାୟତରେ ଥିବା ଅନନ୍ତସାଗର ପୋଖରୀର ନିଲାମ ବୁଧବାର କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ନିଲାମ ବେଳେ ଜିପିଓ ପାୟଲ ମହାପାତ୍ର, ସରପଞ୍ଚ ସନେତାଷ ସେଠୀ, ସମିତି ସଭ୍ୟ ରାଜେଶ ଭୋଇ, ପିଇଓ ଶରତ ମହାରଣା, ଜିଆରଏସ୍‌ଙ୍କ ଉପସ୍ଥିତିରେ ରହିଥିଲେ। ପ୍ରଥମେ ନିଲାମ ୧ ଲକ୍ଷ ୧୦ ହଜାରରୁ ଆରମ୍ଭ ହୋଇ ୨ ଲକ୍ଷ ୨୦ ହଜାର ୩ ଶହ ଟଙ୍କାରେ ଶେଷ ହୋଇଥିଲା। ଅନନ୍ତ ସାଗର ପୋଖରୀକୁ ଉମେଶ ଚନ୍ଦ୍ର ସ୍ୱାଇଁ ନିଲାମ ଧରିଥିଲେ। ଏଥିରେ ଲିଲିସ୍ମିତା ବେହେରା, ଭାସ୍କର ଦାସ ଭାଗ ନେଇଥିଲେ ମଧ ସ୍ୱାଇଁଙ୍କୁ ନିଲାମ ମିଳିଥିଲା।

# ୧୯୦ ପଞ୍ଚାୟତର ୮୦୯ ଗ୍ରାମ ପ୍ରଭାବିତ

ଜଗତ୍‌ସିଂହପୁର ଅଫିସ, ୧୭।୮

ଜଗତ୍‌ସିଂହପୁର ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁ ଜିଲାର ୧୯୦ ପଞ୍ଚାୟତର ୮୦୯ଟି ଗ୍ରାମ ପ୍ରଭାବିତ ହୋଇଛି। ଜିଲାର ୩୫ଟି ଗାଁର ଲୋକ ଜଳବନ୍ଦୀ ଯୋଗୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଲୋକଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ୯,୩୨୭ କୁଇଣ୍ଟାଲ ଚାଉଳ, ୨,୩୩୦ କୁଇଣ୍ଟାଲ ଗହମ ଓ ୨୮.୨୩୩ ଲିଟର କିରୋସିନ ବିଭିନ୍ନ ସ୍ଥାନରେ ମହଜୁଦ ରଖାଯାଇଛି। ବୁଧବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବନ୍ୟା ସ୍ଥିତିର ସମୀକ୍ଷା କଲା ବେଳେ ଏହି କଥା କୁହାଯାଇଛି। କୁଜଙ୍ଗ ବ୍ଲକରେ ୨ଟି ଘାଇ ହୋଇଥିବା ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ବୁଧବାର ଅପରାହ୍ଣ ୩ଟା ସୁଦ୍ଧା ୨୦ଟି ଆଶ୍ରୟସ୍ଥଳରେ ୨,୮୩୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୨,୦୭୫ ଜଣଙ୍କୁ ମାଗଣା ଖାଦ୍ୟ ଦିଆଯାଇଛି। ୧୪,୨୫୨ ଗୋ ସମ୍ପଦ ପ୍ରଭାବିତ ହୋଇଛନ୍ତି। ୫୧.୫୩୬ କୁଇଣ୍ଟାଲ ଚୁଡା ଓ ୧୯.୪୨୨୫ କୁଇଣ୍ଟାଲ ଗୁଡ ବଣ୍ଟନ ହୋଇଛି। ୧୪ କୁଇଣ୍ଟାଲ ଗୋଖାଦ୍ୟ ବଣ୍ଟନ ହୋଇଛି। କୁଜଙ୍ଗ ବ୍ଲକର ଜିଲାନାସୀଠାରେ ମୋବାଇଲ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇ ପାଣି ପାଉଚ୍ ଯୋଗାଇ ଦିଆଯାଉଛି। ଗୁରୁବାର ତେରମାଣପୁର ଓ ତିର୍ତ୍ତୋଲରେ ଆଉ ୨ଟି ମୋବାଇଲ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଇ ପାନୀୟ ଜଳ ଯୋଗାଇ ଦିଆଯିବ। ୨ଟି ପାଣି ଟାଙ୍କି ମାଧମରେ ପାନୀୟ ଜଳ ଯୋଗାଣ ହେଉଛି। ବିପନ୍ନ ଅଞ୍ଚଳରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ବିପନ୍ନ ଗୋ ସମ୍ପଦଙ୍କୁ ଗ୍ରୀନ ଫଡର ଓ ଗୋଖାଦ୍ୟ ଯୋଗାଯାଉଛି। ମନ୍ତ୍ରୀ ମଲ୍ଲିକ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବନ୍ୟା ବିପନ୍ନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣି ସେମାନଙ୍କୁ ଶୁଖିଲା, ରନ୍ଧା ଖାଦ୍ୟ, ପାନୀୟ ଜଳ, ଔଷଧ ଆଦି ଯୋଗାଇ ଦିଆଯାଉଥିବା କୁହାଯାଇଥିଲା। ଗୋ ଖାଦ୍ୟ ଗୁରୁବାର ପର୍ଯ୍ୟନ୍ତ ଯୋଗାଯିବ। ପରିସ୍ଥିତି ସୁଧୁରିଲେ ଚାଷ ଜମି, ଫସଲ ନଷ୍ଟ ଓ ଘର ଭଙ୍ଗା ଉପରେ ଆକଳନ କରାଯିବ। ବୈଠକରେ ଯୋଗଦେଇ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ଯେଉଁ ଅଞ୍ଚଳରେ ବନ୍ୟା, ବର୍ଷା ପାଣି ଜମିଛି ସେ ଅଞ୍ଚଳର କ୍ଷୟକ୍ଷତି ଠିକ୍ ଭାବେ ଆକଳନ କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ। ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ବିରିଡ଼ି ବ୍ଲକର ବାଇଶିମୌଜା ଅଞ୍ଚଳ ପ୍ରଭାବିତ କଥା କହିଥିଲେ। ସେଠାରେ ରନ୍ଧା ଖାଦ୍ୟ ଓ ଗୋ ସମ୍ପଦଙ୍କ ପାଇଁ ଗୋଖାଦ୍ୟ ଯୋଗାଇବାକୁ କହିଥିଲେ। ନଦୀ ବନ୍ଧରେ ଯେଉଁ ଲୋକମାନେ ରହୁଛନ୍ତି ସେମାନଙ୍କୁ ପାଲ ଯୋଗାଇବାକୁ କହିଥିଲେ। ବୈଠକରେ ଜିଲାପାଳ ପାରୁଲ ପଟାୱରୀ ଜିଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ଏହି ଅବସରରେ କୁହାଯାଇଥିଲା ଜିଲାରେ ୪୫ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ, ୨୨୪ଟି ବିକଳ୍ପ ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି। ୫୮ଟି ଚେନ୍ ସ, ୭୨ ଆସ୍କାଲାଇଟ୍, ୨୩ ଜେସିବି, ୩୮ ଟ୍ରାକ୍ଟର ପ୍ରସ୍ତୁତ ରଖାଯାଇଛି। ୫,୧୦୧ଟି ପଲିଥିନ ସିଟ୍ ମହଜୁଦ ରହିଛି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଔଷଧ, ହାଲୋଜେନ୍ ଟାବଲେଟ୍, ସାପ କାମୁଡ଼ା ଇଞ୍ଜେକସନ ଆଦି ପିଏଚ୍‌ସି/ସିଏଚ୍‌ସିରେ ମହଜୁଦ ଅଛି। ୨୧ଟି ମୋବାଇଲ ହେଲଥ ୟୁନିଟ୍ କାର୍ଯ୍ୟ କରୁଛି। ବୈଠକରେ ଜିଲା ପରିଷଦ ସଭାପତି ମନୋଜ ଭୋଇ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପୂର୍ବରୁ ମନ୍ତ୍ରୀ ମଲ୍ଲିକ ନାଉଗାଁ ବ୍ଲକ ବଚ୍ଛାଳୋ ପଞ୍ଚାୟତ ଅନ୍ତର୍ଗତ ବନ୍ୟା ପ୍ରଭାବିତ ପୋକମୂଳ ଓ ବ୍ରାହ୍ମଣଗାଁକୁ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହ ସରକାରୀ ଦଳ ମୁଖ୍ୟ ସଚେତକ ମୁଦୁଲି ଉପସ୍ଥିତ ଥିଲେ। ଆଗକୁ ଲଘୁଚାପଜନିତ ବର୍ଷା ଓ ବନ୍ୟା ଭୟ ଥିବାରୁ ନଦୀ ବନ୍ଧ ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ।



ମନ୍ତ୍ରୀ ପ୍ରମିଳା ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ ନାଉଗାଁ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଜଗତ୍‌ସିଂହପୁର ଜିଲାରେ ବର୍ଷା, ବନ୍ୟାର ପ୍ରଭାବ**

- ୩୫ ଗାଁ ଜଳବନ୍ଦୀ, ୨୦ ହଜାର ଲୋକ କ୍ଷତିଗ୍ରସ୍ତ
- ଚାଉଳ ୯,୩୨୭ କୁଇଣ୍ଟାଲ, ଗହମ ୨,୩୩୦ କୁଇଣ୍ଟାଲ, କିରୋସିନ ୨୮.୨୩୩ ଲିଟର ମହଜୁଦ
- ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ବନ୍ୟା ସ୍ଥିତିର ସମୀକ୍ଷା

**କଂଗ୍ରେସକୁ ଝଟକା: ୨ ବରିଷ୍ଠ ବିଧାୟକ ଭାଜପାରେ ସାମିଲ**

ନୂଆଦିଲ୍ଲୀ: ହିମାଚଳ ପ୍ରଦେଶରେ କଂଗ୍ରେସକୁ ଏକ ଝଟ୍‌କା ଲାଗିଛି। ଦୁଇ ବରିଷ୍ଠ କଂଗ୍ରେସ ବିଧାୟକ ଭାଜପାରେ ଯୋଗ ଦେଇଛନ୍ତି। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଜୟ ରାମ ଠାକୁରଙ୍କ ଉପସ୍ଥିତିରେ ବୁଧବାର କଙ୍ଗରା ବିଧାୟକ ପୱନ କାଜଲ ଏବଂ ନାଲାଗଡ ବିଧାୟକ ଲକ୍ଷ୍ମୀନ୍ଦର ସିଂ ରାଣା ଭାଜପାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଠାକୁର କହିଛନ୍ତି, କଂଗ୍ରେସର ବରିଷ୍ଠ ନେତା ତଥା କାର୍ଯ୍ୟକାରୀ ସଭାପତି ପୱନ ଏବଂ ଉପାଧ୍ୟକ୍ଷ ରାଣା ଭାଜପାରେ ଯୋଗ ଦେଇଛନ୍ତି, ଆମେ ତାଙ୍କୁ ସ୍ୱାଗତ କରୁଛୁ।

# ଗଡ଼କରୀ ବାଦ୍ ପଡ଼ିଲେ

## ଭାଜପାରେ ଦ୍ୱନ୍ଦ୍ୱ


ନୀତିନ ଗଡ଼କରୀ


ଶିବରାଜ ସିଂ ଚୌହାନ

ନୂଆଦିଲ୍ଲୀ,୧୭।୮

ଭାଜପା ସଂସଦୀୟ ବୋର୍ଡରୁ ବୁଧବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷେ ଭାଜପାର ସର୍ବୋଚ୍ଚ ସାଙ୍ଗଠନିକ ବୋର୍ଡରେ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ସମେତ ୬ ନୂଆ ସଦସ୍ୟଙ୍କୁ ସାମିଲ କରାଯାଇଛି। ପ୍ରଥମ ଥର ପାଇଁ ଜଣେ ଶିଖ୍ ନେତାଙ୍କୁ ଏହି ବୋର୍ଡରେ ସ୍ଥାନ ମିଳିଛି। ସେ ହେଲେ ଇକ୍‌ବାଲ୍ ସିଂ ଲାଲପୁରା।

ଗୈରିକ ଦଳ ଏହାର କେନ୍ଦ୍ର ନିର୍ବାଚନ କମିଟି (ସିଇସି)ରେ ମଧ୍ୟ ପରିବର୍ତ୍ତନ କରିଛି। ମହାରାଷ୍ଟ୍ର

### ସଂସଦୀୟ ବୋର୍ଡ

■ଶିବରାଜଙ୍କ ପକ୍ଷଚ୍ଛେଦନ, ୟେଦୁରପ୍ପାଙ୍କ ପତିଆରା ବୃଦ୍ଧି

ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଏଥିରେ ନୂଆକରି ସାମିଲ କରାଯାଇଛି। ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ଗଡ଼କରୀଙ୍କ ସହ ଶିବରାଜଙ୍କୁ ବାହାର କରାଯିବା ପରେ ଉଭୟେ ସିଇସି ସଦସ୍ୟତା ମଧ୍ୟ ହରାଇଛନ୍ତି। ସଂସଦୀୟ ବୋର୍ଡର ଅନ୍ୟ ସଦସ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସ୍ୱତଃ ସିଇସିରେ ସାମିଲ ହୋଇଥିବାବେଳେ ଅତିରିକ୍ତ ଭାବେ ଆଉ କେତେଜଣଙ୍କୁ ଏଥିରେ ମିଶାଯାଇଛି। ଅନ୍ୟ ନୂଆ ସଦସ୍ୟମାନେ ହେଲେ କେ. ଲକ୍ଷ୍ମଣ, ସୁଧା ଯାଦବ ଓ ସତ୍ୟନାରାୟଣ ଜଟିୟା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଘନିଷ୍ଠ ରୂପେ ଜଣାଶୁଣା ତଥା ଭାଜପାର ୬୫ ବର୍ଷୀୟ ପୂର୍ବତନ ଅଧ୍ୟକ୍ଷ ଗଡ଼କରୀ ଏବଂ ୬୩ ବର୍ଷୀୟ ଶିବରାଜଙ୍କୁ ସଂସଦୀୟ ଦଳ ବୋର୍ଡରୁ ହଟାଇବା ପାର୍ଟିରେ ସେମାନଙ୍କ ପତିଆରା ହ୍ରାସକୁ ଦର୍ଶାଉଛି। ଜାତୀୟ ସଂଖ୍ୟାଲଘୁ କମିଶନ ଅଧ୍ୟକ୍ଷ ତଥା ପଞ୍ଜାବ ପୋଲିସର ପୂର୍ବତନ ଅଫିସର ଇକ୍‌ବାଲ ସିଂ ଲାଲପୁରାଙ୍କୁ ଏଥିରେ ସ୍ଥାନ ମିଳିଛି। ଅନ୍ୟପକ୍ଷେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଓ ଶାହନୱାଜ ହୁସେନଙ୍କୁ ମଧ୍ୟ ସିଇସିରୁ ବିଦା କରାଯାଇଛି। ଏହି ପରିବର୍ତ୍ତନ ପରେ ବୋର୍ଡରେ ବର୍ତ୍ତମାନ ୧୧ ସଦସ୍ୟ ଥିବାବେଳେ ସିଇସିରେ ୧୫ ନେତା ରହିଛନ୍ତି।

ସିଇସିରେ ନୂଆ ସାମିଲ ହୋଇଥିବା ନେତାଙ୍କ ମଧ୍ୟରେ ଫଡ୍‌ନବିସ ଓ ଭୂପିନ୍ଦରଙ୍କ ସହ ରାଜସ୍ଥାନର ଓମ୍ ମାଥୁର ଓ ଭାଜପା ମହିଳା ଶାଖା ମୁଖ୍ୟ ବନଥି ଶ୍ରୀନିବାସନ ରହିଛନ୍ତି। ସେହିପରି ଶିବରାଜ ଯିବା ପରେ ବୋର୍ଡରେ କୌଣସି ମୁଖ୍ୟମନ୍ତ୍ରୀ ନାହାନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଏଥିରେ ସାମିଲ କରାଯାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। କିନ୍ତୁ ଦଳ ତାଙ୍କୁ ସୁଯୋଗ ଦେଇନାହିଁ। ଉଭୟ ୟେଦୁରପ୍ପା ଓ ଜଟିୟା ୭୫ ବର୍ଷରେ ପଦାର୍ପଣ କରିଛନ୍ତି, ଯାହାକୁ ଭାଜପାରେ ଅବସରର ବୟସ ରୂପେ ବିବେଚନା କରାଯାଇଥାଏ। ମୋଟାମୋଟି ଭାବେ ଦେଖିଲେ ଦଳୀୟ ସଙ୍ଗଠନକୁ ନେଇ ଭାଜପାରେ ଦ୍ୱନ୍ଦ୍ୱ ଭରିରହିଥିବା ବିଷୟ ଏହି ଅଦଳବଦଳରୁ ଜଣାପଡୁଛି।

# ‘ରାଜ୍ୟ ସଭା ଉପାଧ୍ୟକ୍ଷ ପଦ ଛାଡ଼ିବେନି ହରିବଂଶ’


ହରିବଂଶ ନାରାୟଣ ସିଂ

ନୂଆଦିଲ୍ଲୀ, ୧୭।୮: ନୀତୀଶ କୁମାର ବିହାରରେ ଭାଜପା ସହିତ ମେଣ୍ଟ ଭାଙ୍ଗି ମହାମେଣ୍ଟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏହା ପରେ ବି ରାଜ୍ୟ ସଭା ଉପାଧ୍ୟକ୍ଷ ପଦରୁ ଜେଡିୟୁ ନେତା ହରିବଂଶ ନାରାୟଣ ସିଂ ଇସ୍ତଫା ଦେଇନାହାନ୍ତି। ମାତ୍ର ସେ ଏହି ପଦରେ ରହିବେ ବୋଲି ଜେଡିୟୁ ସଭାପତି ଲଲନ ସିଂ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ହରିବଂଶ ତାଙ୍କ ପଦରୁ ଇସ୍ତଫା ଦେବାର କୌଣସି ଆବଶ୍ୟକତା ନାହିଁ। ଏନଡିଏ ସହଯୋଗୀ ଦଳରୁ ଜେଡିୟୁ ଅଲଗା ହେବା ଏକ ରାଜନୈତିକ ନିଷ୍ପତ୍ତି ହୋଇଥିବାବେଳେ ହରିବଂଶ ରାଜ୍ୟ ସଭାର ଉପାଧ୍ୟକ୍ଷ। ଏହା ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ। ଅପରପକ୍ଷେ ହରିବଂଶ ନିଜେ ନୀତୀଶ କୁମାରଙ୍କ ମହାମେଣ୍ଟରେ ଯୋଗଦେବା ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ରାଜ୍ୟ ସଭାର ଉପାଧ୍ୟକ୍ଷ ନିର୍ବାଚନରେ ଅନେକ ଅଣ ଏନଡିଏ ଦଳ ମଧ୍ୟ ହରିବଂଶଙ୍କୁ ଭୋଟ ଦେଇଥିଲେ ବୋଲି ଲଲନ୍ କହିଛନ୍ତି। ସୂଚନାଯୋଗ୍ୟ, ଜେଡିୟୁ ଅଲଗା ହେବା ପରେ ରାଜ୍ୟ ସଭାରେ ଏନ୍‌ଡିଏର ଏବେ ସଦସ୍ୟ ସଂଖ୍ୟା ୧୦୯ କୁ ଖସି ଆସିଛି। ଏହା ସ୍ପଷ୍ଟ ଯେ ବର୍ତ୍ତମାନ ଏନଡିଏ ପାଇଁ କୌଣସି ବିଲ ପାସ କରିବା ଅଧିକ ଚ୍ୟାଲେଞ୍ଜିଂ ହେବ।

# ୩ ବର୍ଷ ହେଲା ସମୀକ୍ଷା ବୈଠକ ହୋଇନି: ଭାଜପା

## ନଦୀବନ୍ଧ ସୁରକ୍ଷା


ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟନେତୃବୃନ୍ଦ।

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ରାଜ୍ୟରେ ଜଳ ନୀତି ଥାଇ ରାଜ୍ୟ ସରକାର ତାହା ନିୟମିତ କାର୍ଯ୍ୟକାରୀ କରୁନାହାନ୍ତି। ପ୍ରତିବର୍ଷ ଜଳ ପରିଚାଳନା, ଜଳ ନିଷ୍କାସନ ଓ ନଦୀବନ୍ଧ ସୁରକ୍ଷା ପ୍ରସଙ୍ଗରେ ସମୀକ୍ଷା ହେବା କଥା। ମାତ୍ର ଗତ ୩ ବର୍ଷ ଧରି ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ନ ଦେବାର ପରିଣାମ ରାଜ୍ୟବାସୀ ଭୋଗୁଛନ୍ତି। ରାଜ୍ୟ ସରକାର ନଦୀବନ୍ଧବାଡ଼ର ସ୍ଥିତି ନେଇ ଆକଳନ କରୁନାହାନ୍ତି। ଫଳରେ ନଦୀବନ୍ଧରେ ମୂଷାଗାତ ସୃଷ୍ଟିହୋଇ ଘାଇରେ ପରିଣତ ହୋଇଛି। ରାଜ୍ୟ ସରକାର ବର୍ଷାଦିନ ପୂର୍ବରୁ ଦୁର୍ବଳ ବନ୍ଧର ସମୀକ୍ଷା କରିଥିଲେ ଏହି ବନ୍ୟା ପରିସ୍ଥିତି ଏଡ଼ାଯାଇ ପାରିଥାନ୍ତା ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ, ଗ୍ଲୋବାଲ ୱାର୍ମିଂ, ଅଦିନିଆ ବନ୍ୟା ବାତ୍ୟା ପରିସ୍ଥିତିକୁ ନେଇ ପ୍ରତି ୧୦ବର୍ଷରେ ‘କର୍ଭ କୋଡ୍’ର ସଂଶୋଧନ ହେବା କଥା। ମାତ୍ର ୨୨ ବର୍ଷ ହେବ ତାହା କରାଯାଇ ନାହିଁ। ଫଳରେ ପ୍ରତିବର୍ଷ ବନ୍ୟାରେ ଶହ ଶହ ଗାଁ ଜଳମଗ୍ନ ହେଉଛି। ନଦୀବନ୍ଧ ମରାମତି ନାଁରେ ପ୍ରତିବର୍ଷ କୋଟି କୋଟି ଟଙ୍କାର ମିଛ ବିଲ୍ ପ୍ରସ୍ତୁତ କରାଯାଇ ଆତ୍ମସାତ୍ କରାଯାଇଛି ବୋଲି ରାଜ୍ୟ ସଭାପତି ଅଭିଯୋଗ କରିଛନ୍ତି। ହୀରାକୁଦ ବନ୍ଧର ଜଳ ପରିଚାଳନା ପାଇଁ ୧୯୬୨ ମସିହାରେ ଏକ ‘କର୍ଭ କୋଡ୍’ ପ୍ରସ୍ତୁତ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ୧୯୮୪ ରେ ଦ୍ୱିତୀୟ ଥର ପାଇଁ ସଂଶୋଧନ କରାଯାଇଥିଲା। ଏହା ଭିତରେ ୩୮ବର୍ଷ ବିତିଗଲାଣି ଅଥଚ ‘କର୍ଭ କୋଡ୍’ର ସଂଶୋଧନ କରାଯାଇନାହିଁ। ଫଳରେ ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଛି।

ଓଡ଼ିଶା ଏକ ନଦନଦୀ ବହୁଳ ବନ୍ୟା ପ୍ରଭାବିତ ରାଜ୍ୟ। ରାଜ୍ୟରେ କେତେ ବେଳେ ବର୍ଷା ହୋଇ ନଦୀ ବଢ଼ିବ ତାହାର କୌଣସି ଠିକଣା ନ ଥାଏ। ରାଜ୍ୟ ସରକାର ବନ୍ୟା ଜଳ ପରିଚାଳନା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜନସାଧାରଣଙ୍କ ଜୀବନ ବିପଦରେ ପଡୁଛି। ବନ୍ୟା ସମୟରେ ରାଜ୍ୟ ସରକାରଙ୍କ ଅବହେଳା ସାମ୍ନାକୁ ଆସିଛି। ରାଜ୍ୟର ୧୨ରୁ ଅଧିକ ଜିଲାରେ ବନ୍ୟା ପରିସ୍ଥିତି ଅସମ୍ଭାଳ ହେଉଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ରିପୋର୍ଟ ଦେଇଛନ୍ତି। ବନ୍ୟା ଜଳ ପ୍ରଭାବରେ ରାଜ୍ୟର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହେବା ସହ ୧୦ଟି ଜିଲାର ୩୯ଟି ବ୍ଲକ ଓ ୩୬୯ ପଞ୍ଚାୟତର ୧୩୬୫ରୁ ଉର୍ଦ୍ଧ୍ୱ ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟା ଜଳରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲା ବେଳେ ୩୩୭ଟି ଗ୍ରାମ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି। ବନ୍ୟା ପରିସ୍ଥିତିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ନ ଥିବାବେଳେ ଲୋକେ ନିଜ ଘର, ପରିବାର ଓ ଅଞ୍ଚଳକୁ ବଞ୍ଚାଇବା ପାଇଁ ବ୍ୟକ୍ତିଗତ ସ୍ତରରେ ମେଳି ହୋଇ ଉଦ୍ଧାର କାର୍ଯ୍ୟ ଓ ବନ୍ଧ ମରାମତିରେ ଲାଗିଛନ୍ତି। ରାଜ୍ୟ ସରକାର କେବଳ ପ୍ରଚାର ଏବଂ ନୋଟିସ୍ ଜାରି କରିବାରେ ବ୍ୟସ୍ତ ଅଛନ୍ତି ବୋଲି ସମୀର ମହାନ୍ତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାନ୍ତୁ ସରକାର: କିଷାନ କଂଗ୍ରେସ

ଭୁବନେଶ୍ୱର,୧୭।୮(ବ୍ୟୁରୋ): ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଏହାର ଶାଖା ନଦୀରେ ପ୍ରବଳ ବନ୍ୟା ପ୍ରବାହ ଯୋଗୁ ରାଜ୍ୟର ୧୦ ଜିଲାର ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଘୋର ଦୁର୍ଦ୍ଦଶା ମଧ୍ୟରେ ପାଣି ଘେରରେ ରହିଛନ୍ତି। ବନ୍ୟା ପରିସ୍ଥିତି ଅତ୍ୟନ୍ତ ସଙ୍ଗିନ ହୋଇପଡିଛି। ରାଜ୍ୟ ସରକାର ବିପନ୍ନଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଦାବି କରିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ବନ୍ଧବାଡ଼ଗୁଡ଼ିକ ଦୁର୍ବଳ ଥିବାରୁ ଅଧିକାଂଶ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଫଳରେ ଅନେକ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ପ୍ରଶାସନ ତରଫରୁ ଉଦ୍ଧାର କାର୍ଯ୍ୟ ପ୍ରତି ଅଦ୍ୟାବଧି ସେପରି ଗୁରୁତ୍ୱ ଦିଆଯାଉ ନାହିଁ। ବନ୍ୟାଜଳ ନିୟନ୍ତ୍ରଣ କରିବାରେ ସରକାରଙ୍କ ଅସଫଳତା ପଦାରେ ପଡ଼ିଛି। ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ନଦୀବନ୍ଧ ଦୁର୍ବଳ ପାଇଁ ଅମିୟ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ତେବେ ତୁରନ୍ତ ବନ୍ୟା ବିପନ୍ନଙ୍କୁ ଥଇଥାନ ଓ ସହାୟତା ଯୋଗାଇଦେବାକୁ ସେ ଦାବି କରିଛନ୍ତି।


**COLLECTORATE, NAYAGARH**
**(ST & SC DEV. SECTION)**
**No. 1862 / Dt.16.08.2022**
**NOTICE**

No. V-52: The list of valid candidates to appear the written examination for recruitment of B.A. B.Ed., B.Sc. B.Ed., IA CT, I.Sc. CT, P.E.T. & Sanskrti Teachers (Initial Appointee) under ST & SC Dev. Deptt. of Nayagarh district as published vide this office **Advertisement No. 2730 Dtd.29.12.2021 and Corrigendum No. 625 Dtd.04.04.2022** and the list of invalid candidates and the schedule of examination is available in the district website **www.nayagarh.nic.in** for information of all concerned.

**OIPR-24009/11/0017/2223** **Sd./- Collector, Nayagarh**

**OFFICE OF THE MUNICIPALITY, KENDRAPARA**
**No. 4440** **Dt.17.08.2022**
**E-PROCUREMENT NOTICE**
**Bid Identification No. 02/KM 2022-23**

The Executive Officer, Kendrapara Municipality invites percentage wise rate bids for execution of sanitation privatization work as detailed in the DTCN from Govt. Registered Labour Contractors/Organization having valid licence, PAN, GST registration, EPF, ESI etc. as per OPWD code. The bidders should submit bids as per their eligibility criteria shown in DTCN.

1. Total No. of work for which tender invited - 1 No.
2. Place of execution in Kendrapara Municipal area.
3. Estimated cost of work - Rs.6,82,518/- including GST.
4. Eligible class of contractor - Govt. registered labour contractors/organisation as per OPWD code.
5. The bid documents will be available in the website from 11.00 A.M. on Dt.18.08.2022 to 5 P.M. Dt.29.08.2022 for online bidding.
6. The technical bid documents will be opened at 11.00 A.M. on Dt.30.08.2022.
7. The bidder has to participate in online bidding only. Further details can be seen from the e-procurement portal **https://www.tendersodisha.gov.in**.

**Sd./- Executive Officer**
**Kendrapara Municipality**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF RURAL WORKS, BHUBANESWAR**
**CORRIGENDUM**
**Notice Inviting Expression of Interest for Engagement of Individuals as "State Quality Monitor" ID No. EOI-17/SQC Dt.16.07.2022**

No. O-835: Reference to subject "Expression of Interest for engagement of individuals as SQM" vide ID No. EOI-17/SQC Dt.16.07.2022. Last date of submission of application **extended from 17th August 2022 to 16th September 2022**. All other terms and condition shall remain unchanged. Further the eligible officers who are retiring from the service on Dt.30.09.2022 they can also apply for engagement as SQM in this organization.

Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: **sqc.odisha@yahoo.in, Mobile: 9437255400**. Details of the EOI is also available in the website: **www.rd.odisha.gov.in**.

**OIPR-25123/11/0018/2223** **Sd./- Chief Engineer, PMGSY**

**GOVERNMENT OF ODISHA** **No. B-484**
**"e" PROCUREMENT NOTICE**
**WORKS DEPARTMENT**
**E-mail: ceroads.bbsr@gmail.com**
**Bid Identification No. CE-DPI&R-14/2022-23**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road work as mentioned below:
2. Nature of Work : Road work
3. No. of Work : 1 No.
4. Tender Paper Cost : Rs.10,000.00
5. Class of Contractor : Super Class/Special Class
6. Available of bid document in the website : From 10.00 A.M. of 20.08.2022 to 5.30 P.M. of 13.09.2022
7. Date of opening of Bid : Dt.14.09.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
**OIPR-34111/11/0023/2223**

**OFFICE OF THE SUPERINTENDING ENGINEER**
**RURAL WORKS DIVISION No.-II, KEONJHAR**
**"e" Procurement Notice for Building Works**
**Identification No. Online NCB - 04/2022-23**
**No. O-824**

1. Name of the work : 09 Nos. Building Works
2. Total Number of Work : 09 Nos.
3. Estimated Cost : Rs.38.63 lakhs to Rs.42.48 lakhs
4. Class of Contractor : 'D', 'C', 'B' & 'A'
5. Period of Completion : 6 (Six) Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.-II, Keonjhar | Building Works Online N.C.B. 04/2022-23 | Dt.24.08.2022 at 10.00 A.M. | Dt.02.09.2022 upto 5.00 P.M. | Dt.03.09.2022 at 11.30 P.M. |

Further details can be seen from the website **www.tenderorissa.gov.in**.

**Sd./- Superintending Engineer**
**R.W. Divn. No.-II, Keonjhar**
**OIPR - 25093/11/0004/2223**

**MAHILA VIKAS SAMABAYA NIGAM**
**(Govt. of Odisha Undertaking)**
**Mission Shakti Bhawan, 1st Floor, Pokhariput, Bhubaneswar - 751007, Ph. No. 2353223, 2353214**
**E-mail: mvsn_bbsr@yahoo.com**
**Ref.: 832/MVSN** **Dt.: 16.08.2022**
**TENDER CALL NOTICE**

No. CAD-1488: Sealed tenders are invited from interested reputed financially sound service providers having valid registration certificate for outsourcing of Security Services at Toxinon Container, Patia, Bhubaneswar.

The tender completed in all respect shall be deposited at Mahila Vikas Samabaya Nigam, Mission Shakti Bhawan, 1st Floor, Pokhariput, Bhubaneswar - 751030 on or before **Dt.02.09.2022 by 5 P.M.** through Registered Post/Speed Post/Courier Services only. The application form of the tender containing General Bid Information and terms & conditions can be downloaded from the website **wcd.odisha.gov.in** from **Dt.18.08.2022 to 02.09.2022**. A tender fee of Rs.1,000/- and EMD of Rs.20,000/- for the service is to be deposited in shape of Demand Draft along with tender application at the time of submission of the application. The authority reserves the right to cancel/modify the tender at any point of time.

**Sd./- Administrative Officer**
**Mahila Vikas Samabaya Nigam**
**OIPR-33003/11/0003/2223**

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**NOTICE**
**FileNo.PT1-HFW-MSIII-MSNG3M-0015-2019 18143/H,** **Dated 16.08.2022**

**No.E-395:** The Orientation Programme for newly recruited Laboratory Technicians under Health & Family Welfare Department as per the recommendation of OSSSC will be held at State Convention Centre, Loka Seva Bhawan, Bhubaneswar and at District Head Quarters on 19.08.2022 at 5.30 P.M.

They will report before the concerned CDM & PHOs / Superintendent, MC & Hs on date. 19.08.2022 at 9.30 AM for receipt of appointment orders.

The details of the concerned newly recruited Laboratory Technicians are available with the concerned CDM & PHOs/ Superintendent, MC & Hs and also available in Health & FW Department website http//www.odisha.gov.in/ health portal/ index.html and the website of Director of Health Services, Odisha - dhsodisha.nic.in.

They are also requested to attend the event as per the above programme.

**For any clarification, Please contact**
**Shri Saroja Kumar Behera**
**Deputy Secretary to Government**
**Mob. No.-9437337167**

**Sd./- Additional Secretary to Government**
**OIPR-10001/11/0031/2223**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
**E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore**
**No. O-833**
**"e" Procurement Notice for Road Work**
**Letter No. 3224** **Identification No. - Online Tender - Road N.C.B. No. 352 for 2022-23** **Date: 16.08.2022**

1. Name of the Work : PMGSY Road Work
2. Total No. of Work : 03 Nos. (Three)
3. Estimated Cost : Rs.302.21 lakhs to Rs.552.36 lakhs (Approximately)
4. Eligible Class of Contractor : 'A' & Special (of Odisha PWD) or relevant Class of other licencing authorities (as per annexure).
5. Period of Completion : 11 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 352 | Dt.23.08.2022 at 11.00 A.M. | Dt.07.09.2022 upto 5.00 P.M. | Dt.06.09.2022 upto 5.00 P.M. | Dt.08.09.2022 at 11.00 A.M. | Will be intimated later |

- Further details can be seen from the website: **www.pmgsytenders.gov.in**.

**OIPR-25105/11/0030/2223** **Sd./- Chief Construction Engineer, R.W. Circle, Balasore**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
**At/Po- Nuabazar, Dist.Cuttack-753004,Phone-0671-2443399, email id- serw_ctc@yahoo.com**
**NIT No.Tender Online RWC-18/22, Letter No.** **Date:**
**E-Procurement NOTICE**

**No.O-838:** The Chief Construction Engineer, R. W. Circle, Cuttack on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Cuttack for 10 (Ten) numbers of packages with estimated cost totaling to Rs.39.21 Cr (Approximately) including their maintenance for five years from the eligible contractors registered with State PWD / CPWD / MES, Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement: dt. 19.08.2022**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and(c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R. W. Circle, Cuttack** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Summary for key dates is provided below:**

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender RWC-18/22 | 19.08.2022 at 11.00 A.M. | 02.09.2022 to 5.00 P.M. | 30.08.2022 upto 5.00 P.M. | 03.09.2022 at 11.00 A.M. | Will be intimated later on |

Date of submission of original documents such as Bid Security Declaration, Cost of Bid document and Affidavit: Dt.03.09.2022 at 11.30 A.M. to 06.09.2022 at 05.30 P.M.

Further details can be seen from the website **www.pmgsytenders.gov.in.**

**Sd./- Chief Construction Engineer, Rural Works Circle, Cuttack**
**OIPR-25097/11/0022/2223**

**ODISHA LIFT IRRIGATION CORPORATION LIMITED**
**(A Government of Orissa Undertaking)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, KEONJHAR**
**E-Mail: olickjr@gmail.com**
**Tender Call Notice No. 03/2022-23/OLIC KJR Dated 16.08.2022**
**NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY FOR ENGAGEMENT OF JUNIOR ENGINEER (ELECT.) AND JUNIOR ENGINEER (MECH.)**

No. CAD-1504: Executive Engineer, Lift Irrigation Division, Keonjhar invites sealed proposals from eligible Bidders (Firms/Agencies) interested to provide "Facility Management Servies" on outsourcing basis vide a service contract for a period of one year to be engaged under Lift Irrigation Division, Keonjhar.

Tender documents can be availed from the Office of the Executive Engineer, Lift Irrigation Division, Keonjhar during office hours on working days from 22.08.2022 to 25.08.2022 on application and payment of cost of tender paper (non-refundable) Rs.2000/- in shape of Demand Draft on any Nationalised Bank in favour of Executive Engineer, Lift Irrigation Division, Keonjhar payable at Keonjhar and GST 5 (Five)% of tender paper cost to be paid by bidder on reverse charge basis in favour of **GSTIN No. 21AAACO5986G1ZF** of OLIC.

The completed tender documents shall be received at L.I. Division, Keonjhar on or before 2.00 P.M. of Dt.29.08.2022 which will be opened at L.I. Division, Keonjhar on same day at 3.30 P.M. in presence of the tenderers or their authorized representatives, if any.

The tender must be acompanied with all required documents/EMD as per DTCN in absence of which the tender will summarily be rejected.

The undersigned reserves the right to accept or reject any or all the tenders without assigning any reason thereof.

**Sd./- Execuitve Engineer**
**OIPR-32156/11/0003/2223** **Lift Irrigation Division, Keonjhar**

**DIRECTORATE OF PRINTING, STATIONERY & PUBLICATION**
**ODISHA, MADHUPATNA, CUTTACK - 753010**
**EXPRESSION OF INTEREST No. 02/FOR ANNUAL MAINTENANCE CONTRACT OF FIRE FIGHTING FOR THE YEAR 2022-23**
**e-mail Address: ao2purchase@gmail.com**

No. J-8: Directorate of Printing, Stationery & Publication, Odisha, Cuttack - 10 invites Expression of Interest in sealed cover in prescribed form from the reputed bonafide Manufacturers/ Suppliers/Firms/Authorised Service/Agencies having GST Registration Certificate in Form No. 25 to offer the rates to convey their willingness for taking up Annual Maintenance Contract (A.M.C.). Fire Fighting along with its periodical testing and maintenance chart indicated in table - 'I'.

Details of documents can be obtained on any working day during the office hour at 11.00 A.M. to 4.00 P.M. from **19.08.2022 to 08.09.2022** from the office of the undersigned on payment of **Rs.1,010/- (Rupees one thousand ten)** only inclusive GST (non refundable) in cash by person only.

The tender information can also be downloaded from the Odisha State Government website i.e. **www.odisha.gov.nic.in** and Odisha Govt. Press website i.e. **www.ogpress.nic.in**. In such cases the bidder is to submit along with a Bank Draft of **Rs.1,010/- (Rupees one thousand ten)** only (non-refundable) drawn in favour of Director, Printing, Stationery & Publication, Odisha, Cuttack.

The documents as required by this office along with E.M.D. Declaration as per Finance Department **Letter No. 8484/F., Dtd.05.04.2022** should be received by 1.30 P.M. on **09.09.2022** and will be opened on same day at 3.00 P.M. in presence of the participated bidders or their Authorized representatives.

Tender shall be finalised by the Authority.

The Authority reserves the right to reject any or all offers without assigning any reason thereof.

All disputes, if any, arises are subject to the Court of Cuttack, Jursidiction.

**Sd./- Accounts Officer (Purchase)**
**Directorate of Printing, Sty. & Pubn., Odisha, Madhupatna, Cuttack - 10**
**OIPR-02002/11/0005/2223**

See Career Appointment on every Wednesday & Saturday

# ମାଈ ହାତୀର ମୃତଦେହ ଠାବ


ହାତୀର ମୃତଦେହ।

ବଣାଇ, ୧୭।୮(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ତାମଡା ରେଞ୍ଜ କୁସୁମଡ଼ିହି ସେକ୍ସନର କେନ୍ଦୁଡ଼ିହି ନିକଟ ନାଳ ପାଖରେ ବୁଧବାର ସକାଳେ ଏକ ମାଈହାତୀର ମୃତଦେହ ଠାବ କରାଯାଇଛି। ହାତୀଟି ଗତ କିଛି ଦିନ ଧରି ଅସୁସ୍ଥ ହୋଇ ଜଙ୍ଗଲରେ ବୁଲୁଥିଲା। ବନବିଭାଗ ତା'ର ଗତିବିଧି ଉପରେ ନଜର ରଖିଥିଲା। ତେବେ ସକାଳେ ହାତୀଟି ମରିପଡ଼ିଥିବା ଖବରପାଇ ତାମଡା ରେଞ୍ଜର ଅକ୍ଷୟ ଛତ୍ରିଆ, ସହକାରୀ ବନସଂରକ୍ଷକ ସମୀର ତିର୍କୀ ପ୍ରମୁଖ ବନ ଅଧିକାରୀ ପ୍ରାଣୀ ଚିକିତ୍ସକଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବାର୍ଦ୍ଧକ୍ୟ ଓ ଲଗାଣ ବର୍ଷା ଯୋଗୁ ନିମୋନିଆରେ ଆକ୍ରାନ୍ତ ହୋଇ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଛତ୍ରିଆ କହିଛନ୍ତି। ରାଜ୍ୟରେ ଏବେ ହାତୀ ମୃତ୍ୟୁକୁ ନେଇ ହଟଚମଟ ସୃଷ୍ଟି ହୋଇଥିବାରୁ ଘଟଣାସ୍ଥଳରେ ଗଣମାଧ୍ୟମ ପହଞ୍ଚିବା ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ସରିଥିଲା। ପ୍ରକାଶ ଯେ, ଚଳିତବର୍ଷ ବଣାଇ ବନଖଣ୍ଡ ଅଞ୍ଚଳରେ ପାଞ୍ଚରୁ ଊର୍ଦ୍ଧ୍ୱ ହାତୀ ମୃତ୍ୟୁବରଣ କରିଥିବାରୁ ହାତୀବଂଶ ଲୋପ ପାଇଯିବା ଆଶଙ୍କା କରାଯାଉଛି।



ଜନ୍ମଦିନ ଶୁଭେଚ୍ଛା
ବି.ଏନ. ପଦ୍ମନାଭ ପାତ୍ର
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ତୃତୀୟ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଆଗାମୀ ଜୀବନ ପ୍ରଫୁଲ୍ଲିତ ଏବଂ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ବାପା-ନୃସିଂହ ପାତ୍ର, ବିଷ୍ଣୁପ୍ରିୟା ସାହୁ ମାମା, ସିପୁନ, ସାଇ, ଆଶିଷ ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୪୩


ଜନ୍ମଦିନ ଶୁଭେଚ୍ଛା
ବି.ଏନ. ସୁବର୍ଣ୍ଣା ପାତ୍ର
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ତୃତୀୟ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଆଗାମୀ ଜୀବନ ପ୍ରଫୁଲ୍ଲିତ ଏବଂ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ବାପା- ନୃସିଂହ ପାତ୍ର, ବିଷ୍ଣୁପ୍ରିୟା ସାହୁ ମାମା, ସିପୁନ, ସାଇ, ଆଶିଷ ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୯୫୨


ଦ୍ୱାଦଶ ଜନ୍ମଦିନ ଶୁଭେଚ୍ଛା
ବୈଭବୀ ଐଶ୍ୱର୍ଯ୍ୟା ପ୍ରଧାନ
ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କଠାରେ ପ୍ରାର୍ଥନା ତୋ ଚଳାପଥ କୁସୁମିତ ହେଉ।
ଶୁଭେଚ୍ଛା: ଦାଦା, ମାମା, ଅଜା, ଆଈ, ବଡ଼ମା, ବଡବାପା, ନାନାମାମା, ମାମୁ, ମାଈଁ, ବାବା, ମାଆ।
ଧ-୧୨୮୩


# ସମ୍ବଲପୁରୀ ବସ୍ତ୍ରାଳୟର ସ୍ୱତନ୍ତ୍ର ହସ୍ତତନ୍ତ ମେଳା

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ଗଣେଶ ପୂଜା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଅନୁମୋଦିତ ବାର୍ଷିକ କାର୍ଯ୍ୟକ୍ରମ ଅନୁସାରେ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ବୁଧବାର ଏହି ମେଳାକୁ ବିଭାଗୀୟ ମନ୍ତ୍ରୀ ରୀତା ସାହୁ ଉଦ୍‌ଘାଟନ କରିଛନ୍ତି। ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ବରଗଡ, କଟକ, ସୋନପୁର, ଆଠଗଡ, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନ ମଣ୍ଡଳର ୫୫ଟି ସମବାୟ ସମିତି/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସେମାନଙ୍କ ଉତ୍ପାଦିତ ଲୁଗାର ପ୍ରଦର୍ଶନୀ ଓ ବିକ୍ରୟ କରୁଛନ୍ତି। ସେମାନଙ୍କୁ ୫୫ଟି ଷ୍ଟଲ ଦେୟମୁକ୍ତ ଭାବେ ପ୍ରଦାନ କରାଯାଇଛି। ଗ୍ରାହକମାନେ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ଓ ୧୦% ସରକାରୀ ରିହାତିରେ କିଣାକିଣି କରିବାର ସୁଯୋଗ ନେବାକୁ ସମିତି ତରଫରୁ କୁହାଯାଇଛି। ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏସ୍‌ଏଚ୍‌ଜି ସହ ଜଡିତ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ଓ ସେମାନଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ POHI-୨୦୨୨-୨୩ ଯୋଜନାରେ ଏହି ମେଳା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୟନଶିଳ୍ପ ବିଭାଗର ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ସଂପୂର୍ଣ୍ଣାନନ୍ଦ ପ୍ରଧାନ, ସମ୍ବଲପୁରୀ ବସ୍ତ୍ରାଳୟ ବରଗଡର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ପରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଏକ ଷ୍ଟଲ୍‌ରେ ସମ୍ବଲପୁରୀ ଶାଢ଼ି ଦେଖୁଛନ୍ତି।

# ସେପ୍ଟେମ୍ବର ୧୩ରୁ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

## ୨୨ରୁ ଆବେଦନ

**ଭୁବନେଶ୍ୱର, ୧୭।୮(ବ୍ୟୁରୋ):** ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଇନ୍‌ଷ୍ଟାଣ୍ଟ ପରୀକ୍ଷା ସେପ୍ଟେମ୍ବର ୧୩ରୁ ହେବ। ଏଥିପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ବୁଧବାର ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ସୂଚନାନୁସାରେ, ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଯେଉଁ ଛାତ୍ରୀଛାତ୍ର ପାସ୍ ମାର୍କ ରଖି କେବଳ ଗୋଟିଏ ବିଷୟରେ ଫେଲ ହୋଇଛନ୍ତି, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଆବେଦନ ପ୍ରକ୍ରିୟା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ ଓ ୨୬ ତାରିଖରେ ପରୀକ୍ଷା ଫି' ପୈଠ କରାଯିବ। ପ୍ରାକ୍ଟିକାଲ ନ ଥିବା ବିଷୟ ଲାଗି ୫୨୦ଟଙ୍କା ଓ ପ୍ରାକ୍ଟିକାଲ ଥିଲେ ୫୬୦ ଟଙ୍କା ଦେବାକୁ ପଡ଼ିବ। ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଷୟ ପାଇଁ ୬୦୦ ଟଙ୍କା ଧାର୍ଯ୍ୟ ହୋଇଛି। ତେବେ ସେପ୍ଟେମ୍ବର ୧୩ ଓ ୧୪ରେ ପରୀକ୍ଷା ହେବ। ୧୩ ତାରିଖରେ ଥିଓରୀ ଓ ୧୪ରେ କେବଳ ପ୍ରାକ୍ଟିକାଲ ପରୀକ୍ଷା କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। କେବଳ ବାୟୋଲୋଜି ପାଇଁ ଅତିରିକ୍ତ ୨୦ ମିନିଟ୍ ଦିଆଯିବ। ଚଳିତବର୍ଷ ଏହି ପରୀକ୍ଷା ପାଇଁ ରେଗୁଲାର ଓ ଏକ୍ସରେଗୁଲାର ପରିକ୍ଷାର୍ଥୀଙ୍କ ସଂଖ୍ୟା ପ୍ରାୟ ୧,୬୦୦ ମଧରେ ରହିଛି। ସେପ୍ଟେମ୍ବର ୨୫ ମଧରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ବିଜ୍ଞାନ ଓ କାରିଗରି ପରିଷଦ ସହ ବିସିକେଆଇସିର ଚୁକ୍ତି



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ଭୁବନେଶ୍ୱର,୧୭।୮(ବ୍ୟୁରୋ)

ବିଜ୍ଞାନ ଓ କାରିଗରି କାର୍ଯ୍ୟକ୍ରମ ତଥା ଅଭିନବ ଭିତ୍ତିଭୂମି ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରି ପରିଷଦ ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର(ବିସିକେଆଇସି) ଫାଉଣ୍ଡେଶନ ମଧରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୁଝାମଣାପତ୍ର ଅନୁସାରେ, ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ବିସିକେଆଇସି ସହଯୋଗୀ ଭାବେ କାର୍ଯ୍ୟ କରିବ। ରାଜ୍ୟର ବିଜ୍ଞାନ ଓ କାରିଗରି ନୀତି ପ୍ରଣୟନ, ବିଭିନ୍ନ ବିଜ୍ଞାନଭିତ୍ତିକ କୌଶଳର ହସ୍ତାନ୍ତରଣ, ଶିକ୍ଷା-ସ୍ୱାସ୍ଥ୍ୟ-ପରିମଳ-ପରିବେଶ ଓ ଯୋଗାଯୋଗ କ୍ଷେତ୍ରରେ ଅଧିକ ଜ୍ଞାନ ବିନିମୟ, ତାଲିମ ଓ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ତଥା ବୁଦ୍ଧିଜୀବୀଙ୍କ ମିଳିତ ଉଦ୍ୟମ ନିମନ୍ତେ ପ୍ରୋତ୍ସାହନ ଏବଂ ବିଦ୍ୟାଳୟ ସ୍ତରରୁ ପରୀକ୍ଷାମୂଳକ ଶିକ୍ଷଣ ନିମନ୍ତେ କାର୍ଯ୍ୟକ୍ରମ ରୂପାୟନ ଆଦି କ୍ଷେତ୍ରରେ ଉଭୟ ବିଭାଗ ଓ ବିସିକେଆଇସି ମିଳିତ ଭାବେ କାର୍ଯ୍ୟ କରିବେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିଜ୍ଞାନ ଶିକ୍ଷା, ଗବେଷଣା, ଯୋଗାଯୋଗ ଓ ନୂତନ ଉଦ୍ଭାବନ ଇତ୍ୟାଦିକୁ ପ୍ରୋତ୍ସାହନ ଦେବାରେ ଏପରି ବୁଝାମଣା ଲାଭଦାୟକ ହେବ। ବିଭାଗୀୟ କମିଶନର ସୁରେଶ କୁମାର ବଶିଷ୍ଠ କହିଛନ୍ତି, ରାଜ୍ୟରେ ବିଜ୍ଞାନ ଓ କାରିଗରି ପରିବେଶର ଦୃଢ଼ୀକରଣକୁ ପ୍ରାଥମିକତା ଦେଇ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନାଗରିକଙ୍କ ମଧ୍ୟରେ ମତାମତ ଆଦାନପ୍ରଦାନ ମାଧ୍ୟମରେ ବିଜ୍ଞାନ ଶିକ୍ଷା ତଥା ଗବେଷଣା କାର୍ଯ୍ୟକୁ ସମ୍ପ୍ରସାରିତ କରିବାକୁ ପ୍ରୟାସ କରାଯିବ। ବିଭାଗ ପକ୍ଷରୁ ପରିଷଦର ସମ୍ପାଦକ ପୂଜା ମିଶ୍ର ଓ ବିସିକେଆଇସି ପକ୍ଷରୁ ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

# ସତ୍ୟପାଠ ଦାଖଲକଲେ ପୁରୀ ଜିଲାପାଳ

## ଚିଲିକା, ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗ

## ଆର୍‌ଆଇ, ଏଆର୍‌ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ

କଟକ ଅଫିସ,୧୭।୮

ଚିଲିକା ଓ ଭିତରକନିକା ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗରେ ପୁରୀ ଜିଲାପାଳ ହାଇକୋର୍ଟରେ ବୁଧବାର ସତ୍ୟପାଠ ଦାଖଲ କରିଛନ୍ତି। କୃଷ୍ଣପ୍ରସାଦ ତହସିଲ ଅଧୀନରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୫କୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ପୁରୀ ଜିଲାର କୃଷ୍ଣପ୍ରସାଦ ଅଞ୍ଚଳରେ ତହସିଲଦାର ଓ ଆର୍‌ଆଇଙ୍କ ପ୍ରୋତ୍ସାହନରେ ବେଆଇନ ଚିଙ୍ଗୁଡ଼ି ଘେରି ହେଉଥିବା ଆମିକସ୍‌କ୍ୟୁରି ଅଦାଲତଙ୍କୁ ଅବଗତ କରିଥିଲେ। ତେଣୁ କୃଷ୍ଣପ୍ରସାଦ ତହସିଲଦାର ଓ ବଜ୍ରକୋଟ ଆରଆଇଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରି ପୁରୀ ଜିଲାପାଳ ଅଗଷ୍ଟ ୧୭ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଚିଲିକା ଭିତରେ ଥିବା ଚିଙ୍ଗୁଡ଼ି ଘେରିକୁ ନଷ୍ଟ ଓ ଉଚ୍ଛେଦ କରିବା ସମୟରେ ଜିଲାପାଳ, ତହସିଲଦାର ଉପସ୍ଥିତ ରହିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତଦନ୍ତ କରି ଆର୍‌ଆଇ ଏବଂ ଏଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହିପରି କେନ୍ଦ୍ରାପଡ଼ା ରାଜନଗର ତହସିଲ ଅଞ୍ଚଳରେ ପ୍ରଶାସନ ଗୋଟିଏ ପାଖ ଚିଙ୍ଗୁଡ଼ି ଘେରି ଭାଙ୍ଗି ସମ୍ପୂର୍ଣ୍ଣ ଘେରି ଉଚ୍ଛେଦ ହୋଇଥିବା ହାଇକୋର୍ଟଙ୍କୁ ଆମିକସ୍‌କ୍ୟୁରି ଜଣାଇଥିଲେ। ଏଥିରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ସ୍ୟାଟ୍‌ଲାଇଟ ଚିତ୍ର ଉତ୍ତୋଳନ କରିବାକୁ କହିଥିଲେ। ହେଲେ କେନ୍ଦ୍ରାପଡ଼ା ଜିଲାପାଳ ସତ୍ୟପାଠ ଦାଖଲ କରି ନ ଥିବା ଜଣାପଡ଼ିଛି। ମୁଖ୍ୟବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିବାବେଳେ ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଦେଶରେ ଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ନେଇ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଏ ସମ୍ପର୍କିତ ମାମଲା ରୁଜୁକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ନିୟମିତ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନଗୁଡିକୁ ନିର୍ଦ୍ଦେଶ ଦେଉଛନ୍ତି।

## ବନ୍ୟାପ୍ଲାବିତ ଉପକୂଳ



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ୍ ଯୋଗୀମଠ ନିକଟରୁ ଲୋକଙ୍କୁ ଉଦ୍ଧାର କରାଯାଉଛି।


ମାର୍ଶାଘାଇ ବ୍ଲକ୍ ମଣିକୁଣ୍ଡାରେ ଥିବା ଜଗନ୍ନାଥ ମନ୍ଦିର ବନ୍ୟାଜଳରେ ବୁଡ଼ିରହିଛି।


ଗରଦପୁର ବ୍ଲକ୍ ବଟିରା ଗ୍ରାମ ନିକଟରେ ପାଇକା ନଦୀ ବନ୍ଧରେ ହୋଇଥିବା ଘଳିଆ ମରାମତି କରାଯାଉଛି।

# ପୋଖରୀରେ ବୁଡ଼ି ୨ ଶିଶୁ ମୃତ

**ଲକ୍ଷ୍ମୀପୁର, ୧୭।୮(ସ୍ୱ.ପ୍ର.):** କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତର କେବିଡି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମ ପୋଖରୀ ନିକଟରେ ଖେଳୁଥିବା ବେଳେ ବୁଡିଯାଇ ୨ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡିଛି, ପୋଖରୀ ନିକଟରେ ୩ ଜଣ ଶିଶୁ ଖେଳୁଥିଲେ। ହଠାତ୍ ସେମାନେ ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ପାଟି ଶୁଣି ନିକଟସ୍ଥ ବିଲରେ କାମ କରୁଥିବା ଗ୍ରାମବାସୀ ଓ ୱାର୍ଡସଭ୍ୟ ଝୁଡୁଙ୍ଗୁ ନାଚିକା ବଗି ନାଚିକାଙ୍କ ପୁଅ ଆକାଶ ନାଚିକାଙ୍କୁ ଉଦ୍ଧାର କରିଥିଲେ। ଆକାଶ ସେମାନଙ୍କୁ ଆଉ ୨ଜଣ ପାଣିରେ ବୁଡ଼ି ଯାଇଥିବା କହିଥିଲେ। ଖୋଜାଖୋଜି କରିଥିଲେ ମଧ ଉଭୟଙ୍କୁ ପାଇ ନ ଥିଲେ। ଶିଶୁଦ୍ୱୟଙ୍କ ନିଖୋଜ ଏସମ୍ପର୍କରେ ଲକ୍ଷ୍ମୀପୁର ଅଗ୍ନିଶମବାହିନୀ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପୋଖରୀରୁ ୨ଶିଶୁଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ୨ ଶିଶୁ ହେଲେ ଗ୍ରାମର ଦେବେନ୍ଦ୍ର ନାଚିକାଙ୍କ ପୁଅ ଜିତୁ (୫) ଓ ପାଲି ନାଚିକାଙ୍କ ଝିଅ ସନ୍ଧ୍ୟା(୧୨)। ଘଟଣା ସ୍ଥଳରୁ ଲକ୍ଷ୍ମୀପୁର ଏସ୍‌ଆଇ ମାନସ ପ୍ରଧାନ, ଏସଆଇ ବାସୁଦେବ ମାଝୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ବୁଧବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ସ୍କୁଲରେ ବନ୍ୟାପାଣି, ପରୀକ୍ଷା ବାତିଲ


ଛାତ୍ରୀଛାତ୍ର ବନ୍ୟାପାଣିରେ ପଶି ସ୍କୁଲକୁ ଯାଉଛନ୍ତି।

ଧାମନଗର,୧୭।୮(ସ୍ୱ.ପ୍ର.)

ସ୍କୁଲରେ ପଶିଛି ବନ୍ୟାପାଣି। ଫଳରେ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିଲେ ନାହିଁ। ଏଣୁ ପ୍ରଧାନଶିକ୍ଷକ ପରୀକ୍ଷା ବାତିଲ କରି ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କାସିମପୁର ପଞ୍ଚାୟତ ହେମେନ୍ଦ୍ର ନାଥ ହାଇସ୍କୁଲରେ।

ବୁଧବାର ସ୍କୁଲରେ ଫର୍‌ମେଟିଭ ଆସେସ୍‌ମେଣ୍ଟ ପରୀକ୍ଷା ଥିଲା। ଛାତ୍ରୀଛାତ୍ର ପୂର୍ବାହ୍ନରେ ପରୀକ୍ଷା ଦେବା ପାଇଁ ଯାଇଥିଲେ। ସ୍କୁଲ ପରିସରରେ ଜମିଥିବା ବନ୍ୟାଜଳରେ ପଶି ସେମାନେ ଭିତରକୁ ଯାଇଥିଲେ ମଧ ଶ୍ରେଣୀଗୃହରେ ପାଣି ଯୋଗୁ ସେଠାରେ ବସି ପରୀକ୍ଷା ଦେବା ସମ୍ଭବ ନ ଥିଲା। ଏପରି ସ୍ଥିତିରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିବା ପରେ ପରୀକ୍ଷା ବାତିଲ କରାଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ରାଉତ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟରୁ ମାତ୍ର କିଛି ଦୂରରେ ରେବ ଓ କପାଳୀ ନଦୀ ବୈତରଣୀରେ ମିଶିଛି। ଗତ ୩ରୁ ୪ ଦିନ ଧରି ବୈତରଣୀରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିବା ଫଳରେ ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଜଳ ପଶିଥିଲା। ବୈତରଣୀରେ ଜଳସ୍ତର କମିଥିଲେ ମଧ ଏବେ ବି ତଳିଆ ଅଞ୍ଚଳରେ ବନ୍ୟା ପାଣି ଜମି ରହିଛି। ଏହି ହାଇସ୍କୁଲ ପରିସରରେ ଅଢ଼େଇ ଫୁଟ୍‌ର ପାଣି ଜମିଛି।


ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି


ତାରିଖ- ୧୮।୦୮।୨୦୨୨
ଅବସରପ୍ରାପ୍ତ ଶିକ୍ଷକ
ଖଡ଼ିଆଳ, ନୂଆପଡ଼ା
ଆବିର୍ଭାବ- ୦୪।୦୧।୧୯୩୬
ତିରୋଧାନ- ୨୯।୦୮।୨୦୨୧
ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅପୂରଣୀୟ ଅନୁପସ୍ଥିତିକୁ ଅନୁଭବ କରି ଦୀର୍ଘ ଏକବର୍ଷ ବିତିଗଲା। ଆପଣଙ୍କ ପ୍ରେରଣା, କର୍ତ୍ତବ୍ୟପରାୟଣତା, ତ୍ୟାଗ, ସ୍ନେହ, ଶ୍ରଦ୍ଧା ଚିର ସ୍ମରଣୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା, ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୨୭୯

# ଶ୍ରୁତିଙ୍କ ଆକଳନ


ଶ୍ରୁତି

କମଲ ତନୟା ଶ୍ରୁତି ହାସନଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ ଅଭିନୟ କରିଥିବା ମଲ୍‌ଟି ଲାଙ୍ଗୁଏଜ ଫିଲ୍ମ 'ସଲାର୍‌' ସୁପରହିଟ୍ ହେବ ବୋଲି ଚାରିଆଡେ କହି ବୁଲୁଛନ୍ତି। ପୁଣି ଏହା ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ। ସେ ସିନା ଏଭଳି ଆକଳନ କରିଛନ୍ତି, ହେଲେ ବାସ୍ତବରେ କ'ଣ ଘଟୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡ଼ିବ। ହେଲେ ଏହି ଫିଲ୍ମରେ ପ୍ରଭାସଙ୍କ ସହ କିଏ ସ୍କ୍ରିନ୍ ଶେୟାର କରିବ ସେ ନେଇ ପ୍ରଯୋଜକ ଅଡୁଆରେ ପଡ଼ିଥିଲେ। ପ୍ରଥମେ ଏଥିପାଇଁ ଅନୁଷ୍କା ସେଟ୍ଟିଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହି ଅଫରଟିକୁ ହାତଛଡ଼ା କରିଥିଲେ। ପରେ କୀର୍ତ୍ତି ସୁରେଶଙ୍କୁ ସୁଯୋଗ ଦିଆଯାଇଥିଲା। ହେଲେ ଡେଟ୍ ପ୍ରୋବ୍ଲେମ ପାଇଁ ସେ ମଧ୍ୟ ମନା କରିଦେଇଥିଲେ। ଶେଷରେ ପ୍ରଯୋଜକ ଶ୍ରୁତିଙ୍କୁ ଯୋଗାଯୋଗ କରିଥିଲେ ଏବଂ ସେ ଏଥିରେ ଅଭିନୟ କରିବାକୁ ରାଜି ହୋଇଥିଲେ। ଏପରି ଅଫର ସମ୍ପର୍କରେ ଶ୍ରୁତି କହନ୍ତି, 'ଏହି ଫିଲ୍ମଟି ତେଲୁଗୁ, ତାମିଲ, ମାଲାୟାଲମ ଏପରି କି ହିନ୍ଦୀ ଭାଷାରେ ନିର୍ମିତ ହେବ। ତେଣୁ ଏପରି ଏକ ମଲ୍‌ଟି ଲାଙ୍ଗୁଏଜ୍ ଫିଲ୍ମରେ ଆକ୍ଟିଂ କରିବା ସୁଯୋଗକୁ ହାତଛଡ଼ା କରିବା ଠିକ୍ ନୁହେଁ ବୋଲି ଭାବିଥିଲି। ପୁଣି ଏହାର ମୁଖ୍ୟ ଭୂମିକାରେ ପ୍ରଭାସ ଅଭିନୟ କରିବେ। ଏହି ଫିଲ୍ମଟି ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।'

# ଏବେ ଖଳନାୟକ


ପୃଥ୍ୱୀରାଜ

ପ୍ରଥମେ ମଞ୍ଚ ନାଟକ ଏବଂ ପରେ ଓଡ଼ିଆ ଚଳଚ୍ଚିତ୍ର। ଏଗୁଡ଼ିକରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବା ପରେ ପୃଥ୍ୱୀରାଜ ଆଚାର୍ଯ୍ୟଙ୍କୁ ଏବେ ଛୋଟ ପରଦା ଅର୍ଥାତ୍ ମେଗା ଧାରାବାହିକରେ ଦେଖିବାକୁ ମିଳୁଛି। ଷ୍ଟାର କିରଣ ଚ୍ୟାନେଲରେ ପ୍ରସାରିତ ଧାରାବାହିକ 'ସୁହାଗ ସିନ୍ଦୂର'ରେ ତାଙ୍କର ଖଳନାୟକୀ ବେଶ୍ ଦର୍ଶକାଦୃତ ହୋଇଛି। ଏ ନେଇ ପୃଥ୍ୱୀରାଜ କହନ୍ତି, 'ଭୂମିକାଟି ଯେଉଁଭଳି ହେଉ ନା କାହିଁକି ତାହାକୁ ମୁଁ ସବୁବେଳେ ଗମ୍ଭୀରତାର ସହ ନେଇଥାଏ। ଏବେ ଧାରାବାହିକରେ ମୋତେ ପ୍ରଥମେ ସୁଯୋଗ ମିଳିଛି। ପୁଣି ଭୂମିକାଟି ନେଗେଟିଭ (ଶଶାଙ୍କ)। ଯାହାହେଉ ମୋର ଅଭିନୟ ଦର୍ଶକଙ୍କ ମନକୁ ଛୁଇଁପାରିଛି ତାହା ବଡ କଥା।' ଏହାପୂର୍ବରୁ ସେ ବେଶ୍ କେତୋଟି ଥିଏଟର ନାଟକ, ଓଡ଼ିଆ ସିନେମା 'ଜୋର୍ କା ଝଟକା', 'ଇନ୍ଦ୍ରଜାଲ', 'ଅକ୍ସିଜେନ୍' ଏବଂ ସାଟେଲାଇଟ୍ ଫିଲ୍ମ 'ଅଧାଲେଖା ଗପ', 'ଯଥା ରାବଣସ୍ୟ ମନ୍ଦୋଦରୀ' ଅଭିନୟ କରିସାରିଛନ୍ତି।

# ଓମ୍ ସ୍ୱାହା

ପିଲାଟିକୁ ଜନ୍ମ କରିବା ପରେ ମା'ବାପା ତାହାର ଲାଳନପାଳନ କରିବା ସହ ସେ ଭବିଷ୍ୟତରେ କିପରି ଜଣେ ଭଲ ମଣିଷ ହୋଇପାରିବ ସେ ନେଇ ଚେଷ୍ଟା କରନ୍ତି। ପିଲାଟି ଯେତେବେଳେ ତାହାର ଲକ୍ଷ୍ୟ ହାସଲ କରେ, ସେତେବେଳେ ମା'ବାପାଙ୍କ ପ୍ରତି ତାହାର ମଧ୍ୟ କିଛି କର୍ତ୍ତବ୍ୟ ରହିଛି। କିନ୍ତୁ କେତେକ ନିଜର ଲକ୍ଷ୍ୟପଥରେ ଅଗ୍ରସର ହେବା ସମୟରେ ମା'ବାପାଙ୍କୁ ଭୁଲିଯାଆନ୍ତି। ହେଲେ ଯେତେବେଳେ ସେମାନେ ନିଜ ଭୁଲ୍‌କୁ ବୁଝିପାରନ୍ତି ଆଉ ଅନୁତାପ କରି ମା'ବାପାଙ୍କ ସେବା କରିବାକୁ ଆଗଭର ହୁଅନ୍ତି, ସେମାନେ ସେଥିରେ ସଫଳ ହୁଅନ୍ତି ତ ? ଭାଙ୍ଗି ଯାଇଥିବା ସଂସାର ପୁଣି ଥରେ ଗଢ଼ିଉଠେ କି ? ବାପା-ପୁଅ ଏବଂ ଭାଇ-ଭଉଣୀର ଅନାବିଳ ସମ୍ପର୍କକୁ ନେଇ କାହାଣୀ ଗତିଶୀଳ, ଯାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଓମ୍ ସ୍ୱାହା'। ଅର୍ଚ୍ଚନା ମୁଭିଜ୍ ଏବଂ ସି.ଆର. ଏଣ୍ଟରଟେନମେଣ୍ଟ ବ୍ୟାନରରେ ବିଜୟ ଦ୍ୱିବେଦୀ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି। କେବଳ ସେତିକି ନୁହେଁ, ଏହି ସିନେମାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ସଂଳାପ ଦାୟିତ୍ୱରେ ଅଛନ୍ତି ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ହର ବାରିକ। ଅର୍ଚ୍ଚନା ଦ୍ୱିବେଦୀଙ୍କ ସହ ପ୍ରଯୋଜନାରେ ଡା. ନିର୍ମଳ ନାୟକ ଏବଂ ହର ବାରିକଙ୍କ ରଚିତ ଏଥିରେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏସ୍. ଦିଲୀପ ପଣ୍ଡା। ଫିଲ୍ମର ବିଭିନ୍ନ ଭୂମିକାରେ ଜ୍ୟୋତି, ଦିବ୍ୟା, ସସ୍ମିତା, ରାଇମୋହନ, ପ୍ରତିଭା ସାହୁ, ଅସୀତ ପତି, ପ୍ରତିଭା ପଣ୍ଡା, କେକେ, ଜୀବନ ପଣ୍ଡା, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳଙ୍କୁ ଦେଖିବାକୁ ମିଳିବ।

ଅପେରା ହାଲ୍‌ଚାଲ୍

# ଦର୍ଶକ ମୋ ପାଇଁ ସବୁକିଛି


ମୁନା

ପ୍ରଥମେ ସେ ଅପେରା ପାର୍ଟିରେ ଆର୍ଟ, ପୋଷ୍ଟର ପ୍ରଭୃତି କାମରେ ନିଜକୁ ନିୟୋଜିତ ରଖିଥିଲେ। କିନ୍ତୁ ଧୀରେ ଧୀରେ ଅଭିନୟର ମାୟାରେ ପଡ଼ିଯାଇଥିଲେ। ଗତ ପ୍ରାୟ ୩୦ ବର୍ଷ ଧରି ସେ ମଞ୍ଚ ଉପରେ ହାସ୍ୟରସ ପରିବେଷଣ କରି ସାଉଁଟିଛନ୍ତି ଅନେକ ସଫଳତା। ସେହି କମେଡିଆନ୍ ହେଉଛନ୍ତି ମୁନା। ବର୍ତ୍ତମାନ କୋଣାର୍କ ଗଣନାଟ୍ୟରେ ସେ ନିଜର ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ପ୍ରଥମେ ଓଡ଼ିଶା ଅପେରା, ତା'ପରେ କଳିଙ୍ଗ ଗଣନାଟ୍ୟରେ ଯୋଗ ଦେବା ପରେ ପରଲୋକଗତ ପ୍ରଦୀପ ମହାରଥୀ ତାଙ୍କୁ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ଆଉ ତା'ପରେ ପଛକୁ ଫେରି ଚାହିଁ ନାହାନ୍ତି ସେ। ଏପର୍ଯ୍ୟନ୍ତ କଳିଙ୍ଗ ଗଣନାଟ୍ୟ, ଧଉଳି ଗଣନାଟ୍ୟ, ତୁଳସୀ, ଓଁଶ୍ରୀ, ହରି ଓମ୍, ପାର୍ବତୀ, ଦର୍ଶକ ମହଲ ଏବଂ କୋଣାର୍କ ଗଣନାଟ୍ୟରେ ପ୍ରାୟ ୨୦୦ରୁ ଅଧିକ ନାଟକରେ ନିଜର ଅଭିନୟ ପରାକାଷ୍ଠା ଦେଖାଇ ସାରିଛନ୍ତି। 'ଧଉଳି ଗଣନାଟ୍ୟ ପରିବେଷିତ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଏ ଗଉରା କାହିଁ କାନ୍ଦୁଛୁ'ରେ କୁବେର ଚରିତ୍ର ମୋତେ ଜଣେ କମେଡିଆନ୍‌ର ମାନ୍ୟତା ଦେଇଥିଲା। ଦର୍ଶକ ମୋ ପାଇଁ ସବୁକିଛି ବୋଲି କହନ୍ତି ସେ।' ବାଲେଶ୍ୱର ଜିଲା ଜଳେଶ୍ୱରରେ ଜନ୍ମିତ ମୁନାଙ୍କ ଅଭିନୀତ ପ୍ରମୁଖ ନାଟକଗୁଡ଼ିକ ମଧ୍ୟରେ ରହିଛି -ଫଟା କପାଳକୁ ଫିକା ସିନ୍ଦୂର, ଝଡ଼ ବତାସ, ଲକ୍ଷେ ଘୋଡ଼ାକୁ ଲକ୍ଷେ ହାତୀ ଏକା ଲଢ଼ିବ ମହାରଥୀ, ବଳାତ୍କାର, ରୁବି ତୋର ରୂପ ହଜାର, ଦଇତାରି ପଣ୍ଡା ବାହା ହେଉଛି, କେନ୍ଦ୍ରାପଡ଼ାର ବାବା ଆଦି ନାଟକ।

# ଗାପି ଚୁପି ଚାଲିବେ ତାରା

କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ସେ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାକୁ ନେଇ ମନଦୁଃଖ କରୁନାହାନ୍ତି। ସେ କିଏ ଜାଣନ୍ତି ? ତାରା ସୁଟାରିଆ। ଏପରି ଯୋଜନା ସମ୍ପର୍କରେ ସେ କହନ୍ତି, 'ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ଚକ୍କରରେ ମୁଁ ନାହିଁ। କାରଣ ସିନେମା ସଂଖ୍ୟା ବଢ଼ିବା ସହ ସେଗୁଡ଼ିକୁ ଦର୍ଶକ ଗ୍ରହଣ କରିବା ଦରକାର। ତେଣୁ ସେହି ଅନୁସାରେ ମୋତେ କାହାଣୀ ଏବଂ ଚରିତ୍ର ଚଏସ୍ କରିବାକୁ ପଡ଼ିବ। ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ରହିବାକୁ ପଡ଼ିଥାଏ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ତାରାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ। ସେହି ବର୍ଷ ସେ ଅଭିନୟ କରିଥିବା 'ମର୍‌ଜାୱା' ମଧ୍ୟ ରିଲିଜ ହୋଇଥିଲା। ତା'ପରେ ସେ 'ତଡପ', 'ହେରୋପନ୍ତୀ-୨' ଏବଂ 'ଏକ ଭିଲେନ୍ ରିଟର୍ନସ'ରେ ମଧ୍ୟ ଅଭିନୟ କରିଥିଲେ। ମାତ୍ର ଚାରି ବର୍ଷର ଆକ୍ଟିଂ କ୍ୟାରିୟରରେ ତାରା ବେଶ୍ ଖୁସ୍ ଅଛନ୍ତି। ଦିନ ଆସିବ ପ୍ରଯୋଜକମାନେ ତାଙ୍କୁ ସାଇନ୍ କରାଇବାକୁ ଧାଡ଼ି ଲଗାଇବେ ବୋଲି କହିଛନ୍ତି ସେ।


ତାରା

ନୂଆ ସିନେମା

# ମାୟାବୀ

ଅନୀସ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମାୟାବୀ'। ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଏହାର କାହାଣୀ ଗତିଶୀଳ। ତପନ କୁମାର ଦାଶ ଚିତ୍ରଟିର ପ୍ରଯୋଜନା କରିଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ଭୂମିକା ଦାଶ। ଅନ୍ୟପକ୍ଷରେ ଚକ୍ରଧର ଜେନା, କୁନାଲ ପଟ୍ଟନାୟକ, ପ୍ରଶାନ୍ତ ପାତ୍ର, ଦିଲୀପ ଦାଶ, ଅରବିନ୍ଦ ଜେନା, ସ୍ନେହା, ରତନ ମେହେର, ଆଲିଭିୟାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା ଏହି ଫିଲ୍ମର ଏକ ବିଶେଷ ଭୂମିକାରେ ବିଶ୍ୱବିଖ୍ୟାତ ଯାଦୁଗର ପି.ସି. ସରକାରଙ୍କ ନାତୁଣୀ ମୌବନୀ ସରକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲିଟୁ ମହାନ୍ତି। 'ମାୟାବୀ'ର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାସ ଦେଇଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଜୟା ବିଶ୍ୱାସ।

# କେବଳ ଅପେକ୍ଷା

କ୍ରିତି ସାନନ୍‌ଙ୍କ ପ୍ରତି ଭାଗ୍ୟଦେବୀ ନିଶ୍ଚୟ ପ୍ରସନ୍ନ ହୋଇନ୍ତି। ଦେଖୁନାହାନ୍ତି ଚଳିତ ବର୍ଷ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ-ଏହି ଚାରି ମାସ ଭିତରେ ତାଙ୍କ ଅଭିନୀତ ଚାରୋଟି ଫିଲ୍ମ -'ବେଢ଼ିୟାଁ', 'ଗଣପଥ', 'ଆଦିପୁରୁଷ' ଏବଂ 'ଶେହେଜାଦେ' ରିଲିଜ ହେବାକୁ ଯାଉଛି। ଅମର କୌଶିକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ବେଢ଼ିୟାଁ'ରେ କ୍ରିତିଙ୍କ ନାୟକ ସାଜିଛନ୍ତି ବରୁଣ ଧାୱନ ଏବଂ ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୨୫ରେ ମୁକ୍ତିଲାଭ କରିବ। ଅନ୍ୟପକ୍ଷରେ ଟାଇଗର ଶ୍ରଫଙ୍କୁ ନେଇ ନିର୍ମିତ ସିନେମା 'ଗଣପଥ' ହିଟ୍ ସାବ୍ୟସ୍ତ ହେବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୬ରେ ପରଦା ଉପରକୁ ଆସିବ। କ୍ରିତିଙ୍କ ଅଭିନୀତ ଅନ୍ୟତମ ଫିଲ୍ମ 'ଆଦିପୁରୁଷ'ରେ ସାଉଥ ଷ୍ଟାର ପ୍ରଭାସ ନାୟକ ସାଜିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ରିଲିଜ ହେବ। ଏହାବ୍ୟତୀତ କାର୍ତ୍ତିକ ଆର୍ଯ୍ୟନ ଏବଂ କ୍ରିତିଙ୍କୁ ନେଇ ନିର୍ମିତ 'ଶେହେଜାଦେ' ଆସନ୍ତା ବର୍ଷ ଫେବୃୟାରୀ ୧୦ରେ ମୁକ୍ତିଲାଭ କରିବ। ଏ ନେଇ କ୍ରିତି କହନ୍ତି, 'ଚଳିତ ମାସ ନଭେମ୍ବରରୁ ଆସନ୍ତା ବର୍ଷ ଫେବୃୟାରୀ ଭିତରେ ମୋର ଚାରୋଟି ଫିଲ୍ମ ରିଲିଜ ହେବ। ଏହି ଦିନଗୁଡ଼ିକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି। ଆଶା ରଖିଛି ସେହି ଫିଲ୍ମଗୁଡ଼ିକରେ ଦର୍ଶକ ମୋ ଅଭିନୟକୁ ପସନ୍ଦ କରିବେ। ତେବେ ସେ ନେଇ ଏବେଠାରୁ ଠିକ୍ ଭାବରେ କହିହେବ ନାହିଁ। ପରଦା ଉପରକୁ ଆସିବା ପରେ ଯାହା ଜଣାପଡ଼ିବ।'


କ୍ରିତି

# ସେହି ଦଶ ଦିନ

ଏହା ଭିତରେ ଦଶ ବର୍ଷ ବିତି ଗଲାଣି। ହେଲେ ସେହି ଦଶ ଦିନକୁ ଭୁଲି ପାରୁନାହାନ୍ତି କ୍ୟାଟ୍ରିନା। ସେତେବେଳେ ଏମିତି କ'ଣ ଘଟିଥିଲା କି ଯାହା ତାଙ୍କ ମାନସପଟରେ ଏବେ ମଧ୍ୟ ସତେଜ ହୋଇ ରହିଛି ? କଥା କ'ଣ କି ୨୦୧୨ରେ ପରଦା ଉପରକୁ ଆସିଥିଲା ଆକ୍ସନ ଥ୍ରୀଲର ହିନ୍ଦୀ ଫିଲ୍ମ 'ଅଗ୍ନିପଥ'। ଏଥିରେ ଗୋଟିଏ ଗୀତ ସେତେବେଳେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତାହା ତ ପ୍ରାୟ ସମସ୍ତେ ଜାଣନ୍ତି, ତଥାପି ସୂଚେଇ ଦେବା ଠିକ୍ ହେବ। ଗୀତଟି ଥିଲା 'ଚିକ୍‌ନି ଚମେଲି'। ଅମିତାଭ ଭଟ୍ଟାଚାର୍ଯ୍ୟ ଏହାକୁ ରଚନା କରିଥିଲେ ଏବଂ ତାହାକୁ ସ୍ୱର ଦେଇଥିଲେ ଅଜୟ-ଅତୁଲ। ଅନ୍ୟତମ ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲ କଣ୍ଠଦାନ କରିଥିଲେ। କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ଏହି ହିଟ୍ ଗୀତଟିର କୋରିଓଗ୍ରାଫି କରିଥିଲେ ଗଣେଶ ଆଚାର୍ଯ୍ୟ। ଖାସ୍ କଥା ହେଲା ଉକ୍ତ ଗୀତଟିର ପିକ୍ଚରାଇଜେଶନ ପାଇଁ ୧୦ ଦିନ ଲାଗିଥିଲା। ଏ ନେଇ କ୍ୟାଟ୍ରିନା କହନ୍ତି, 'ଚିକ୍‌ନି ଚମେଲି' ଗୀତଟି ଯେତେବେଳେ କମ୍ପୋଜ ହେଲା ସେତେବେଳେ ମୁଁ ଅନୁମାନ କରିଥିଲି ଯେ, ଏହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ତା'ପରେ ଶ୍ରେୟା ଗୀତଟିକୁ ଗାଇ ତାହାକୁ ଏପରି ଲେବୁଲରେ ପହଞ୍ଚାଇ ଦେଇଥିଲେ ଯେ ଫିଲ୍ମ ରିଲିଜ ପୂର୍ବରୁ ତାହା ହିଟ୍ ହୋଇ ସାରିଥିଲା। ଏହାର ଶୁଟିଂ ପାଇଁ ଆମକୁ ୧୦ ଦିନ ଲାଗିଥିଲା। ସେହି ସମୟକୁ ମୁଁ କଦାପି ଭୁଲି ପାରିବି ନାହିଁ।' କରନ୍ ମାଲହୋତ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ କ୍ୟାଟ୍ରିନାଙ୍କ ବ୍ୟତୀତ ହ୍ରିତିକ ରୋଶନ, ସଞ୍ଜୟ ଦତ୍ତ, ପ୍ରିୟଙ୍କା ଚୋପ୍ରା ଏବଂ ରିଷି କପୁରଙ୍କୁ ଦେଖିବାକୁ ମିଳିଥିଲା।


କ୍ୟାଟ୍ରିନା

ଧରିତ୍ରୀ
DHARITRI



# ୩୮ ଟେଷ୍ଟ, ୪୨ ଦିନିକିଆ, ୬୧ ଟି୨୦ ଖେଳିବ ଟିମ୍ ଇଣ୍ଡିଆ

**ଆଇସିସି ଫ୍ୟୁଚର ଟୁର୍ ପ୍ରୋଗ୍ରାମ୍ ୨୦୨୩-୨୦୨୭**

**■ ଭାରତ-ପାକିସ୍ତାନ ସିରିଜ ନାହିଁ**

ନୂଆଦିଲ୍ଲୀ, ୧୭।୮ (ପି.ଟି.) ଭାରତୀୟ ପୁରୁଷ କ୍ରିକେଟ ଦଳ ୨୦୨୩ରୁ ୨୦୨୭ ଆଗାମୀ ୫ ବର୍ଷର ଫ୍ୟୁଚର ଟୁର୍ ପ୍ରୋଗ୍ରାମ (ଏଫ୍‌ଟିପି)ରେ ୧୪୧ଟି ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଏହା ମଧ୍ୟରେ ୩୮ ଟେଷ୍ଟ, ୪୨ ଦିନିକିଆ ଓ ୬୧ଟି ଟି୨୦ ମ୍ୟାଚ ସାମିଲ ବୋଲି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ପ୍ରକାଶ କରାଯାଇଛି। ତେଣୁ ଆଗାମୀ ୫ ବର୍ଷ ମଧ୍ୟରେ ସୀମିତ ଓଭର କ୍ରିକେଟ ଉପରେ ଗୁରୁତ୍ୱ ଦିଆ ଯାଉଥିବା ସ୍ପଷ୍ଟ ହୋଇଛି। ଦିନିକିଆ ଦ୍ୱିପାକ୍ଷିକ ସିରିଜ ହେବ, ମାତ୍ର ଏହା ୩ ମ୍ୟାଚ ମଧ୍ୟରେ ସୀମିତ ରହିବ। ଭାରତ ପାଇଁ ଆଗାମୀ ୫ ବର୍ଷ ବ୍ୟସ୍ତ କାର୍ଯ୍ୟସୂଚୀ ରହିଥିଲେ ହେଁ ରାଜନୈତିକ କାରଣ ଦୃଷ୍ଟିରୁ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ସିରିଜ ନାହିଁ।

ଆଇସିସିର ୧୨ ସଦସ୍ୟ ଦେଶ ମୋଟ ୭୭୭ ଅନ୍ତର୍ଜାତୀୟ ମ୍ୟାଚ ଖେଳିବେ। ଏହା ମଧ୍ୟରେ ୧୭୩ ଟେଷ୍ଟ, ୨୮୧ ଦିନିକିଆ ଓ ୩୨୩ ଟି୨୦ ମ୍ୟାଚ ରହିବ। ଚଳିତ ୫ ବର୍ଷର ଏଫ୍‌ଟିପିରେ ମୋଟ ୬୯୪ଟି ମ୍ୟାଚ ରହିଛି। ଏଫ୍‌ଟିପି ମଧ୍ୟରେ ଆଗାମୀ ୨ଟି ଆଇସିସି ପୁରୁଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍, ଏକାଧିକ ଆଇସିସି ଇଭେଣ୍ଟ, ଦ୍ୱିପାକ୍ଷିକ ଏବଂ ତ୍ରିରାଷ୍ଟ୍ରୀୟ ସିରିଜ ସାମିଲ ରହିବ। ଟିମ୍‌ଇଣ୍ଡିଆ କଥା କହିବାକୁ ଗଲେ ବର୍ଡର ଗାଭାସ୍କର ଟ୍ରଫି ପାଇଁ ପାରମ୍ପରିକଭାବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ହୋଇଥାଏ। ମାତ୍ର ଏହା ଏବେ ୫ ଟେଷ୍ଟ ବିଶିଷ୍ଟ ହେବ। ଅଷ୍ଟ୍ରେଲିଆ ବ୍ୟତୀତ ଇଂଲଣ୍ଡ ବିପକ୍ଷରେ ମଧ୍ୟ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହା ବ୍ୟତୀତ ବ୍ରଡକାଷ୍ଟରଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଟି୨୦ ଆଦି ସୀମିତ ଓଭର ସିରିଜ ମଧ୍ୟ ସାମିଲ ରହିବ। ଆଗାମୀ ୫ ବର୍ଷିଆ ଏଫ୍‌ଟିପି ଚକ୍ରରେ ଭାରତ ୨୦୨୩ ଜୁଲାଇ-ଅଗଷ୍ଟରେ ୱେଷ୍ଟଇଣ୍ଡିଜ ଗସ୍ତକରି ୨ ଟେଷ୍ଟ, ୩ ଦିନିକିଆ ଓ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨୦୨୪ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଖେଳାଯିବ। ଚଳିତ ଏଫ୍‌ଟିପି ଚକ୍ର ଅନ୍ତର୍ଗତ କାର୍ଯ୍ୟସୂଚୀ ଅନୁସାରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ବଜାୟ ରଖିବା ପାଇଁ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଆସି ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ମାତ୍ର ଭାରତ ଯେତେବେଳେ ୨୦୨୪-୨୫ ଡିସେମ୍ବର-ଜାନୁୟାରୀରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ ସେତେବେଳେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଖେଳିବ। ୧୯୯୧ପରେ ଦୁଇ ଦେଶ ମଧ୍ୟରେ ପ୍ରଥମଥରପାଇଁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ। ୨୦୨୪ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷରେ ଭାରତ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ କରିବ।

**୨୦୨୩ ଦିନିକିଆ ବିଶ୍ୱକପ ପୂର୍ବରୁ ୨୭ଟି ମ୍ୟାଚ**

ଆସନ୍ତା ବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ୨୦୨୩ ଦିନିକିଆ (୫୦ ଓଭର ବିଶିଷ୍ଟ) ବିଶ୍ୱକପ ପୂର୍ବରୁ ଭାରତ ମୋଟ ୨୭ଟି ଏକଦିବସୀୟ ମ୍ୟାଚ ଖେଳିବ। ଗୁରୁବାର ଜିମ୍ବାୱେ ବିପକ୍ଷ ସିରିଜରୁ ଏହା ଆରମ୍ଭ ହେବ। ଚଳିତ ଏଫ୍‌ଟିପି ମଧ୍ୟରେ ଜିମ୍ବାୱେ ସମେତ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଘରୋଇ ଏବଂ ଟି୨୦ ବିଶ୍ୱକପ ପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ବାହାର ଦିନିକିଆ ସିରିଜ ଖେଳିବ।

**ଅଷ୍ଟ୍ରେଲିଆ ୪୦, ଇଂଲଣ୍ଡ ୪୩ଟି ଟେଷ୍ଟ ଖେଳିବ**

ଆଗାମୀ ୫ ବର୍ଷର ଏଫ୍‌ଟିପି ମଧ୍ୟରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଯଥାକ୍ରମେ ୪୦ ଓ ୪୩ଟି ଟେଷ୍ଟ ଖେଳିବେ। ଯାହାକି ଭାରତଠାରୁ ଅଳ୍ପକିଛି ଅଧିକ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ବିଜେତା ନ୍ୟୁଜିଲାଣ୍ଡ ଏହି ସମୟ ମଧ୍ୟରେ ୩୨ଟି, ଦକ୍ଷିଣ ଆଫ୍ରିକା ୨୯, ପାକିସ୍ତାନ ୨୭ ଏବଂ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ୨୫ଟି ଲେଖାଏ ଟେଷ୍ଟ ଖେଳିବେ।

# ଅକ୍ଟୋବର ୯ ସୁଦ୍ଧା ହକି ଇଣ୍ଡିଆ ନିର୍ବାଚନ



ବୈଠକରେ ଏଫ୍‌ଆଇଏଚ୍ ଓ ହକି ଇଣ୍ଡିଆ ଅଧିକାରୀଙ୍କ ସହ ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା।

ନୂଆଦିଲ୍ଲୀ, ୧୭।୮ (ପି.ଟି) ହକି ଇଣ୍ଡିଆ ପକ୍ଷରୁ ଆସନ୍ତା ୯ ଅକ୍ଟୋବର ସୁଦ୍ଧା ଏହାର ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ। ବୁଧବାର କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ପକ୍ଷରୁ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ନିକଟରେ ନୂତନ ସମ୍ବିଧାନର ପ୍ରଥମ ଅନୁଚ୍ଛେଦ ଉତ୍ଥାପନ କରାଯିବା ପରେ ଏହା ସ୍ପଷ୍ଟ ହୋଇଛି। ଏହା ପରେ ଉଭୟ ଏଫ୍‌ଆଇଏଚ୍ ଏବଂ ସିଓଏ ପକ୍ଷରୁ ଏକ ମିଳିତ ବିବୃତ୍ତି ଜାରି କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ସିଓଏ ପକ୍ଷରୁ ସମ୍ପୂର୍ଣ୍ଣ ସମ୍ବିଧାନ ଲାଉସାନେସ୍ଥିତ ଏଫ୍‌ଆଇଏଚର ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ କରିବା ନେଇ ମଧ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହକି ଇଣ୍ଡିଆର ସଂଶୋଧିତ ସମ୍ବିଧାନ ଉଭୟ ଏଫ୍‌ଆଇଏଚ୍ ଏବଂ ସିଓଏଙ୍କ ନିକଟରେ ଦାଖଲ କରାଯାଇଥିଲା। ଏହା ସହିତ ଉଭୟ ପକ୍ଷଙ୍କ ସହମତି କ୍ରମେ ଅକ୍ଟୋବର ୯ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଘୋଷଣା କରାଯାଇଥିଲା। ଏଫ୍‌ଆଇଏଚର ଦୁଇ ଜଣିଆ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତ କରିବା ସହିତ ହକି ଇଣ୍ଡିଆ ଓ ସିଓଏ ସହିତ ଆଲୋଚନା କରିଥିଲେ। ତେବେ ହକି ଇଣ୍ଡିଆ ପାଇଁ ଖୁସି ଖବର ଏହା କି, ଏଫ୍‌ଆଇଏଚ୍ କୋର୍ଟଙ୍କୁ ତୃତୀୟ ପକ୍ଷ ଭାବରେ ବିଚାର କରୁନାହିଁ। ଏହା ସହିତ ଭୁବନେଶ୍ୱର ଏବଂ ରାଉରକେଲାରେ ହେବାକୁ ଥିବା ବିଶ୍ୱକପ୍‌କୁ ମାତ୍ର କିଛି ମାସ ବାକି ରହିଥିବା ବେଳେ ଏହା ପ୍ରଭାବିତ ହେବ ନାହିଁ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ କୁହାଯାଇଛି। କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ ଓ ସିଇଓ ଥିଏରି ୱେଲ ଏଫ୍‌ଆଇଏଚ୍ ପକ୍ଷରୁ ସିଓଏଙ୍କ ସହିତ ଆଲୋଚନା କରିଥିଲେ। ଜଷ୍ଟିସ୍ ଅନିଲ୍ ଆର୍ ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଏବଂ ପୂର୍ବତନ ଅଲିମ୍ପିଆନ୍ ଜାଫର ଇକବାଲଙ୍କୁ ନେଇ ଏହି ସିଓଏ ଗଠନ କରିଥିଲେ ଦିଲ୍ଲୀ ହାଇକୋର୍ଟ। ଆଇନ ବ୍ୟବସ୍ଥାକୁ ଆମେ ତୃତୀୟ ପକ୍ଷ ଭାବରେ ବିଚାର କରି ନ ଥାଉ। କ୍ରୀଡ଼ାକୁ ଶୃଙ୍ଖଳାରେ ରଖିବା ପାଇଁ କୋର୍ଟଙ୍କ ହସ୍ତକ୍ଷେପ ଆବଶ୍ୟକ ବୋଲି ଏଫ୍‌ଆଇଏଚ୍ କାର୍ଯ୍ୟକାରୀ ସଭାପତି ସେଫ୍ ଅହମଦ ପ୍ରକାଶ କରିଥିଲେ। ସିଓଏ ସଦସ୍ୟ ତଥା ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଏ. ଆର. ଡାଭେ କହିଥିଲେ, ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା। ହକି ଇଣ୍ଡିଆର ସୁଗମ ପରିଚାଳନା ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଏଫ୍‌ଆଇଏଚ୍ ସହମତି ପ୍ରକାଶ କରିଥିଲା। ଖେଳ ମନୋଭାବର ପରିଚୟ ଦେଇ ଆଥଲେଟମାନଙ୍କ ସ୍ୱାର୍ଥରେ ଏହି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଡାଭେ। ମଙ୍ଗଳବାର ଏଫ୍‌ଆଇଏଚ୍ ଭ୍ରମଣକାରୀ ଦଳ କ୍ରୀଡା ସଚିବ ସୁଜାତା ଚତୁର୍ବେଦୀଙ୍କୁ ଭେଟିଥିଲେ। ଚତୁର୍ବେଦୀଙ୍କ ସହିତ ବୈଠକ ସଫଳ ରହିଥିବା ନେଇ ଏଫ୍‌ଆଇଏଚ୍ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା। ସେହିପରି ହକି ବିଶ୍ୱକପ୍ ଆୟୋଜନ କରୁଥିବା ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣାଙ୍କୁ ମଧ ପ୍ରତିନିଧି ଦଳ ଭେଟିଥିଲେ। ହକି ବିଶ୍ୱକପର ପ୍ରସ୍ତୁତିକୁ ବେଶ ପ୍ରଶଂସା କରାଯାଇଥିବା ବେଳେ ସେପ୍ଟେମ୍ବର ୭, ୨୦୨୨ରେ ହକି ଇଣ୍ଡିଆ, ଏଫ୍‌ଆଇଏଚ୍ ଓ ସିଓଏ ସଦସ୍ୟମାନେ ଷ୍ଟାଡିୟମ ଭ୍ରମଣ କରିବା ନେଇ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଭ୍ରମଣ ପରେ ଏଫ୍‌ଆଇଏଚ୍ ପକ୍ଷରୁ ସେପ୍ଟେମ୍ବର ୮ ତାରିଖରେ କାର୍ଯ୍ୟସୂଚୀ ପ୍ରକାଶ ପାଇବ। ଉଲ୍ଲେଖଯୋଗ୍ୟ ହକି ବିଶ୍ୱକପ୍ ଆୟୋଜନ ଭାରତରେ ହେବା ନେଇ ଏଫ୍‌ଆଇଏଚ୍ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।



ଜାତୀୟ ଶକ୍ତିଉତ୍ତୋଳନରେ ସଫଳତା ଅର୍ଜନ କରିଥିବା ଓଡ଼ିଶା ଦଳ।

# ଚନ୍ଦ୍ରକାନ୍ତ ପଣ୍ଡିତ କେକେଆର୍ କୋଚ୍

**ନୂଆଦିଲ୍ଲୀ, ୧୭।୮ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନ ପାଇଁ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। କୋଲକାତା ଫ୍ରାଞ୍ଚାଇଜ୍ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ଘରୋଇ କ୍ରିକେଟରେ ଦକ୍ଷ କୋଚ୍‌ଭାବେ ବେଶ୍ ଚର୍ଚ୍ଚିତ ପଣ୍ଡିତ କେକେଆର ଦଳରେ ବ୍ରେଣ୍ଡନ ମ୍ୟାକକୁଲମଙ୍କ ସ୍ଥାନ ନେଇଛନ୍ତି। ମ୍ୟାକକୁଲମ ଏବେ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ କୋଚ୍ ଅଛନ୍ତି। ପଣ୍ଡିତଙ୍କ ପ୍ରଶିକ୍ଷଣରେ ମଧ୍ୟପ୍ରଦେଶ ପ୍ରଥମଥରପାଇଁ ରଣଜୀ ଟ୍ରଫି ଟାଇଟଲ ହାସଲ କରିଛି। ମୁମ୍ବାଇ ଓ ବରୋଦା ଦଳର ଦାୟିତ୍ୱ ନେଇ ସେ ଏକାଧିକ ଥର ଜାତୀୟ ଚାମ୍ପିୟନଶିପ୍‌ରେ ସଫଳତାର ସ୍ୱାଦ ଚାଖିଛନ୍ତି। ବିଶେଷ ସଫଳତା ପାଉ ନ ଥିବା ଘରୋଇ ଦଳ ସହିତ କାମ କରି ବିସ୍ମୟ ସୃଷ୍ଟି ପାଇଁ ବିଶେଷ ପରିଚିତ ପଣ୍ଡିତ ଏଲିଟ ସ୍ତରରେ ବଡ଼ ଦାୟିତ୍ୱ ପାଇଛନ୍ତି।




# ଜାତୀୟ ଶକ୍ତିଉତ୍ତୋଳନରେ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା

**ଭୁବନେଶ୍ୱର, ୧୭।୮ (କ୍ରୀଡ଼ା ପ୍ରତିନିଧି):** କେରଳରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଗତ ୧୦ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟବ୍ରତ ବିଶୋୟୀ ୧୦୫ କେଜି ବର୍ଗରେ ଓଭରଅଲ୍ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସ୍କ୍ୱାଡ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ଦିବ୍ୟଲେଖା ମିଶ୍ର ୭୬ କେଜି ବର୍ଗରେ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବୈଭବଶ୍ୱର ସାହୁ ସବ୍‌ଜୁନିୟର ୫୩ କେଜି ବର୍ଗ ଡେଡଲିଫ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳସହ ଗଙ୍ଗାଧର ବିଶୋଇ କୋଚ୍ ଓ ଟିମ୍ ମ୍ୟାନେଜରଭାବେ ଯାତ୍ରା କରିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

# ଭାରତ-ଜିମ୍ବାୱେ ପ୍ରଥମ ଦିନିକିଆ ଆଜି

ହରାରେ, ୧୭।୮ (ପି.ଟି) ଭାରତ ଏବଂ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଗୁରୁବାରଠାରୁ ହରାରେ ସ୍ପୋର୍ଟସ କ୍ଲବରେ ଅନୁଷ୍ଠିତ ହେବ। ବାଂଲାଦେଶକୁ ପରାସ୍ତ କରି ଜିମ୍ବାୱେ ରେଡ ହଟ ଫର୍ମରେ ରହିଥିବା ବେଳେ ଦୀର୍ଘ ଦୁଇ ମାସ ପରେ ପ୍ରତ୍ୟାବର୍ତ୍ତନ କରୁଥିବା କେ ଏଲ୍ ରାହୁଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଭାରତୀୟ ଟି୨୦ ଦଳର ଅନ୍ୟତମ ପ୍ରମୁଖ ଅଙ୍ଗ ରହିଥିବା ରାହୁଲ ବିଶ୍ୱକପ୍ ଚୟନ ଦୌଡରେ ଆଗୁଆ ମଧ୍ୟ ଅଛନ୍ତି। ତେବେ ଦୁଇ ମାସ ପରେ ମିଳିଥିବା ସୁଯୋଗର ଫାଇଦା ଉଠାଇବାକୁ ରାହୁଲ ନିଶ୍ଚୟ ପ୍ରୟାସ କରିବେ। କେବଳ ରନ ସ୍କୋରିଂ ନୁହେଁ ବରଂ କେଉଁଭଳି ଢଙ୍ଗରେ ରାହୁଲ ରନ ସ୍କୋର କରୁଛନ୍ତି ତାହା ଉପରେ ରାହୁଲ ଦ୍ରାବିଡ ଓ ରୋହିତ ଶର୍ମାଙ୍କ ନଜର ରହିବ।

ହରାରେ ସ୍ପୋର୍ଟସ କ୍ଲବର ଏହି ପିଚରେ ବିଗତ ୩ ମ୍ୟାଚ ହାଇସ୍କୋରିଂ ରହିଛି। ଭାରତୀୟ ବ୍ୟାଟ୍ସମ୍ୟାନ ନିଶ୍ଚୟ ଏହାର ଫାଇଦା ନେବାକୁ ପ୍ରୟସେ କରିବେ। ଶୁବମାନ ଗିଲ୍, ରାହୁଲ, ସଞ୍ଜୁ ସାମସନ୍ ଓ ଦୀପକ ହୁଡା ଏହାର ଫାଇଦା ନେବାକୁ ପ୍ରୟାସ କରିବେ। ନିକଟରେ ବାଂଲାଦେଶକୁ ୨-୧ରେ ପରାସ୍ତ କରିଛି ଜିମ୍ବାୱେ। ତେବେ ବାଂଲାଦେଶ ତୁଳନାରେ ଭାରତୀୟ ବୋଲିଂ ଲାଇନ ଅପ୍ ବେଶ ଶକ୍ତିଶାଳୀ। ଜିମ୍ବାୱେର ପ୍ରଦର୍ଶନ ସିକନ୍ଦର ରାଜା ଓ ଅଧିନାୟକ ରେଜିସ୍ ଚାଭାଭାଙ୍କ ଉପରେ ନିର୍ଭର କରିବ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧୨.୪୫**




# କେନ୍ଦ୍ରର ହସ୍ତକ୍ଷେପ ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶ

**ଫିଫା ବାସନ୍ଦ ମାମଲା | ଶୁଣାଣି ସୋମବାରକୁ ଘୁଞ୍ଚିଲା**

ନୂଆଦିଲ୍ଲୀ, ୧୭।୮ (ପି.ଟି) ତୃତୀୟ ପକ୍ଷ ହସ୍ତକ୍ଷେପ କାରଣରୁ ଭାରତୀୟ ଫୁଟବଲ ସଂଘ (ଏଆଇଏଫଏଫ୍)କୁ ଫିଫା ବାସନ୍ଦ କରିଛି। ବୁଧବାର ଏହି ମାମଲାର ଶୁଣାଣି ଥିଲା। ମାତ୍ର ସରକାର ଏବଂ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ସହିତ ଫିଫା ପକ୍ଷରୁ ଆଲୋଚନା ଚାଲିଥିବା କାରଣରୁ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣିକୁ ଆସନ୍ତା ଅଗଷ୍ଟ ୨୨ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ତେବେ ଭାରତରେ ଯେପରି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହୋଇପାରିବ ଏବଂ ଏଆଇଏଫଏଫ ଉପରୁ ବାସନ୍ଦ ଉଠିବ ସେଥିନେଇ କେନ୍ଦ୍ର ସକ୍ରିୟ ଭୂମିକା ଗ୍ରହଣ କରୁବୋଲି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ, ଏ. ଏସ୍. ବୋପାନ୍ନା ଏବଂ ଜେ. ବି. ପରିଦୱାଲାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଅନୁରୋଧ କାରଣରୁ କୋର୍ଟ ସୋମବାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ମେହେଟ୍ଟାଙ୍କ ପ୍ରଦତ୍ତ ସୂଚନା ଅନୁସାରେ ସରକାର, ସିଓଏ ଏବଂ ଫିଫା ଅଧିକାରୀଙ୍କ ମଧ୍ୟରେ ଦୁଇ ରାଉଣ୍ଡର ବୈଠକ ଅନୁଷ୍ଠିତ ହୋଇସାରିଛି। ଏହି ବୈଠକ ପରେ ଭାରତରେ ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଆୟୋଜନର ସମ୍ଭାବନା ବୃଦ୍ଧି ପାଇଛି। ଏପରି ସମୟରେ କୋର୍ଟଙ୍କ କୌଣସି ବି ଶବ୍ଦ ବିଶ୍ୱକପ ଆୟୋଜନର ସମ୍ଭାବନାକୁ ପ୍ରଭାବିତ କରିପାରେ। ଏହା କହିବା ସହିତ କୋର୍ଟଙ୍କ ନିକଟରୁ ସୋମବାର ପର୍ଯ୍ୟନ୍ତ ସମୟ ମାଗିଥିଲେ ମେହେଟ୍ଟା। ଖଣ୍ଡପୀଠ ବିଶ୍ୱକପ୍ ଆୟୋଜନକୁ ଗୁରୁତ୍ୱର ସହିତ ନେଇ ସମୟ ମଧ୍ୟ ପ୍ରଦାନ କରିଥିଲେ।

ଭାରତରେ ମହିଳା ବିଶ୍ୱ କପ୍ ଆୟୋଜନ ଏକ ବଡ ଉପଲବ୍ଧି ଏବଂ କୋର୍ଟ ମଧ୍ୟ ଚାହିଁବେ କି ଏହା ଆୟୋଜନ ହେଉ। ଏହା କେବଳ ଦେଶ ପାଇଁ ନୁହେଁ ବରଂ ଦେଶର କ୍ରୀଡାବିତ୍‌ମାନଙ୍କ ପାଇଁ ମଧ୍ୟ ସୁବର୍ଣ୍ଣ ସୁଯୋଗ ବୋଲି ସେ କହିଥିଲେ। ସରକାରଙ୍କୁ ଏନେଇ ଆବଶ୍ୟକ ଥିବା ସମସ୍ତ ସୁବିଧା ପ୍ରଦାନ କରାଯିବ ବୋଲି କୋର୍ଟ କହିଛନ୍ତି। ଯଦି କୋର୍ଟ ବାହାରେ ଏହି ମାମଲାର ସମାଧାନ ହୋଇ ପାରୁଛି ଏହା ଅତ୍ୟନ୍ତ ଖୁସିର କଥା ବୋଲି ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ତେବେ ସିଓଏଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଓକିଲ ରାହୁଲ ମେହେରା ପ୍ରଫୁଲ୍ଲ ପଟେଲ ଓ ଅନ୍ୟମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାହୁଲ କହିଥିଲେ, ଫିଫାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥିତ ରହିଥିବା ପ୍ରଫୁଲ୍ଲ ନିଜ ପଦର ଫାଇଦା ଉଠାଉଛନ୍ତି। ସିଓଏ ହାତକୁ ପରିଚାଳନା ଭାର ଯିବା ସହିତ ଅନେକ ରାଜ୍ୟ ସଂଘ ଏବଂ ପ୍ରଫୁଲ୍ଲ ପଟେଲଙ୍କ ହାତରୁ ଶାସନ ଡୋରି ଚାଲିଯାଇଥିଲା। ତେଣୁ ପ୍ରତିଶୋଧ ପରାୟଣ ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ପ୍ରୟାସ କରାଯାଉଛି। ଫିଫାରୁ ସେମାନଙ୍କୁ ଅପସାରଣ କରାଯିବା ଉଚିତ ବୋଲି ସେ କୋର୍ଟଙ୍କ ସମ୍ମୁଖରେ ଯୁକ୍ତି ରଖିଥିଲେ।

ଅନ୍ୟ ଏକ ପକ୍ଷରୁ ଲଢୁଥିବା ପ୍ରଶାନ୍ତ ଭୂଷଣ ବିସିସିଆଇର ଉଦାହରଣ ଦେଇଥିଲେ। ସମ୍ବିଧାନ ସଂଶୋଧନ ସମୟରେ ଏହିଭଳି ଚାପ ପଡୁଥିଲେ ହେଁ କୋର୍ଟ କଡା ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନ ମଧ୍ୟ ସମାନ ଢଙ୍ଗରେ ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ସେ ଯୁକ୍ତି କରିଥିଲେ। ବରିଷ୍ଠ ଓକିଲ ଗୋପାଳ ଶଙ୍କର ନାରାୟଣନ ଗୋକୁଲମ କେରଳ ପାଇଁ ଯୁକ୍ତି ବାଢିଥିଲେ। କେରଳର ଏହି କ୍ଲବର ଖେଳାଳିମାନେ ଉଜବେକିସ୍ତାନରେ ରହିଥିବା ବେଳେ ଫିଫାର ଏହି ବ୍ୟାନ୍ କାରଣରୁ ଟୁର୍ନାମେଣ୍ଟ ଖେଳିବା ଉପରେ ଅନିଶ୍ଚିତତାର କଳାବାଦଲ ଛାଇ ଯାଇଛି। ସେହିପରି ମୋହନ ବାଗାନର କ୍ରୀଡାସୂଚୀରେ ପରିବର୍ତ୍ତନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ସାପ କାମୁଡ଼ାରେ ଯୁବକ ମୃତ

**ଭାପୁର,୧୭।୮(ଡି.ଏନ.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ମୃତକ ହେଲେ ନିମାଣୀ ପଞ୍ଚାୟତ ନିମାଣୀ ବଡ଼ସାହିର ଉଲିଆ ରାଉତ(୪୬) । ମଙ୍ଗଳବାର ସେ ବିଲରେ କାମ କରୁଥିବା ସମୟରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା । ସେ ଗୋଡ଼ରେ ଗାମୁଛା ବାନ୍ଧି ପୁଣିଥରେ ବିଲ କାମରେ ଲାଗି ପଡ଼ିଥିଲେ । ହେଲେ ଏହାର କିଛି ସମୟ ପରେ ସେ ଚେତାଶୂନ୍ୟ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଗୋଟିଏ ବାଇକ୍‌ରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରୁ ତାଙ୍କୁ ଖୋର୍ଦ୍ଧା ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଉଲିଆଙ୍କ ୨ ଛୋଟ ଝିଅ ଓ ନାବାଳକ ପୁଅ ଅଛନ୍ତି ।

## ଚାଷୀଙ୍କ ମୃତଦେହ ଜବତ

**ନୟାଗଡ଼ ଅଫିସ,୧୭।୮:** ନୟାଗଡ଼ ବ୍ଲକ ଲାଠିପଡାର କୁସୁମୀ ନଦୀରେ ଭାସି ଯାଇଥିବା ଚାଷୀଙ୍କ ମୃତଦେହ ବୁଧବାର ଜବତ କରାଯାଇଛି । ଖବର ପାଇ ଇଟାମାଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ୧୪/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି । ପ୍ରକାଶ ଯେ, ମଙ୍ଗଳବାର କୁସୁମୀ ନଦୀ ପାର ହେବା ସମୟରେ ନାଗପୁର ପଣ୍ଡାସାହିର ଅପର୍ତ୍ତି ବେହେରା(୭୦) ନାମକ ଜଣେ ଚାଷୀ ବନ୍ୟା ଜଳରେ ଭାସି ଯାଇଥିଲେ। ଖବର ପାଇ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ବନ୍ୟାଜଳରେ ଖୋଜାଖୋଜି ଜାରି ରଖିଥିଲେ ମଧ ସୁଦ୍ଧା ଚାଷୀଙ୍କୁ ଉଦ୍ଧାର କରି ପାରି ନ ଥିଲେ । ସ୍ଥାନୀୟ ଲୋକ ବୁଧବାର ମୃତଦେହକୁ ଦେଖି ପୋଲିସକୁ ଅବଗତ କରାଇଥିଲେ ।

## ଦଶପଲ୍ଲାରେ ବାଇକ୍ ଶୋଭାଯାତ୍ରା

**ଦଶପଲ୍ଲା,୧୭।୮(ଡି.ଏନ୍.ଏ.):** ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ତଥା ଅମୃତ ମହୋତ୍ସବ ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ମହାବୀର ବଣିକ ସଂଘ ପକ୍ଷରୁ ଆୟୋଜିତ ଏହି ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା । ସୋମବାର ଅନୁରୂପ ଭାବେ ଏକ ବାଇକ୍ ଶୋଭାଯାତ୍ରା ମହାବୀର ମନ୍ଦିରରୁ ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ସାମାଜିକ କର୍ମୀ ଶ୍ରୀହରି ନାୟକ, ସ୍ୱାଭିମାନ ମଞ୍ଚ ପକ୍ଷରୁ ପ୍ରଦୋଷ ଜେନା, ଏନ୍‌ଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶନୀଙ୍କ ସମେତ ସ୍ଥାନୀୟ ଲୋକମାନେ ସାମିଲ ହୋଇଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

# ବନ୍ୟା ସ୍ଥିତି ଗମ୍ଭୀର

- ବିପନ୍ନଙ୍କୁ ଆହା କରିବାକୁ କେହି ନାହିଁ
- ଜଳବନ୍ଦୀର ୫ ଦିନ ପରେ ନାହିଁ ରିଲିଫ୍, ରନ୍ଧାଖାଦ୍ୟ
- ପିଇବା ଓ ରୋଷେଇ ପାଇଁ ମିଳିନି ପାଣି
- ପହଞ୍ଚିଲେନି ପ୍ରଶାସନିକ ଅଧିକାରୀ, ରାଜନେତା



ନୟାଗଡ଼ ଜିଲା ଭାପୁର ବ୍ଲକ ଅଞ୍ଚଳରେ ବନ୍ୟା ଜଳ।



ଉଦ୍ଧାରକାରୀ ଦଳ ପାୱାର ବୋଟ୍‌ରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନୟାଗଡ଼ ଅଫିସ/ଗଣିଆ, ୧୭।୮(ଡି.ଏନ୍.ଏ.)

ମହାନଦୀର ବନ୍ୟା ନୟାଗଡ଼ ଜିଲାର ଗଣିଆ ବ୍ଲକ ପାଇଁ ସ୍ଥିତିକୁ ଗମ୍ଭୀର କରି ଚାଲିଛି । ମହାନଦୀ ଜଳସ୍ତର ହ୍ରାସ ଓ ବୃଦ୍ଧି ପାଉଥିବାବେଳେ ରାସ୍ତା ଉପରୁ ହଟୁନି ୪ରୁ ୫ ଫୁଟର ବନ୍ୟା ଜଳ । ବନ୍ୟାର ୫ଦିନ ପରେ ବି ଜଳବନ୍ଦୀରେ ଥିବା ବିପନ୍ନଙ୍କ ପାଖରେ ପହଞ୍ଚିନି ରିଲିଫ ସାମଗ୍ରୀ । ଘରେ ଜଳୁନି ଚୁଲି । ରୋଷେଇ ଓ ପିଇବା ପାଇଁ ନାହିଁ ପାଣି । ପାଣି ଆସିବା ପରେ ବିଦ୍ୟୁତ୍ ୪ ଦିନ ହେଲା କଟିଲାଣି । କିରୋସିନି କିଣି ରୋଷେଇ କରିବା ସମ୍ଭବ ନୁହେଁ । ରାସଙ୍ଗ ଓ ମହନପଦାରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡୁଛି। ବନ୍ୟାର ସ୍ଥିତି ସମୀକ୍ଷା ହେଉଛି । ତେବେ ଜଳବନ୍ଦୀରେ ଥିବା ଲୋକଙ୍କ ପାଖରେ ପ୍ରଶାସନ ଓ ରାଜନେତା ପହଞ୍ଚି ପାରି ନାହାନ୍ତି । ବିପନ୍ନଙ୍କ କ୍ଷୋଭ କେତେଦିନ ଜଳବନ୍ଦୀରେ ରହିଲେ ମିଳିବ ରିଲିଫ୍ । ଭାପୁର ବ୍ଲକରେ ରନ୍ଧାଖାଦ୍ୟ ମିଳୁଛି ଗଣିଆରେ ମିଳୁନାହିଁ। ଠିକଣା ସମୟରେ ଆହା ପଦେ ବି କହିବାକୁ କେହି ନାହାନ୍ତି ବୋଲି ବନ୍ୟା ଅଞ୍ଚଳରୁ ଅଭିଯୋଗ ଶୁଣିବାକୁ ମିଳୁଛି ।

ଏନେଇ ବଡମୂଳ ମାଳିସାହିର ସଞ୍ଜୟ ରଣା କୁହନ୍ତି, ମୁଦୁଲିଗାଡିଆ ମଙ୍ଗାନାସିସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟଠାରୁ ବେଠିଆସାହି ପର୍ଯ୍ୟନ୍ତ ୨ କିମି ରାସ୍ତାରେ ୪ରୁ ୬ ଫୁଟ ବନ୍ୟା ଜଳ ରହୁଛି । ମହାନଦୀର ବନ୍ୟା ଜଳ କମିଲେ ହ୍ରାସ ପାଇଁ ସାଢ଼େ ୩ ଫୁଟ ଅଥବା ୪ ଫୁଟ ରହୁଛି । ପାଣି ବଢ଼ିଗଲେ ୫ରୁ ୬ଫୁଟ ରହୁଛି । ବୁଧବାର ସକାଳେ ସାଢ଼େ ୩ ଫୁଟ ଥିଲା । ସନ୍ଧ୍ୟାରେ ୪ ଫୁଟ ହୋଇଗଲା । ପୁଣି ଅଧିକ ପାଣି ଆସୁଥିବାରୁ ଭୟ ବଢୁଛି । ରାତିରେ ଏହା ପୁଣି ବଢ଼ିବ । ଏଭଳିସ୍ଥଳେ କୁଦୁରୀ, ବଡମୂଳ ମାଳିସାହି, ବଡମୂଳ, ବେଣ୍ଟପଡା, ବେଣ୍ଟପଡା ମାଳିସାହି ଅଞ୍ଚଳ ଖାଲରେ ରହୁଥିବାରୁ ଏଠାରେ ଲୋକ ହଟହଟା ହୋଉଛନ୍ତି । ହେଲେ ଆମ ଅଞ୍ଚଳରେ ବିଧାୟକ କି ପ୍ରଶାସନିକ ଅଧିକାରୀ କାହାର ପାଦ ପଡିଲାନି । ଘରେ ଚୁଲି ଜଳୁନି । ହେଲେ ଆମ ସମସ୍ୟା ବୁଝିବାକୁ କେହି ନାହିଁ । ମୁଦୁଲି ଗାଡିଆର ପ୍ରକାଶ ବେହେରା କୁହନ୍ତି, ଡଙ୍ଗା ପଡିଛି ସତ ହେଲେ ଆମେ ଏହାର ସୁବିଧା ନେଇ ପାରୁ ନାହୁଁ । ଆମ ରୋଜଗାର ବନ୍ଦ ହୋଇ ଯାଇଛି । ସବୁବେଳ ଗଣିଆ ଓ ଦଶପଲ୍ଲା ଯାଇ ଖାଦ୍ୟ ଆଣିବା ସମ୍ଭବ ନୁହେଁ । କାରଣ ବନ୍ୟାର ପାଣି ଉପରେ କିଛି କହି ହେଉନି । ଗୋରୁ ଗାଈ ଓ ମଣିଷ ଭୋକିଲା ରହୁଥିଲେ ମଧ ପ୍ରତିକାର ନାହିଁ । ପ୍ରଶାସନର ସହଯୋଗ ଆଦୌ ନାହିଁ । ହେଲେ ଭାପୁରରେ ଗୋଖାଦ୍ୟ ଓ ରନ୍ଧାଖାଦ୍ୟ ଦିଆଯାଉଛି । ସେମାନେ ପାଆନ୍ତୁ । ହେଲେ ଗଣିଆ ବିପନ୍ନଙ୍କ ଅଣଦେଖା କରିବା ଠିକ୍ ନୁହେଁ ବୋଲି କହିଛନ୍ତି । କୁଦୁରୀ ଗାଁର ପ୍ରସନ୍ନ ପ୍ରଧାନ କୁହନ୍ତି, ଗୋରୁଙ୍କ ପାଇଁ ଖାଦ୍ୟ ଆସିଛି କୁହାଯାଉଛି । ହେଲେ ଏଯାବତ ଗୋରୁଙ୍କ ପାଇଁ ଖାଦ୍ୟ ରିଲିଫ୍‌ରେ ମିଳିଲାନି । ବନ୍ୟା ପରି ବିପଦ ସମୟରେ ପ୍ରଶାସନ ଓ ରାଜନେତାଙ୍କ କିଛି ସହଯୋଗ ମିଳୁନି ବୋଲି କହି କ୍ଷୋଭ କରିଛନ୍ତି । କିଶୋରପ୍ରସାଦ ପଞ୍ଚାୟତ ସରପଞ୍ଚ ଗୀତାରାଣୀ ବେହେରା କୁହନ୍ତି, ଗୋରୁ ପିଛା ୩ କେଜି କୁଣ୍ଡା ପହଞ୍ଚିଛି । ଗୁରୁବାର ବଣ୍ଟନ ହେବାର ରହିଛି । ଏଯାବତ ରିଲିଫ ପହଞ୍ଚିଲାନି । ବିପନ୍ନମାନେ ଗାଁ ଓ ୱାର୍ଡରେ ସମାଲୋଚନା କରୁଛନ୍ତି । ରାସଙ୍ଗ ପଞ୍ଚାୟତର ସରପଞ୍ଚ ମାନସ ମହାକୁଡ଼ କୁହନ୍ତି ବିଧାୟକ ଆସିଥିଲେ । ବନ୍ୟାର ସ୍ଥିତି ସମୀକ୍ଷା କରିଛନ୍ତି । ରିଲିଫ୍ ଆସି ନ ଥିବାବେଳେ ଗୋଖାଦ୍ୟରେ କୁଣ୍ଡା ଆସିଛି । ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀ ରେଖା ସେନାପତି କୁହନ୍ତି ବିଧାୟକଙ୍କ ନିର୍ଦ୍ଦେଶ ଦେଇଛନ୍ତି ଘରେ ପାଣି ପଶିଥିବା ପରିବାରକୁ ଚୁଡା ଅଧ କିଲୋ, ଗୋଟିଏ ମହମବତୀ ଓ ଗୋଟିଏ ଦିଆସିଲି ଯୋଗାଇବାକୁ । ଏଗୁଡିକ ହସ୍ତଗତ ହେଲେ ଲୋକଙ୍କୁ ବଣ୍ଟାଯିବ । ତେବେ ରିଲିଫ୍ ଓ ଗୋଖାଦ୍ୟ ପହଞ୍ଚିନି । ସିଡିଭିଓ ସତ୍ୟ ନାରାୟଣ ପଣ୍ଡା କୁହନ୍ତି, ଗଣିଆ ବ୍ଲକ ପାଇଁ ୯୫ କୁଇଣ୍ଟାଲ ଓ ଭାପୁର ବ୍ଲକ ପାଇଁ ୫୨ କୁଇଣ୍ଟାଲ ଗୋଖାଦ୍ୟ ପଠା ଯାଇଛି। ଗଣିଆ ବିଡିଓ ସିରିଏଲ ପଟେଲଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ କେତେବେଳେ ତାଙ୍କ ଫୋନ ସୁଇଚ ଅପ୍ ଥିଲା ତ ଆଉ କେତେବେଳେ ନଟ ରିଚିବୁଲ୍ କହୁଥିଲା । ବିଡିଓଙ୍କ ଫୋନ ଦିନ ତମାମ ଲାଗୁ ନ ଥିଲା । କେତେଜଣ ବିପନ୍ନ ଫୋନ କରି ସୁଫଳ ପାଇ ନାହାନ୍ତି ।

## ଦଳେ ଖାଉଛନ୍ତି ଆଉ ଦଳେ ଚାହିଁଛନ୍ତି

ମହାନଦୀରେ ବନ୍ୟା ଯୋଗୁ ଭାପୁର ବ୍ଲକ କରବର ପଞ୍ଚାୟତର କରବର, ମାଣିତ୍ରୀ, ବରବର, ଗୁଡୁପଡା, ଫତେଗଡ ପଞ୍ଚାୟତର ମଣିପୁର ଓ କେନ୍ଦୁପଲ୍ଲୀ ପଞ୍ଚାୟତର ହନୁମନ୍ତପ୍ରସାଦ ଗାଁ ଆଦି ୭ଟି ଗାଁ ବନ୍ୟା ଘେରରେ ରହିଛି । ଏଥିରୁ ହନୁମନ୍ତପ୍ରସାଦ ଓ ମଣିପୁର ଗାଁରେ ରନ୍ଧାଖାଦ୍ୟ ସହ ଗୋଖାଦ୍ୟ ବଣ୍ଟନ ହୋଇଛି । ହେଲେ ସବୁ ବିପନ୍ନଙ୍କ ପାଖରେ ରନ୍ଧାଖାଦ୍ୟ ପହଞ୍ଚୁ ନ ଥିବା ଅଭିଯୋଗ ହେଉଛି । କିଛି ଲୋକ ରନ୍ଧାଖାଦ୍ୟ ଓ ଗୋଖାଦ୍ୟ ପାଉଛନ୍ତି ବୋଲି ଅଭିଯୋଗ ହେଉଛି । ସେହିପରି ୨ଟି ଗାଁକୁ ଛାଡିଦେଲେ ଅନ୍ୟ ଜଳବନ୍ଦୀ ଗାଁ ଗୁଡିକରେ କାହିଁ କି ରନ୍ଧାଖାଦ୍ୟ ଓ ଗୋଖାଦ୍ୟ ଦିଆଯାଉନି ବୋଲି ପ୍ରଶ୍ନ ଉଠିଛି ।

## ବନ୍ୟା ଜଳ ହ୍ରାସ, ଗୃହକୁ ଫେରିଲେ ବିପନ୍ନ



ବନ୍ୟା ବିପନ୍ନଙ୍କୁ ଔଷଧ ପ୍ରଦାନ କରାଯାଉଛି।

ଖଣ୍ଡପଡା,୧୭।୮(ସ୍ୱ.ପ୍ର)

ମହାନଦୀରେ ବନ୍ୟା ଆସିବା ଫଳରେ କଣ୍ଟିଲୋ ନଦୀ କୂଳରେ ବସବାସ କରୁଥିବା ପରିବାରମାନଙ୍କୁ ସ୍ଥାନୀୟ ବାତ୍ୟା ଆଶ୍ରୟ ସ୍ଥଳରେ ଅସ୍ଥାୟୀ ଭାବେ ରଖାଯାଇଥିଲା । ଖଣ୍ଡପଡା ବ୍ଲକ ପଞ୍ଚାୟତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ପାଣି ଘେରରେ ଥିବା ୨୩ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରିଥିଲେ । ଏମାନଙ୍କ ମଧ୍ଯରୁ କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେବାରୁ ସେମାନଙ୍କୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା । ସେମାନଙ୍କୁ ମଧ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା । ବୁଧବାର ମହାନଦୀର ବନ୍ୟା ପାଣି ହ୍ରାସ ହେବା ପରେ ସଂପୃକ୍ତ ଲୋକମାନେ ନିଜ ନିଜ ଘରକୁ ଫେରିଛନ୍ତି । ଅପର ପକ୍ଷରେ ନୟାଗଡ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସାମ୍ଭବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ଆସିଥିବା ଓଡ୍ରାଫ ଟିମ ଏବେ ସୁଦ୍ଧା ସଜାଗ ରହିଥିବା ପ୍ରକାଶ ।

## ବନ୍ୟାଜଳରେ ବୁଡ଼ି ରହିଛି ଧାନ ଫସଲ

ଖଣ୍ଡପଡ଼ା,୧୭।୮(ସ୍ୱ.ପ୍ର.)

ହୀରାକୁଦ ଡ୍ୟାମ୍‌ର ୪୦ ଗେଟ୍ ଖୋଲିବା ପରେ ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି । ମଙ୍ଗଳବାର ସନ୍ଧ୍ୟାରୁ ମହାନଦୀ ଜଳସ୍ତର ବୃଦ୍ଧି ପାଇବା କାରଣରୁ କଣ୍ଟିଲୋ,କଂସାରୀ ସାହି ପାଟଣା, ଧେବାସାହି ଏବଂ କଣ୍ଟିଲୋ ତଳ ବଜାରରେ ବନ୍ୟାଜଳ ପ୍ରବେଶ କରିଛି । ରାଜ୍ୟ ରାଜପଥ କଣ୍ଟିଲୋ-ଗଣିଆ ରାସ୍ତା ଯାତ୍ରାପଦା ତଳ ବଜାରଠାରୁ ପେଟ୍ରୋଲ ପମ୍ପ ରାସ୍ତା ଉପରେ ପ୍ରାୟ ୪ଫୁଟ ଉଚ୍ଚର ପାଣି ଜମି ରହିଛି । ସ୍ଥାନୀୟ କଂସାରୀ ସାହି ପାଟଣା ଗ୍ରାମର ସତ୍ୟ ମଳିକ, ହାଡିବନ୍ଧୁ ମଳିକ, ମାଳତୀ ମଳିକ, ମାଧବ ସେଠୀଙ୍କ ଘରେ ବନ୍ୟା ପାଣି ପ୍ରବେଶ କରିଛି । ୪୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦୁର୍ଦ୍ଦିନରେ ସମୟ ବିତାଉଛନ୍ତି । ସରପଞ୍ଚ ଶ୍ରୀୟାରାଣୀ ବେହେରା ସେହି ପରିବାର ସଦସ୍ୟମାନଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିଛନ୍ତି। ଅପରପକ୍ଷେ ମାନସ ମଳିକଙ୍କ ପରିବାର ଏକ କ୍ୟାବିନରେ ଆଶ୍ରୟ ନେଇଥିଲେ । ତାଙ୍କ ଝିଅ ଅନିତା(୧୯)ଙ୍କୁ ଏକ ବିଷଧର ସାପ କାମୁଡ଼ି ଦେବାରୁ ତାଙ୍କୁ ପ୍ରଥମେ ନୟାଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ପରେ ଭୁବନେଶ୍ୱର ୬ନଂ. ମେଡିକାଲକୁ ପଠାଯାଇଛି ।

## ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍, ମ୍ୟୁଜିକ୍ ଚେୟାର

ଦଶପଲ୍ଲା,୧୭।୮(ଡି.ଏନ୍.ଏ.)

ମଙ୍ଗଳବାର ସ୍ଥାନୀୟ ନେତାଜୀ ମଇଦାନରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଏବଂ ମ୍ୟୁଜିକ୍ ଚେୟାର ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ଫୁଟ୍‌ବଲ ମ୍ୟାଚ୍ ବିଧାୟକ ରମେଶ ବେହେରାଙ୍କ ନେତୃତ୍ୱରେ ବିଧାୟକ ଏକାଦଶ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କରଙ୍କ ନେତୃତ୍ୱରେ ଅଫିସର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଏକାଦଶ ଦଳ ୨-୦ ଗୋଲରେ ବିଜୟ ହୋଇ ହୋଇଥିଲେ । ଶେଷରେ ବିଧାୟକ ଏକାଦଶ ଦଳକୁ ଚମ୍ପିୟାନ ଓ ଅଫିସର୍ସ ଦଳଙ୍କୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ସଂଯୁକ୍ତା ଦାଶଗୁପ୍ତା, ତ୍ରିନାଥ ସାହୁ । ଏହାପରେ ଏନ୍‌ଏସି ଚେୟାରମ୍ୟାନ ପୁନମ ପ୍ରିୟଦର୍ଶନୀଙ୍କ ତତ୍ତ୍ୱାବଧାନରେ ମହିଳା ଏବଂ ପୁରୁଷ କାଉନସିଲମାନଙ୍କୁ ନେଇ ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଏସି ଅଧକ୍ଷା ପୁନମ ପ୍ରିୟଦର୍ଶନୀ ଚମ୍ପିୟାନ ହୋଇଥିବା ବେଳେ କାଉନସିଲର ଶୁକଦେବ ମିଶ୍ର ରନର୍ସ ଅପ୍ ହୋଇଥିଲେ । ବିଧାୟକ ବେହେରା ପୁରସ୍କାର ପ୍ରଦାନ କରିଥିଲେ ।



ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ପୂର୍ବରୁ ୨ ଦଳର ଖେଳାଳି ।

## ମହାତ୍ମା ଗାନ୍ଧୀଙ୍କ କଥା ଉପରେ କୁଇଜ୍ ପ୍ରତିଯୋଗିତା

ଦଶପଲ୍ଲା,୧୭।୮(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତର ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମାଟି ମା'ତରଫରୁ ଡ଼ା, ଲକ୍ଷ୍ମୀପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ମହାତ୍ମା ଗାନ୍ଧୀଙ୍କ ଉପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯ମ ଓ ୧୦ମ ଶ୍ରେଣୀର ପିଲାମାନେ ଅଂଶ ଗ୍ରହଣ କରିଥିଲେ। ଶକ୍ତି ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସୁଧାକର ପ୍ରଧାନ ଦ୍ୱିତୀୟ ଓ ସସ୍ମିତା ବେହେରା ତୃତୀୟ ସ୍ଥାନ ପାଇଛନ୍ତି । ପ୍ରଧାନ ଶିକ୍ଷକ ପ୍ରତାପ ଦଳ ବେହେରା ଏହି କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ ଏହି କୁଇଜ ପ୍ରତିଯୋଗିତାରେ ଉପସ୍ଥିତ ଥିଲେ ।




ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ।

## କଳା, ବିଜ୍ଞାନରେ ପ୍ରଥମ ନୟାଗଡ଼ ହାୟର ସେକେଣ୍ଡାରି ସ୍କୁଲ

### ପ୍ରକାଶ ପାଇଲା କଟ ଅଫ୍ ମାର୍କ

ନୟାଗଡ ଅଫିସ,୧୭।୮

ଯୁକ୍ତ ୨ ଆଡିମିଶନ ପାଇଁ ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନୟାଗଡ଼ ଜିଲାରେ ପ୍ରକାଶ ପାଇଲା କଟ୍ ଅଫ ମାର୍କ ତାଲିକା । କଳାରେ କଟ୍ ଅଫ ମାର୍କ ରେ ପ୍ରଥମ ନୟାଗଡ ହାୟାର ସେକେଣ୍ଡାରୀ ସ୍କୁଲ ୭୪ ପ୍ରତିଶତ । ଦିତୀୟ ସ୍ଥାନରେ ନୟାଗଡର ପ୍ରଜା ମଣ୍ଡଳ ମହିଳା ହାୟାର ସେକେଣ୍ଡାରୀ ସ୍କୁଲ ୬୯.୫୦ ପ୍ରତିଶତ । ତୃତୀୟ ସ୍ଥାନରେ ପଦ୍ମାବତୀ ହାୟାର ସେକେଣ୍ଡାରୀ ସ୍କୁଲ ୬୬.୬୭ ପ୍ରତିଶତ । ସେହିପରି ବିଜ୍ଞାନରେ କଟ ଅଫ ମାର୍କ ରେ ପ୍ରଥମ ନୟାଗଡ ହାୟାର ସେକେଣ୍ଡାରୀ ସ୍କୁଲ ୮୯.୩୩ ପ୍ରତିଶତ । ଦିତୀୟ ସ୍ଥାନରେ ନୟାଗଡର ପ୍ରଜା ମଣ୍ଡଳ ମହିଳା ହାୟାର ସେକେଣ୍ଡାରୀ ସ୍କୁଲ ୮୫ ପ୍ରତିଶତ । ତୃତୀୟ ସ୍ଥାନରେ ଇଟାମାଟି ହାୟାର ସେକେଣ୍ଡାରୀ ସ୍କୁଲ ଅଫ ଏଡୁକେଶନ ଆଣ୍ଡ ଟେକ୍ନୋଲୋଜି ୮୨.୫୦ପ୍ରତିଶତ । ସେହିପରି କଳାରେ ଆନନ୍ଦ ସାହୁ ଓମନେସ ହାୟାର ସେକେଣ୍ଡାରୀ ସ୍କୁଲ କୋମଣ୍ଡର ୩୩.୬୭ ଓ ବିଜ୍ଞାନରେ ୪୩.୬୭ ପ୍ରତିଶତ, ଅର୍ଜୁନ ରାଉତ ମେମୋରିଆଲ ହାୟାର ସେକେଣ୍ଡାରୀ ସ୍କୁଲ ମୟୁର ଝାଲିଆର କଳାରେ ୪୦ ପ୍ରତିଶତ, ବନମାଳି ବାରିକ ହାୟାର ସେକେଣ୍ଡାରୀ ସ୍କୁଲ ଆଡକଟାର କଳାରେ ୩୩ ପ୍ରତିଶତ ଓ ବିଜ୍ଞାନରେ ୩୮.୩୩ ପ୍ରତିଶତ ରହିଛି । ପୁଣି ଉପଶାସ୍ତ୍ରୀ ପାଇଁ ବନବାସୀ ସାଧୁ ଚରଣ ସଂସ୍କୃତ ହାୟାର ସେକେଣ୍ଡାରୀ ସ୍କୁଲ ପୋଇବାଡିର ୩୩ ପ୍ରତିଶତ, ଭାପୁର ଆଞ୍ଚଳିକ ହାୟାର ସେକେଣ୍ଡାରୀ ସ୍କୁଲ ର କଳାରେ ୫୮ ପ୍ରତିଶତ, ବୃନ୍ଦାବନ ସୁବୁଦ୍ଧି ହାୟାର ସେକେଣ୍ଡାରୀ ସ୍କୁଲ ଦଶପଲ୍ଲାର କଳାରେ ୩୩ ପ୍ରତିଶତ ଓ ବିଜ୍ଞାନରେ ୫୨.୮୩ ପ୍ରତିଶତ, ଦଧିବାମନ ସଂସ୍କୃତ ହାୟାର ସେକେଣ୍ଡାରୀ ସ୍କୁଲ କୁରାଳର ଉପଶାସ୍ତ୍ରୀରେ ୪୩.୮୩ ପ୍ରତିଶତ, ଦଧିବାମନ ଜୀଉ ହାୟାର ସେକେଣ୍ଡାରୀ ସ୍କୁଲ ବାହାଡାଝୋଲାର କଳାରେ ୫୨.୧୭ ପ୍ରତିଶତ, ଡିଭାଇନ ହାୟାର ସେକେଣ୍ଡାରୀ ସ୍କୁଲ ନୟାଗଡର ବିଜ୍ଞାନରେ ୭୦.୮୩ ପ୍ରତିଶତ, ଡକ୍ଟର ରାମଚନ୍ଦ୍ର ସମାନ୍ତରାୟ ହାୟାର ସେକେଣ୍ଡାରୀ ସ୍କୁଲ ଗଣିଆ ର କଳାରେ ୩୬.୮୩ ପ୍ରତିଶତ ଓ ବିଜ୍ଞାନରେ ୪୪.୪ ପ୍ରତିଶତ କଟ୍ ଅଫ ମାର୍କ ରହିଛି । ଗଡବାଣିକିଲୋ ହାୟାର ସେକେଣ୍ଡାରୀ ସ୍କୁଲ ର କଳାରେ ୪୯.୮୩ ପ୍ରତିଶତ ଓ ବିଜ୍ଞାନରେ ୪୬.୩୩ ପ୍ରତିଶତ, ଗଡେଶ୍ୱର ହାୟାର ସେକେଣ୍ଡାରୀ ସ୍କୁଲ ମାଳିସାହିର କଳାରେ ୫୯.୬୭ ପ୍ରତିଶତ ଓ ବିଜ୍ଞାନରେ ୫୧.୬୭ ପ୍ରତିଶତ, ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ଦଶପଲ୍ଲାର ଡାଏରେ ୫୬.୬୭ ପ୍ରତିଶତ ଓ ଟିଟିଟିରେ ୪୮.୩୩ ପ୍ରତିଶତ, ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ନୟାଗଡରେ ସିଟିରେ ୫୫.୫ ପ୍ରତିଶତ, ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ନୀଳମାଧବ ଏଚଏସଏସ କଣ୍ଟିଲୋର ସିପିଏମରେ ୪୪ ପ୍ରତିଶତ ଓ ଟିଟିଟିରେ ୩୩. ୮୩ ପ୍ରତିଶତ, ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ଓଡ଼ଗାଁର ଇଡିଏରେ ୪୯.୩୩ ପ୍ରତିଶତ ଓ ଏମଏଲଟରେ ୬୪.୧୭ ପ୍ରତିଶତ କଟ ଅଫ ମାର୍କ ରହିଛି । ଅପରପକ୍ଷେ ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ରଣପୁରର ଇଡିଏରେ ୩୯.୮୩ ଓ ସିଟିରେ ୩୭.୬୭ ପ୍ରତିଶତ, ସରକାରୀ ଭୋକେସନାଲ ହାୟାର ସେକେଣ୍ଡାରୀ ସ୍କୁଲ ଶରଣକୁଳର ସିଟିରେ ୩୬.୬୭ ପ୍ରତିଶତ ଓ ଏମଏଲଟିରେ ୩୩ ପ୍ରତିଶତ, ହାୟାର ସେକେଣ୍ଡାରୀ ସ୍କୁଲ ବଉଳସାହିର କଳାରେ ୪୬ ପ୍ରତିଶତ ଓ ବିଜ୍ଞାନରେ ୬୪.୩୩ ପ୍ରତିଶ. ଇନସ୍ୱାୟାର ହାୟାର ସେକେଣ୍ଡାରୀ ସ୍କୁଲ ର ବିଜ୍ଞାନରେ ୭୦ ପ୍ରତିଶତ, ଇଟାମାଟି ହାୟାର ସେକେଣ୍ଡାରୀ ସ୍କୁଲ ଅଫ ଏଡୁକେଶନ ଆଣ୍ଡ ଟୋକ୍ନାଲୋଜି ଇଟାମାଟିର କଳାରେ ୬୫.୫ ପ୍ରତିଶତ ଓ କଳାରେ ୮୨.୫ ପ୍ରତିଶତ, କବି ଜଦୁମଣୀ ସଂସ୍କୃତ ହାୟାର ସେକେଣ୍ଡାରୀ ସ୍କୁଲ ର ଉପଶାସ୍ତ୍ରୀରେ ୩୩ ପ୍ରତିଶତ, କୃଷ୍ଣପ୍ରୀୟା ଦେବୀ ଓମନେସ ହାୟାର ସେକେଣ୍ଡାରୀ ସ୍କୁଲ ଦଶପଲାର କଳାରେ ୫୬.୧୭ ପ୍ରତିଶତ, ମା ମହିନାଗ ଦୁର୍ଗା ମହିଳା ହାୟାର ସେକେଣ୍ଡାରୀ ସ୍କୁଲ ରଣପୁରର କଳାରେ ୩୩ ପ୍ରତିଶତ କଟ ଅଫ ମାର୍କ ରହିଛି । ମଣିନାଗ ବହୁମଖି ହାୟାର ସେକେଣ୍ଡାରୀ ସ୍କୁଲ ଟାକେରାର କଳାରେ ୩୩ ପ୍ରତିଶତ, ମିଲେନିୟମ ଏକାଡେମିକ ଅଫ ହାୟାର ସେକେଣ୍ଡାରୀ ସ୍କୁଲ ନୟାଗଡର ବିଜ୍ଞାନରେ ୫୩.୮୩ ପ୍ରତିଶତ କଟ ଅଫ ମାର୍କ ରହିଛି । ଏଭଳି ଭଳି ଭାବେ ଜିଲାର ୮୫ଟି ହାୟାର ସେକେଣ୍ଡାରୀ ସ୍କୁଲରେ କଟ୍ ଅଫ ମାର୍କ ପ୍ରକାଶ ପାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଝିଅଙ୍କ ପାଇଁ ସୁକନ୍ୟା ଯୋଜନା କରିବାକୁ ଆହ୍ୱାନ

#### ଭୋଟକା ପଞ୍ଚାୟତରେ ଡାକମେଳା



**ରସୁଲପୁର,୧୭।୮ (ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟରେ ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୁଖ୍ୟ ଡାକଘର ଓ ଧର୍ମଶାଳା ଡାକ ଉପଖଣ୍ଡ ଆନୁକୂଲ୍ୟରେ ରସୁଲପୁର ଶାଖା ଡାକଘର ପକ୍ଷରୁ ଆୟୋଜିତ ଏହି ମେଳାରେ ଡାକ ନିରୀକ୍ଷକ କୁମାର ପ୍ରସାଦ ଜେନା ଅଧକ୍ଷତା କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ ବିଭାଗରୁ ଜନସାଧାରଣଙ୍କୁ ମିଳୁଥିବା ବିଭିନ୍ନ ସହାୟତାରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଡାକ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ରଥ ବିଭାଗ ଜରିଆରେ ଜନସାଧାରଣଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମତ ରଖିଥିଲେ। ବିଶେଷକରି ୧୦ବର୍ଷରୁ କମ୍ ବୟସର ଝିଅଙ୍କ ନାଁରେ ସୁକନ୍ୟା ଯୋଜନାରେ ସଞ୍ଚୟ କରିବାକୁ ସେ ଲୋକଙ୍କୁ ଆହ୍ୱାନ କରିଥିଲେ। ଯାଜପୁର ଡାକ ଡିଭିଜନର ବିଜ୍‌ନେସ୍ ଏକ୍‌ଜିକ୍ୟୁଟିଭ୍ ପ୍ରମୋଦ କୁମାର ଦାସ, ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ୍ ବ୍ୟାଙ୍କର ସହକାରୀ ପରିଚାଳକ ବିଟନ ଆରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡାକ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଶାଖା ଡାକ ପରିଚାଳକ ପ୍ରକାଶ ଚନ୍ଦ୍ର ବେହେରା, ମାନସ ରଞ୍ଜନ ସ୍ୱାଇଁ, ରଶ୍ମିତା ସାହୁ, ଚିତ୍ତରଞ୍ଜନ ଦାସଙ୍କ ସମେତ ବହୁ ଡାକ କର୍ମଚାରୀ ଓ ଗ୍ରାହକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ମାସରେ ଡାକଘରେ ସୁକନ୍ୟା ଯୋଜନାରେ ସାମିଲ ହୋଇଥିବା ଗ୍ରାହକ ଓ ଏହି ଯୋଜନାରେ ଭଲ ପ୍ରଦର୍ଶନ କରିଥିବା ଭୋଟକା ଶାଖା ଡାକଘର କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ସୁପରିଣ୍ଟେଣ୍ଡେଣ୍ଟ ରଥ ସରପଞ୍ଚଙ୍କୁ ଜାତୀୟ ପତାକା ସହ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ।

### ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

**ଧର୍ମଶାଳା,୧୭।୮ (ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଜାରକା ହାଇସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ଦେଶାତ୍ମବୋଧକ ସଙ୍ଗୀତରେ ବିଦୁସ୍ମିତା ବେହେରା, ସ୍ନେହାରାଣୀ ନାୟକ, ଅନ୍ନପୂର୍ଣ୍ଣା ମହାରଣା, ଚିତ୍ରାଙ୍କନ ପ୍ରତିଯୋଗିତାରେ ସାବରିନ ଇସୁଫ, ଇପ୍ସୀତା ସାହୁ, ବିଦୁସ୍ମିତା ବେହେରା, ରିମଝିମ ଶତପଥୀ, ସ୍ନେହଲତା ନାୟକ, ସୃଙ୍ଖଳାରେ ମନୀଷା ବେହେରା, ସୀମା ବେହେରା ଓ ବକ୍ତୃତା ପ୍ରତିଯୋଗିତାରେ ରେଶମା ଶତପଥୀ, ଅର୍ଚ୍ଚିତା ଜେନା, ବିଦୁସ୍ମିତା ବେହେରା, ଅନ୍ନପୂର୍ଣ୍ଣା ମହାରଣା କୃତିତ୍ୱ ହାସଲ କରିଥିଲେ। ଏହି ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ନରେନ୍ଦ୍ର ଲେଙ୍କା, ଶିକ୍ଷକ ସଂଘ ନେତା ସଦୀପ୍ତ ମହାନ୍ତି, ଜୟପ୍ରକାଶ ତ୍ରିପାଠୀ ପରିଚାଳନା କରିଥିଲେ। ସେହିପରି ପୂର୍ବାହ୍ନରେ ଜାରକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ହୃଷୀକେଶ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ କୁମାର ରଣା ଧନ୍ୟବାଦ ଦେଇଥିଲେ।

# ଗ୍ୟାସ୍ ପାଇପ୍ ବିଛା କାମରେ ସହର ଖିନ୍‌ଭିନ୍

- ବ୍ୟାସନଗର ପୌର ପରିଷଦ
- ଠିକାସଂସ୍ଥାକୁ କଳା ତାଲିକାଭୁକ୍ତ ଚେତାବନୀ
- ବାସ୍ତବତା ନା ଲୋକ ଦେଖାଣିଆ

**ଯାଜପୁର ରୋଡ,୧୭।୮ (ଡି.ଏନ.ଏ.)**



ବ୍ୟାସନଗରରେ ସହରରେ ଭାରତ ଗ୍ୟାସ ପକ୍ଷରୁ ପାଇପ ପିଛା କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ପ୍ରଶାସନିକ ଚେତାବନୀ ଦିଆଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଏନେଇ ସୂଚନା ଦେଇଛନ୍ତି। ଗ୍ୟାସ ପାଇପ ଲାଇନ ବିଛା କାର୍ଯ୍ୟରେ ବ୍ୟାସନଗର ସହରର ରାସ୍ତା ଖିନ୍‌ଭିନ ହୋଇଯାଇଛି। ଏଥିଯୋଗୁ ଗମନାଗମନ ବାଧାପ୍ରାପ୍ତ ହେବା ସହ ଛୋଟବଡ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଗତ ପ୍ରାୟ ୧ ବର୍ଷ ହେଲା ରାସ୍ତା କଡରେ ମେଶିନ ଯୋଗେ ଗାତ ଖୋଳା ଚାଲିଛି। ଆବଶ୍ୟକ ପରିମାଣରେ ଭିତରକୁ ଗାତ ହେଉ ନ ଥିବାରୁ ରାସ୍ତାର ଉପର ଅଂଶ ଧସି ପଡୁଛି। ଏପରିକି ଏଥିଯୋଗୁ ହାଇମାସ୍କ ଲାଇଟ ପୋଲ ବିପଦାପନ୍ନ ହୋଇଥିବା ଦେଖିବାକୁ ମିଳିଛି। ପୌରପରିଷଦ ପକ୍ଷରୁ ବିଭିନ୍ନ ଛକରେ ନିର୍ମିତ ହେଉଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାନ ମଧ୍ୟ ସୁରକ୍ଷିତ ରହିନାହିଁ। ଏନେଇ ଯାଜପୁର ରୋଡ ସିଭିଲ ସୋସାଇଟିର ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୂର୍ବରୁ ଯାଜପୁରରୋଡ ଥାନାରେ ଏତଲା ଦେଇଥିଲେ ହେଁ କିଛି ସୁଫଳ ମିଳି ପାରି ନ ଥିଲା। ଏହି ମନମାନି କାର୍ଯ୍ୟ ବନ୍ଦ ହେବା ପରିବର୍ତ୍ତେ ପରିସ୍ଥିତି ଆହୁରି ଜଟିଳ ହେବାରେ ଲାଗିଛି। ଏନେଇ ସୋସାଇଟି ପକ୍ଷରୁ ପୁଣି ଅଭିଯୋଗ ହେବା ପରେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୁଣି ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। କଳିଙ୍ଗନଗର ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଯାଜପୁର ରୋଡ ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଭାରତ ଗ୍ୟାସ ଓ ତାଙ୍କର ଠିକା ସଂସ୍ଥା ଓସାଲ ଆରିଓଇନଫ୍ରା ଏବଂ ଆର ଏଣ୍ଡ ବି କର୍ତ୍ତୃପକ୍ଷ ଓ ସିଭିଲ ସୋସାଇଟିର ଉପଦେଷ୍ଟା ବିଦ୍ୟାଧର ମହାନ୍ତି, ଚନ୍ଦ୍ରମଣି ସାମଲ, ସନ୍ତୋଷ ମହାନ୍ତି, ଶିଶିର କୁମାର ରାଉତ ଓ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବିଚିତ୍ର କୁମାର ପୁହାଣ, ତାପସ କୁମାର ପୃଷ୍ଟି, ଭାରତ ଗ୍ୟାସର ମ୍ୟାନେଜର ମୁଡ଼ି ଲକାନ୍ସଲ, ମେକାନଇଣ୍ଡିଆର ଡିଜିଏମ ଆଇ. କେଶବ, ଠିକା ସଂସ୍ଥାର ସଞ୍ଜୀବ ସୁବୁଦ୍ଧି, ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଆଲୋଚନାରେ ସଂପୃକ୍ତ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଚେତାବନୀ ଦେଇଥିଲେ । ଏହାସହିତ ଅଧା ପନ୍ତରିଆ କାମକୁ ସମ୍ପୂର୍ଣ୍ଣ କରିବା ଓ କ୍ଷତି ହୋଇଥିବା ସରକାରୀ ଅର୍ଥ ପୈଠ ନ କରିବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ବ୍ୟାସନଗର ସହର ମଧ୍ୟରେ ହେବାକୁ ଥିବା ୭୫ କିଲୋମିଟର ଗ୍ୟାସ ବିଛା କାର୍ଯ୍ୟ ପର୍ଯ୍ୟାୟକ୍ରମେ ହେବ । ଯଦି ଠିକା ସଂସ୍ଥା ଏଥିରେ ବ୍ୟତିକ୍ରମ କରନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର ଘୋଷଣା କରିଥିଲେ। ତେବେ ପ୍ରଶାସନର ଏହି ଚେତାବନୀରେ ଲୋକ ଦେଖାଣିଆ ନା ବାସ୍ତବତା ରହିଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ସହରବାସୀ ମତପ୍ରକାଶ କରିଛନ୍ତି।

## ବୈତରଣୀ, ଯମୁନା ନଦୀରେ ଘଡ଼ିଆଳ କୁମ୍ଭୀର



### ଯାଜପୁର, ଦଶରଥପୁରବାସୀ ଆତଙ୍କିତ

**ଯାଜପୁର ସଦର ୧୭।୮ (ଡି.ଏନ.ଏ.)**

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଏବଂ ଯମୁନା ନଦୀରେ ୨ଟି ଘଡିଆଳ କୁମ୍ଭୀର ଦେଖିବାକୁ ମିଳିଛି। ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଧରମପୁର ଏବଂ ସଦର ବ୍ଲକର ସିମିଳିଆ ପଞ୍ଚାୟତବାସୀ ଆତଙ୍କିତ ହୋଇ ପଡିଛନ୍ତି। ବୈତରଣୀ ବନ୍ୟା ପାଣି କମି ଆସୁଥିଲେ ସୁଦ୍ଧା କାଣୀ ନଦୀ ବନ୍ଧରେ ଘାଇ ଯୋଗୁ ଦଶରଥପୁର ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ବୈତରଣୀ ନଦୀର ତଳ ପଟୁ ପଶି ଥିବା ପାଣିରେ ଧରମପୁର ଗାଁ ନିକଟକୁ କୁମ୍ଭୀର ଚାଲି ଆସିଛି ବୋଲି ଚର୍ଚ୍ଚା ହେଉଛି। ସେହିପରି ଯାଜପୁର ବ୍ଲକର ଯମୁନା ନଦୀରେ ବୁଧବାର ସକାଳୁ ସ୍ଥାନୀୟ ଲୋକେ ଖରସ୍ରୋତାରୁ ପଶି ଆସିଥିବା ଏକ କୁମ୍ଭୀରକୁ ଦେଖିବାକୁ ପାଇଛନ୍ତି । ଉଭୟ କୁମ୍ଭୀର ପାଖାପାଖି ୮ରୁ୧୦ ଫୁଟରୁ କମ ହେବ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ କୟାଁଗୋଲା ଅଞ୍ଚଳରେ କୁମ୍ଭୀର ଉଭୟ ପଶୁ ଓ ମଣିଷଙ୍କୁ ନଦୀ ଭିତରକୁ ଟାଣି ନେଇ ଜୀବନରୁ ମାରି ଦେଇଥିବା ନଜିର ରହିଛି। ବୈତରଣୀ ଓ ଖରସ୍ରୋତା ନଦୀରେ ଭିତରକନିକା ଅଞ୍ଚଳରୁ କୁମ୍ଭୀର ଆସି ନଦୀର ଗଭୀର ଜଳ (ଗଣ୍ଡ) ରେ ରହି ଯାଇ ସେମାନଙ୍କ ବଂଶ ବିସ୍ତାର କରିଛନ୍ତି। ବନ ବିଭାଗ ଏହି ଘଟଣାକୁ ବିଶେଷ ଗୁରୁତ୍ୱ ଦେଉ ନଥିବାରୁ କୁମ୍ଭୀର ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଛି।

## ବ୍ୟାସନଗରରେ ଏଫ୍‌ଏସ୍‌ଏଚ୍ ଜଙ୍କସନ୍ ଷ୍ଟୋର୍

**ଯାଜପୁର ରୋଡ,୧୭।୮ (ଡି.ଏନ.ଏ.)**



ଅତିଥି ଷ୍ଟୋର୍ ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟର ଶିଳ୍ପ ପେଣ୍ଠସ୍ଥଳ ଭାବେ ଜଣାଶୁଣା ବ୍ୟାସନଗର ଉତ୍କଳ ସେଣ୍ଟର ପଏଣ୍ଟରେ ଫ୍ୟାଶନ ପ୍ରତିଷ୍ଠାନ ଏଫ୍‌ଏସ୍‌ଏଚ୍ ଜଙ୍କସନ୍ ପକ୍ଷରୁ ଏକ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂଆ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଫ୍‌ଏସ୍‌ଏଚ୍ ଜଙ୍କସନ୍‌ର ତତ୍ତ୍ୱାବଧାୟକ ସ୍ନେହାଂଶୁ କୁମାର ତ୍ରିପାଠୀ, ସନ୍ଧ୍ୟାରାଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟୋର ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ଜରିଆରେ ଗ୍ରାହକମାନଙ୍କ ଫ୍ୟାଶନ ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ ରହିଛି ବୋଲି ସୂଚନା ଦିଆଯାଇଥିଲା।

ଏଫ୍‌ଏସ୍‌ଏଚ ଜଙ୍କସନ ହେଉଛି ଏକ ପୁରୁଷଙ୍କ ପରିଧାନ ଷ୍ଟୋର। ଯେଉଁଠାରେ ଆମେରିକାନ୍‌ବୁଲ୍, ଏଥ୍‌ନିକ୍ସ ଓ କଫିବଡ୍ ବ୍ରାଣ୍ଡର ବିଭିନ୍ନ ପୋଷାକ ସାମଗ୍ରୀ ଉପଲବ୍ଧ ରହିଛି। ଋତୁ ଭିତ୍ତିକ ସମ୍ଭାରର ଏକ ଷ୍ଟୋର ଭାବେ ଏହା ନିଜର ପୃଷ୍ଠପୋଷକମାନଙ୍କୁ ଫ୍ୟାସନେବଲ ପୋଷାକ ଦେଖିବା ଓ ପରଖିବା ଲାଗି ଆମନ୍ତ୍ରଣ କରୁଛି। ବିବାହ ଓ ତାର ପରବର୍ତ୍ତୀ ଫ୍ୟାଶନ ଆବଶ୍ୟକତା ପୂରଣ କରିବା ଲାଗି ଏହି ଷ୍ଟୋରରେ ସବୁ କିଛି ରହିଛି। ଉତ୍ସବ ସମୟରେ ଦରକାର ହେଉଥିବା ଏଥ୍‌ନିକ୍ ଓ୍ୱାରର ଆବଶ୍ୟକତାକୁ ଷ୍ଟୋରରେ ଥିବା ବ୍ରାଣ୍ଡ୍ ଏଥନିକ୍ସ ପୂରଣ କରିବ ବୋଲି କୁହାଯାଇଛି। ରାଜ୍ୟର ଅନ୍ୟ ସହରକୁ ନିଜର ଉପସ୍ଥିତି ସମ୍ପ୍ରସାରଣ କରିବା ଲାଗି ଏଫ୍‌ଏସ୍‌ଏଚ ଜଙ୍କସନ୍‌ର ବଡ଼ ଯୋଜନା ରହିଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଜରି ପଞ୍ଚାୟତରେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ସିଂହପୁର,୧୭।୮ (ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲଙ୍କ ନେତୃତ୍ୱରେ କେତେଜଣ ଯୁବକ, ମହିଳା ଓ କୃଷକମାନେ ଘରଘରବୁଲି ସ୍ୱାଧୀନତା ଦିବସ ପୂର୍ବରୁ ଜନ୍ମଗ୍ରହଣ କରିଥିବା ଜରି, ନାଉବାଙ୍କ ଓ ନେମରା ଗ୍ରାମର ଶତାଧିକ ବରିଷ୍ଠ ନାଗରିକ, କୃଷକ, ଶିକ୍ଷାବିତ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭୁବନାନନ୍ଦ ସାମଲ, ଗଗନ ନାୟକ, ନିରଞ୍ଜନ ବେଉରିଆ, ଜୟନ୍ତ ଜେନା, ଅଭିମନ୍ୟୁ ସାହୁ, ଦାମୋଦର ମଲିକ, ଘନଶ୍ୟାମ ବେହେରା, ବିଜୟ ସାମଲ, ସସ୍ମିତା ମଲିକ, ସନ୍ତୋଷ ଧଳ, ପ୍ରଫୁଲ ନାୟକ, ମନୋଜ ଜେନା, ବିଭୂରଞ୍ଜନ ମଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ସର୍ବଭାରତୀୟ କରାଟେ ପ୍ରତିଯୋଗିତା

## ୩ୟ ସ୍ଥାନ ହାସଲ କଲେ ରିତିକ

**ଚଣ୍ଡିଖୋଲ,୧୭।୮ (ଡି.ଏନ.ଏ.)**

ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ୩ୟ ସ୍ଥାନ ହାସଲ କରି ଓଡିଶା ପାଇଁ ଗୌରବ ଆଣିଛନ୍ତି ରିତିକ ବରାଳ। ରିତିକ ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମର ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଓ ପୂର୍ବତନ ଖଇରା ସରପଞ୍ଚ ହରପ୍ରିୟା ବରାଳଙ୍କ ପୁତ୍ର। ଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ସେ ଓଡ଼ିଶା ପକ୍ଷରୁ ଭାଗ ନେଇଥିଲେ। ଏହି ଖବର ପାଇବା ପରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସମେତ ବହୁ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।



ରିତିକ ବରାଳ

## ଦେଶାତ୍ମବୋଧକ କବିତା ପାଠ

**ଧର୍ମଶାଳା,୧୭।୮ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ହାଇସ୍କୁଲରେ ସ୍ୱାଧୀନତା ଦିବସ ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ସହଯୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଏବଂ ଦେଶାତ୍ମବୋଧକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଲେଖକ ସମ୍ମେଳନର ସଭପତି ଡ. ରୁଦ୍ର ନାରାୟଣ ପୃଷ୍ଟି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ସମାଜର ସମ୍ପାଦକ ହୃଷୀକେଶ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ମହେଶ୍ୱର ପାଖୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ଗୌତମ ଜେନା, ଡ. ରାଜକିଶୋର ପାଢ଼ୀ, ଡ. ତୁହିନାଂଶୁ ରଥ, ଡ. ସନ୍ତୋଷ କୁମାର ମହାପାତ୍ର, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପଦ୍ମଜା ଶରଣ, ସସ୍ମିତା ଦାଶ, ପ୍ରେମଲତା ମହାରଣା, ଶଶିଭୂଷଣ ଦ୍ୱାରୀ, ପ୍ରତାପରୁଦ୍ର ପଣ୍ଡା, ଗାୟତ୍ରୀ ନାୟକ, ବ୍ରଜକିଶୋର ଦାଶ, ପ୍ରଶାନ୍ତ କୁମାର ସାହୁ, ସବିତା ମିଶ୍ର, ପ୍ରଦୀପ ସାମଲ, ପ୍ରହ୍ଲାଦ ପଣ୍ଡା, ଗୋଲକ ପଲେଇ ପ୍ରମୁଖ ୨୦ ଜଣ ନିମନ୍ତ୍ରିତ କବି ଯୋଗଦେଇ ଦେଶାତ୍ମବୋଧକ କବିତା ପାଠ କରିଥିଲେ।



କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

## ବାଘମାରୀ-ସାରୁଅ ରାସ୍ତାରେ ୪ଫୁଟ ପାଣି

**ଖୋର୍ଦ୍ଧା ଅଫିସ,୧୭।୮**

ମହାନଦୀର ଶାଖା ରାଜୁଆ ଓ ଦୟା ନଦୀର ଜଳସ୍ତର ବୃଦ୍ଧି ପାଇ ବିପଦସଙ୍କେତ ଉପରେ ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ସାରୁଅ ରାସ୍ତାରେ ୪ଫୁଟ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେଉଛି। ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳସ୍ତର ବଢୁଥିବାରୁ ପ୍ରଶାସନ ପକ୍ଷରୁ ଏହି ରାସ୍ତାରେ ଯାତାୟାତ ବନ୍ଦ କରାଯାଇଛି। ଫଳରେ ଉଭୟ ପଟୁ ଏକ କିମି ପର୍ଯ୍ୟନ୍ତ ଯାନବାହନ ଅଟକି ରହିଛି। ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ପାଇ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ବାଘମାରୀ ଓ ସାରୁଅ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଉଜୁଡ଼ିଲା ପରିବା, ଧାନ, ନଳିତା ଚାଷ କ୍ଷତିଗ୍ରସ୍ତ ଆଶଙ୍କା

**ଧର୍ମଶାଳା,୧୭।୮ (ଡି.ଏନ.ଏ.)**

ମହାନଦୀର ଶାଖା ବିରୂପା ଓ ଗେଙ୍ଗୁଟି ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ବିଶେଷକରି ପଟୁଣିଆ, କ୍ଷେତ୍ରପାଳ, କଣ୍ଟିଗଡ଼ିଆ ଆଦି ପଞ୍ଚାୟତର ହେକ୍ଟର ହେକ୍ଟର ଚାଷ ଜମିରେ ପାଣି ମାଡ଼ିଯାଇଛି। ୪ ଦିନ ହେଲା ଜମିରେ ପାଣି ରହିବା ଫଳରେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଧାନ ଓ ନଳିତା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି। ହୀରାକୁଦର ୪୦ ଗେଟ୍ ଖୋଲାଥିବାରୁ ଜଳ ପରିମାଣ ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। ବନ୍ୟାଜଳ ବୃଦ୍ଧି ପାଇଲେ ଗାଁ ରାସ୍ତାରେ ପାଣି ଚାଲିବା ଆଶଙ୍କା ଉପୁଜିଛି।



ଧର୍ମଶାଳା ବ୍ଲକ ଶଙ୍ଖ ମୌଜାରେ ହେକ୍ଟରହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି।

## ବର୍ଷାଦିନେ ଚାଲିଛି ରାସ୍ତାକାମ

**ଚଣ୍ଡିଖୋଲ,୧୭।୮ (ଡି.ଏନ୍.ଏ.)**

ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନ୍ ଅଧୀନରେ ବାଲିଚନ୍ଦ୍ରପୁର-ଦେକୁରି ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ଏ ରାସ୍ତାଟି ପୂର୍ବରୁ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ୨୦୧୯ରେ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ରାସ୍ତାଟିକୁ ଦୁଇଟି ଭାଗରେ ବିଭକ୍ତ କରି ପୂର୍ତ୍ତ ବିଭାଗ ୨ଟି ଠିକା ସଂସ୍ଥାକୁ ଟେଣ୍ଡର ଦେଇଛି। ବର୍ତ୍ତମାନ ବର୍ଷା ଦିନରେ ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ରାସ୍ତା କାର୍ଯ୍ୟ ଜାରି ରହିଛି। ଏହି ୫ କିଲୋମିଟର ରାସ୍ତା ପାଇଁ ବିଭାଗ ତରଫରୁ ୭କୋଟି ୫୦ଲକ୍ଷଟଙ୍କା ବ୍ୟୟବରାଦ କରାଯାଇଛି। ନିୟମ ଅନୁଯାୟୀ ପୁରୁଣା ରାସ୍ତାକୁ ଖନନ କରି ଏଥିରେ ନୂଆ ମେଟାଲ ଦେଇ ରୋଲିଂ କରିବା କଥା। ତେବେ ଠିକା ସଂସ୍ଥା ପୁରୁଣା ରାସ୍ତାର ପିଚୁକୁ ନ ତାଡ଼ି ଏହା ଉପରେ ରୋଲିଂ କରି ଚାଲିଛି। ରୋଲିଂ ଦ୍ୱାରା ପୁରୁଣା ପିଚୁ ସେହିଠାରେ ହିଁ ରହୁଛି। ଏହା ଉପରେ ଠିକା ସଂସ୍ଥା ପିଚୁ କରି ନେଇଯିବ ବୋଲି ଯୋଜନା କରିଛି। ତେବେ ଆଶ୍ଚର୍ଯ୍ୟର କଥା ଏଠାରେ ରାସ୍ତା କାମ ଚାଲୁଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ କେହି ଉପସ୍ଥିତ ରହୁନାହାନ୍ତି, ଯାହାକୁ ନେଇ କାର୍ଯ୍ୟଶୈଳୀ ଉପରେ ସନ୍ଦେହ ପ୍ରକାଶ ପାଇଛି।

ସୂଚନା ଥାଉକି, ଏହି ରାସ୍ତାଟି ଜଳ ସମ୍ପଦ ବିଭାଗ ତରଫରୁ ୧୫କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ କରାଯାଇ ୨୦୧୬ରେ ଶେଷ ହୋଇଥିଲା। ରାସ୍ତା କାର୍ଯ୍ୟ ସରିବାର ୬ମାସ ନ ପୁରୁଣୁ ରାସ୍ତାରୁ ପିଚୁ ଉଠିଯାଇଥିଲା। ଏହା ପରେ ଜଳ ସମ୍ପଦ ବିଭାଗ ବାରମ୍ବାର ତାଳି ପକା ପିଚୁ କାର୍ଯ୍ୟ କରିଥିଲା, ଯାହାକି ରହି ନ ଥିଲା। ପୂର୍ତ୍ତ ବିଭାଗ ସମ୍ପୃକ୍ତ ରାସ୍ତାକୁ ନେବା ପରେ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ମରାମତି କରିଥିଲେ ମଧ୍ୟ ତାହା ୨ମାସ ମଧ୍ୟରେ ନଷ୍ଟ ହୋଇଯାଇଥିଲା। ବିଭାଗର ନିୟମ ଅନୁଯାୟୀ ବର୍ଷାଦିନେ କୌଣସି ରାସ୍ତା କାର୍ଯ୍ୟ ହୋଇ ପାରିବ ନାହିଁ। ଏହାକୁ ନ ମାନି ଠିକା ସଂସ୍ଥା ରାସ୍ତା କାର୍ଯ୍ୟ କରୁଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ୨ଦିନ ଭିତରେ ଘଟଣାସ୍ଥଳକୁ ଯାଇ ତଦାରଖ କରିବି।



## ସ୍ୱାଧୀନତା ଦିବସରେ ଦିବ୍ୟାଙ୍ଗଙ୍କୁ ନୂତନ ଭତ୍ତା

**ବ୍ରହ୍ମବରଦା,୧୭।୮ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଦିବସ ବିଷୟରେ ଅଭିଭାଷଣ ରଖିଥିଲେ। ପରେ ଅତିଥିଙ୍କ ଦ୍ୱାରା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା।

ସେହିପରି ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଆଶୁତୋଷ ବଳ ପତାକା ଉତ୍ତୋଳନ କରିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘର ବ୍ରହ୍ମବରଦାଠାରେ ସଂଘ ଉପଦେଷ୍ଟା ଇବ୍ରାହିମ ଖାଁ ପତାକା ଉତ୍ତୋଳନ କରିଥିଲେ। ଯାଜପୁର ବିଡ଼ି ଶ୍ରମିକ ସଂଘ ବ୍ରହ୍ମବରଦାଠାରେ ସଭାପତି ପ୍ରଦୀପ ଦାସ ପତାକା ଉତ୍ତୋଳନ କରିଥିବା ବେଳେ ବ୍ରହ୍ମବରଦା ପଞ୍ଚାୟତ ଅଫିସଠାରେ ସରପଞ୍ଚ ଶୁଭଦର୍ଶିନୀ ଦେଓ ପତାକା ଉତ୍ତୋଳନ କରିଥିଲେ। ସେହିପରି ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷାନିଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

କାଶୀନଗର,୧୭।୮:କାଶୀନଗର ଥାନା ଅଲଡ଼ା ପଞ୍ଚାୟତ ଉଲାଭଦ୍ରା ଗ୍ରାମର ବୃଦ୍ଧା କୋଣ୍ଡାଗିରି ରତ୍ନାଲୁ (୬୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗୁଣପୁର ଉପଖଣ୍ଡ ଡ଼ାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଥାନାଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ଏନେଇ ଅପମୃତ୍ୟୁ ମାମଲା ୨/୨୨ରେ ରୁଜୁ ହୋଇଛି।

### ଗୋଖାଦ୍ୟ ଗାଡ଼ିରୁ ଗଞ୍ଜେଇ ଜବତ




ଫୁଲବାଣୀ ଅଫିସ, ୧୭।୮: ଫୁଲବାଣୀ ଅବକାରୀ ମୋବାଇଲ ଟିମ୍ ଏକ ଗୋଖାଦ୍ୟ ଗାଡିରୁ ଗଞ୍ଜେଇ ଜବତ କରିଛି। ଚଢ଼ାଉ ବେଳେ ଗାଡି ମାଲିକ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ ଗୋ ଖାଦ୍ୟ ଭର୍ତ୍ତି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ପାଖରେ ଖବର ପହଞ୍ଚିଥିଲା। ଅବକାରୀ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ଅବକାରୀ ମୋବାଇଲ ଟିମ ଇନ୍ସପେକ୍ଟର ନାରାୟଣ ଜେନା, ଏଏସ୍ଆଇ ସୁଜିତ କୁମାର ମୁଦୁଲିଙ୍କ ସହିତ ଏକ ୬ ଜଣିଆ ଟିମ ପୂର୍ବ ସୂଚନା ଆଧାରରେ ଖଜୁରିପଡ଼ାର ଗାଡିଆପଡ଼ା ଘାଟିରେ ଛକି ରହିଥିଲେ। ସନ୍ଦେହରେ ଏକ ବୋଲେରୋ ପିକ୍ ଅପକୁ ଅଟକାଇବାରୁ ଚାଳକ ଅବକାରୀ ବିଭାଗ ଗାଡିକୁ ଧକ୍କା ଦେଇ ଫେରାର ହେବାକୁ ଚେଷ୍ଟା କରୁଥିଲା। ଅବକାରୀ ଟିମ ପିଛା କରି ଗାଡିକୁ ଧରିଥିଲା। ଯାଞ୍ଚ ବେଳେ ସେଥିରୁ ୧ କୁଇଣ୍ଟାଲ ୩୨ କେଜି ଗଞ୍ଜେଇ ମିଳିଥିଲା। ଏନେଇ ୪୯/୨୨ରେ ମାମଲା ରୁଜୁ ହୋଇଛି।

### ସାନକୋଦଣ୍ଡାରେ ବିଜେଡିର ବୈଠକ

ଭଞ୍ଜନଗର,୧୭।୮(ଡି.ଏନ.ଏ)-ପରିସ୍ଥିତିରେ ବୁଧବାର ମଧ୍ୟାହ୍ନରେ ସାନକୋଦଣ୍ଡା ପଚାଂୟତର ବିଜେଡ଼ି ସଙ୍ଗଠକ ମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଦଳୀୟ ସଙ୍ଗଠନ ବୃଦ୍ଧି କିଭଳି ହେବ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଦଳ ଏଠାରେ ସମିତିସଭ୍ୟା ପ୍ରାର୍ଥିନୀ ଜିତିଥିବା ବେଳେ ଜିଲାପରିଷଦ ପ୍ରାର୍ଥିନୀ ବହୁତ ଅଧିକ ଭୋଟ ପାଇଥିଲେ। କିନ୍ତୁ ସରପଞ୍ଚ ପ୍ରାର୍ଥୀ କାହିଁକି ହାରିଲେ ସେ ନେଇ ଆଲୋଚନା ହୋଇଥିଲା। ଯାହାକୁ ନେଇ ଦୁଇଗୋଷ୍ଠୀ ଗଣ୍ଡଗୋଳ ହୋଇଥିଲା। ପରେ ପର୍ଯ୍ୟବେକ୍ଷକ ଭାବେ ଥିବା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଏବଂ ଏମ୍ପି ପ୍ରତିନିଧି ଦିବାକର ନାୟକ ସମସ୍ତ ମନୋମାଳିନ୍ୟକୁ ଭୁଲି ଆଗାମୀ ଦିନରେ ଦଳ କିଭଳି ଏହି ପଞ୍ଚାୟତରେ ଆହୁରି ସୁଦୃଢ଼ ହେବ ସେ ଉପରେ ଗୁରୁତ୍ୱରୋପ କରିଥିଲେ। ଏହାପରେ ସମସ୍ତ କର୍ମୀ, ନେତା ମିଳିମିଶି କାମ କରିବା ପାଇଁ ନିଷ୍ପତି ନେଇଛନ୍ତି।

# ବୈଠକ ଅଧାରୁ ଚାଲିଗଲେ ୮ କାଉନସିଲର

## କାର୍ଯ୍ୟକାରୀ ହେଲାନି ନିଷ୍ପତ୍ତି

**ଛତ୍ରପୁର,୧୭।୮(ଡି.ଏନ.ଏ)**

ଛତ୍ରପୁର ଏନ୍ଏସି କାଉନସିଲ ବୈଠକ ଦୀର୍ଘ ୪ ମାସ ପରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ବୈଠକ ଗତ ଏପ୍ରିଲ ୨୨ରେ ହୋଇଥିଲା। ପୂର୍ବ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହୋଇ ନ ଥିବାରୁ ଏନଏସି ଉପାଧ୍ୟକ୍ଷଙ୍କ ସମେତ ୮ ଜଣ କାଉନସିଲର ଅଧାରୁ ଉଠି ବାହାରକୁ ଚାଲିଯାଇଥିଲେ। ଶନିବାର ଅନୁଷ୍ଠିତ ବୈଠକର ଏଜେଣ୍ଡା ଉପରେ ଆଲୋଚନା ପୂର୍ବରୁ ଗତ ବୈଠକର ଏଜେଣ୍ଡା ମଧ୍ୟରୁ କଣ ସବୁ କାର୍ଯ୍ୟକାରୀ ହୋଇଛି ତାହା ଜଣାଇବାକୁ ଅଧିକାଂଶ କାଉନସିଲର ଦାବି କରିଥିଲେ। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ପରିମଳ କାର୍ଯ୍ୟ ପାଇଁ ଅଧିକ ଷ୍ଟାଫ୍ ନିଯୁକ୍ତ, ରେଜିଷ୍ଟର ବ୍ୟବହାର ଏବଂ ଏହାଉପରେ କାଉନସିଲରଙ୍କ ମତ ନେବା ପାଇଁ ଗତ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ନ ଥିବା କାଉନସିଲରମାନେ କହିଥିଲେ। ଏଥିସହ ପାଣି ସମସ୍ୟା, ଅଙ୍ଗନୱାଡି କେନ୍ଦ୍ର ସମସ୍ୟା ଦୂର ହୋଇନି। କାଉନସିଲରମାନଙ୍କୁ କୌଣସି କାର୍ଯ୍ୟ ସମ୍ବନ୍ଧରେ ଏନଏସି କର୍ତ୍ତୃପକ୍ଷ ଜଣାଉନଥିବା ନେଇ ଅଧିକାଂଶ କାଉନସିଲର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପରେ ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ମାମା ସେଠୀ, ଡି.ଇନ୍ଦୁ, ମମତା ପାତ୍ର, କେ.ରମେଶ, ପ୍ରିତିଛନ୍ଦା ସାମଲ, ଦେବଶିଷ ମିଶ୍ର ଓ ସନ୍ତୋଷୀ ସେଠୀ ବୈଠକ ବର୍ଜନ କରି ବାହାରକୁ ଚାଲିଯାଇଥିଲେ। କିଛି ମତଭେଦ କାରଣରୁ କିଛି କାଉନସିଲର ଓ ଉପାଧ୍ୟକ୍ଷ ବୈଠକ ଅଧାରୁ ଅନୁପସ୍ଥିତ ରହିଥିଲେ ବୋଲି ଏନଏସି ଅଧ୍ୟକ୍ଷା ସୂଚନା ଦେଇଛନ୍ତି। ପରେ ଏଜେଣ୍ଡା ଅନୁସାରେ ପିଲିବନ୍ଧ, ମାଛ ମାର୍କେଟ, ଡ୍ରେନ୍ ଉପରେ ଆଲୋଚନା ହୋଇଥିଲା। ଏନଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶବାବୁ ଓ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ।

# ବୁଣାକାରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀଙ୍କ ଉପସଚିବ

**ଶେରଗଡ, ୧୭।୮(ଡି.ଏନ୍.ଏ.)**

ଶେରଗଡ ବ୍ଲକ ପିତଳ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀଙ୍କ ଉପସଚିବ ଶୁଭ୍ରାଂଶୁ କୁମାର ମିଶ୍ର ଗସ୍ତ କରି ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପିତଳରେ ରହୁଥିବା ଡେରା ସମ୍ପ୍ରଦାୟର ବୁଣାକାର ଆପ୍ପା ରାଓଙ୍କ ସହ ଆଲୋଚନା କରିଥିଲେ। ତନ୍ତୁବାୟ ସମିତିକୁ ଯାଇ ବୁଣାକାରଙ୍କ ସମସ୍ୟା ପଚାରି ବୁଝିଥିଲେ। ସମାଜସେବୀ ଅନୀଲ କୁମାର ମହାପାତ୍ର ବୁଣାକାରମାନଙ୍କୁ ଉପଯୁକ୍ତ ତାଲିମ, ବ୍ୟାଙ୍କ ଋଣ, ଏକ ମେଗା କର୍ମଶାଳା ସାଙ୍ଗକୁ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଡିଆରଡିଏ ଓ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ତହସିଲଦାର ଡ଼. ଦୟାସିନ୍ଧୁ ପରିଡା, ବିଡିଓ ଶିବାଶିଷ ବରାଳ, ବ୍ଲକ ବିଜେଡ଼ି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟନାୟକ, ଦିଗାମ୍ବର ନାହାକ, ସରପଞ୍ଚ ରାମ ରାଘବ ପାତ୍ର, ସମିତି ସଭ୍ୟ ଦନାର୍ଦ୍ଦନ ପାତ୍ର, ପ୍ରମୋଦ କୁମାର ପାତ୍ର, ଗ୍ରାମ ସେବକ ଅଭୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୧ କୋଟିରେ ହେବ ମାଛ ମାର୍କେଟ କମ୍ପ୍ଲେକ୍ସ

## ଛତ୍ରପୁରରେ ଡ୍ରେନ୍ ସମସ୍ୟା ଦୂର ଲାଗି ମାଷ୍ଟରପ୍ଲାନ୍

**ଛତ୍ରପୁର,୧୭।୮(ଡି.ଏନ.ଏ)**

ଛତ୍ରପୁର ସହରରେ ଏନ୍ଏସି ପକ୍ଷରୁ ଆଧୁନିକ ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଏଥିପାଇଁ ଡିପିଆର୍ ପ୍ରସ୍ତୁତ ହୋଇଛି। ଉକ୍ତ ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ ହେବ। ଏବେ ଥିବା ମାଛ ମାର୍କେଟକୁ ଭାଙ୍ଗି ଏହି ନୂତନ ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଦୀର୍ଘ ବର୍ଷ ଧରି ଏକ ନୂତନ ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଏନଏସି ପକ୍ଷରୁ ମଧ୍ୟ ଏନେଇ ପ୍ରସ୍ତାବ ରହିଥିଲା। ତେବେ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଅଭାବ ଥିବାରୁ ନିର୍ମାଣ ବିଳମ୍ବ ହୋଇଛି। ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ ହେବା ସହ ଏ ସମ୍ପର୍କରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ)ଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଥିବା ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ ସୂଚନା ଦେଇଛନ୍ତି। ଛତ୍ରପୁର ଏନଏସିରେ ଡ୍ରେନ୍ ସମସ୍ୟା ଲାଗି ରହିଛି। ଉକ୍ତ ସମସ୍ୟା ଦୂର ପାଇଁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯିବ। ଏଥିପାଇଁ କନସଲଣ୍ଟାଣ୍ଟ ସଂସ୍ଥାକୁ ନିଯୁକ୍ତି କରାଯିବ। ଉକ୍ତ ସଂସ୍ଥା ସର୍ଭେ କରିବା ସହ ଏହାର ସମାଧାନ ପାଇଁ ପ୍ଲାନ୍ ପ୍ରସ୍ତୁତ କରିବ। ଏହାକୁ ଆଧାର କରି ଛତ୍ରପୁର ଏନଏସିରେ ଥିବା ଡ୍ରେନ୍ ସମସ୍ୟା ଦୂର କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି। ଛତ୍ରପୁର ଏନଏସିରେ ଥିବା ବ୍ରିଟିଶ ଅମଳର ପିଲିବନ୍ଧ ଓ ପାର୍କର ଉନ୍ନତିକରଣ କରାଯାଇଛି। ଏବେ ଏହାର ରକ୍ଷଣାବେକ୍ଷଣ ଛତ୍ରପୁର ଏନଏସି କରୁଛି। ତେବେ ଏଣିକି ଏହାର ରକ୍ଷଣାବେକ୍ଷଣ ଏବଂ ଉନ୍ନତୀକରଣ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯିବ। ଏଥିପାଇଁ ଟେଣ୍ଡର କରି ଦାୟିତ୍ୱ ହସ୍ତାନ୍ତର କରାଯିବ। ଏହାଫଳରେ ଏନଏସିର ଆୟ ବଢିବା ସହ ଲୋକଙ୍କ ମନୋରଞ୍ଜନ ଓ ଆବଶ୍ୟକୀୟ ଆନୁଷଙ୍ଗିକ ସୁବିଧା ହୋଇପାରିବ ବୋଲି ଏନଏସି ନିର୍ବାହୀ ଅଧିକାରୀ କହିଛନ୍ତି।

# ଶତାଧିକ ଏକର ଚାଷଜମି ଜଳମଗ୍ନ



ବନ୍ୟା ପାଣିରେ ବୁଡ଼ି ରହିଥିବା ଜମି।

**ପାରଳାଖେମୁଣ୍ଡି,୧୭।୮(ଡି.ଏନ୍.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ଅଞ୍ଚଳରେ ବନ୍ୟା ଆଶଙ୍କା ଥମିଥିବା ବେଳେ ଚାଷ ଜମିଗୁଡିକ ଜଳମଗ୍ନ ହୋଇଛି। ବ୍ଲକର କିଡିଗାଁଠାରୁ କାଶୀନଗର ପର୍ଯ୍ୟନ୍ତ ଥିବା ପ୍ରାୟ ୩୦୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଜଳମଗ୍ନ ହୋଇ ପଡିଛି। କାଶୀନଗରଠାରେ ବଂଶଧାରା ନଦୀର ବିପଦସଙ୍କେତ ୫୪.୬୦ମି. ରହିଥିବା ବେଳେ ବୁଧବାର ୫୪.୧୪ମି. ରହିଛି। ତେବେ କାଶୀନଗରଠାରୁ କିଡିଗାଁ ପର୍ଯ୍ୟନ୍ତ ପ୍ରାୟ ୩୦୦ଏକର ଜମିରେ ଜଳ ଜମି ରହିଥିବା ବେଳେ ଧାନ ତଳି ନଷ୍ଟ ହୋଇଯିବାର ସମ୍ଭାବନା ରହିଛି ବୋଲି ଚାଷୀ କୁଳରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଗତ ଦୁଇ ଦିନ ହେଲା ବର୍ଷା ଥମିଥିଲେ ହେଁ ବଂଶଧାରା ନଦୀର ବନ୍ୟାଜଳ ପ୍ରବଳ ମାତ୍ରାରେ ପ୍ରବାହିତ ହେଉଥିଲା। ବୁଧବାର ନଦୀର ବନ୍ୟା ସଙ୍କେତ ବିପଦସଙ୍କେତଠାରୁ କମ୍‌ରେ ପ୍ରବାହିତ ହେଉଥିଲେ ମଧ ଜମିରୁ ପାଣି ଠିକ ଭାବେ ନିଷ୍କାସିତ ହୋଇପାରୁ ନାହିଁ। ଏଥି ଯୋଗୁ ଜମିଗୁଡିକର ତଳି ଶଢ଼ି ଯିବା ସମ୍ଭାବନା ଥିବାବେଳେ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରି ନ ଥିବାର ଆଲୋଚନା ହେଉଛି।

# ପ୍ରାଚୀର ପତ୍ରିକା ଉନ୍ମୋଚନ ଓ କବିତା ପାଠୋତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଖଲିକୋଟ,୧୭।୮(ଡି.ଏନ.ଏ.)**

ଖଲିକୋଟସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସରେ କଳା ଇତିହାସ ବିଭାଗ ପକ୍ଷରୁ ପ୍ରାଚୀର ପତ୍ରିକା ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦେବୀ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିନ୍ଧୁଉର୍ଭି ସାହିତ୍ୟ ସଂସଦ ସଭାପତି ସୁଧାଂଶୁ ଶେଖର ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ବସନ୍ତ କୁମାରୀ ସାମନ୍ତ ଓ କଲେଜ ଅଧ୍ୟକ୍ଷ ସୁବ୍ରତ କୁମାର ମଲିକ, ଅଧାପକ ସୋମନାଥ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀ ଲୁଲୁ ସାମନ୍ତସିଂହାର, ଛାତ୍ର ଦାସରଥି କୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୮୫ ୟୁନିଟ୍ ରକ୍ତ ସଂଗ୍ରହ

**ଗଞ୍ଜାମ,୧୭।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଓ ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଗଞ୍ଜାମ ସହରରେ ଏକ ମେଗା ରକ୍ତଦାନ ଶିବିର ଭାରତୀ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍ ଓ ପିପୁଲ ଫର୍ ଗଞ୍ଜାମ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗ୍ରାସୀମ ଇଣ୍ଡଷ୍ଟ୍ରିଜର ୟୁନିଟ୍ ମୁଖ୍ୟ ଦିଗ୍‌ବିଜୟ ପାଣ୍ଡେ, ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି, ଗଞ୍ଜାମ ବିଡ଼ିଓ ବିଶ୍ୱଜିତ ରାୟ, ଖଣ୍ଡଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ମହାପାତ୍ର, ଗଞ୍ଜାମ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ରେଡ୍ଡୀ ଓ ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ସକ୍ଷମ ସଭାପତି ବସନ୍ତ କୁମାର ସାହୁ, ସନ୍ତୋଷ ରେଡ୍ଡୀ, ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ପ୍ରଭାତ ସାହୁ, ସନ୍ତୋଷ ତରାଇ, ଭଗବାନ ପ୍ରଧାନ, ପ୍ରକାଶ ମହାଙ୍କୁଡ, ଡି.କେ.ରାଓ ଶିବିର ପରିଚାଳନା କରିଥିଲେ। ଓଡିଶା ରକ୍ତ ଭଣ୍ଡାର ବ୍ରହ୍ମପୁରର କର୍ମଚାରୀ ଚିନ୍ମୟ ବେହେରା, ବାବୁନି ବେହେରା, ରାମହରି ପଣ୍ଡା, ଏସ. କେ.ପଣ୍ଡା, ଏ.କେ.ଡାକୁଆ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଲଗାଣବର୍ଷାରେ ଭୁଶୁଡ଼ିଲା ୪ ଘର ଛାତ

**ଧରାକୋଟ,୧୭।୮(ଡି.ଏନ୍.ଏ.)**



ଧରାକୋଟ ଅଞ୍ଚଳରେ ଗତ ମଙ୍ଗଳବାର ହୋଇଥିବା ଅବିଶ୍ରାନ୍ତ ଦେଢ଼ ଘଣ୍ଟାର ବର୍ଷା ଯୋଗୁ ଚାଷଜମି ଜଳମଗ୍ନ ହୋଇଯାଇଥିବା ବେଳେ ବାହାରପୁର ପଞ୍ଚାୟତର ଜଗନ୍ନାଥପୁର ଶାସନ ଗ୍ରାମର ୪ ପରିବାରର ଘର ଛାତ ଭୁଶୁଡ଼ି ପଡ଼ିଛି। କ୍ଷତିଗ୍ରସ୍ତମାନେ ହେଲେ ରିନା ବିଷୋୟୀ, ଟୁଲୁ ବିଷୋୟୀ, ନରୁ ବିଷୋୟୀ ଓ ବିଷ୍ଣୁପ୍ରିୟା ତ୍ରିପାଠୀ। ଲଗାଣ ବର୍ଷା ଯୋଗୁ ରିନା, ଟୁଲୁ ସହ ନରୁ ଓ ବିଷ୍ଣୁଙ୍କ ପୁରାତନ ବାସଗୃହର ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଏଥିରେ କୌଣସି ଜୀବନ ହାନି ଘଟି ନଥିଲେ ମଧ ଅନ୍ୟ କୋଠରିର ଅବସ୍ଥା ବିପଦପୂର୍ଣ୍ଣ ରହିଛି। ଏ ସମ୍ପର୍କରେ ପଞ୍ଚାୟତର ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ ବ୍ଲକ ପ୍ରଶାସନର ନିର୍ଦ୍ଦେଶ କ୍ରେମେ ଭୁଶୁଡ଼ି ପଡ଼ିଥିବା ବାସଗୃହ ପରିଦର୍ଶନ କରି କ୍ଷତଗ୍ରସ୍ତଙ୍କୁ ଗ୍ରାମର ବିଦ୍ୟାଳୟରେ ଆଶ୍ରୟ ନେବାକୁ ପରାମର୍ଶ ଦେଇଛନ୍ତି। ଘଟଣା ସମ୍ପର୍କରେ ଧରାକୋଟ ତହସିଲଦାର କବିରାଜ ପ୍ରଧାନ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି। ପ୍ରଶାସନ ତରଫରୁ ଏହି ଘଟଣାକୁ ଗୁରୁତର ସହ ବିଚାର କରି କ୍ଷତଗ୍ରସ୍ତଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ପରିବାରର ସଦସ୍ୟମାନେ ଅନୁରୋଧ କରିଛନ୍ତି। ପ୍ରକାଶଯୋଗ୍ୟ, ଏହି ପରିବାର ସଦସ୍ୟଙ୍କ ନାମ ପଞ୍ଚାୟତ ପ୍ୟାନେଲ ତାଲିକାରେ ନାହିଁ।

# ଚକ୍ଷୁ ଚିକିତ୍ସାଳୟ ବୁଲିଲେ ବାଚସ୍ପତି

**ଭଞ୍ଜନଗର,୧୭।୮(ଡି.ଏନ.ଏ)**

ଶଙ୍କର ଚକ୍ଷୁ ଚିକିତ୍ସାଳୟର ପ୍ରାଥମିକ ଚକ୍ଷୁ ପରୀକ୍ଷା କେନ୍ଦ୍ରର ଏକ ଶାଖା ସୋମବାର ଭଞ୍ଜନଗର ରେଡ଼କ୍ରସ ରୋଡ଼ରେ ମୁଖ୍ୟ ଚିକିତ୍ସାଳୟବୁଲଇ ଦେଖିଛନ୍ତି। ହୋଇଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶାଖା ଭଞ୍ଜନଗରରେ ଖୋଲିବା ପରେ ଅଞ୍ଚଳବାସୀ ତାହାର ସୁଫଳ ପାଇବେ ବୋଲି ଆରୁଖ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ସମେତ ଶଙ୍କର ଚକ୍ଷୁ ଚିକିତ୍ସାଳୟର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ପାଳିତ



ବିଡ଼ିଓ ଶଶି ଭୁଷଣ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର,୧୭।୮(ଡି.ଏନ.ଏ.)**

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଗତବର୍ଷ ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିଲା। ବର୍ଷତମାମ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ସୋମବାର ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭଞ୍ଜନଗର ବିଡ଼ିଓ ଶଶି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ବାଣୀକୁ ଦୈନନ୍ଦିନ କର୍ମମୟ ଜୀବନରେ କାର୍ଯ୍ୟରେ ଲଗାଇବାକୁ କହିଥିଲେ। ଏଥିସହ ଅସହାୟଙ୍କୁ ସାହାଯ୍ୟ କରିବାକୁ ସମସ୍ତେ ଧ୍ୟାନ ଦେବାକୁ ବିଡ଼ିଓ ମହାପାତ୍ର ଉପସ୍ଥିତ ମାତୃପ୍ରେମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ସଂଯୋଜିକା ରତ୍ନ ମଞ୍ଜରୀ ପାଢ଼ୀ ସଭା ସଂଯୋଜନା କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଶିକ୍ଷକନେତା ଜଗବନ୍ଧୁ ଜେନା, ସନ୍ତୋଷ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନନ୍ଦା ବେହେରା, ଜ୍ୟୋତିର୍ମୟୀ ପ୍ରଧାନ ମାତୃ ସଙ୍ଗୀତ ଗାନ କରିଥିବା ବେଳେ ପ୍ରତିମା ମହାରଣା ଦୁର୍ଗାସ୍ତୋତ୍ର ପଠନ କରିଥିଲେ। ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବ୍ଲକ ସଂଯୋଜକ ବାବୁଲା ପ୍ରଧାନ, ରମେଶ ବେହେରା, ସୀମାଞ୍ଚଳ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ଅପରାହ୍ନରେ ଶକ୍ତିପୀଠ କର୍ମକର୍ତାଙ୍କୁ ନେଇ ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍ଥାପନ ପାଇଁ ଚାଲିଥିବା ମନ୍ଦିର କାର୍ଯ୍ୟ ତୁରନ୍ତ କିଭଳି ପୂର୍ଣ୍ଣାଙ୍ଗ ହେବ ସେନେଇ ଆଲୋଚନା ହୋଇଥିଲା।

# ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ଅନ୍ୱେଷଣ

**ଧରାକୋଟ,୧୭।୮(ଡି.ଏନ୍.ଏ.)**



ମଞ୍ଚାସୀନ ଅତିଥି।

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଧରାକୋଟ ଥାନା ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ଏସ୍‌ଡିପିଓ ଉମା ଶଙ୍କର ସିଂ, ସୋରଡ଼ା ଥାନାଧିକାରୀ ରମେଶ କୁମାର ପ୍ରଧାନ,ବଡଗଡ ଥାନାଧିକାରୀ ସୁରଜ କୁମାର ଝଙ୍କାର, ଶେରଗଡ଼ ଥାନାଧିକାରୀ ମନୋଜ କୁମାର ପ୍ରଧାନ, ଇତିହାସ ବିଭାଗ ଅଧ୍ୟାପକ ଲଡୁ କିଶୋର ବେହେରା, ସାମାଜିକ କର୍ମୀ ଟୁନା ଦୋରା ପ୍ରମୁଖ ଉପସ୍ଥିତ ଥିବା ବେଳେ ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧରାକୋଟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ଭାଗ ନେଇ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ବିଚାରକ ମଣ୍ଡଳୀଙ୍କ ଉତ୍କୃଷ୍ଟ କଳା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବାସହ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ପୋଲିସ ତରଫରୁ ସିପାହୀ ବଳରାମ ମା ତୁଝେ ସଲାମ ନୃତ୍ୟ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଥିଲେ। ଦେଶର ଶ୍ରେଷ୍ଠ ତଦନ୍ତକାରୀ ଅଫିସରଙ୍କ ମଧ୍ୟରେ ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଇନ୍ସପେକ୍ଟର ରମେଶ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ହୃଦାନନ୍ଦ ଜେନା,ଶିଶିର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ମନୋଜ ଗୌଡ଼, କାଳୁ ଚରଣ ମହାପାତ୍ର, ଜଗନ୍ନାଥ ସାହୁ, ସଂଜିତ ସ୍ୱାଇଁ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଅଗଷ୍ଟ, ୨୦୨୨



## ନିରୁପମା ଏମ୍ପି ପ୍ରତିନିଧି

ଦିଗପହଣ୍ଡି,୧୭।୮(ଡି.ଏନ.ଏ.): ବିଜେଡି ଗଞ୍ଜାମ ଜିଲା ସାଧାରଣ ସମ୍ପାଦିକା ତଥା ଦିଗପହଣ୍ଡି ଏନ୍ଏସିର ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକଙ୍କୁ ବ୍ରହ୍ମପୁର ଏମ୍ପିଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ଦିଆଯାଇଛି। ଏମ୍ପି ଚନ୍ଦ୍ରଶେଖର ସାହୁ ଏ ସଂକ୍ରାନ୍ତରେ ଏକ ଚିଠି ଦିଗପହଣ୍ଡି ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ପଠାଇ ନିରୁପମାଙ୍କୁ ଏନ୍ଏସି ପ୍ରତିନିଧି ଭାବେ ମନୋନୀତ କରିଥିବା ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## ବର୍ଷେ ପରେ ବି ଶୌଚାଳୟର ତାଲା ଖୋଲିନି: ଧ୍ୟାନ ଦେଉନି ଏନ୍ଏସି ପ୍ରଶାସନ

ବୁଗୁଡ଼ା,୧୭।୮(ଡି.ଏନ.ଏ.)-ବୁଗୁଡ଼ା ସହରର ଦୁଇଟି ସ୍ଥାନରେ ଏନ୍ଏସି ପକ୍ଷରୁ ରଖାଯାଇଥିବା ଭ୍ରାମ୍ୟମାଣ ଶୌଚାଳୟ ପ୍ରହସନ ପାଲଟିଛି। ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ଲୋକ ଦେଖାଣିଆ ରଖାହୋଇଛି ଏହି ଶୌଚାଳୟ। ନା ଅଛି ପାଣି ବ୍ୟବସ୍ଥା ନା ଖୋଲାଯାଇଛି ତାଲା। ଫଳରେ ଲୋକେ ପୂର୍ବରୁ ଯେପରି ରାସ୍ତା କଡ଼ରେ ପରିସ୍ରା କରୁଥିଲେ ଏବେ ସେମିତି ହିଁ ପରିସ୍ରା କରିବାକୁ ବାଧ ହେଉଛନ୍ତି। ସହରର ପଞ୍ଚାଗଳି ଓ ପଶୁ ଚିକିତ୍ସାଳୟ ପରିସରରେ ଅଧିକାଂଶ ଲୋକ ପରିସ୍ରା କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଦୁଇଟି ଶୌଚାଳୟ ସ୍ଥାପନ କରାଯାଇଥିଲା। ତେବେ ଆଜି ପର୍ଯ୍ୟନ୍ତ ସେମିତି ଶୌଚାଳୟରେ ତାଲା ପଡିରହିଛି। ଏନ୍ଏସି ପ୍ରଶାସନ ତୁରନ୍ତ ଶୌଚାଳୟ ଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର

ଭଞ୍ଜନଗର,୧୭।୮(ଡି.ଏନ୍.ଏ.)-ଓଡିଶା ରକ୍ତଦାତା ଟିମ ପକ୍ଷରୁ ରବିବାର ଭଞ୍ଜନଗର ମେଡିକାଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଞ୍ଚଳର ଏକାଧିକ ଯୁବତୀ ଯୁବକ ଯୋଗଦେଇ ରକ୍ତଦାନ କରିଥିଲେ। କର୍ମକର୍ତ୍ତା ସୁମିତ୍ରା ପାତ୍ର, ମନୋଜ ମିଶ୍ର, ସୋମନାଥ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୩ ଅମୃତ ସରୋବର ପୋଖରୀ ଉଦ୍ଘାଟିତ

## ପୋଖରୀ ଭିତରେ ତ୍ରିରଙ୍ଗା ଉତ୍ତୋଳନ



ପାରଳାଖେମୁଣ୍ଡି,୧୭।୮(ଡି.ଏନ୍.ଏ.): ସରକାରଙ୍କ ଅମୃତ ସରୋବର ଯୋଜନାକୁ ସଫଳ ରୂପାୟନ କରିଛି କ୍ଷେତ ପୋଖରୀ ଓ ବନ୍ଧ ନିର୍ମାଣ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସୁଦୃଢ଼ ହେଉଛି ବନ୍ଧ ନିର୍ମାଣ। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ୭୬ତମ ସ୍ୱାଧୀନତା ଦିବସ ନିଆରା ଢଙ୍ଗରେ ପାଳନ କରାଯାଇଛି। ସୂଚନାଯୋଗ୍ୟ, ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜିବା ଓ ତରଙ୍ଗଗଡ଼ା ପଞ୍ଚାୟତର ବାବାଜୀ ବନ୍ଧ, ଖୋଜୁରୀ ବନ୍ଧ ଓ କାଙ୍କରା ବନ୍ଧ ଏହି ତିନୋଟି ଅମୃତ ସରୋବର ବନ୍ଧ ଉଦ୍ଘାଟିତ ହୋଇଛି। ଏହି ପୋଖରୀ ଭିତରେ ତ୍ରିରଙ୍ଗା ଉତ୍ତୋଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷା ସୁନେମି ମଣ୍ଡଳ, ବିଡିଓ ଭାସ୍କର ଚନ୍ଦ୍ର ସାହୁ,ଅତିରିକ୍ତ ତହସିଲଦାର ଗୁପ୍ତେଶ୍ୱର ମହାପାତ୍ର,ମନେରେଗା ସଂଯୋଜିକା ରଶ୍ମିତା ଦାସ,ଏପିଓ ସୋମିୟ ସୁଧାକର ତ୍ରିପାଠୀ,ଉପାଧ୍ୟକ୍ଷ ଶ୍ରୀନିବାସ ରାଓ, ସ୍ଥାନୀୟ ସରପଞ୍ଚ ଏଡେଙ୍ଗା ଶବର,ଜହ୍ନ ମଣ୍ଡଳ,ସମିତି ସଭ୍ୟ ରିୟାବ ଭୂୟାଁ,ଏଇ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ରମେଶ ସାହୁ,ପିଇଓ କରୁଣାକର ଭୂୟାଁ, ଜିଆରଏସ ଆନ୍ତିଆସ ରଇତ,ପି କମଳ କୁମାର ଓ ପୂର୍ବତନ ସେନା ଅଧିକାରୀ କେ ସମ୍ପତ ରାଓ ଯୋଗ ଦେଇଥିଲେ।

# ରାସ୍ତାରେ ବେଆଇନ ଗୃହ ନିର୍ମାଣକୁ ବିରୋଧ

## ତହସିଲଦାରଙ୍କୁ ଭେଟିଲେ ଗ୍ରାମବାସୀ




ତହସିଲଦାରଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ତୁମୁଡିବନ୍ଧ,୧୭।୮(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡିବନ୍ଧ ପଞ୍ଚାୟତର ମାଳିପଡାରୁ ତୁମୁଡ଼ିବନ୍ଧ ଓ ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାରେ ଜନୈକ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ତହସିଲଦାରଙ୍କୁ ବୁଧବାର ମାଳିପଡ଼ା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ରାସ୍ତାର ଉଭୟ ପାର୍ଶ୍ୱରେ ରହୁଥିବା ଲୋକମାନେ ରାସ୍ତା ଉପରକୁ ମାଡ଼ି ଆସି ଜବରଦଖଲ କରି ଘର ନିର୍ମାଣ କରୁଛନ୍ତି। ଫଳରେ ଗ୍ରାମବାସୀଙ୍କ ଯାତାୟତରେ ଅସୁବିଧା ହେବା ସହିତ ଆମ୍ବୁଲାନ୍ସ ଯିବାରେ ମଧ୍ୟ ସମସ୍ୟା ହେଉଛି। ବର୍ତ୍ତମାନ ରାସ୍ତାକୁ ମାଡ଼ି ଡିମିରିପଡା ଗ୍ରାମର ଦଣ୍ଡପାଣି ବଳିଆରସିଂ ନାମକ ଜଣେ ବ୍ୟକ୍ତି ଘର ତିଆରି କରୁଥିବା ବେଳେ ଗ୍ରାମବାସୀ ମନା କରିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ତୁମୁଡିବନ୍ଧ ତହସିଲଦାର ଏମ. ଅନୁରାଧା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନୂତନ ରୋଗୀ କଲ୍ୟାଣ ସମିତି ବୈଠକ

ହିଞ୍ଜିଳିକାଟୁ,୧୭।୮(ଡି.ଏନ.ଏ.)

ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ନୂତନ ରୋଗୀ କଲ୍ୟାଣ ସମିତିର କମିଟି ଗଠନ ଓ ପ୍ରଥମ ବୈଠକ ମଙ୍ଗଳବାର ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଧିକାରୀଣୀ ଡ ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରୋଗୀ କଲ୍ୟାଣ ସମିତି ପରିଚାଳନା ଅଧ୍ୟକ୍ଷ ଭାବେ ମୁଖ୍ୟମନ୍ତ୍ରୀଙ୍କ ଡିଆର୍ଡିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଉପାଧ୍ୟକ୍ଷ ଭାବେ ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର, ସମ୍ପାଦକ ଭାବେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ଡଃ ପ୍ରତିଭା ପାତ୍ର ଓ କମିଟି ସଦସ୍ୟ ଭାବେ ହିଞ୍ଜିଳିକାଟୁ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ହିଞ୍ଜିଳିକାଟୁ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ସେଠୀ, ହିଞ୍ଜିଳିକାଟୁ ପୌରପରିଷଦ ନିର୍ବାହୀ ଅଧିକାରୀ ଡ.ମନୋରଞ୍ଜନ ସାହୁ, ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ା, ହିଞ୍ଜିଳିକାଟୁ ପୌରପରିଷଦ ବିଜେଡି ସଭାପତି ଭୀମସେନ ବେହେରା, ବିଜେଡି ନେତା ଦେବାନନ୍ଦ ମହାପାତ୍ରଙ୍କ ସହ ସାରୁ ଓ ପୋଚିଲିମା ପଞ୍ଚାୟତର ସରପଞ୍ଚଙ୍କୁ ସଦସ୍ୟ ଭାବେ ମନୋନୀତ ହୋଇ ବୈଠକ ଅନୁଷ୍ଠିତ ହୋଇଥିଲା। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ଯୋଗୁ ଆୟ ବ୍ୟୟ ଅଟକଳ ଧାର୍ଯ୍ୟ ପରେ ଟଙ୍କା ଉଠାଣ ନିମନ୍ତେ କ୍ଷମତା ପ୍ରଦାନ କରିବାକୁ ସରକାରଙ୍କ ନୀତିନିୟମ ଅନୁଯାୟୀ ସିଡିଏମଓଙ୍କୁ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ବର୍ଷ ଆୟ ବ୍ୟୟ ବରାଦ କରାଯାଇଛି। ଆଗାମୀ ବର୍ଷ ନିମନ୍ତେ ରୋଗୀ କଲ୍ୟାଣ ସମିତି ପରିଚାଳନା ନିମନ୍ତେ ୬ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ନିମନ୍ତେ ୧୦ ଲକ୍ଷ ଟଙ୍କା ମୋଟ ୧୬ ଲକ୍ଷ ଟଙ୍କା ବଜେଟ କରାଯାଇଛି। ଦୈନିକ ୫ ଶହରୁ ଊର୍ଦ୍ଧ୍ୱ ରୋଗୀ ଏଠାକୁ ଚିକିତ୍ସା ଲାଗି ଆସୁଥିବାରୁ ଡାକ୍ତରଖାନାରେ ଅଧିକ ଶର୍ଯ୍ୟା ଓ ଷ୍ଟାଫ ବଢାଇବା ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ଡା. ମାଧବ ଚନ୍ଦ୍ର ସାହୁ, ଡା. ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ ଉଦ୍ଯାପିତ



ଚାରାରୋପଣ କରାଯାଉଛି।

ଆସିକା,୧୭।୮(ଡି.ଏନ.ଏ)

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଯୁବ ଜନତା ଦଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଛି । ବରଗାଁ ପଞ୍ଚାୟତର ଆଦର୍ଶ ପୋଖରୀ ହିଡରେ ଚାରାରୋପଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ତଥା ବରଗାଁ ସମିତିସଭ୍ୟା ତ୍ରିବେଣୀ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ବ୍ଲକ ଉପାଧ୍ୟକ୍ଷା ରେସମା ଦୋରା, ଶିବ ନାହାକ, ଭଗବାନ ସାହୁ, ରାଜେଶ ପଟ୍ଟନାୟକ, ଦିଲୀପ ପାଣିଗ୍ରାହୀ, ମନୋଜ ଦୋରାଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

## ପୁତୁରାଙ୍କୁ ଆକ୍ରମଣ ମାମଲାରେ ମଉସା ଗିରଫ

ଗୋପାଳପୁର,୧୭।୮(ଡି.ଏନ.ଏ.)

ପୁତୁରାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ମଉସାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ବଡଗୁମୁଳା ଗ୍ରାମର ବାଦଲ ନାୟକ (୩୬)। ସୂଚନାନୁସାରେ ବାଦଲ ନିଜ ଦେଢ଼ଶାଶୁ ସୁନୀତା ନାୟକଙ୍କ ଘରେ ଅଧିକାଂଶ ସମୟ ରହୁଥିଲେ। ସେ ପ୍ରାୟତଃ ନିଶାଶକ୍ତ ହୋଇ ସବୁବେଳେ ରହୁଥିଲେ। ଏ ନେଇ ଅଧିକାଂଶ ସମୟରେ ଝଗଡା ଲାଗି ରହୁଥିଲା। ମଙ୍ଗଳବାର ରାତିରେ ପୁଣି ବାଦଲ ଓ ଦେଢ଼ ଶାଶୁଙ୍କ ପୁଅ ଅନିଲଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବାଦଲ ଉତ୍ୟକ୍ତ ହୋଇ ଏକ ଛୁରାରେ ଅନୀଲଙ୍କ ବାମ ପେଟକୁ ଆକ୍ରମଣ କରିଥିଲେ। ଏ ନେଇ ସୁନୀତା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ ୧୬୦/୨୨ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାଦଲ ଗ୍ରାମରେ ଥିବା ଖବର ପାଇ ବୁଧବାର ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି। ବ୍ୟବହୃତ ଛୁରିକୁ ଜବତ କରିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଧାରଣା

ଫୁଲବାଣୀ ଅଫିସ, ୧୭।୮

ପାରିବାରିକ ପ୍ରତାରଣା, ହିଂସାର ଶିକାର ହୋଇ ସମ୍ପତ୍ତିରୁ ବଞ୍ଚିତ ହୋଇଥିବା ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ସ୍ୱାଧୀନତା ଦିବସରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ୫ ବର୍ଷ ଧରି ସେ ନ୍ୟାୟ ପାଇଁ ଲଢ଼ି ଆସୁଥିଲେ ମଧ୍ୟ ନ୍ୟାୟ ମିଳିନାହିଁ । ପ୍ରଶାସନର କାଳ କ୍ଷେପଣ ନୀତିକୁ ବିରୋଧ କରି ସେ ଏହି ଧାରଣା ଦେଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଦୀପ ପଟ୍ଟନାୟକ କହିଛନ୍ତି। ରାତି ୧୧ଟାରେ ସଦର ଏସ.ଡି.ପି.ଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଂଚି ୧୫ ଭିତରେ ସମସ୍ୟାର ସମାଧାନ କରାଯିବା ବୋଲି ପ୍ରଦୀପଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

ବଳରାମପୁରରେ ଜ୍ୱର ବ୍ୟାପିବା ଘଟଣା

## ବ୍ରହ୍ମପୁରରୁ ଗଲେ ୫ ଜଣିଆ ଡାକ୍ତରୀ ଟିମ୍

ପାତ୍ରପୁର, ୧୭।୮(ଡି.ଏନ୍.ଏ.)

ଆନ୍ଧ୍ର ସୀମାକୁ ଲାଗିଥିବା ପାତ୍ରପୁର ବ୍ଲକର ବଳରାମପୁର ଗ୍ରାମରେ ଜ୍ୱର ବ୍ୟାପିଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ସଂଖ୍ୟା ଦୈନିକ ବୃଦ୍ଧି ପାଉଛି। ଗତ ସପ୍ତାହରେ ଜ୍ୱରରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ଦୁଇ ଦିନ ହେଲା ୮ଜଣ ଆକ୍ରାନ୍ତ ହୋଇ ବ୍ରହ୍ମପୁର ସମେତ ଆଖପାଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ବୁଧବାର ବ୍ରହ୍ମପୁର ବଡ଼ ମେଡିକାଲରୁ ଏକ ୫ଜଣିଆ ଟିମ ଏଡିଏମଓ ଡା. ହରମୋହନ ପଣ୍ଡା, ଡା. ପଲ୍ଲବୀ, ସାବିତ୍ରୀ ବେହେରା, ସୁଜିତ କୁମାର କାର୍ଜି, ଦୀପକ ମହାପାତ୍ର ସେଠାକୁ ଯାଇ ଗ୍ରାମର ୨୫ଜଣ ରୋଗୀଙ୍କ ଡେଙ୍ଗୁ ପରୀକ୍ଷା ନିମନ୍ତେ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ବୁଧବାର ପୁଣି ୨ଜଣ ଆକ୍ରାନ୍ତଙ୍କୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଯାଇଛି।

## ଯୁଗ୍ମ ଅଭିଯୋଗ ଶୁଣାଣି

କାଶୀନଗର,୧୭।୮

କାଶୀନଗର ବ୍ଲକ ଖାରଡ଼ା ଗ୍ରାମରେ ଗଜପତି ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କରାଯାଇଥିଲା। ମୋଟ ୧୨୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ, ପିଡି ରୋମାଞ୍ଚଳ ଖମାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ପେଶାଲିଷ୍ଟ ନିଯୁକ୍ତି ନିମନ୍ତେ ଜିଲାପାଳ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ଚିହ୍ନଟ ନିମନ୍ତେ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କାଶୀନଗର ଫରେଷ୍ଟ ଛକ ଠାରେ ପୋଲିସ ସହାୟତା କେନ୍ଦ୍ର ନିମନ୍ତେ ମଧ୍ୟ ପ୍ରସ୍ତାବ ମଞ୍ଜୁରୀ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ବିଡିଓ ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର ଲରିମାନ ଖର୍ସେଲ, ସବ୍‌କଲେକ୍ଟର ଲତିକା ପ୍ରଧାନ, ଏଡିଏମଓ ଡ଼ାକ୍ତର ଏନ. ଭୂୟାଁ, ଏଡିଇଓ ମନୋରଞ୍ଜନ ଦଳାଇ, ପିଏ ଆଟିଡିଏ ଜଳସେଚନ, କୃଷି, ପଶୁପାଳନ, ଶିଶୁ ବିକାଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଉନ୍ମୋଚିତ ହୋଇଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି।

ଆର.ଉଦୟଗିରି,୧୭।୮(ଡି.ଏନ୍.ଏ.)

ଗଜପତି ଜିଲା କେଏମ୍ ଭାଲିଆ ସାହି ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାସଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ଉକ୍ତ ଉତ୍ସବରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଂଯୋଜକ ମୃତ୍ୟୁଞ୍ଜୟ ମିଶ୍ର ଓ ସମ୍ପାଦକ ଡ. ପ୍ରଭାକର ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳ ଗୌରବ ମଧୁସୂଦନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ସଭାପତି ସାଧୁରେଣ ଦଣ୍ଡସେନା, ଶିକ୍ଷାବିତ ଆଦିକନ୍ଦ ବାଣୁଆରାୟ, କମିଟି ସଦସ୍ୟ ନରସିଂହ ଦଣ୍ଡସେନା ଓ ରବିନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

ଶିରିଡ଼ିସାଇ ମନ୍ଦିର ଚୋରି ଘଟଣା

## ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

ପାରଳାଖେମୁଣ୍ଡି, ୧୭।୮ (ଡି.ଏନ୍.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଶିରିଡି ସାଇ ଧ୍ୟାନ ମନ୍ଦିରରୁ ଚୋରି ଘଟଣାକୁ ପ୍ରାୟ ୧୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଚୋର ଧରିବାରେ ବିଫଳ ହୋଇଛି। ଗତ ୧ ତାରିଖ ରାତିରେ ମନ୍ଦିରରୁ ପ୍ରାୟ ୬ଲକ୍ଷ ଟଙ୍କାର ମୁକୁଟ କେହି ଦୁର୍ବୃତ୍ତ ଚୋରାଇ ନେଇଥିଲେ। ସିସି କ୍ୟାମେରାରେ ଏହା ଦୃଶ୍ୟମାନ ହେଉଥିଲେ ମଧ୍ୟ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଆଜି ପର୍ଯ୍ୟନ୍ତ ପର୍ଦ୍ଦାଫାସ କରିପାରିନାହାନ୍ତି। ସେହିପରି ସହରର ବିଭିନ୍ନ ସ୍ଥାନରେ ଚୋରି ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି। ତେଣୁ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ରକ୍ତଦାନ ଶିବିରରେ ୯୧ ୟୁନିଟ ରକ୍ତ ସଂଗ୍ରହ

ଦିଗପହଣ୍ଡି,୧୭।୮(ଡି.ଏନ.ଏ.)

ସ୍ୱାଧୀନତା ଦିବସ ପାଳନ ଅବସରରେ ସୋମବାର ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନବିନ୍ଦୁ ସଂଯୋଜକ ସୁବାଷ ମହାରଣା, ବିଜେଡି କାର୍ଯ୍ୟକର୍ତ୍ତା ଜଗନ୍ନାଥ ସାବତ, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ବି. ଶଙ୍କର ନାରାୟଣ ସୁବୁଦ୍ଧି, ବ୍ଲକ ଅଧ୍ୟକ୍ଷା ସୁନୀତା କୁମାରୀ ସେଠୀ, ଯୁବ ବିଜେଡ଼ି ଉପସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ପୂର୍ବତନ ଜିଲା ପରିଷଦ କୃଷ୍ଣଚନ୍ଦ୍ର ସେଠୀ, ସମିତି ସଭ୍ୟ ଏ. ସୁଦାମ ରେଡ୍ଡୀ, ସିଦ୍ଧେଶ୍ୱର ସରପଞ୍ଚ ବିଜୟ କୁମାର ପ୍ରଧାନ, ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ସମୀର ସ୍ୱାଇଁ, ସାମାଜିକ କର୍ମୀ ବଦ୍ରିନାରାୟଣ ପାଣିଗ୍ରାହୀ ପ୍ରମୁଖ ରକ୍ତଦାନ ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀଙ୍କ ସହାୟତାରେ ୯୧ ଜଣ ରକ୍ତଦାନ କରିଥିଲେ। ଗ୍ରାମରେ ଥିବା ବିଦ୍ୟାଳୟ ପରିସରରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଓ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଉଦଘାଟନ କରାଯାଇଥିଲା। ବୁଲୁ ସାହୁ, ମୁକୁନ୍ଦ ପ୍ରଧାନ, କେ . ସମ୍ପଦ, ଟିକିନା ବେହେରା, ପ୍ରଦୀପ ପ୍ରଧାନ, ପ୍ରଦୀପ ସାହୁ, ମନୋଜ ସାହୁ, କିଶୋର ସାମନ୍ତ, ଚକ୍ରଧର ପ୍ରଧାନ, ମିତ୍ରରାମ ଶଙ୍କର ପ୍ରଧାନ, ବିରେନ୍ଦ୍ର ଡାକୁଆ, ସନ୍ତୋଷ ଡାକୁଆ, ରାଜେଶ ପାଢ଼ୀ, ମହେଶ ପ୍ରଧାନ, ବଳରାମ ପ୍ରଧାନ, କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗ ସଚେତନତା




ଉପସ୍ଥିତ ଛାତ୍ରୀଛାତ୍ର ।

ଭଞ୍ଜନଗର,୧୭।୮(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ଭୋଟର ତାଲିକାରେ କିଭଳି ସ୍ୱଚ୍ଛତା ଆସିବ ସେ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଭୋଟର ତାଲିକାରେ ସ୍ୱଚ୍ଛତା ପାଇଁ ଭୋଟୀ ପରିଚୟ ପତ୍ର ସହ ଆଧାର କାର୍ଡ଼ ନମ୍ବର ସଂଯୋଗ କରିବାକୁ ହେବ। ଭୋଟର ଆପ୍ ଡ଼ାଉନଲୋଡ଼ କରି କାର୍ଡ଼କୁ ସଂଯୋଗ କରାଯାଇପାରିବ। ଏଥିପାଇଁ ଛାତ୍ରୀଛାତ୍ର ସଚେତନ ହେବା ଜରୁରୀ। ଅଧିକରୁ ଅଧିକ ଛାତ୍ରୀଛାତ୍ର ଉକ୍ତ ଆପ୍ ଡ଼ାଉନଲୋଡ଼ କରି ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ସଂଯୋଗ କରନ୍ତୁ । ଏହାଦ୍ୱାରା ଭୋଟର ତାଲିକାରେ ସ୍ୱଚ୍ଛତା ରହିବ। ଏଥିପ୍ରତି ଦୃଷ୍ଟି ଦେବାପାଇଁ ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ । କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଇଂଲିଶ ପ୍ରାଧ୍ୟାପକ ବିଭାସ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ସୁନିଲ କୁମାର ବେହେରା, ନିର୍ବାଚନ ସେକ୍ସନ କର୍ମଚାରୀ ମୁକ୍ତିପଦ ନାୟକ ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର କିଭଳି ସଂଯୋଗ ହେବ ତାଲିମ ଦେଇଥିଲେ ।

## ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର

ବୁଗୁଡ଼ା,୧୭।୮(ଡି.ଏନ.ଏ.)

### ପାଖେଇ ଆସିଲାଣି ପାର୍ବଣ ଋତୁ



ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର ।

ପାର୍ବଣର ଋତୁ ପାଖେଇ ଆସିଲାଣି। ଚଳିତ ବର୍ଷ ପୂଜା ଧୁମଧାମରେ ପାଳନ କରାଯିବ ବୋଲି ଆଶା କରାଯାଉଛି। ତେଣୁ ମୂର୍ତ୍ତି କାରିଗରମାନେ ଏବେଠାରୁ ମୂର୍ତ୍ତି ତିଆରି କରିବାରେ ବ୍ୟସ୍ତ ଅଛନ୍ତି। ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡ଼ାବିଡ଼ା ଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବୁଗୁଡା ଅଞ୍ଚଳର ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ରବିନ୍ଦ୍ର ବେହେରା, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ବିଶ୍ୱନାଥ ବେହେରା, ପ୍ରମୋଦ ବେହେରା, ଟୁଟୁ ବେହେରା, ଝୁନୁଲତା ବେହେରା, ନିମେଇଁ ଚରଣ ବିଷୋୟୀ, ତାରାପ୍ରସାଦ ଭୂୟାଁ , ଭଗବାନ ବେହେରା , ବାବୁ ଦୋରା, ଚିତ୍ତରଞ୍ଜନ ସାହୁ , କୃଷ୍ଣ ନାୟକ ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ବୁଗୁଡା ଏନଏସିର କୁମ୍ଭାରସାହି ଏବଂ ବ୍ଲକର ଗୋଲିଆ, ବାଦୁଆ ଓ ପଙ୍କଲବାଡି ଆଦି ଗ୍ରାମରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ। ତେବେ କିଛି ବର୍ଷ ହେଲା ଚିକିଟା ମାଟିର ଅଭାବ ଯୋଗୁଁ ମୂର୍ତ୍ତି ଗଢାରେ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଏହି ମୂର୍ତ୍ତିରୁ କାରିଗରମାନେ କିଛି ଅର୍ଥ ଉପାର୍ଜନ କରିବା ପାଇଁ ଆଶା କରିଛନ୍ତି।